DIGITAL EDITION

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୮ Vol. 22 No-18 18 APRIL 2025 FRIDAY BHUBANESWAR ଶୁକ୍ରବାର, ୧୮ ଏପ୍ରିଲ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦



# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 www.odishabhaskar.com

Published Simultaneously from Bhubaneswar, Angul & Berhampur.

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୮ Vol. 22 No-18 18 APRIL 2025 FRIDAY BHUBANESWAR

ଶୁକ୍ରବାର, ୧୮ ଏପ୍ରିଲ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ୪ହଜାର କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଲେ ଗଡ଼କରୀ

# ଓଡ଼ିଶା ବିକାଶରେ ନୂଆ ଫର୍ଦ୍ଧ



- ଆମେରିକା ଭଳି ହେବ ଓଡ଼ିଶାର ରାସ୍ତା
- ୧୭ ପ୍ରକଳ୍ପର ଶିଳାନ୍ୟାସ, ୨ ପ୍ରକଳ୍ପର ଲୋକାର୍ପଣ
- ଓଡ଼ିଶାରେ ଚାଲୁରହିଛି ୨ଲକ୍ଷ କୋଟିର ପ୍ରକଳ୍ପ କାର୍ଯ୍ୟ
- ଭୁବନେଶ୍ୱର-ପୁରୀ ରାସ୍ତା ହେବ ୮ ଲେନ୍
- କ୍ୟାବିନେଟ ମଞ୍ଜୁରି ପରେ ଭୁବନେଶ୍ୱର ରିଂରୋଡ୍ କାମ
- ୮ କୋଟି ବ୍ୟୟରେ ହେବ ରାଞ୍ଚି-ସମ୍ବଲପୁର ଦ୍ୱିତୀୟ କରିଡର
- ଓଡ଼ିଶାରେ ଭିତ୍ତିଭୂମି ବିକାଶ ପାଇଁ ଐତିହାସିକ ଦିନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୪(ଭାସ୍କର ନ୍ୟୁଜ): ଆମେରିକା ଭଳି ହେବ ଓଡ଼ିଶା ରାସ୍ତା। ଗୁରୁବାର ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ୪ ହଜାର କୋଟି ଟଙ୍କାରୁ ଅଧିକ ୧୯ଟି ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରି ଏଭଳି ପ୍ରତିଶ୍ରୁତି ଦେଇଛନ୍ତି। ସେଗୁଡ଼ିକ ମଧ୍ୟରେ ପ୍ରମୁଖ ରହିଛି ପୁଜାରିପାଲି ଘାଟି-ଜରିମୁଳରେ ମହାନଦୀ ଉପରେ ସେତୁ ନିର୍ମାଣ, ଯାହା ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲା ମଧ୍ୟରେ ସମ୍ପର୍କର ସେତୁ ପାଲଟିବ। ଭୁବନେଶ୍ୱରରୁ ପୁରୀକୁ ୪ଲେନ୍‌ରୁ ୮ ଲେନ୍ ରାସ୍ତା, କୋଷ୍ଟାଲ ହାଇୱେକୁ ୨ ଲେନ୍‌ରୁ ୪ ଲେନ୍ କରିବାକୁ ପ୍ରସ୍ତାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାକୁ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ଶ୍ରୀ ଗଡ଼କରୀ। ଲୋକାର୍ପଣ ଓ ଶିଳାନ୍ୟାସ କରାଯାଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ୧୩ଟି ଜାତୀୟ ରାଜପଥ, ୪ଟି ସିଆରଆଇଏଫ ବ୍ରିଜ୍ ଓ ୨ଟି ଜାତୀୟ ରାଜପଥ ରହିଛି। କଳାହାଣ୍ଡିରେ ରେତ, ଶଗଡ଼ା, ତେଲ ଓ ହାତୀ ନଦୀ ଉପରେ ସେତୁ ନିର୍ମାଣ। ସେହିପରି ଧର୍ମଗଡ଼ ଟାଉନରୁ ବାଇପାସ୍ ସଡ଼କ ନିର୍ମାଣ କରାଯିବ। ପଳାଶୁଣି ଗଙ୍ଗୁଆ ନାଳ ଉପରେ ଅତିରିକ୍ତ ଦୁଇଲେନ୍ ସେତୁ ନିର୍ମାଣ ହେବ ବୋଲି ସେ କହିଥିଲେ। ତେବେ ଗୁରୁବାର ହୋଇଥିବା ଲୋକାର୍ପଣ ଓ ଶିଳାନ୍ୟାସ ମଧ୍ୟରେ ୯୭୩ କୋଟି ଟଙ୍କା ବ୍ୟୟରେ ବଅଁରପାଳ-ଗୋଡ଼ିବନ୍ଧ ଚାରିଲେନ୍ ରାଜମାର୍ଗ ରହିଥିବାବେଳେ ୧୩୫ କୋଟି ଟଙ୍କା ବ୍ୟୟରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅନ୍ତର୍ଗତ ବାଙ୍ଗିରିପୋଷି ଘାଟି ୪ ଲେନ୍ ରାଜମାର୍ଗ, ୧୫୫ କୋଟି ଟଙ୍କା ବ୍ୟୟରେ ୫ଟି ଭେହିକୁଲର ଅଣ୍ଡରପାସ୍ ଓ ଗୋଟିଏ ଫ୍ଲାଇଓଭର ନିର୍ମାଣ, ୩୫ ● ପୃଷ୍ଠା ୫ ଦେଖନ୍ତୁ








## ପବିତ୍ର ଗୁଡ୍ ଫ୍ରାଇଡ଼େ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ, ଯେ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମ୍ପାଟି)



## ଗୁଡ୍ ଫ୍ରାଇଡ଼େ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଶୁକ୍ରବାର ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ମାନବ ସମାଜର କଲ୍ୟାଣ ପାଇଁ, ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗ ବିଶ୍ୱରେ ଶାନ୍ତି ଓ ଭାତୃତ୍ୱର ମହାନ ଚିନ୍ତାଧାରାକୁ ବ୍ୟାପକ କରିଛି । ଆସନ୍ତୁ, ଏହି ପବିତ୍ର ଦିବସର ବାର୍ତ୍ତାକୁ ପାଳନ କରି ଏକ ଆଦର୍ଶ ସମାଜ ଗଠନ ଦିଗରେ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-15 OIPR 15001/13/0548/2526



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଏହି ବ୍ଲକ ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ଅଧିନ ଖପୁରିଆପଦା ସ୍ଥିତ ବଜରଙ୍ଗୀ ଯୁବକ ସଂଘର ବାର୍ଷିକ ଉତ୍ସବ ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ହୋଇଯାଇଛି। ପୂଜକ ପରୀକ୍ଷିତ ପଣ୍ଡା ଯୁବକ ସଂଘର ଆରାଧ ଦେବତା ବଜରଙ୍ଗୀ ହନୁମାନଙ୍କ ପୂଜାର୍ଚ୍ଚନା କରିଥିଲେ । ଗୋପୀନାଥ ବରାଳ ଓ ପୁଷ୍ପଲତା ବରାଳ ସଂକଳ୍ପ କରିଥିବା ବେଳେ ଶ୍ରଦ୍ଧାଳୁ ମାନଙ୍କୁ ପଣା ବଣ୍ଟନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ସଭାରେ ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପ୍ରମୁଖ ଅରବିନ୍ଦ ଦାସ, ଯାଜପୁର ଜିଲ୍ଲା ସୁରକ୍ଷା ବାହିନୀ ପ୍ରମୁଖ ଟିକୁନି ଦାସ, ବ୍ଲକ୍ ଉପାଧକ୍ଷ ପ୍ରଣୀତ କାନ୍ତି ସାମଲ, ସମିତିସଭ୍ୟା ମାମିଲତା ଜେନା, ସମାଜସେବୀ ହେମନ୍ତ ଜେନା, ସଞ୍ଜୀବ ରାଉତ, ପୂର୍ବତନ ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ସମାଜସେବୀ ରଜନୀକାନ୍ତ ଚନ୍ଦ , ସାମ୍ବାଦିକ ବିଶ୍ୱମ୍ଭର ରାଉତ ଅତିଥିଭାବେ ଯୋଗଦେଇ ବଜରଙ୍ଗ ଦଳର ଆଭିମୁଖ୍ୟ ଓ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ କୁମାର ବାପି ଓ ପ୍ରଦୀପ ପଲାଇଙ୍କ ଭଜନ ଦର୍ଶକଙ୍କ ମନୋରଂଜନ କରିଥିଲା। କାର୍ଯ୍ୟକ୍ରମକୁ ଯୁବକ ସଂଘର ସରୋଜ କୁମାର ରାଉତ, ଶରତ ଚନ୍ଦ୍ର ଜେନା, ଅଶୋକ ମଲ୍ଲିକ, ସୁଶାନ୍ତ ବରାଳ, ରବୀନ୍ଦ୍ର ମଲ୍ଲିକ, ରତିକାନ୍ତ ମଲ୍ଲିକ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲ।

# ନିଆଁରେ ଚାଲିଲେ ୧୧ କାଳିସୀ

## ■ ଆକର୍ଷଣର କେନ୍ଦ୍ରବିନ୍ଦୁ ମହିଳା



ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦେବୀ କନ୍ଦଳ ଦୀପାଞ୍ଚଳ ଅନ୍ତର୍ଗତ ସେଳଦା ସାଗରସାନ ପଡିଆରେ ପରମ୍ପରିକ ଭାବେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ। ପବିତ୍ର ବିଷୁବ ପଣା ସଂକ୍ରାନ୍ତି ରେ ଅନୁଷ୍ଠିତ ଝାମୁଯାତ୍ରା ର ନିଆଳିରେ ୧୧ ଜଣ କାଳିସୀ ଚାଲିଥିବା ବେଳେ ମହିଳା କାଳିସୀ ସାବିତ୍ରୀ ବେହେରା ସମସ୍ତ ବିଧି ବିଧାନ ମଧ୍ୟରେ ଦୁଇ ଦୁଇ ଥର ଡହ ଡହ ନିଆଁ ରେ ଚାଲୁଥିବା ଦେଖି ଭକ୍ତ ମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମୁଖ୍ୟ କାଳିସୀ ଧରଣୀଧର ପଲେଇଙ୍କ ପଦ ଅନୁସରଣ ପ୍ରତିବର୍ଷ ମାନସିକ ଧାରୀ କାଳିସୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଚଳିତଥର ମନୋଜ ନାୟକ, ବଳରାମ ବେହେରା, ସ୍ମୃତି ରଂଜନ ସ୍ୱାଇଁ ଓ ବାଦଲ ବେହେରାଙ୍କ ସମେତ ୧୧ ଜଣ କାଳିସୀ ଆଜି ବ୍ରାହ୍ମ ମୁହୂର୍ତ୍ତରୁ କଳସ ଯାତ୍ରାରେ ଯାଇ ଶଗଡାଇଲୋ ଠାରେ ଦେକନ୍ଦଳ ନଦୀର ମିଳନ ସ୍ଥଳୀ ରେ ସ୍ନାନ ସାରି ଉପବାସ ରହି ବିଭିନ୍ନ ଗ୍ରାମ ପରିକ୍ରମଣ କରି ଝାମୁ ପଡିଆରେ ପହଞ୍ଚି ହନୁମାନ ଜୀଉଙ୍କ ମନ୍ଦିର ରେ ପୂଜାର୍ଚ୍ଚନା କରିଥିଲେ। ଏହି କାଳିସୀ ମାନେ ମାସକ ପୂର୍ବରୁ ବିଧିବିଧାନ ରେ ରହୁଥିବାବେଳେ ଗତ ସପ୍ତାହ ପୂର୍ବରୁ ଗୋଟିଏ ଓଳି ଅରୁଆ ଖାଇ ନିଷ୍ଠାର ଶହ ଏହି ବ୍ରତ ଧାରଣ କରିଥାନ୍ତି। ଆଜିର ଝାମୁ ଯାତ୍ରାରେ ଦୀପଞ୍ଚଳର ବିଭିନ୍ନ ଗ୍ରାମରୁ ଏକ ହଜାରରୁ ଉର୍ଦ୍ଧ୍ୱ ଜନ ସମାଗମ ହୋଇ ଥିବାବେଳେ, ନିଆଳି ବିଧାୟକ ଛବି ମଲିକ, ଯୁବ ସମାଜ ସେବି ସରୋଜ କୁମାର ସ୍ୱାଇଁ, ମଣ୍ଡଳ ସଭାପତି ବୃଷ କେତୁ ସାମଲ, ବିଧାୟକ ଙ୍କ ପ୍ରତିନିଧି ସନ୍ତୋଷ କୁମାର ବିଶ୍ୱାଳ, ନିଖିଳ କାନ୍ତ ବେଉରା( ଟୁଟୁ ), ଅଧୀର ପାତ୍ର ଓ ପ୍ରାକ୍ତନ ସମିତି ସଭ୍ୟ ସୁଦର୍ଶନ ବେଉରା ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀ ଓ ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା କାଲି ଠାରୁ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଥିବା ବେଳେ ୧୮ ଓ ୧୯ ଦୁଇଦିନ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଡ୍ରାମା ପରିବେଷଣ ହେବ ବୋଲି ସେଳଦା ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି।

# ଗଛମୂଳେ ଚାଲିଛି ପୋଷ୍ଟ ଅଫିସ



ଗୋପ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନୂଆଖୋଲମରା ଗ୍ରାମ ପଞ୍ଚାୟତ ଅଧୀନ ଲଳିତାପହଣ୍ଡି ପୋଷ୍ଟ ଅଫିସଟି ଏବେ ଅସହାୟ ଅବସ୍ଥାରେ ୬ ଦିନ ହେବ ଏକ ଗଛ ମୂଳେ ଚାଲିଛି। ଦୀର୍ଘ ଶହେ ବର୍ଷରୁ ଉର୍ଦ୍ଧ୍ୱ ଚାଲିଥିବା ଏହି ପୋଷ୍ଟ ଅଫିସ ଲଳିତା ପହଣ୍ଡି ହାଟ ଭିତରେ ଥିବା ଏକ ବରଗଛ ମୂଳେ ଅସହାୟ ଓ ଅସୁରକ୍ଷିତ ଭାବେ ଚାଲିବାକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି । ପୂର୍ବ ସୂଚନା ନଥାଇ ୬ଦିନ ହେଲା ଗଛ ମୂଳେ ଏହି କାର୍ଯ୍ୟାଳୟ ଚାଲିଥିବାରୁ ପୋଷ୍ଟ ଅଫିସର ଗ୍ରାହକ ଓ ସାଧାରଣ ଲୋକମାନେ ଏବେ ପୋଷ୍ଟ ଅଫିସ କେଉଁଠି ଚାଲିଛି ତାହାକୁ ନେଇ ସନ୍ଦେହ ରେ ରହିଛନ୍ତି । ପୋଷ୍ଟାଲ ମଧ୍ୟ ଏକ ବ୍ୟାଙ୍କିଂ ସଂସ୍ଥା ହୋଇଥିବା ବେଳେ ଲୋକମାନେ ନିଜର ସଞ୍ଚିତ ଅର୍ଥକୁ ଅସୁରକ୍ଷିତ ଭାବେ ଚାଲିଥିବା ଏହି ପୋଷ୍ଟ ଅଫିସରେ ଡିପୋଜିଟ କରୁଥିବା ବେଳେ ପୋଷ୍ଟମାଷ୍ଟର ମଧ୍ୟ ନିଜକୁ ରିସ୍କ ରେ ରଖି ସେବା ପ୍ରଦାନ କରୁଛନ୍ତି । ସୂଚନାଯୋଗ୍ୟ ଯେ, ବ୍ରିଟିଶ ଅମଳର ଏହି ପୋଷ୍ଟ ଅଫିସଟି ଦୀର୍ଘ ବର୍ଷ ହେବ ଭଡାଘରେ ଚାଲି ଆସୁଥିବା ବେଳେ ପ୍ରାୟ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ପୋଷ୍ଟ ଅଫିସଟି ନୂଆଖୋଲମରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ଏକ ଛୋଟ ରୁମ୍‌ରେ ଚାଲି ଆସୁଥିଲା । ଏବେ କିଛି ଦିନ ହେଲା ସେଠାରେ କାର୍ଯ୍ୟରତ ଜନୈକା ମହିଳା କର୍ମଚାରୀଙ୍କ ଅନ୍ୟତ୍ର ବଦଳି ହୋଇଯିବା ପରେ ଜଣେ ପୋଷ୍ଟମାଷ୍ଟର ଗତ ୭ ତାରିଖରେ ଯୋଗ ଦେଇଛନ୍ତି । ହେଲେ କୌଣସି କାରଣକୁ ନେଇ ଉକ୍ତ ପଂଚାୟତ ସରପଞ୍ଚ ଉପେନ୍ଦ୍ର କାନୁନ୍ ଗୋ ସେ ଘରକୁ ତାଲା ପକାଇ ଦେଇଥିବାରୁ ପୋଷ୍ଟମାଷ୍ଟର ଜଣକ ଦିନେ ଦୁଇଦିନ ନିକଟସ୍ଥ ଏକ ବାଉଁଶ ବୁଦା ନିକଟରେ ଛିଡାହୋଇ କାର୍ଯ୍ୟ କରିବାପରେ ଏବେ ନିକଟସ୍ଥ ହାଟ ବରଗଛ ତଳେ ବସି ଅଫିସ କାର୍ଯ୍ୟ କରୁଥିବା କହିଛନ୍ତି । ଏହି ପୋଷ୍ଟ ଅଫିସ ଠାରୁ ବାମନାଳ ୬ କିମି ଦୂର ହୋଇଥିବାବେଳେ ଏଠାରେ ବ୍ୟାଙ୍କିଙ୍ଗ ସୁବିଧା ଥିବାରୁ ଏହି ପୋଷ୍ଟ ଅଫିସ ଉପରେ ଟଙ୍କା ନେଣଦେଣ, ଭଡା ଉଠାଣ ଆଦି ବିଭିନ୍ନ ସୁବିଧା ଥିବାରୁ ଏହା ଉପରେ ଗୋପ ବ୍ଲକର ନୂଆଖୋଲମରା ପଂଚାୟତ ସମେତ ସତ୍ୟବାଦୀ ବ୍ଲକର କେତକୀପାଟଣା ପଂଚାୟତର ହଜାର ହଜାର ଗ୍ରାହକ ଓ ଜନସାଧାରଣ ନିର୍ଭରଶୀଳ । ମାତ୍ର ପଂଚାୟତ ଅଫିସ ସମେତ ସରକାରଙ୍କ ରାଜୀବଗାନ୍ଧି ସେବା ଗୃହ, ବ୍ୟାକିଙ୍ଗ ଫାସିଲେଟି ହାଉସ ରହିଥିବାବେଳେ କେନ୍ଦ୍ର ସରକାରଙ୍କ ଏହି କାର୍ଯ୍ୟାଳୟ ଏବେ ଅସୁରକ୍ଷିତ ଭାବେ ବାରଦୁଆର ଶୁଙ୍ଘି ପିଣ୍ଡା ହେବା ପରିତାପର ବିଷୟ ହୋଇଛି। ଫଳରେ ଏଠାକୁ ଟଙ୍କା ନେଣଦେଣ କରିବାକୁ ଆସୁଥିବା ଗ୍ରାହକମାନେ ନିଜକୁ ସୁରକ୍ଷିତ ମଣୁନଥିବା ବେଳେ ପୋଷ୍ଟ ମାଷ୍ଟର ମଧ୍ୟ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି । ଅନ୍ୟପକ୍ଷରେ ଅଫିସ ଚାଲିବା ପାଇଁ କୌଣସି ଗୃହ ନଥାଇ ସରପଂଚ କାର୍ଯ୍ୟାଳୟ ଚାଲିଥିବା ଉକ୍ତ ପଂଚାୟତ ଗୃହକୁ ତାଲା ପକାଇବାକୁ ନେଇ ଉକ୍ତ ପଂଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପୋଷ୍ଟ ମାଷ୍ଟର ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି କହିଛନ୍ତି ଫଳରେ ଅସୁରକ୍ଷିତ ଭାବେ ଚାଲିଥିବା ଏହି ପୋଷ୍ଟ ଅଫିସ ଟି କୌଣସି ଦିନ ଅଘଟଣକୁ ନିମନ୍ତ୍ରଣ କରିବ ତାହା ସମୟ ସାପେକ୍ଷ ଥିବା ବେଳେ ତୁରନ୍ତ ନୂତନ ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ନୋଡାଲ ଉଚ୍ଚ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ ଉଦ୍‌ଯାପିତ




ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ସ୍ଥିତ ପିଏମ ଶ୍ରୀଏମ ଏସ ନୋଡାଲ ଉଚ୍ଚ ବିଦ୍ୟାପୀଠର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଅଛି ।ଏହି ଆୟୋଜିତ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣୀ, ମୁଖ୍ୟବକ୍ତା ଭାବେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସମିତି ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱିନୀ ରାଉତ, ବିଡ଼ିଓ ସୌଭାଗ୍ୟ ବେହେରା, ଗୋଷ୍ଠୀ ଶିକ୍ଷାଧିକାରିଣୀ ପ୍ରିୟଦର୍ଶନୀ ନାୟକ ଯୋଗ ଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ, ଉପଢୌକନ, ସ୍ୱାଗତ ସଂଗୀତ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରତ୍ୟେକ ବିଦ୍ୟାଳୟକୁ ପିଏମ ଶ୍ରୀ ବିଦ୍ୟାଳୟରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦା ଚେଷ୍ଟିତ ଏବଂ ଉନ୍ନତମାନର ଶିକ୍ଷା ପାଇଁ ତତ୍ପର ଅଟନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲା ବେଳେ, ଶିକ୍ଷାର୍ଥୀ ମାନଙ୍କ ସହ ଅତିଥି ପିଏମ ଶ୍ରୀ ସମ୍ବନ୍ଧରେ ବାର୍ତ୍ତାଳାପ କରିଥିଲେ । ଯେଉଁମାନେ ଏହି ସ୍କୁଲ ଗଢିଛନ୍ତି ସେହି ମାନଙ୍କ ପାଇଁ ଆଜି ବ୍ଲକରେ ପ୍ରଥମ ଭାବେ ପିଏମ ଶ୍ରୀ ସ୍କୁଲର ମାନ୍ୟତା ପାଇଛି, ଶିକ୍ଷା ଉପରେ ପିଲାମାନେ ଅଗ୍ରଗତି ହେଲେ ସମାଜର ଅଗ୍ରଗତି ହେବ ବୋଲି ଶିକ୍ଷାଧିକାରିଣୀ ଶ୍ରୀମତୀ ନାୟକ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଆଉମଧ୍ୟ ବିଦ୍ୟାଳୟର ଭିତ୍ତିଭୂମି ସମସ୍ୟା ଉପରେ ବିଦ୍ୟାଳୟ ପକ୍ଷରୁ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କୁ ସୁବ୍ୟବସ୍ଥା ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ । ଦୁଇଦିନ ଧରି ପିଲାଙ୍କ ଦ୍ୱାରା ନାଚ ଗୀତ ଓ ବିଭିନ୍ନ ପ୍ରତିଯୋଗିତା ହୋଇଥିବା ବେଳେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଉକ୍ତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ବିଦ୍ୟାପୀଠର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ସହଯୋଗ କରିଥିଲା ବେଳେ ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ମଞ୍ଚ ସଂଚାଳନ ଓ ପରିଚୟ ପ୍ରଦାନ ଦାୟିତ୍ୱ ଗେଙ୍ଗୁଟିଆ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମସିଂହ ନିର୍ବାହ କରିଥିଲା ବେଳେ, ପରିଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଷୁବ ମିଳନ ଉତ୍ସବ

ଧର୍ମଶାଳା(ଭାସ୍କର ନ୍ୟୁଜ୍):ଧର୍ମଶାଳା ବ୍ଲକ୍ ଜାରକା ଗୋପବନ୍ଧୁ ଛକ ନିକଟରେ ବିଷୁବ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସାହିତ୍ୟିକର ଦେଶ ନାହିଁ। ଯୁଦ୍ଧ ହେଲେ ସାହିତ୍ୟିକଟିଏ ବି ମରୁଛି । ପ୍ରତ୍ୟେକ ଲୋକ ଭିତରେ ଅନ୍ୟନ୍ୟତା ରହିଛି । ଯାହା ଭୁଲ୍ ତାକୁ ଭୁଲ୍ ବୋଲି କୁହାଯାଉ ବୋଲି ଡ. ପାଢ଼ୀ ଗୁରୁତ୍ୱାରୋପ କରିଥିଲେ । ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିଲେ। ସାହିତ୍ୟ ସର୍ଜନା କବିତାରୁ ଆରମ୍ଭ ହୋଇଛି। କବିର କଳ୍ପନା ସୁଦୂର ପ୍ରସାରୀ। ଉପଯୁକ୍ତ ସ୍ଥାନରେ ଉପଯୁକ୍ତ ଶବ୍ଦ ବ୍ୟବହାର ହେଲେ ତାହା ଭଲ କବିତା ହୋଇପାରିବ ବୋଲି ଶ୍ରୀ ମହାନ୍ତି କହିଥିଲେ। ମୁଖ୍ୟବକ୍ତା ଭାବେ କବି ଡ. ଗୌତମ ଜେନା ଯୋଗଦେଇ ବିଷୁବ ମିଳନ ସଂପର୍କରେ ଆଲୋଚନା କରିବା ସହ କବିତା ପାଠ କରିଥିଲେ । ଧର୍ମଶାଳା ସାହିତ୍ୟ ସମାଜ ସଭାପତି କାହ୍ନୁ ଚରଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟ ସମାଜକୁ ସୁନ୍ଦର ଭାବେ ଗଢ଼ି ତୋଳେ ବୋଲି କହିଥିଲେ । ଶିଶୁ ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ର, ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ରାୟ, ସାଧୁ ଅଭୟାନନ୍ଦ ସାରଦା, ସାହିତ୍ୟିକ ବେଣୁଧର ନାୟକ, ବ୍ୟଙ୍ଗ ଗାଳ୍ପିକ ସୁନାକର ସାହୁ, କବି ଡ. ଇନ୍ଦୁପ୍ରଭା ସାମଲ ଓ ସାମାଜିକ କର୍ମୀ ଦେବବ୍ରତ ରାଉତ ଯୋଗ ଦେଇ ବିଷୁବ ମିଳନ ଓ ଓଡ଼ିଆ ନବବର୍ଷ ସଂପର୍କରେ ଆଲୋଚନା କରିଥିଲେ। କବି ଗଣେଶ୍ୱର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଗୋକର୍ଣ୍ଣିକା ସଂପାଦକ ରମାକାନ୍ତ ଜେନା, ପଣ୍ଡିତ ବ୍ରଜକିଶୋର ଦାଶ, କବି ସରୋଜିନି ପଣ୍ଡା, ପ୍ରତିମା ସାହୁ, ଗୋଲକ ଚନ୍ଦ୍ର ପଲେଇ, ଶୁଭକାନ୍ତ ନାୟକ କବିତା ପାଠ କରିଥିଲେ । ଶିକ୍ଷକନେତା ଆଦିକନ୍ଦ ସ୍ୱାଇଁ, ଯୁଗଳ କିଶୋର ଦାସ, ସୂର୍ଯ୍ୟାସ୍ତ ସଂପାଦକ ବିବେକାନନ୍ଦ ରାୟ, ଖବରଦାତା କିଶୋର କୁମାର ରାଉତ, ଅମ୍ବିକା ପ୍ରସାଦ ଦାଶ, ସୁବାସ ଚନ୍ଦ୍ର ସାହୁ, ଅଧ୍ୟାପକ ବିଜୟ କୁମାର ନାୟକ, ଦିଲୀପ କୁମାର ଜେନା, ଯୁବନେତା ଉଗ୍ରେସନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଖବରଦାତା ବିକ୍ରମ କେଶରୀ ମହାନ୍ତି ଓ ସୀତାକାନ୍ତ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମ୍ଭବ ସଂପାଦକ ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ନଳକୂପ ଖନନ ପାଇଁ ଦାବି



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଗଉଣୀଘୋଷା ଗ୍ରାମ ପଞ୍ଚାୟତର ଚିଲିକିଧରା ଗ୍ରାମର ବାହାବାଲି ସାହିରେ ସବୁଦିନ ସନ୍ଧ୍ୟାରେ ହାଟ ବସିଥାଏ। ଦୁର୍ଗମ ବଣ ଜଙ୍ଗଲ ଘେରା ଏହି ବାହାବାଲି ହାଟରୁ ସ୍ଥାନୀୟ ଆଦିବାସୀମାନେ ବିଭିନ୍ନ ତେଲ ଲୁଣ ସହିତ ମାଂସ, ପନିପରିବା ଓ ନିତ୍ୟ ଆବଶ୍ୟକ ସାମଗ୍ରୀମାନ କ୍ରୟ କରୁଥିବା ବେଳେ ସ୍ଥାନୀୟ କୃଷକମାନେ ବଜାର ଅଭାବରୁ ବଳକା କୃଷିଜାତ ଦ୍ରବ୍ୟକୁ ଏହି ବାହାବାଲି ହାଟକୁ ବିକିବାକୁ ଆଣିଥାନ୍ତି। ହାଟରେ ପ୍ରତିଦିନ ଶହ ଶହ ସଂଖ୍ୟକ ଲୋକଙ୍କ ସମାଗମ ହୋଇଥାଏ। ମାତ୍ର ହାଟ ନିକଟରେ ଲୋକଙ୍କ ବସିବା ପାଇଁ କୌଣସି ପିଣ୍ଡି ନାହିଁ କି ପିଇବା ପାଇଁ ପାଣି ମୁନ୍ଦାଏ ବ୍ୟବସ୍ଥା ନାହିଁ। ଖରା ଦିନରେ ଏହି ସମସ୍ୟା ଗମ୍ଭୀର ରୂପ ଧାରଣ କରିଛି। ଲୋକମାନେ ପାଣି ପାଇଁ ରେଳ ଲାଇନ ଅତିକ୍ରମ କରି ରେଳ ଲାଇନର ଅପର ପାର୍ଶ୍ୱରୁ ପାଣି ଆଣି ପିଇଥାଆନ୍ତି। ହାଟ ନିକଟରେ ତୁରନ୍ତ ଗୋଟିଏ ନଳକୂପ ଖନନ କରି ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚର ସାଧାରଣ ସମ୍ପାଦିକା ଶୈଳବାଳା ପରିଡାଙ୍କ ସମେତ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# କାର ଧକ୍କାରେ ଯୁବକଙ୍କ ମୃତ୍ୟୁ

କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ )ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ରାମଲେଙ୍କା ଗ୍ରାମର ପ୍ରତାପ ବିଶ୍ୱାଳଙ୍କ କାର ଧକ୍କାରେ ମୃତ୍ୟୁ ଘଟିଛି। କୃଷ୍ଣପ୍ରଶାଦ ବ୍ଲକ ଦେଉଳପଡା ଠାରେ ଚାଲିଥିବା ପଣା ମହୋତ୍ସବ ଦେଖି ରାତି ୧୧ସମୟରେ ଘରକୁ ଫେରୁଥିବା ବେଳେ ତିଛିନି କୃଷ୍ଣପ୍ରଶାଦ ରାସ୍ତା ପାର୍ଶ୍ୱରେ ମୋଟର ସାଇକେଲ ନ ଓଡି୦୭ ଏଏନ୍ ୫୨୩୮ର ଗାଡି ରଖି ପରିସ୍ରା କରୁଥିବା ସମୟରେ ହଠାତ ଏକ ଭି ବ୍ରେଜା ନଂ ୯୧୮୧କାର ଦ୍ରୁତ ଗତି ରେ ଆସି ପ୍ରତାପ ବିଶ୍ୱାଳ ବୟସ ୪୨ବର୍ଷ, ଯୁବକଙ୍କୁ ଧକ୍କା ଦେଇଥିଲା। ଯୁବକ ଜଣକ ସେଠାରେ ଚେତା ଶୂନ୍ୟ ହୋଇପଡ଼ିଥିଲେ। ସେଠାରେ ଉପସ୍ଥିତ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ନିକଟସ୍ଥ କୃଷ୍ଣପ୍ରଶାଦ ସରକାରୀ ଡାକ୍ତରଖାନା ରେ ଚିକିତ୍ସା କରିଥିଲେ। ଚିକିତ୍ସା ହେଉଥିବା ବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏହିପରି ବେପରୁଆ ଗାଡି ଚାଳନା ଯୋଗୁ ବହୁ ମୂଲ୍ୟବାନ ଜୀବନ ଯାଉଛି।

# ଜିଲ୍ଲାସ୍ତରୀୟ ଇକୋ ପ୍ରକଳ୍ପ ପ୍ରଦର୍ଶନୀ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝରସ୍ଥିତ ଡି.ଏନ୍. ହାଇସ୍କୁଲ, କେନ୍ଦୁଝର ଅଡିଟୋରିୟମରେ ଜିଲ୍ଲାସ୍ତରୀୟ ଇକୋ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ଏଚ.ଡି ଯୋଗ ଦେଇ ପରିବେଶ ସୁରକ୍ଷା ପ୍ରତି ଆମ ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି ବିଭିନ୍ନ ଉଦାହରଣ ଦେଇ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ ।ମୁଖ୍ୟ ବକ୍ତା ଭାବେ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ,କେନ୍ଦୁଝରର ଅଧକ୍ଷ ପ୍ରଫେସର ସରୋଜ କୁମାର ଷଡ଼ଙ୍ଗୀ ଯୋଗ ଦେଇ ଆମ ପରିବେଶର ବର୍ତ୍ତମାନ ଓ ଭବିଷ୍ୟତର ପରିସ୍ଥିତି ସମ୍ବନ୍ଧରେ ଆଲୋଚନା କରିବା ସହ ସବୁଜିମା ପୃଥିବୀ ଗଢି ତୋଳିବା ପାଇଁ ସମସ୍ତେ ବନୀକରଣ କରିବା ପାଇଁ ଆହ୍ୱାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲାର ୧୩ ଟି ବ୍ଲକ୍‌ରୁ ୯୧ ଟି ଇକୋ ପ୍ରକଳ୍ପ ଇକୋ କ୍ଲବର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା ।ପ୍ରକଳ୍ପ ଗୁଡ଼ିକୁ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କୁଳମଣି ପ୍ରଧାନ,ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, କେନ୍ଦୁଝରର ସହକାରୀ ପ୍ରାଧ୍ୟାପକ ଡ. ରଞ୍ଜନ କୁମାର ମହାପାତ୍ର, ସରକାରୀ ମହିଳା ମହାବିଦ୍ୟାଳୟ,କେନ୍ଦୁଝର ର ସହକାରୀ ପ୍ରାଧ୍ୟାପକ ଶକ୍ତି ରଞ୍ଜନ ବେହେରା ମୂଲ୍ୟାୟନ କରିଥିଲେ ।ଓଡ଼ିଶା ଆଦର୍ଶ ବିଦ୍ୟାଳୟ,ଶାଳପଡ଼ାର ଛାତ୍ର ଯଶସ୍ୱୀ ପ୍ରିତମ ପ୍ରଥମ,ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ହରିଚନ୍ଦନପୁରର ଛାତ୍ରୀ ଆୟେଶା ସାହୁ ଦ୍ୱିତୀୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓରିଆ ତେଲକୋଇର ଛାତ୍ର ଯଶରାଜ୍ ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ମାନପତ୍ର ସହ ୩୦୦୦, ୨୦୦୦,୧୦୦୦ ଟଙ୍କାର ଅର୍ଥରାଶି ପୁରସ୍କାର ସ୍ୱରୂପ ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ ।ବିଜ୍ଞାନ ଶିକ୍ଷୟିତ୍ରୀ ମମତାମୟୀ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ଦୀପିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍.ଏସ୍.ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ,ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଫକୀର ମୋହନ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିବା ବେଳେ ଡି.ଏନ୍. ହାଇସ୍କୁଲର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ,ଶିକ୍ଷା କର୍ମଚାରୀ ତଥା ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ,ସିଆରସିସି ମାନେ ସହଯୋଗ କରିଥିଲେ।

# ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ବିଜେଡିର ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): କେନ୍ଦ୍ରପଡ଼ା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ବିଜେଡି ପକ୍ଷରୁ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କହିଲେ କେନ୍ଦ୍ରାପଡ଼ା ପ୍ରତି ରାଜ୍ୟ ସରକାର ଘୋର ଅବହେଳା କରିଛନ୍ତି। ପଡୋଶୀ ଜଗତସିଂହପୁର ଜିଲ୍ଲା, ଢେଙ୍କାନାଳ ଜିଲ୍ଲା ଓ ଭଦ୍ରକ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବା ନେଇ ଘୋଷଣା କରାଯାଇଥିଲେ ସୁଦ୍ଧା କେନ୍ଦ୍ରପଡ଼ା ଜିଲ୍ଲା ପ୍ରତି ବୈମାତୃକ ମନୋଭାବ ପୋଷଣ କରିଛନ୍ତି ସରକାର। ବିଧାନସଭାରେ ଶ୍ରୀ ବେହେରା ମେଡିକାଲ କଲେଜ ପ୍ରତିଷ୍ଠା କରିବା ନେଇ ପ୍ରଶ୍ନ କରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ କୁଟନୈତିକ ଉତ୍ତର ରଖି ପ୍ରସଙ୍ଗକୁ ଏଡାଇ ଯାଇଥିଲେ। ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ କହିଲେ ୨୪ ବର୍ଷରେ ବିଜେଡି ସରକାର ରାଜ୍ୟରେ ୩ଟି ମେଡିକାଲ କଲେଜରୁ ୧୦ଟି ମେଡିକାଲ କଲେଜ ପ୍ରତିଷ୍ଠା କରିଥିଲେ। ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ହେଲେ କେନ୍ଦ୍ର ସରକାରଙ୍କ ସହଯୋଗ ଅଧିକ ଆବଶ୍ୟକ। ସେହିପରି ସିଏସ୍‌ଆର ପାଣ୍ଠିରୁ ମଧ୍ୟ ମେଡ଼ିକାଲ କଲେଜ ପ୍ରତିଷ୍ଠା ହୋଇଥାଏ। ବିଜେଡି ସରକାର ମିତ୍ତଲ ଷ୍ଟିଲ କାରଖାନାକୁ କେନ୍ଦ୍ରାପଡ଼ା ଜିଲ୍ଲାକୁ ଆଣିଥିଲେ। ମିତ୍ତଲ ଷ୍ଟିଲ କମ୍ପାନୀ କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ରାଜି ହୋଇଥିଲା। କିନ୍ତୁ ବିଜେପି ସରକାର ଏବେ କେନ୍ଦ୍ରାପଡ଼ାରୁ ମିତ୍ତଲ ଷ୍ଟିଲକୁ ଉଠାଇ ନେଇ କେନ୍ଦୁଝରରେ ପ୍ରତିଷ୍ଠା କରିବା ପାଇଁ ଯୋଜନା କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ନଗରପାଳ ସରିତା ସାହୁ, ଯୁବନେତା ରାଜେଶ ପଣ୍ଡା, ବିଜେଡି ରାଜ୍ୟ ସଂପାଦକ ରଞ୍ଜିତ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ପ୍ରଦ୍ୟୁମ୍ନ ଜେନା, ମୀର ମୁର୍ସିଦ, ରାଜେଶ ଦାସ, ଧୀରେନ ସାହୁ, ରଶ୍ମୀରଞ୍ଜନ ରାଉତ, ସୌମେନ୍ଦ୍ର ତୃପ୍ତି, ଶରତ ବେହୁରା, ହିରଣ୍ୟ ପଣ୍ଡା, ସେକ ଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ବିଜେପି ପକ୍ଷରୁ କୁହାଯାଇଛି ଯେ ବିଗତ ୨୫ବର୍ଷ ଧରି ରାଜ୍ୟରେ କ୍ଷମତାରେ ଥିବା ବିଜେଡି ସରକାର କେନ୍ଦ୍ରପଡା ପାଇଁ କ'ଣ କରିଛନ୍ତି। ଜିଲ୍ଲାରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ ବି କେନ୍ଦ୍ରପଡାରେ କାହିଁକି ମେଡିକାଲ କଲେଜ ପ୍ରତିଷ୍ଠା କରାଗଲା ନାହିଁ ବୋଲି ବିଜେପି ପ୍ରଶ୍ନ କରିଛି। ବିଜେଡି ସରକାରର ୨୫ ବର୍ଷ ବନାମ ବିଜେପି ସରକାରର ୧୦ମାସ ଲୋକେ ବିଚାର କରିବେ ବୋଲି ବିଜେପି ପକ୍ଷରୁ କୁହାଯାଇଛି। ୨୫ବର୍ଷ ଭିତରେ କେନ୍ଦ୍ରପଡା ଜିଲ୍ଲାରେ ଏକ ମେଡିକାଲ କଲେଜ କରିପାରିନଥିବା ବିଜେଡି ଆଜି ୧୦ମାସର ବିଜେପି ସରକାର ବିରୋଧରେ ମେଡିକାଲ କଲେଜ ପାଇଁ ନାରାବାଜି କରୁଛି କେଉଁ ମୁହଁରେ ବୋଲି ବିଜେପି ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି ମହମ୍ମଦ ସଲିମ ଖାଁ ପ୍ରଶ୍ନ କରିଛନ୍ତି।

# ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ



ତାଳଚେର(ଭାସ୍କର ନ୍ୟୁଜ): ନୂତନ ଓଡ଼ିଶା ର ନିର୍ମାତା, ପ୍ରବାଦ ପୁରୁଷ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଆଜି ଶ୍ରାଦ୍ଧ ଦିବସ ଅବସରରେ ତାଳଚେର ର ଅଗ୍ରଣୀ ଅନୁଷ୍ଠାନ ତାଳଚେର ପ୍ରଗତିଶୀଳ ମଞ୍ଚ ପକ୍ଷରୁ ବିଧିବଦ୍ଧ ଭାବେ ଶ୍ରାଦ୍ଧ ଦିବସ କୁ ପାଳନ କରାଯାଇଛି । ଦେଉଳବେଢ଼ା ସ୍ଥିତ କାର୍ଯ୍ୟାଳୟ ଠାରେ ଅନୁଷ୍ଠାନର ଆବାହକ ଜ୍ୟୋତିରଂଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢ଼େଙ୍କାନାଳର ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେଡି ସମନ୍ୱୟ କମିଟି ସଦସ୍ୟ ମହେଶ ସାହୁ ଯୋଗ ଦେଇ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ରାଜ୍ୟ ଦେଶ କାହିଁକି ସାରା ବିଶ୍ୱରେ ତାଙ୍କର ଛବି କିପରି ଥିଲା ସେ ବିଷୟରେ ଶ୍ରୀ ସାହୁ ପ୍ରକାଶ କରିଥିଲେ । ପରେ ପରେ ମଞ୍ଚର ସଦସ୍ୟ ମାନେ ତାଳଚେର ନୂଆ ବସ ଷ୍ଟାଣ୍ଡ ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ୨୦ ନମ୍ବର ୱାର୍ଡରେ ଥିବା ତ୍ରିନାଥ କଲୋନୀ , ବାଘୁଆବୋଲ, ଓ ଶର୍ମା ଛକରେ ଥିବା ୩ଟି ଅଙ୍ଗନବାଡି କେନ୍ଦ୍ରର କୋମଳମତି ଛାତ୍ର ଛାତ୍ରୀଙ୍କୁ ସ୍କୁଲ ବ୍ୟାଗ, ପାଣି ବୋତଲ ଓ ବିସ୍କୁଟ ପ୍ରଦାନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ଓକିଲ ସଂଘର ନବ ନିର୍ବାଚିତ ସଭାପତି ସନ୍ତୋଷ ସାହୁ , ଆମ ପ୍ରତିଭା ଆମପରିଚୟ ସଭାପତି ଇ.ରମେଶ ଚନ୍ଦ୍ର ବେହେରା , ସରକାରୀ ଓକିଲ ଗିରିଜା ଶଙ୍କର ମିଶ୍ର , ନିର୍ମଳ ତ୍ରିପାଠୀ, ଓକିଲ ସଂଘର ଉପସଭାତି ପ୍ରମୋଦ ଚନ୍ଦ୍ର ପ୍ରଧାନ (ଅମୂଲ୍ୟ) , ସର୍ଦ୍ଦାର ରାଜେନ୍ଦ୍ର ସିଂ , ବିଜେଡି ନେତା ଗିରିଶ ଚନ୍ଦ୍ର ଭୂତିଆ , ପଙ୍କଜ ପ୍ରଧାନ ,ସାମ୍ବାଦିକ ବିରଜା ଶଙ୍କର ମିଶ୍ର , ସାମ୍ବାଦିକ ଭାଗ୍ୟରଥି ମହାପାତ୍ର , ପ୍ରକାଶ ସାହୁ, ମନୋଜ ମହାପାତ୍ର, ଜିତେନ୍ଦ୍ର ମହାପାତ୍ର , କୁଶ ବିହାରୀ ସାମଲ , କୃଷ୍ଣଚନ୍ଦ୍ର ରଥ , କାଳନ୍ଦୀ ସାମଲ, ଶୋଭାଗିନି ଦେବୀ , ରାଜୀବ ରାଉତ ,ଓ ତାଳଚେର ପ୍ରଗତିଶୀଳ ମଞ୍ଚ ସଂଯୋଜକ ସାମ୍ବାଦିକ ତପନ କୁମାର ମହାରଣା ପ୍ରମୁଖଙ୍କ ସମେତ ବହୁ ପୁରାତନ ବିଜୁଜନତା ଦଳର କର୍ମୀ ଓ ବିଜୁପ୍ରେମୀ ମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଅମରେଶ୍ୱରୀ ମହାଯଜ୍ଞ ଉଦ୍‌ଯାପିତ



ଧର୍ମଶାଳା (ଭାସ୍କର ନ୍ୟୁଜ୍): ଧର୍ମଶାଳା ବ୍ଲକ୍ ଜାରକା ପଂଚାୟତ ଉତର ଶାସନ ଗ୍ରାମରେ ବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ମା' ଅମରେଶ୍ୱରୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ସଂଧ୍ୟାରେ ଉଦ୍‌ଯାପିତ ହୋଇଛି । ପ୍ରଥମ ଦିବସରେ ମା'ଙ୍କ ଯଥାବିଧି ପୂଜାର୍ଚ୍ଚନା, ଅଙ୍କୁରାରୋପଣ, କଳସଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଗୀତାପାଠ, ଚଣ୍ଡିପାଠ, ହନୁମାନ ପୂଜା, ଯଜ୍ଞାରମ୍ଭ, ଆହୂତି, ଭୋଗଲାଗି ଆଦି ରୀତିନୀତି ସଂପନ୍ନ ହୋଇଥିଲା । ଦ୍ୱିତୀୟ ଦିବସରେ ମା'ଙ୍କ ଷୋଡଶ ଉପଚାର ପୂଜା, ଗୀତାଯଜ୍ଞ ସମେତ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା । ଶେଷ ଦିବସରେ ଆଜି ଯଜ୍ଞଦେବତାଙ୍କ ନଗର ପରିକ୍ରମା, ପୂଜାର୍ଚ୍ଚନା ଓ ସଂଧ୍ୟାରେ ଯଜ୍ଞରେ ପୂର୍ଣ୍ଣାହୂତି ଦିଆଯାଇଛି । ପୂଜକ ପ୍ରମୋଦ ପାଢୀ ଓ ସହଯୋଗୀମାନେ ଯଜ୍ଞକର୍ମ ସମ୍ପାଦିତ କରିଥିବା ବେଳେ ମନ୍ଦିର ପୂଜକ ଭାସ୍କର ଶତପଥୀ, ପ୍ରଫୁଲ୍ଲ କୁମାର ଦାଶ, ପ୍ରଭାତ ପାଣିଗ୍ରାହୀ, ତ୍ରିୟମ୍ବକ ରଥ, ଅଶୋକ ଆଚାର୍ଯ୍ୟ, ପ୍ରଦୀପ୍ତ ଦାଶ, ନାରାୟଣ ଓଝା, ଉମେଶ ବାରିକ, ନାରାୟଣ ସାହୁ, ଅମରେନ୍ଦ୍ର ରାଉତ ପ୍ରମୁଖ ଏଥିରେ ସହାୟତା କରିଥିଲେ । ପ୍ରତ୍ୟେହ ସଂଧ୍ୟାରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସରପଞ୍ଚ ସୁଦାମ ଚରଣ ବେହେରା, ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ପାଣିଗ୍ରାହୀ, ସମିତିସଭ୍ୟା ଅନ୍ନପୂର୍ଣ୍ଣା ସାହୁ, ପୂର୍ବତନ ସମିତିସଭ୍ୟ ଉମାକାନ୍ତ ସାମଲ, କାଳନ୍ଦୀ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି କୃପାଲାଭ କରିଥିଲେ । ଉତ୍ତର ଶାସନ, ଦୁବଗଡିଆ, ନାଉପାଳ ଓ ଉତର ଶାସନ(ଖ) ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



କଟକ,(ଭାସ୍କର ନ୍ୟୁଜ୍): ସାମୁଦ୍ରିକ ବିବାଦ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ଓଡିଶା ହାଇକୋର୍ଟ ପାରାଦୀପ ବନ୍ଦରରେ ଗିରଫ ହୋଇଥିବା ଏମ୍‌ଭି ଟେଲେରିଏମ୍ ନାମକ କାର୍‌ଗୋ ଜାହାଜକୁ ଛାଡ଼ି ଦେବାକୁ ଆଦେଶ ଦେଇଛନ୍ତି । ବକେୟା ପ୍ରାପ୍ୟ ପରିଶୋଧ ପରେ ଜିଓସର୍ଭି ଏନର୍ଜୀ ଟ୍ରାନ୍ସପୋର୍ଟ ଡିଏମସିସି ଜାହାଜକୁ ଛାଡ଼ିବାକୁ ହାଇକୋର୍ଟ କହିଛନ୍ତି । ହାଇକୋର୍ଟଙ୍କ ପରି ଆଦେଶ ପରେ ପାରାଦୀପ ବନ୍ଦରରୁ ପାନାମା କାରଗୋ ଜାହାଜ ନିଜର ଗନ୍ତବ୍ୟ ସ୍ଥଳକୁ ଯାଇ ପାରିବ । ବଙ୍କର ଫୁଏଲ ବକେୟା ଥିବା ଦର୍ଶାଇ ଜିଓସର୍ଭି ଏନର୍ଜୀ ଟ୍ରାନ୍ସପୋର୍ଟ ଡିଏମସିସି ପକ୍ଷରୁ ଜାହାଜ ବିରୋଧରେ ଏକ ମାମଲଶ ରୁଜୁ କରାଯାଇଥିଲା । ଉକ୍ତ ଆବେଦନ ଆଧାରରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗତ ଶନିବାର ଏହି ମାଲବାହୀ ଜାହାଜକୁ ଗିରଫ କରାଯାଇଥିଲା । ତେବେ ଆଜି ଉଭୟ ପକ୍ଷଙ୍କ ମଧ୍ୟରେ ବକେୟା ଅର୍ଥକୁ ନେଇ ହୋଇଥିବା ବିବାଦର ଆପୋଷ ସମାଧାନ ହୋଇଥିବା ଅଦାଲତରେ ଦର୍ଶାଯାଇଥିଲା । ଫଳରେ ହାଇକୋର୍ଟ ଉକ୍ତ ଜାହାଜକୁ ଛାଡି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଜାତୀୟ ସମ୍ମିଳନୀ

## ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ନିତିନ ଗଡକରୀ ଓ ମୁଖ୍ୟମନ୍ତ୍ରୀ



କଟକ(ଭାସ୍କର ନ୍ୟୁଜ୍): ବ୍ୟକ୍ତି କେତେଦିନ ବଞ୍ଚେ ତାହା ମହତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ କିଭଳି ବଞ୍ଚେ ଓ ସେହି ସମୟ ମଧ୍ୟରେ କଣ କାମ କରେ ତାହା ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ହିଁ ଆମକୁ ଡ. ହରେକୃଷ୍ଣ ମହତାବଙ୍କ ଜୀବନରୁ ଶିକ୍ଷା ମିଳେ ବୋଲି କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡକରୀ ଗୁରୁବାର ରେଭେନ୍ସା ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଜାତୀୟ ସମ୍ମିଳନୀରେ ଯୋଗଦେଇ କହିଛନ୍ତି । ଓଡିଶାରେ ଶିକ୍ଷାର ବିକାଶ କରି ଡ. ମହତାବ ପ୍ରମାଣିତ କରି ଦେଇଥିଲେ ଯେ, ଆତ୍ମବିଶ୍ୱାସ ସହ ଜ୍ଞାନର ସଂଯୋଗ ରହିବା ନିହାତି ଆବଶ୍ୟକ । ହୀରାକୁଦ ବନ୍ଧ ନିର୍ମାଣ ହେଉ, ଅବା ଭୁବନେଶ୍ୱରକୁ ଓଡିଶାର ରାଜଧାନୀ ଭାବେ ପ୍ରତିଷ୍ଠା କରିବା ହେଉ, ସବୁଥିରେ ତାଙ୍କ ଅବଦାନକୁ ଇତିହାସ ସବୁବେଳେ ମନେ ରଖିବ । ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାରାଷ୍ଟ୍ରର ଅହମଦ ନଗର ଜେଲରେ ଥିବା ବେଳେ ସେ ଓଡିଶାରେ ନୂତନ ସୂର୍ଯ୍ୟୋଦୟର ସ୍ୱପ୍ନ ଦେଖିଥିଲେ ବୋଲି ଶ୍ରୀ ଗଡକରୀ ନିଜ ଅଭିଭାଷଣରେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ଡକ୍ଟର ହରେକୃଷ୍ଣ ମହତାବ ଏକାଧାରାରେ ଜଣେ ମହାନ୍ ସ୍ୱାଧିନତା ସଂଗ୍ରାମୀ, ରାଷ୍ଟ୍ରନୀତିଜ୍ଞ, କୁଟନୀତିଜ୍ଞ, ସାହିତ୍ୟିକ, ସାମ୍ବାଦିକ ଓ ଐତିହାସିକ ଥିଲେ । ସେ ଥିଲେ ଯଥାର୍ଥରେ ଆଧୁନିକ ଓଡ଼ିଶାର ନିର୍ମାତା । ଆଜି ଆମେ ଯେଉଁ ଓଡ଼ିଶାର ସ୍ୱରୂପ ଦେଖୁଛେ, ସେ ସ୍ୱରୂପକୁ ସାକାର କରିଥିଲେ ଡଃ ମହତାବ୍ । କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ କହିଥିଲେ ଯେ, ଓଡିଶାର ବିକାଶ ପାଇଁ ଡ. ମହତାବଙ୍କ ଆକାଂକ୍ଷା, ଅଭିଳାଷ ଅନେକ ଥିଲା । ଆଜି ଏହାକୁ ସଫଳ ରୂପାୟନ ଦେବା ପାଇଁ ତାଙ୍କ ଦୂରଦୃଷ୍ଟିକୁ ପାଥେୟ କରି ଆମେ ଏକ ସମୃଦ୍ଧ ଓଡିଶା ଗଠନ କରିପାରିବୁ । ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଞ୍ଚାସୀନ ଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ନିତିନ୍ ଗଡକରୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡ. ହରେକୃଷ୍ଣ ମହତାବଙ୍କର ଜୀବନୀ ସମ୍ବନ୍ଧୀୟ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ କରିବା ସହ ଏହାର ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓଡ଼ିଶା ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଧାନସଭା ପରିସରରେ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ବିଜୁ ବାବୁଙ୍କ ୨୮ ତମ ତିରୋଧାନ ଦିବସରେ ବିଧାନସଭା ପରିସରରେ ଶ୍ରଦ୍ଧାଞ୍ଜଳି ସଭା । ବାଚସ୍ପତି ସୁରମା ପାଢ଼ୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ଏହା ସହ ଦୁଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କେ.ଭି. ସିଂହଦେଓ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପ ମୁଖ୍ୟ ସଚେତକ ଗୋବିନ୍ଦ ଦାସ, ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପ ମୁଖ୍ୟ ସଚେତକ ପ୍ରତାପ ଦେବ ପ୍ରମୁଖ ଉପସ୍ଥିତ ଥିଲେ ।

ତଦନ୍ତ ନ ସରିବା ଯାଏ ବିଜେଇଏମ୍ ସ୍କୁଲ ଫି ବୃଦ୍ଧି ବନ୍ଦ ଦାବି

## ଶିକ୍ଷା ସଚିବଙ୍କୁ ଚିଠି ଲେଖିଲେ ବିଧାୟକ ବାବୁ ସିଂ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ବିଜେଇଏମ୍ ସ୍କୁଲ କର୍ତ୍ତୃପକ୍ଷଙ୍କ ହାଇକୋର୍ଟଙ୍କ ମିଛ କାଗଜ ବାହାନାରେ ସବ କମିଟି ତଥ୍ୟକୁ ଦେଖାଇ, ପ୍ରତ୍ୟେକ ବର୍ଷ ୨୦ ଶତକଡା ଫି ବୃଦ୍ଧି ଓ ଖକଏ ଆଡ଼ମିଶନରେ ପ୍ରତ୍ୟେକ ବର୍ଷ ଡେଭଲପମେଣ୍ଟ ଫି ନାରେ ଡବଲ ଫିରେ କୋଟି କୋଟି ଟଙ୍କାର ଜାଲିଆତି ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ଦାବି କରାଯାଇଥିଲା । ସଂଘର ସଭାପତି ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ଆସନ୍ତା ମାର୍ଚ୍ଚ ୮ତାରିଖରେ ମଧ ବଡଗଡ ଥାନାରେ ମିଥ୍ୟା ତଥ୍ୟ ଦେଖାଇ ଫି ବୃଦ୍ଧି କରୁଥିବା ସ୍କୁଲ୍ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଏତଲା ଦେଇଥିଲା ଅଭିଭାବକ ସଂଘ । ଦୀର୍ଘ ୫୦ ଦିନର ସଙ୍ଘର୍ଷ ପରେ ସକାଳୁ ଶହ ଶହ ଅଭିଭାବକ ବିଧାୟକଙ୍କୁ ତାଙ୍କ ବାସଭବନରେ ଦେଖାକରି ଦୀର୍ଘ ଏକ ଘଣ୍ଟା ଧରି ଆଲୋଚନା କରିଥିଲେ । ଶେଷରେ ବିଧାୟକ ବାବୁ ସିଂ ଶିକ୍ଷା ବିଭାଗ ସଚୀବଙ୍କ ସହ କଥା ହୋଇ ଚଳିତ ବର୍ଷର ବର୍ଦ୍ଧିତ ଫିକୁ ବନ୍ଦ କରିବା ପାଇଁ ଚିଠି ଲେଖିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରେ ତଦନ୍ତ ଚାଲୁଥିବାରୁ, ତଦନ୍ତ ନ ସରିବା ପର୍ଯ୍ୟନ୍ତ ସ୍କୁଲ କୌଣସି ଫି ବୃଦ୍ଧି ନ କରିବା ନିର୍ଦ୍ଦେଶ ଦେବା ପାଇଁ ବିଧାୟକ ବାବୁ ସିଂ ଶିକ୍ଷା ବିଭାଗ ସଚୀବଙ୍କୁ ଚିଠି ଲେଖିଥିବା ଜଣାପଡିଛି । ଓଡ଼ିଶାରେ ବିଶେଷ କରି ରାଜଧାନୀ ଭୁବନେଶ୍ୱରରେ ପ୍ରଥମ ବିଧାୟକ ଭାବେ ବାବୁ ସିଂ ବିଜେପି ଲୋକ ସରକାର ବୋଲି ପରିଚୟ ଦେଇଛନ୍ତି । ବିଜେଇଏମ୍ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ହଜାର ପରିବାରକୁ ନ୍ୟାୟ ପ୍ରଦାନ କରି ଥିବାରୁ ସଭାପତି ରଞ୍ଜନ କୁମାର ଦାସ ତାଙ୍କୁ ସଂଘ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି । ତୁରନ୍ତ ତଦନ୍ତ ଶେଷ କରି ୨୦୧୬ ମସିହାରୁ ପ୍ରତ୍ୟେକ ବର୍ଷ ଫି ନେଇଥିବା ସ୍କୁଲ ଅଭିଭାବକଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି । ଆର୍ଥିକ ଅନିୟମୀୟତା ପାଇଁ ଇଓଡବ୍ଲୁ ଦ୍ୱାରା ତଦନ୍ତ କରିବା ପାଇଁ ସଂଘ ସଭାପତି ରଞ୍ଜନ କୁମାର ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ଦାବି କରିଛନ୍ତି ।

## ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଜୀତନ୍‌ରାମ ମାନ୍‌ଝୀ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର ପରିଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଜୀତନରାମ ମାନଝୀ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଦେଶରେ ବେରୋଜଗାରୀ ସମସ୍ୟା ହଟାଇବାକୁ କାମ କରୁଛି ଏମଏସଏମଇ ବିଭାଗ । ବିଭିନ୍ନ ଷ୍ଟାର୍ଟଅପ୍ ଯୋଜନା ମାଧ୍ୟମରେ ଯୁବ ବର୍ଗଙ୍କୁ ସଶକ୍ତ ତଥା ଆତ୍ମନିର୍ଭରଶୀଳ କରାଇବାକୁ ପ୍ରାଥମିକତା ଦେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପୂର୍ବୋଦୟର ବିକାଶରେ ହିଁ ଦେଶର ବିକାଶ ସମ୍ଭବ ହୋଇପାରିବ ବୋଲି କହିଛନ୍ତି କେନ୍ଦ୍ର ଏମଏସଏମଇ ମନ୍ତ୍ରୀ ଜୀତନରାମ ମାନଝୀ । ଭୁବନେଶ୍ୱର ସ୍ଥିତ ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର ପରିଦର୍ଶନ ସମୟରେ ରାଜ୍ୟ ସରକାରଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିବା ସହିତ ପୂର୍ବର ବିଜେଡି ସରକାରକୁ କଡ଼ା ସମାଲୋଚନା କରିଛନ୍ତି । ପୂର୍ବ ସରକାର କିଛି କାମ ନକରି କେବଳ ଶୋଇ ରହୁଥିଲା ବୋଲି ସେ କହିଛନ୍ତି । ଏହି ଅବସରରେ ଦେଶର ମହାକାଶ ଅଭିଯାନରେ ସିଟିଟିସିର ଅବଦାନକୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିଛନ୍ତି । ପୂର୍ବର ବହୁ ମିଶନରେ ଏହି ଅନୁଷ୍ଠାନର ଯୋଗଦାନ ରହିଥିବା ବେଳେ ଆଗକୁ ଗଗନ ଯାନ ମିଶନ ପାଇଁ ମଧ୍ୟ ଏଠାରୁ ବିଭିନ୍ନ ପ୍ରକାର ମେସିନାରୀ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ଅଗ୍ନି ନିର୍ବାପନ ପ୍ରଶିକ୍ଷଣ ଓ ମକ୍ ଡ୍ରିଲ୍

କଟକ(ଭାସ୍କର ନ୍ୟୁଜ୍): ଏକ ଶିକ୍ଷାନୁଷ୍ଠାନର ନିରାପତ୍ତା ନିମନ୍ତେ ଯେଉଁ କେତୋଟି ଦିଗ ଉପରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି, ଅଗ୍ନି ନିରାପତ୍ତା ତନ୍ମଧ୍ୟରୁ ଅନ୍ୟତମ । କର୍ମଚାରୀମାନଙ୍କଠାରୁ ଆରମ୍ଭ କରି ଶିକ୍ଷାର୍ଥୀମାନଙ୍କ ପର୍ଯ୍ୟନ୍ତ କିପରି ସମ୍ଭାବ୍ୟ ଅଗ୍ନି ଦୁର୍ବିପାକଠାରୁ ଦୂରେଇ ରହିବେ, ସେ ସମ୍ପର୍କରେ ପ୍ରଶିକ୍ଷଣ ନେବାର ଯଥେଷ୍ଟ ଆବଶ୍ୟକତା ରହିଛି । ସେଥିପାଇଁ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଅଗ୍ନିଶମ ନିରାପତ୍ତା ସପ୍ତାହ ଅବସରରେ ଏକ ‘ଅଗ୍ନି ନିର୍ବାପନ ପ୍ରଶିକ୍ଷଣ ଏବଂ ମକ୍ ଡ୍ରିଲ୍’ ଅନୁଷ୍ଠିତ ହୋଇଯାଇଛି । କଟକସ୍ଥିତ ଓଡ଼ିଶା ଅଗ୍ନି ସେବା ସଂସ୍ଥାର ସକ୍ରିୟ ସହଯୋଗରେ ଏହି ମକ୍ ଡ୍ରିଲ୍ ଆୟୋଜିତ ହୋଇଥିଲା । ଏଥିରେ ବିଦ୍ୟୁତ୍ ଅପଚୟ କମାଇବା ଉପରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା । ଏହାଦ୍ୱାରା ଧନ ଜୀବନ ଉଭୟ ହାନି ହେବାରୁ ରୋକାଯାଇ ପାରିବ । ଏହି ମକ୍ ଡ୍ରିଲରେ କଟକ ବିଡ଼ାନାସୀସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟର ଅଗ୍ନିଶମ ଅଧିକାରୀ ପ୍ରିୟରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଅଗ୍ନି ଯୋଦ୍ଧା ଅନନ୍ତ ଚରଣ ଦାସ, ଶ୍ରୀନିବାସ ସାହୁ, ସୁଶାନ୍ତ କୁମାର ପୃଷ୍ଟି ଏବଂ ଅଶୋକ ମହାନ୍ତି ଅଗ୍ନିକାଣ୍ଡରୁ ରକ୍ଷା ପାଇବାର ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିରାପତ୍ତା ଅଧିକାରୀ ସୁବେଦାର ଯାଦବ, ସହକାରୀ ନିରାପତ୍ତା ଅଧିକାରୀ ଭାରତବନ୍ଧୁ ଷଡ଼ଙ୍ଗୀ, ମାନବ ସମ୍ବଳ ବିକାଶ ବିଭାଗର ପରିଚାଳିକା ସୋନାଲି ବିହାରୀ ଏବଂ ସମ୍ପୃକ୍ତ ବିଭାଗର ବରିଷ୍ଠ କାର୍ଯ୍ୟନିର୍ବାହୀ ଯତିନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ । ଏଥିରେ ପ୍ରାୟ ୨୦୦ ଜଣ ଅଂଶଗ୍ରହଣକାରୀ ପ୍ରଶିକ୍ଷଣ ନେଇ କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ୯ମ ଥର ପାଇଁ ନବୀନ ବିଜେଡି ସଭାପତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୯ମ ଥରପାଇଁ ବିଜେଡିର ମଙ୍ଗ ଧରିବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଗୁରୁବାର ସେ ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହୋଇଥିବା ନେଇ ସୂଚନା ଦେଇଛନ୍ତି ଦଳର ନିର୍ବାଚନ ଅଧିକାରୀ ପ୍ରତାପ ଦେବ । ସେ କହିଛନ୍ତି, ଗୁରୁବାର ଶ୍ରୀ ପଟ୍ଟନାୟକ ଏକାକୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । କେବଳ ଔପଚାରିକ ଘୋଷଣା ବାକି ରହିଛି । ଆସନ୍ତା ୧୯ ତାରିଖରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବସି ସଭାପତି ଭାବେ ତାଙ୍କ ନାମ ଘୋଷଣା କରାଯିବ ବୋଲି ଶ୍ରୀ ଦେବ କହିଛନ୍ତି ।

## ବିଜୁବାବୁଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ଅଛି: ମନମୋହନ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ବିଜୁ ବାବୁଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ଅଛି । ଭଲ କାମ ପାଇଁ ତାଙ୍କୁ ଓଡିଶାବାସୀ ମନେ ରଖିବେ ବୋଲି କହିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ସେ କହିଛନ୍ତି ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଦିନ । ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ରାଜନୀତି ଉଦେଶ୍ୟ ପ୍ରଣୋଦିତ ବାକ୍ୟ । ଆମେ ପୂଜ୍ୟ ପୂଜାରେ ବିଶ୍ୱାସ ରଖୁ । ନବୀନଙ୍କ ଏଭଳି ବକ୍ତବ୍ୟ ଉଚିତ୍ ନୁହେଁ । ଯେଉଁ କଥା ସେ କହୁଛନ୍ତି ସେ ନିଜେ କହୁଛନ୍ତି ନା ତାଙ୍କୁ ତାଙ୍କ ଆଡ଼ଭାଇଜର ଆଡ଼ଭାଇସ ଦେଉଛନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି ଶ୍ରୀ ସାମଲ ।

## ନାବାର୍ଡ ସହଯୋଗରେ ଏସ୍‌ଏଚ୍‌ଜି ସଦସ୍ୟଙ୍କ ଜୀବିକାକୁ ପ୍ରୋତ୍ସାହିତ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ



ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ନାବାର୍ଡ ଓଡ଼ିଶା ଆଞ୍ଚଳିକର ସିଜିଏମ୍ ସୁଧାଂଶୁ କେ କେ ମିଶ୍ର ଏବଂ ତାଙ୍କ ଟିମ୍ ସହ ମିଶନ ଶକ୍ତି ଓ ନାବାର୍ଡ ମଧ୍ୟରେ ଏକ ସହଯୋଗୀ ଆଭିମୁଖ୍ୟରେ ଜୀବିକାର ପ୍ରଚାର ପ୍ରସାର ଏବଂ ଅଧିକ ସଂଖ୍ୟକ ଲକ୍ଷପତି ଦିଦି ସୃଷ୍ଟି ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ମିଶନ ନିର୍ଦ୍ଦେଶିକା-ତଥା-ସିଇଓ., ଓଏଲଏମ୍. ଏବଂ ମିଶନ ଶକ୍ତିର ନିର୍ଦ୍ଦେଶିକା,ଡ. ମୋନିକା ପ୍ରିୟଦର୍ଶନୀ, ବିଭାଗୀୟ ଓ ନାବାର୍ଡର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଉପମୁଖ୍ୟମନ୍ତ୍ରୀ ୨୦୨୭ ସୁଦ୍ଧା ରାଜ୍ୟରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ । ବିବିଧ ଏବଂ ସ୍ଥାୟୀ ଜୀବିକା ଏବଂ ଉଦ୍ୟୋଗ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ସମସ୍ତ ଲକ୍ଷପତି ଦିଦିମାନଙ୍କୁ ମହିଳା ଉଦ୍ୟୋଗୀରେ ପରିଣତ କରିବା ଲକ୍ଷ୍ୟ ରଖାଯାଇଛି । ନାବାର୍ଡ ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୧୯୭.୮୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ସିଜିଏମ୍ ସୂଚନା ଦେଇଛନ୍ତି । ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଓ ନାବାର୍ଡ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ଆର୍ଥିକ ବର୍ଷ ୨୦୨୪-୨୫ ରେ ଓଡିଶା ପାଇଁ ୫୯ଟି କ୍ଷୁଦ୍ର ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ(ଏମ୍‌ଇଡିପି), ୧୫ଟି ଜୀବିକା ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ (ଏଲଇଡିପି), ୬ଟି ଭ୍ରମଣକାରୀ ଯାନ ଓ ୩ଟି ଗ୍ରାମୀଣ ଦୋକାନ ମଂଜୁର କରାଯାଇଛି । ଉପମୁଖ୍ୟମନ୍ତ୍ରୀ ବିଶେଷ କରି ସହରାଞ୍ଚଳରେ ଘରେ ତିଆରି ଓଡ଼ିଆ ଖାଦ୍ୟକୁ ଲୋକପ୍ରିୟ କରିବା ପାଇଁ ସେ ଲକ୍ଷପତି ଦିଦି ଓ ସୁଭଦ୍ରା ଶକ୍ତିର ମିଳିତ ବ୍ରାଣ୍ଡିଂ ମାଧ୍ୟମରେ ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା କମ୍ୟୁନିଟି କିଚେନ୍ ଶୁଭାରମ୍ଭ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ପୁରୀ ଓ କୋଣାର୍କରେ ପରୀକ୍ଷାମୂଳକ ଭାବେ ଏହି କମ୍ୟୁନିଟି କିଚେନ୍ ଆରମ୍ଭ ହୋଇପାରିବ । ଅଧିକାଂଶ ପର୍ଯ୍ୟଟନ ସ୍ଥଳ ଥିବା ସ୍ଥାନରେ ଏସ୍‌ଏଚଜି ମହିଳାଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ଖାଦ୍ୟଟ୍ରକ୍ ଯୋଜନାକୁ ନାବାର୍ଡ ଆବଶ୍ୟକୀୟ ଆର୍ଥିକ ସହାୟତା ଦେବାକୁ ଉପମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । ଦରକାର ପଡିଲେ ଏଥିପାଇଁ ନାବାର୍ଡର ଉପରିସ୍ଥ ଅଧିକାରୀଙ୍କର ସ୍ୱତନ୍ତ୍ର ଅନୁମତି ଆଣିବା ଉପରେ ସେ ଗୁରୁତ୍ୱ ଦେଇଥିଲେ ।

वित्त मंत्रालय
MINISTRY OF FINANCE
सत्यमेव जयते

ତ୍ରୈମାସିକ ଫେରସ୍ତ
ମାସିକ ଦେୟ (କ୍ୟୁଆର୍‌ଏମ୍‌ପି)

କ୍ଷୁଦ୍ର କରଦାତାଙ୍କ ପାଇଁ ବ୍ୟବସାୟ କରିବା ସହଜ କରିବା ନିମନ୍ତେ ଏକ ପଦକ୍ଷେପ, ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ବାର୍ଷିକ ୫ କୋଟି ପର୍ଯ୍ୟନ୍ତ କାରବାର କରିବା

କ୍ୟୁଆର୍‌ଏମ୍‌ପି ଯୋଜନାର ଲାଭ ଉଠାଇବାକୁ ଚାହୁଁଥିବା ଯୋଗ୍ୟ କରଦାତାମାନେ ଜିଏସ୍‌ଟି ପୋର୍ଟାଲରେ (www.gst.gov.in) ନିମ୍ନଲିଖିତ ପଦକ୍ଷେପଗୁଡ଼ିକ ଗ୍ରହଣ କରି ଏଥିରେ ସାମିଲ ହୋଇପାରିବେ

କରଦାତାଙ୍କ ଇଣ୍ଟରଫେସରେ ଲଗ୍ ଇନ୍ କରନ୍ତୁ
ତ୍ରୈମାସିକ ଫେରସ୍ତ ବିକଳ୍ପ ପାଇଁ ସେବା>ଫେରସ୍ତ> ଅପ୍ଟ-ଇନ୍ କୁ ଯାଆନ୍ତୁ

କ୍ୟୁଆର୍‌ଏମ୍‌ପି ଯୋଜନାର ଲାଭ ଉଠାଇଥିବା କରଦାତାମାନଙ୍କୁ ଏହି ଯୋଜନାରେ ପୁନଃ ଆବେଦନ କରିବାକୁ ପଡିବ ନାହିଁ

ଲାଭ

ପ୍ରତି ତ୍ରୈମାସରେ ଥରେ ଜିଏସ୍‌ଟିଆର୍-୧ ଏବଂ ଜିଏସ୍‌ଟିଆର୍-ବି ଇ ଫର୍ମରେ ଜିଏସ୍‌ଟି ଷ୍ଟେଟମେଣ୍ଟ/ରିଟର୍ଣ୍ଣ ଦାଖଲ କରନ୍ତୁ
ଏକ ତ୍ରୈମାସିକର ପ୍ରଥମ ଦୁଇ ମାସରେ ସ୍ଥିର ରାଶି ପଦ୍ଧତି (ପୂର୍ବ-ପୂରଣିତ ଚାଲାଣ) କିମ୍ବା ସ୍ୱୟଂ-ମୂଲ୍ୟାୟନ ପଦ୍ଧତି (ଆଇଟିସିଉ ଆଡଜଷ୍ଟ କରିବା ପରେ ପ୍ରକୃତ ଟିକସ) ବ୍ୟବହାର କରି ସୁବିଧାଜନକ ଭାବରେ ମାସିକ ଟିକସ ପୈଠ କରନ୍ତୁ
ସହଜରେ ଯୋଜନାରେ ସାମିଲ ହୁଅନ୍ତୁ ଏବଂ ଯୋଜନାରୁ ବାହାରନ୍ତୁ
ଏକ ଫ୍ଲେକ୍ସିବଲ୍ ଇନଭଏସ୍ ଫର୍ଣ୍ଣିସିଂ (ଆଇଏଫ୍‌ଏଫ୍)ର ସୁବିଧା ଉପଭୋଗ କରନ୍ତୁ
ପ୍ରତି ତ୍ରୈମାସରେ ଥରେ ଆଇଟିସି ଏବଂ ଟିକସର ଆତ୍ମ ମୂଲ୍ୟାଙ୍କନ

୨୦୨୫-୨୬ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରୁ କ୍ୟୁଆର୍‌ଏମ୍‌ପି ଯୋଜନା ବାଛିବାର ଶେଷ ତାରିଖ ହେଉଛି
୩୦ ଏପ୍ରିଲ, ୨୦୨୫

ଯୋଗ୍ୟ ପଞ୍ଜିକୃତ ବ୍ୟକ୍ତି ପୂର୍ବ ତ୍ରୟମାସର ଦ୍ୱିତୀୟ ମାସର ପ୍ରଥମ ଦିନରୁ ପ୍ରଥମ ମାସର ଶେଷ ଦିନ ପର୍ଯ୍ୟନ୍ତ ଯେକୌଣସି ତ୍ରୈୟମାସ ପାଇଁ ଚୟନ କରିପାରିବେ

କ୍ୟୁଆର୍‌ଏମ୍‌ପି ସ୍କିମ୍ ବିଷୟରେ ଅଧିକ ବିବରଣୀ ପାଇଁ ଦୟାକରି ସ୍କାନ କରନ୍ତୁ

ଅଧିକ ବିବରଣୀ ପାଇଁ, ଦୟାକରି ବିଜ୍ଞପ୍ତି ନମ୍ବର ୮୧ ରୁ ୮୫/୨୦୨୦-କେନ୍ଦ୍ରୀୟ ଟିକସ ଏବଂ ସର୍କୁଲାର ନମ୍ବର ୧୪୩/୧୩/୨୦୨୦-ଜିଏସ୍‌ଟି ଦେଖନ୍ତୁ, ସବୁଗୁଡ଼ିକର ତାରିଖ ୧୦.୧୧.୨୦୨୦

ଜିଏସ୍‌ଟି ରିଟର୍ଣ୍ଣ ଫାଇଲିଂ: ଏହା ଦ୍ରୁତ, ସହଜ ଏବଂ ସରଳୀକୃତ ଅଟେ

କେନ୍ଦ୍ରୀୟ ଅପ୍ରତ୍ୟକ୍ଷ କର ବୋର୍ଡ ଏବଂ ସୀମାଶୁଳ୍କ
@cbicindia @cbic_india @cbicindia @CBICINDIA CBIC India

CBC- 15502/13/0002/2526

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



### ଶେଷରେ ଗଣମାଧ୍ୟମ ଓ ଶିକ୍ଷା କ୍ଷେତ୍ରକୁ ବି ଟାର୍ଗେଟ୍

## ଟ୍ରମ୍ପଙ୍କ ନିଷ୍ପତ୍ତି ଯୋଗୁଁ ଜଟିଳ ସ୍ଥିତି

ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ସର୍ବବୃହତ୍ ମହାଶକ୍ତି ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ଦିନରୁ ହିଁ ଗୋଟିଏ ପରେ ଗୋଟିଏ ବିବାଦୀୟ ନିଷ୍ପତ୍ତି ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ନିଜର ତୁଣ୍ଡ ଉପରେ ଲଗାମ୍ ରଖୁନଥିବାରୁ ତାଙ୍କର ଅନେକ ମନ୍ତବ୍ୟ କେବଳ ନିଜ ଦେଶ ଭିତରେ ନୁହେଁ, ବିଶ୍ୱବ୍ୟାପୀ ଝଡ଼ ସୃଷ୍ଟି କରୁଛି। ଗତ କିଛିଦିନ ଭିତରେ ସାରା ବିଶ୍ୱ ଉପରେ ଲଦି ଦେଇଥିବା ଶୁଳ୍କ ଯୁଦ୍ଧ ଯୋଗୁଁ ବାଣିଜ୍ୟ ଓ ଅର୍ଥନୀତି କ୍ଷେତ୍ରରେ ବଡ଼ଧରଣର କମ୍ପନ ଅନୁଭୂତ ହୋଇଛି ଏବଂ ଅନ୍ୟ ବହୁ ରାଷ୍ଟ୍ର ସହ ଖୋଦ୍ ଆମେରିକା ମଧ୍ୟ ଏହାଦ୍ୱାରା କ୍ଷତି ସହିବାକୁ ଯାଉଛି। ଏହାରି ଭିତରେ ରାଷ୍ଟ୍ରପତି ଟ୍ରମ୍ପ୍ ଏବେ ଗଣମାଧ୍ୟମ ଓ ଶିକ୍ଷା କ୍ଷେତ୍ରକୁ ମଧ୍ୟ ନାଲିଆଖି ଦେଖାଇବା ଆରମ୍ଭ କରିଛନ୍ତି। ତାଙ୍କର ଟାର୍ଗେଟ୍‌ରେ ବଡ଼ ବଡ଼ ଗଣମାଧ୍ୟମ ସଂସ୍ଥା ଓ ପୃଥିବୀର ଅନ୍ୟତମ ସର୍ବଶ୍ରେଷ୍ଠ ଶିକ୍ଷାୟତନ ହାଭାର୍ଡ ବିଶ୍ୱବିଦ୍ୟାଳୟ ରହିଥିବାର ଦେଖାଯାଉଛି। ଟ୍ରମ୍ପଙ୍କ ସର୍ବଶେଷ ନିଷ୍ପତ୍ତି ଅନୁଯାୟୀ ରଏଟର୍ସ, ଏପି ଓ ବ୍ଲୁମବର୍ଗ ଭଳି ବିଶ୍ୱର ପ୍ରମୁଖ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଏଣିକି ରାଷ୍ଟ୍ରପତିଙ୍କ ବିଭିନ୍ନ କାର୍ଯ୍ୟକଳାପକୁ ସିଧାସଳଖ ସମ୍ବାଦ ଆକାରରେ ପରିବେଷଣ କରିପାରିବେ ନାହିଁ। ଏଥିସହିତ ଟ୍ରମ୍ପ୍ ପ୍ରଶାସନ ହ୍ୱାଇଟ୍ ହାଉସ୍ ପ୍ରେସ୍ ପୁଲ୍‌ରୁ ଏହି ତିନୋଟି ବଡ଼ ସମ୍ବାଦ ସଂସ୍ଥାକୁ ବାଦ୍ ଦେବା ଲାଗି ନିଷ୍ପତ୍ତି ନେଇଛି। ଫଳରେ ପ୍ରେସ୍ ପୁଲ୍‌ରେ ଏଣିକି ଏହି ତିନି ସଂସ୍ଥାକୁ ସ୍ଥାୟୀ ଜାଗା ମିଳିବ ନାହିଁ ବୋଲି ହ୍ୱାଇଟ୍ ହାଉସ୍ ସ୍ପଷ୍ଟ କରିଛି। ସାଧାରଣତଃ ପ୍ରେସ୍ ପୁଲ୍‌ରେ ଦଶଟି ଗଣମାଧ୍ୟମ ସଂସ୍ଥା ଅନ୍ତର୍ଭୁକ୍ତ ରହନ୍ତି, ଯେଉଁମାନେ କି ରାଷ୍ଟ୍ରପତିଙ୍କ ଛୋଟବଡ଼ ଗତିବିଧିକୁ ସିଧାସଳଖ ସମ୍ବାଦ ଆକାରରେ ପରିବେଷଣ କରିଥାନ୍ତି। ଏହାପରେ ଅନ୍ୟ ସାମ୍ବାଦିକଙ୍କୁ ତାହା ପରିବେଷଣ ନିମନ୍ତେ ଯୋଗାଇଥାନ୍ତି। ଟ୍ରମ୍ପ୍ ପ୍ରଶାସନର ଏଭଳି ବିଚିତ୍ର ନିଷ୍ପତ୍ତି ଯୋଗୁଁ ଦୀର୍ଘ ୧୧୧ବର୍ଷର ଏକ ପୁରାତନ ପରମ୍ପରା ଭାଙ୍ଗିବାକୁ ଯାଉଛି। ସେହିପରି ଶିକ୍ଷା କ୍ଷେତ୍ରରେ ମଧ୍ୟ ଟ୍ରମ୍ପ୍‌ଙ୍କ ହସ୍ତକ୍ଷେପ ସାରା ଦୁନିଆରେ ହଇଚଇ ସୃଷ୍ଟି କରିଛି। ଆମେରିକାରେ ଅବସ୍ଥିତ ହାଭାର୍ଡ ବିଶ୍ୱବିଦ୍ୟାଳୟ ସାରା ବିଶ୍ୱର ହାତଗଣତି ସୁପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଅନ୍ୟତମ। ପୃଥିବୀର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରି ସୁଖ୍ୟାତି ଅର୍ଜନ କରିଥିବା ବୈଜ୍ଞାନିକ, ଚିନ୍ତାନାୟକ ଓ ବୁଦ୍ଧିଜୀବୀମାନେ ଏହି ବିଶ୍ୱବିଦ୍ୟାଳୟରୁ ହିଁ ଶିକ୍ଷାଲାଭ କରିଥାନ୍ତି। ମାତ୍ର ଏହି ଶିକ୍ଷାୟତନ ଏବେ ଟ୍ରମ୍ପ୍‌ଙ୍କ କୋପଦୃଷ୍ଟିରେ ପଡିଛି ଏବଂ ଏହାର ସାଂପ୍ରତିକ ସ୍ଥିତିକୁ ନେଇ ସେ କ୍ଷୁବ୍ଧ ହୋଇଛନ୍ତି। ରାଷ୍ଟ୍ରପତି ଖୋଲାଖୋଲି ଭାବରେ ଏହି ବିଶ୍ୱପ୍ରସିଦ୍ଧ ଶିକ୍ଷାନୁଷ୍ଠାନକୁ ସମାଲୋଚନା କରି କହିଛନ୍ତି ଯେ, ହାଭାର୍ଡ ବିଶ୍ୱବିଦ୍ୟାଳୟ ତାହାର ଗୌରବ ହରାଇ ସାରିଛି ଏବଂ ଏହାର ପରିସର ଶିକ୍ଷାଲାଭ ପାଇଁ ସୌହାର୍ଦ୍ଦ୍ୟପୂର୍ଣ୍ଣ ହୋଇ ରହିନାହିଁ। ବରଂ ବର୍ତ୍ତମାନ ଏହା ଏକ 'ପରିହାସ କ୍ଷେତ୍ର'ରେ ପରିଣତ ହୋଇଛି ବୋଲି ସେ ମନ୍ତବ୍ୟ ଦେଇଛନ୍ତି। ଏଭଳି ଅବସ୍ଥା ଲାଗି ରହିଲେ ଏହି ବିଶ୍ୱବିଦ୍ୟାଳୟକୁ ଟିକସ ପରିସରଭୁକ୍ତ କରିବେ ବୋଲି ଧମକ ଦେବାକୁ ସେ ପଛାଇ ନଥିଲେ। ସେହିପରି ଆମେରିକା ଫେଡେରାଲ୍ ସରକାରଙ୍କ ପକ୍ଷରୁ ଏହି ବିଶ୍ୱବିଦ୍ୟାଳୟକୁ ଯେଉଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ, ତାହାକୁ ମଧ୍ୟ କାଟଛାଣ୍ଟ କରାଯିବ ବୋଲି ଟ୍ରମ୍ପ୍ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ହାଭାର୍ଡ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଟ୍ରମ୍ପ୍‌ଙ୍କ ଅଭିଯୋଗର ତୁରନ୍ତ ଜବାବ୍ ଦେଇ ହ୍ୱାଇଟ୍ ହାଉସ୍‌ର ନାଲିଆଖିକୁ ଭ୍ରୁକ୍ଷେପ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଯେପରି ମନେହେଉଛି ବିଶ୍ୱର ବୃହତ୍ ସମ୍ବାଦ ସଂସ୍ଥା ଓ ବିଶ୍ୱବିଦ୍ୟାଳୟ ସହ ରାଷ୍ଟ୍ରପତି ଟ୍ରମ୍ପ୍ ଏକରକମ ମୁହାଁମୁହିଁ ସ୍ଥିତିରେ ପହଞ୍ଚି ପାରିଛନ୍ତି। ଟ୍ରମ୍ପ୍‌ଙ୍କ ଦୈନନ୍ଦିନ ନିଷ୍ପତ୍ତି ଯୋଗୁଁ କେବଳ ଆମେରିକା ନୁହେଁ, ବର୍ତ୍ତମାନ ସମଗ୍ର ବିଶ୍ୱ ତ୍ରାହିତ୍ରାହି ଡାକିବା ଆରମ୍ଭ କରିଛି।

### ନୀତିବାଣୀ

**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଉତ୍କଳ ଗୌରବ ମଧୁସୂଦନ ଓ ମହାତ୍ମା ଗାନ୍ଧୀ



ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

"LONG LIVE MADHUSUDAN DAS, I HAD GATHERED THE IMPRESSION THAT YOU WERE NO MORE. THIS IS PROOF POSITIVE OF MY STUPIDITY BUT LET IT ALSO BE PROOF THAT GOD STILL HAS SERVICE TO TAKE FROM YOU FOR MANY A LONG YEAR TO COME." – ୧୯୩୨ ନଭେମ୍ବର ୧୮ ତାରିଖରେ ଉତ୍କଳ ଗୌରବ ମଧୁସୂଦନଙ୍କ ପାଖକୁ ମହାତ୍ମା ଗାନ୍ଧୀ ଏହି ତାରବାର୍ତ୍ତା ପଠାଇଥିଲେ। ସେହିମାସ ୧୪ ତାରିଖରେ ବମ୍ବେ କ୍ରନିକିଲ୍ ପତ୍ରିକା ପାଇଁ ଅସ୍ପୃଶ୍ୟତା ସମ୍ପର୍କରେ ଗାନ୍ଧୀଜୀ ଏକ ଲେଖା ପ୍ରସ୍ତୁତ କରୁଥିବାବେଳେ ମଧୁବାବୁଙ୍କ ଦେହାନ୍ତ ହୋଇଯାଇଛି ବୋଲି ଏକ ଭୁଲ୍ ଖବର ପାଇଥିଲେ। ଏହି ଲେଖାରେ ସେ ମଧୁବାବୁଙ୍କର ଭୂୟସୀ ପ୍ରଶଂସା କରିବା ସହିତ ତାଙ୍କୁ ସ୍ୱର୍ଗତ ବୋଲି ଉଲ୍ଲେଖ କରିଥିଲେ ଏବଂ ତାହା ପ୍ରକାଶ ପାଇବା ପରେ ମଧୁବାବୁ ଜୀବିତ ଥିବା ଘେନି ଗାନ୍ଧୀଜୀ ଜାଣିବାକୁ ପାଇଲେ। ଏଥିରେ ସେ ଖୁବ୍ ବ୍ୟଥିତ ହେଲେ ଏବଂ ମଧୁବାବୁଙ୍କ ନିକଟରୁ କ୍ଷମା ପ୍ରାର୍ଥନା କରି ଯେଉଁ ବିବୃତ୍ତି ଦେଇଥିଲେ ତାହା ବମ୍ବେ କ୍ରନିକିଲ୍‌ରେ ୧୯ ନଭେମ୍ବର ୧୯୩୨ରେ ପ୍ରକାଶ ପାଇଥିଲା। ପରେ ପରେ ନିଜର ଭୁଲ୍ ସ୍ୱୀକାର କରି ଗାନ୍ଧୀଜୀ ତାଙ୍କ ଟେଲିଗ୍ରାମ୍‌ରେ ଲେଖିଥିଲେ, 'ମଧୁସୂଦନ ଦାସ ଦୀର୍ଘଜୀବୀ ହୁଅନ୍ତୁ, ମୋତେ ଧାରଣା ଦିଆଯାଇଥିଲା ଯେ ଆପଣ ଆଉ ଇହ ଜଗତରେ ନାହାଁନ୍ତି। ଏହା ମୋ ଅଜ୍ଞତାର ପ୍ରମାଣ କରୁଛି। ଏହା ମଧ୍ୟ ପ୍ରମାଣ କରୁଛି ଯେ ଆଗାମୀ ବହୁବର୍ଷ ପର୍ଯ୍ୟନ୍ତ ଈଶ୍ୱର ଆପଣଙ୍କ ସେବା ଗ୍ରହଣ କରିବାକୁ ଚାହୁଁଛନ୍ତି।'

ଗାନ୍ଧୀଜୀଙ୍କର ଏକ ବିଶେଷ ଗୁଣ ଥିଲା ନିଜ ଭୁଲ୍‌କୁ ନିଜେ ଖୋଲାଖୋଲି ଭାବେ ସ୍ୱୀକାର କରି ସୁଧାରି ନେବା। ୧୯୩୪ ଫେବୃୟାରୀ ୪ ତାରିଖରେ ମଧୁବାବୁଙ୍କ ଦେହାନ୍ତ ହେବା ପରେ ତାଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜଣାଇ ଗାନ୍ଧୀଜୀ ଲେଖିଥିଲେ, 'ସ୍ୱର୍ଗତ ମଧୁସୂଦନ ଦାସଙ୍କୁ ସାକ୍ଷାତ କରିବାର ସୌଭାଗ୍ୟ ମୋତେ ମିଳିଥିଲା। ସେ ଜଣେ ମହାନ ଦେଶପ୍ରେମୀ ଥିଲେ। ଧର୍ମ ପ୍ରସଙ୍ଗରେ ତାଙ୍କର ବିଚାର ଥିଲା ଅତି ଉଦାର। ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ମଧ୍ୟ ନିଜ ଧର୍ମ ବିଶ୍ୱାସ ପ୍ରତି ଯେମିତି ସମ୍ମାନ ପ୍ରଦର୍ଶନ କରୁଥିଲେ ସେହିଭଳି ସେ ହିନ୍ଦୁ ଧର୍ମକୁ ମଧ୍ୟ ସମ୍ମାନ ଦେଉଥିଲେ। ଶ୍ରମର ମର୍ଯ୍ୟାଦା ସମ୍ପର୍କରେ ଦେଶବାସୀ ଓ ଯୁବ ସମାଜକୁ ଚେତାଇ ଚେତାଇ ସେ ନିଜକୁ ନିସ୍ୱ କରିଦେଇଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ତାଙ୍କ ତ୍ୟାଗର ପ୍ରତୀକ ଉତ୍କଳ ଟ୍ୟାନେରୀ ହେଉଛି ଏହାର ପ୍ରମାଣ।'

ମଧୁବାବୁ ଯେତେବେଳେ ବିହାର ଓଡ଼ିଶା ସରକାରରେ ପ୍ରଥମ ଓଡ଼ିଆ ମନ୍ତ୍ରୀଭାବେ ଯୋଗ ଦେଲେ ସେତେବେଳେ କଲେଜ ପାଠପଢା ଛାଡି ଅସହଯୋଗ ଆନ୍ଦୋଳନରେ ଝାସ ଦେଇଥିବା କିଛି ଯୁବ ସଂଗ୍ରାମୀ ତାଙ୍କୁ ତୀବ୍ର ବିରୋଧ କରିଥିଲେ। ପରେ ଏ ସଂକ୍ରାନ୍ତରେ ଗାନ୍ଧୀଜୀ ଲେଖିଥିଲେ, 'ଦେଶର ବିଭିନ୍ନ ରାଜ୍ୟର ମନ୍ତ୍ରୀମାନେ ଯଦି ମଧୁସୂଦନ ଦାସ ବା ଚିନ୍ତାମଣିଙ୍କ ପରି ସ୍ୱାଧୀନଚେତା ହୋଇ କାମ କରନ୍ତି ତେବେ ଭାରତୀୟମାନଙ୍କ ମନ୍ତ୍ରିତ୍ୱ ଗ୍ରହଣରେ ତାଙ୍କର କୌଣସି ଆପତ୍ତି ନାହିଁ।' ବିଦ୍ୟାଳୟମାନଙ୍କରେ କୃଷି ଓ ଗ୍ରାମ୍ୟ ଶିଳ୍ପକୁ ବାଧ୍ୟତାମୂଳକ ପାଠ୍ୟକ୍ରମ ଭାବେ ରଖିବା ପାଇଁ ୧୮୯୭ ମସିହାରୁ ମଧୁବାବୁ ଦାବି କରିଆସୁଥିଲେ। ବଙ୍ଗଳା ବ୍ୟବସ୍ଥାପକ ସଭାରେ ୧୯୧୦ ମସିହାରେ ମଧୁବାବୁ କହିଥିଲେ ଯେ ବର୍ତ୍ତମାନର ପ୍ରଚଳିତ ଶିକ୍ଷା ଗାଁ ଗହଳରେ ପଶିବାରୁ ଗ୍ରାମାଞ୍ଚଳର କୁଶଳୀ କାରିଗରମାନଙ୍କ ସୂକ୍ଷ୍ମ କଳାରେ ତାଲିମପ୍ରାପ୍ତ ହାତ ସବୁ ଆପେ ଆପେ ଖସି ପଡୁଛି। ଶିକ୍ଷାକୁ ବୃତ୍ତିଭିତ୍ତିକ କରାଗଲେ ଛାତ୍ରଛାତ୍ରୀମାନେ ସ୍ୱାବଲମ୍ବି ହେବା ସହ ଶିକ୍ଷାବାବଦ ଖର୍ଚ୍ଚ ନିଜେ ମଧ୍ୟ ରୋଜଗାର କରିପାରିବେ ବୋଲି ମଧୁବାବୁଙ୍କ ମନ୍ତବ୍ୟ ଥିଲା ଗାନ୍ଧୀଜୀଙ୍କ ପାଇଁ ଆପ୍ତବାଣୀ। ବିନା ବେତନରେ ମନ୍ତ୍ରୀଭାବେ କାମ କରିବା ଲାଗି ମଧୁବାବୁଙ୍କ ଜିଦ୍ ଗାନ୍ଧୀଜୀଙ୍କୁ ଚକିତ କରିଦେଇଥିଲା। ଯେଉଁ ହାତରେ ଜଣେ ରୁଟି କି ଅନ୍ୟ ଖାଦ୍ୟ ଖାଏ, ସେହି ହାତରେ ହିଁ ସେ ଏହାର ଉପାର୍ଜନ କରିବାକୁ ପଡିବ ବୋଲି ପାଟନାରେ ଏକ ଭାଷଣରେ ମଧୁବାବୁ ଯାହା ଉଲ୍ଲେଖ କରିଥିଲେ ତାହା ଗାନ୍ଧୀଜୀଙ୍କ ଦୃଷ୍ଟିରେ ତାଙ୍କୁ ଦ୍ୱିତୀୟ ଟଲଷ୍ଟୟରେ ପରିଣତ କରିଥିଲା। ୧୯୨୧ ମାର୍ଚ୍ଚ ୨୩ରେ ଗାନ୍ଧୀଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ପରେ ମଧୁବାବୁଙ୍କ ଅନୁରୋଧକ୍ରମେ ୧୯୨୫ ଅଗଷ୍ଟ ୧୯ ଓ ୨୦ ତାରିଖରେ ଗାନ୍ଧୀଜୀ ଓଡ଼ିଶା ଗସ୍ତରେ ଆସି ତାଙ୍କ ଆତିଥେୟତା ଗ୍ରହଣ କରିବା ସହ କଟକସ୍ଥିତ ମଧୁବାବୁଙ୍କ ଘରେ ରହିଥିଲେ ଓ ତାଙ୍କ ପ୍ରତିଷ୍ଠିତ ଉତ୍କଳ ଟ୍ୟାନେରି ପରିଦର୍ଶନ କରିଥିଲେ। ବିଶେଷକରି ଆର୍ଥିକ ଦୂରବସ୍ଥାରୁ ଉତ୍କଳ ଟ୍ୟାନେରିକୁ ରକ୍ଷା କରିବା ପାଇଁ ଘନଶ୍ୟାମ ଦାସ ବିରଳାଙ୍କୁ ଗାନ୍ଧୀଜୀ ପ୍ରଭାବିତ କରିଥିଲେ। ତେବେ ବହୁ ପ୍ରତିକୂଳ ପରିସ୍ଥିତି ଭିତରେ ନିଜସ୍ୱ ଅର୍ଥରେ ଗଢ଼ିଥିବା ଓଡ଼ିଆ ଜାତିର ଏହି କୋଠ ସମ୍ପତ୍ତିକୁ ସେ କୌଣସି ଅଣଓଡିଆଙ୍କ ହାତରେ ଟେକି ଦେଇପାରିବେ ନାହିଁ ବୋଲି ମଧୁବାବୁଙ୍କ ଜିଦ୍ ଯୋଗୁଁ ଗାନ୍ଧୀଜୀ ଏ କ୍ଷେତ୍ରରେ ଆଗେଇ ପାରିନଥିଲେ। ସାବରମତୀ ଆଶ୍ରମରେ ଏକ ଟ୍ୟାନେରି ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରି ଏ ଦିଗରେ ତାଙ୍କୁ ମାର୍ଗଦର୍ଶନ ଦେବା ଓ ତାଲିମପ୍ରାପ୍ତ ପ୍ରଶିକ୍ଷକ ପଠାଇବା ଲାଗି ମଧୁବାବୁଙ୍କୁ ଅନୁରୋଧ କରି ଗାନ୍ଧୀଜୀ ପରେ ଚିଠି ଲେଖିଥିଲେ।

### ଗାନ୍ଧୀ ବିଚାର

ଉତ୍କଳ ଟ୍ୟାନେରି ପରିଦର୍ଶନ କାର୍ଯ୍ୟକ୍ରମ ଗାନ୍ଧୀଜୀଙ୍କୁ ଅସ୍ପୃଶ୍ୟତା ନିବାରଣ, ସ୍ୱଦେଶୀ ଓ ସ୍ୱାବଲମ୍ବନ ପ୍ରସଙ୍ଗରେ ନୂଆ ଚେତନା ଦେଇଥିଲା। ଏ କଥା ସେ ବାରମ୍ବାର ବିଭିନ୍ନ ପତ୍ରପତ୍ରିକାରେ ଲେଖିଛନ୍ତି। ମଧୁବାବୁଙ୍କ ଘରେ ଗାନ୍ଧୀଜୀ ଓଡ଼ିଶାର ନେତାମାନଙ୍କ ବୈଠକ କରିଛନ୍ତି। ଏଇଠି ବି ଓଡ଼ିଶାରେ ଖଦି ଓ ଗ୍ରାମ୍ୟ ଶିଳ୍ପର ବିକାଶ ଲାଗି ମାନସମନ୍ଥନ ହୋଇଛି। ଏଇଠି କଂଗ୍ରେସ କର୍ମୀମାନଙ୍କୁ ଜାତୀୟ ଶିକ୍ଷା ସମ୍ବନ୍ଧରେ ବୁଝାଉ ବୁଝାଉ ଗାନ୍ଧୀଜୀ କହିଥିଲେ,'ବର୍ତ୍ତମାନର ଶିକ୍ଷା ଆମର ବୁଦ୍ଧିକୁ ପାଶ୍ଚାତ୍ୟ ସଭ୍ୟତାର ଚପାକାଗଜ (ବ୍ଲଟିଙ୍ଗ୍ ସିଟ୍‌ସ ଅଫ୍ ମଡର୍ଣ୍ଣ ସିଭିଲାଇଜେସନ୍) ଭଳି କରିଦେଇଛି। ମଧୁବାବୁ ଏହାର ସ୍ପଷ୍ଟିକରଣ ଲୋଡିବାରୁ ଗାନ୍ଧୀ କହିଥିଲେ, 'ଆମ ମୁଣ୍ଡରେ ପଶ୍ଚିମୀ ସଭ୍ୟତାର ଠିକ୍ ଠିକ୍ ଓ ସାଫ୍ ସାଫ୍ ଛାପ ଉଠୁନାହିଁ। ଚପା କାଗଜରେ ଅକ୍ଷର ଓଲଟାହୋଇ ଛପି ଉଠେ ଓ ପଢ଼ିହୁଏ ନାହିଁ। ସେମିତି କେତେ ଗୁଡାଏ ଗୋଳମାଳିଆ ଦାଗ ମାତ୍ର ରହିଯାଉଛି। ସୁତରାଂ ଆମ ବୁଦ୍ଧିବୃତ୍ତି ପଶ୍ଚିମୀ ଶିକ୍ଷାର କାଳିମା ଦାଗରେ ଗୋଳମାଳିଆଧରି ଆମକୁ ଅକର୍ମଣ୍ୟ ଓ ହୀନବୁଦ୍ଧି କରିଦେଉଛି।' ୧୯୨୭ ଡିସେମ୍ବର ମାସରେ ଗାନ୍ଧୀଜୀଙ୍କ ଦୀର୍ଘ ଓଡ଼ିଶା ଗସ୍ତବେଳେ ସେ କଟକରେ ତିନିଦିନ ଅବସ୍ଥାନ କରିଥିଲେ। ଏହି ସମୟରେ ଗାନ୍ଧୀଜୀଙ୍କ ମୌନ ଦିବସ ଥିବା ସତ୍ତ୍ୱେ ସେ ମଧୁବାବୁଙ୍କ ସହ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିବା ଏବଂ ଅସୁସ୍ଥ ଗାନ୍ଧୀଙ୍କ ଉପଚାର ନିଜେ ମଧୁବାବୁ କରିଥିବା ଶୈଳବାଳା ଦାସ ଲେଖିଛନ୍ତି।

ଓଡ଼ିଶା ଭିତରେ ଓ ବାହାରେ ବିଭିନ୍ନ ସଭା ସମିତିରେ ଏବଂ ପତ୍ରପତ୍ରିକାରେ ଗାନ୍ଧୀଜୀ ମଧୁବାବୁଙ୍କ ପ୍ରସଙ୍ଗରେ ବାରମ୍ବାର ଉଲ୍ଲେଖ କରିଛନ୍ତି। ୧୯୩୪ ସେପ୍ଟେମ୍ବର ୭ ତାରିଖରେ ଗାନ୍ଧୀଜୀ ଏକ ନିବନ୍ଧରେ ଲେଖିଥିଲେ ଯେ ଦେଶରେ ଚିନ୍ତାଶକ୍ତି ଓ ଶାରୀରିକ ଶ୍ରମର ଅଭାବ ଆମକୁ ବିଶ୍ୱରେ ସବୁଠାରୁ ଦରିଦ୍ର ଓ ସ୍ୱଳ୍ପାୟୁ ଜାତିରେ ପରିଣତ କରିଛି। ଅସ୍ପୃଶ୍ୟମାନଙ୍କୁ ଦୂରେଇ ଦିଆଯାଉଥିବାବେଳେ ସେମାନଙ୍କୁ ଚମଡା କଷେଇ ଶିଳ୍ପରେ ମଧୁବାବୁ କିପରି ନିୟୋଜିତ କରିଥିଲେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଗାନ୍ଧୀ ଲେଖିଥିଲେ ଯେ ମଣିଷ ସମାଜର ଏକ ଅଂଶ ହରିଜନମାନଙ୍କ ପ୍ରତି ଯେଉଁ ଅବିଚାର କରିଚାଲିଛି ସେ ସଂକ୍ରାନ୍ତରେ ସ୍ୱର୍ଗତ ମଧୁସୂଦନ ଦାସ ତାଙ୍କର ଆଖି ଖୋଲିଦେବା ସହ ଅପରାଧର ପ୍ରାୟଶ୍ଚିତ ଲାଗି ବାଟ ଦେଖାଇଥିଲେ। ଏହି ନିବନ୍ଧରେ ଗାନ୍ଧୀଜୀ ପୁଣି ଲେଖିଥିଲେ, 'ଗ୍ରାମ ଗୁଡିକରୁ ଯେତେବେଳେ ହସ୍ତଶିଳ୍ପ ଲୁପ୍ତ ହେଲା, ଗ୍ରାମବାସୀମାନେ କ୍ଷେତରେ ଗୋରୁମାନଙ୍କ ସହ କାମ କରିବା ଛଡା ବର୍ଷରେ ଚାରିରୁ ଛଅ ମାସ ଆଳସ୍ୟରେ ବିତାଉଥିବାରୁ ସେମାନଙ୍କ ଜୀବନଯାପନ ପଶୁ ସ୍ତରକୁ ଖସି ପଡୁଛି ବୋଲି ମଧୁବାବୁ ବାରମ୍ବାର କହୁଥିଲେ।' ମଧୁବାବୁଙ୍କ ସ୍ମୃତି ଚାରଣ ସହ ୧୯୩୫ ମାର୍ଚ୍ଚ ୧ର ହରିଜନରେ ଗାନ୍ଧୀଜୀ ପୁଣି ଲେଖିଥିଲେ ଯେ ଆମେ ଯଦି ଗ୍ରାମବାସୀଙ୍କ ପ୍ରତି କର୍ତ୍ତବ୍ୟରେ ଅବହେଳା କରୁ, ତାହାଲେ ଆମେ ଧ୍ୱଂସର ଗହ୍ୱର ଭିତରକୁ ଖସିପଡିବୁ। ସେବାଗ୍ରାମ ଠାରେ ଅନୁଷ୍ଠିତ ନିଖିଳ ଭାରତ ଶିକ୍ଷା ସମ୍ମିଳନୀରେ ଭାଷଣ ଦେଇ ୨୨.୧୦.୧୯୩୭ରେ ଗାନ୍ଧୀଜୀ ମଧୁବାବୁଙ୍କ ବକ୍ତବ୍ୟକୁ ଉଦ୍ଧାର କରି କହିଥିଲେ ଯେ ଆମମାନଙ୍କର ହାତ ଓ ପାଦ ବିଧିବଦ୍ଧ ଭାବରେ ଯଦି ନିୟୋଜିତ ନହୁଏ, ତାହେଲେ ଆମମାନଙ୍କର ମସ୍ତିଷ୍କ ସ୍ଥାଣୁ ଓ ନିର୍ବେଦ ପାଲଟିଯିବ। ଯଦିବା ଏହି ସ୍ଥିତିରେ ବହିଃମସ୍ତିଷ୍କ କାମ କରେ ତେବେ ତାହା ସୈତାନର ଆଡ୍ଡାସ୍ଥଳୀରେ ପରିଣତ ହେବ। ବମ୍ବେ, ବାଙ୍ଗାଲୋର, ମାଡ୍ରାସ, ସିନ୍ଧୁପ୍ରଦେଶ, ଲକ୍ଷ୍ନୌର କଂଗ୍ରେସ ଅଧିବେଶନ, ଡ଼େଲାଙ୍ଗର ଗାନ୍ଧୀ ସେବାସଂଘ ବୈଠକ ଆଦି ବହୁ କାର୍ଯ୍ୟକ୍ରମରେ ଗାନ୍ଧୀଜୀ ବାରମ୍ବାର ମଧୁବାବୁଙ୍କ ମତକୁ ଉଦ୍ଧାର କରୁଥିଲେ। ୧୦.୦୫.୧୯୨୮ର ୟଙ୍ଗ୍ ଇଣ୍ଡିଆରେ ଗାନ୍ଧୀଜୀ ମଧୁବାବୁଙ୍କ ମତ ଉଦ୍ଧାର କରି ଲେଖିଥିଲେ ଯେ ଚାଷ ସହିତ ଚାଷୀମାନେ ଅନ୍ୟ କୌଣସି କୁଟୀର ଶିଳ୍ପ ବୃତ୍ତିକୁ ଆଦରି ନେଲେ ଆର୍ଥିକ ସମୃଦ୍ଧି ଆସିପାରିବ।

ସ୍ୱାଧୀନତା ସଂଗ୍ରାମ କାଳରେ ଗାନ୍ଧୀଜୀ ମାତୃ ଜାତିର ଆଶୀର୍ବାଦ ଭିକ୍ଷା କରିବା ସହ ଜନସଂଖ୍ୟାର ଅଧା ମହିଳା ହୋଇଥିବାରୁ ସେମାନଙ୍କୁ ଉପେକ୍ଷା କରି ଆନ୍ଦୋଳନ କିମ୍ବା ଦେଶର ଅଗ୍ରଗତି ହୋଇପାରିବ ନାହିଁ ବୋଲି କହିଥିଲେ। ନାରୀମାନଙ୍କୁ ପରଦା ଆଢୁଆଳରୁ ପଦାକୁ ଆଣି ସେମାନଙ୍କ ଶିକ୍ଷାର ବିକାଶ, ନିରାପତ୍ତା ଏବଂ ସର୍ବୋପରି ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଅଗ୍ରଗତି ଲାଗି ରଚନାତ୍ମକ କାର୍ଯ୍ୟକ୍ରମରେ ବ୍ୟାପକ ବ୍ୟବସ୍ଥା କରିଥିଲେ। ଏହାର ଢ଼େର ବର୍ଷ ପୂର୍ବରୁ ମଧୁବାବୁ ନାରୀ ଶିକ୍ଷାର ବିକାଶ ସହ ମହିଳାମାନଙ୍କୁ ଓକିଲାତି ଲାଇସେନ୍ସ ପ୍ରଦାନ ପାଇଁ ଲଢେଇ କରିଥିଲେ। ୧୯୩୦ରେ ଗାନ୍ଧୀଜୀ ଲବଣ ସତ୍ୟାଗ୍ରହ ଆରମ୍ଭ କରିଥିଲେ; କିନ୍ତୁ ଏହାର ବହୁ ବର୍ଷ ପୂର୍ବରୁ ବିଧାନ ପରିଷଦରେ ମଧୁବାବୁ ଏ ସଂକ୍ରାନ୍ତରେ ଦାବି ଉଠାଇଥିଲେ।

ଉତ୍କଳ ଗୌରବ ମଧୁସୂଦନ ମହାତ୍ମା ଗାନ୍ଧୀଙ୍କ ଠାରୁ ବୟସରେ ବଡ଼। ମୌଳିକ ଶିକ୍ଷା, ଅସ୍ପୃଶ୍ୟତା ନିବାରଣ, କୁଟୀର ଶିଳ୍ପ, ସ୍ୱଦେଶୀ, ଲୁଣ ଉପରେ ଅଧିକାର, ଗ୍ରାମାଞ୍ଚଳର ଆର୍ଥିକ ବିକାଶ, ମାତୃଭାଷାରେ ଶିକ୍ଷାଦାନ, ଦେଶାତ୍ମବୋଧ, ସ୍ୱାବଲମ୍ବନ, ସ୍ୱାଭିମାନ, ସେବା, ତ୍ୟାଗ ଓ ସାମାଜିକ ସଂସ୍କାର ଭଳି ବିଭିନ୍ନ ପ୍ରସଙ୍ଗରେ ମଧୁବାବୁ ଗାନ୍ଧୀଜୀଙ୍କ ଚିନ୍ତା ଓ ଚେତନାରେ ଛାଇ ହୋଇ ରହିଥିଲେ। ୧୯୩୪ ମସିହାରେ ଗାନ୍ଧୀଜୀଙ୍କ ଓଡ଼ିଶାରେ ପଦଯାତ୍ରାବେଳକୁ ମଧୁବାବୁଙ୍କ ଦେହାନ୍ତ ହୋଇସାରିଥିଲା। ଏହି ପଦଯାତ୍ରା ସମୟରେ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁର ଆସି ତାଙ୍କ ପୈତୃକ ଘରର ଛାତ ଉପରେ ମଇ ୨୩ ତାରିଖ ରାତିଟି ବିତାଇ ଥିଲେ। ଦେଶ ପାଇଁ ସମୟର ଉପଯୋଗ ପ୍ରସଙ୍ଗରେ ଉଭୟଙ୍କ ଚିନ୍ତା, କାମ ଓ କଥା ଏକ ପ୍ରକାରର ଥିଲା। ମଧୁବାବୁ ଓ ଗାନ୍ଧୀ ଥିଲେ, 'ମନସ୍ୟେକ ବଚସ୍ୟେକ କର୍ମସ୍ୟେକ ମହାତ୍ମନାଂ।'

# ଜୀବନର ସଂଘର୍ଷ



ଲଳିତ ମୋହନ ମିଶ୍ର
କୁରାଳ, ନୟାଗଡ଼
ମୋ: ୯୪୩୭୯୮୫୮୬୬

ଜୀବନର ସଂଘର୍ଷ ହେଉଛି : ଜୀବନରେ ଆସୁଥିବା ଆହ୍ୱାନ କଠିନ ଓ ପରିସ୍ଥିତିର ମୁକାବିଲା କରିବାର ପ୍ରକ୍ରିୟା। ଏହି ସଂଘର୍ଷ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସଂଘର୍ଷ ଦ୍ୱାରା ହିଁ ବ୍ୟକ୍ତିର ଚରିତ୍ର ଗଠନ ହୋଇଥାଏ ଓ ସେ ନିଜର ଲକ୍ଷ୍ୟ ହାସଲ କରିଥାଏ। ସନାତନ ଧର୍ମର କିଛି କଥା ଓ କାହାଣୀର ସାର୍ଥକତା ପ୍ରତ୍ୟେକ ଯୁଗରେ ଦେଖିବାକୁ ମିଳେ। ଯେପରିକି ରାମ-ରାବଣ ଯୁଦ୍ଧ, ମହାଭାରତ ଓ ସାଗର ମନ୍ଥନ। ପ୍ରତ୍ୟେକ ମନୁଷ୍ୟ ସାରା ଜୀବନ ସାଗର ମନ୍ଥନ କରିଥାଏ। ଯଦି ଦେବତାମାନଙ୍କ ପରି ତା'ର ପ୍ରୟାସ ଓ କାର୍ଯ୍ୟପ୍ରଣାଳୀ ସତ୍ ମାର୍ଗୀ ହୁଏ, ତେବେ ତାକୁ ଅମୃତପ୍ରାପ୍ତି ହେବ। ନଚେତ୍ ଅନୈତିକ ମାର୍ଗ ଦ୍ୱାରା କରାଯାଇଥିବା ଅମୃତ ମନ୍ଥନ ଅହଂକାର ରୂପି ମଦିରା ପ୍ରାପ୍ତ କରିଥାଏ, ଯାହାକୁ ପାନ କରିବା ଦ୍ୱାରା ସେ ପତନମୁଖୀ ହୁଏ। ଏହି ପ୍ରକାର ରାମ-ରାବଣ ଯୁଦ୍ଧ ସବୁ ସମୟରେ ଚାଲିଛି। ଯେଉଁ ପ୍ରାଣୀ ସୁଗ୍ରୀବ ଓ ବିଭୀଷଣଙ୍କ ଭଳି ଭଗବାନଙ୍କ ସପକ୍ଷରେ ଲଢ଼େଇ କରନ୍ତି, ସେମାନେ ଭବ ସାଗର ପାର କରି ବିଜୟ ଲାଭ କରନ୍ତି। ଯେଉଁମାନେ ରାବଣ ସେନାର ରାକ୍ଷସଭଳି ଲଢନ୍ତି ସେମାନେ ଜୀବନ ମରଣ ରୂପି ଭବସାଗରରେ ବୁଡ଼ନ୍ତି। ସେମାନେ ବାରମ୍ବାର କର୍ମ ଅନୁସାରେ ନିମ୍ନ ଯୋନିରେ ଜନ୍ମ ଲାଭ କରି ନର୍କର ଦୁଃଖ ଭୋଗ କରନ୍ତି। ଏହିଭଳି ମହାଭାରତର କଥାକୁ ଚିତ୍ରଣ କରାଯାଇଛି। ଗୁରୁ ନାନକଙ୍କ ମତରେ ମନୁଷ୍ୟ ହେଉଛି ଏକମାତ୍ର ଜୀବ ଯିଏ ବୁଦ୍ଧି ଓ ବିବେକ ଅନୁଯାୟୀ କର୍ମ କରିବାର ଅଧିକାର ପ୍ରାପ୍ତ କରିଛି। ବୁଦ୍ଧି ଓ ବିବେକ ମନୁଷ୍ୟକୁ ସତ୍ କର୍ମ ଦିଗରେ ପ୍ରେରିତ କରିଥାଏ। ଅନ୍ଧ ଇଚ୍ଛା ତାକୁ ମାନସିକ ରୋଗ ଦେଇଥାଏ। ମହାଭାରତର କାହାଣୀ ଅନୁଯାୟୀ ଧୃତରାଷ୍ଟ୍ରଙ୍କର ଇଚ୍ଛା ଅନ୍ଧ ଥିଲା। ଏହି ଅନ୍ଧ ଇଚ୍ଛାରୁ ଜନ୍ମିତ ସନ୍ତାନମାନେ ମଧ୍ୟ ଈର୍ଷା, ଲୋଭ, ମୋହ ରୂପି ଦୁର୍ଯ୍ୟୋଧନ ଓ ଦୁଃଶାସନ ଇତ୍ୟାଦି କୁହାଯାଏ। ବୁଦ୍ଧି ଓ ବିବେକ ରୂପି ପାଣ୍ଡବ... ଧୃତରାଷ୍ଟ୍ର ଓ ତାଙ୍କର ପୁତ୍ରମାନଙ୍କର ଭଳି ଦୁଷ୍କର୍ମ ପ୍ରତ୍ୟେକ ମନୁଷ୍ୟ ଭିତରେ ରହିଛି, କିନ୍ତୁ କୃଷ୍ଣଙ୍କ ଭଳି ଉତ୍ତମ ମାର୍ଗଦର୍ଶକ ଏବଂ ମନୁଷ୍ୟର କଠିନ ପରିଶ୍ରମ ଓ ଜ୍ଞାନ ବଳରେ କେହି କେହି ଜୀବନ ରୂପି ମହାଭାରତ ବିଜୟ ଲାଭ କରିଥାଆନ୍ତି। କିଛି ଲୋକ କୌରବ ରୂପି ଜୀବନ ଯୁଦ୍ଧରେ ନିଜ ଇଚ୍ଛା ପୂରଣ କରିବାକୁ ଯାଇ ପ୍ରାଣ ହରାଇଥାଆନ୍ତି। ଅଧିକାଂଶ ଲୋକ, ଯେତେବେଳେ ନିଜର ଖରାପ ସ୍ୱଭାବ କାରଣରୁ ବିଫଳ ହୁଅନ୍ତି, ସେତେବେଳେ କୁହନ୍ତି ଏହି ଯୁଗରେ କୃଷ୍ଣ ରୂପି ସାରଥୀ କେଉଁଠୁ ପାଇବେ। ଯଦି ଏପରି ଲୋକମାନଙ୍କୁ କେହି ଭଲ ପରାମର୍ଶ ଦିଅନ୍ତି, ତେବେ ସେମାନେ ତାକୁ ଚିଗୁଲି କରି ହସରେ ଉଡାଇଦେବେ। ଭଗବାନ ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନ ଓ ଧୃତରାଷ୍ଟ୍ରଙ୍କୁ ସତ୍ ମାର୍ଗରେ ଚାଲିବାକୁ ପରାମର୍ଶ ଦେଇଥିଲେ କିନ୍ତୁ ଦୁର୍ଯ୍ୟୋଧନ ଭଗବାନଙ୍କ କଥାକୁ ଉପହାସ କରି ହସରେ ଉଡାଇ ଦେଇଥିଲେ। ସଂଘର୍ଷ ଆମକୁ ନିରନ୍ତର ଜୀବନରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ। ଆମେ ସମସ୍ତେ ଜାଣୁ, ସଂଘର୍ଷ ହିଁ ଜୀବନ ଏବଂ ଜୀବନର ସାର୍ଥକତା ମଧ୍ୟ ସଂଘର୍ଷରେ ରହିଛି। ଅନେକ ବିଦ୍ୱାନ ଜୀବନକୁ ସଂଘର୍ଷ ଏହିପରି ଭାବରେ ଦେଖିଛନ୍ତି ଏବଂ ବଞ୍ଚିଛନ୍ତି। ସଂଘର୍ଷ ବିହୀନ ଜୀବନ ହେଉଛି ମୃତ୍ୟୁର ସମକକ୍ଷ। ସଂଘର୍ଷ ହେଉଛି ଏକ ଅଜ୍ଞାତ ଶକ୍ତି ଯାହା ମଣିଷକୁ ନିରନ୍ତର ଆଗକୁ ବଢ଼ିବାର ପ୍ରେରଣା ଦେଇଥାଏ। ତେଣୁ ସଂଘର୍ଷ ବିନା ଜୀବନକୁ ଠିକ୍ ଭାବରେ ଉପଭୋଗ କରି ପାରିବ ନାହିଁ। ଜୀବନର ସଂଘର୍ଷ ପ୍ରକୃତି ସହିତ, ନିଜ ସହିତ, ପରିସ୍ଥିତି ସହିତ। ଆମ ସମସ୍ତଙ୍କୁ ପ୍ରତିଦିନ ବିଭିନ୍ନ ପ୍ରକାରର ସଂଘର୍ଷର ସମ୍ମୁଖୀନ ହେବାକୁ ପଡିଥାଏ। ଯେଉଁମାନେ ଏହି ସଂଘର୍ଷର ସମ୍ମୁଖୀନ ହେବାକୁ ପଛଘୁଞ୍ଚା ଦିଅନ୍ତି ସେମାନେ ଜୀବନରେ ପରାଜିତ ହୋଇଯାଆନ୍ତି। ଜୀବନ ମଧ୍ୟ ସେମାନଙ୍କୁ ସମର୍ଥନ ଦିଏ ନାହିଁ। ପ୍ରତ୍ୟେକ ସଫଳ ବ୍ୟକ୍ତିଙ୍କ ଜୀବନରେ.... ନିଶ୍ଚିତ ଭାବରେ ଏକ ସଂଘର୍ଷର କାହାଣୀ ରହିଛି। ଆମେ ଜଣେ ସଫଳ ବ୍ୟକ୍ତିଙ୍କୁ ଦେଖି ବହୁତ ଖୁସି ହେଉ ଏବଂ ଗର୍ବ ଅନୁଭବ କରୁ। କିନ୍ତୁ ତାଙ୍କ ଜୀବନର ସଫଳତା ପଛରେ ଏକ ସଂଘର୍ଷର କାହାଣୀ ରହିଛି... ସେ ବିଷୟରେ ଆମେ ସମ୍ପୂର୍ଣ୍ଣ ଅଜ୍ଞ। ଯେତେବେଳେ ଆମେ ଆମ ଜୀବନରେ ସଂଘର୍ଷ କରୁ, ସେତେବେଳେ ଆନ୍ତରିକ ଶାନ୍ତି ବଜାୟ ରଖିବା କଷ୍ଟକର ହୋଇପଡେ। କିନ୍ତୁ ଆମକୁ ଧୈର୍ଯ୍ୟ ଧରିବାକୁ ପଡିବ ତା'ପରେ ହିଁ ସଫଳତା ପାଇବା। ଜୀବନରେ ବିନା ସଂଘର୍ଷରେ କେବେ ସଫଳତା ମିଳିନଥାଏ। ଏହାକୁ ଏପରି ଭାବନ୍ତୁ କେବଳ ମଣିଷ ନୁହେଁ ପଶୁପକ୍ଷୀମାନେ ମଧ୍ୟ ପେଟ ଭରିବା ପାଇଁ ସଂଘର୍ଷ କରିବାକୁ ପଡିଥାଏ। ଜୀବନରେ ସବୁ ପ୍ରକାରର ପ୍ରତିବନ୍ଧକ ସତ୍ତ୍ୱେ ସବୁ ଆହ୍ୱାନକୁ ସ୍ୱୀକାର କରନ୍ତି ଯାହାକୁ ସଂଘର୍ଷ କୁହାଯାଏ। ବାସ୍ତବରେ ସଂଘର୍ଷ ହିଁ ଆମକୁ ଲକ୍ଷ୍ୟ ଆଡକୁ ଅଗ୍ରସର କରିବାର ପ୍ରେରଣା ଦେଇଥାଏ। ଇତିହାସ ପୃଷ୍ଠାରେ ଯେଉଁ ମହାନ ବ୍ୟକ୍ତିଙ୍କ ନାମ ଲେଖାଯାଇଛି, ସେମାନେ ସମସ୍ତେ ସଂଘର୍ଷ ଆଧାରରେ ସଂସାରରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଆସନ୍ତୁ ଜାଣିବା ଜୀବନ ସହ ଜଡିତ ସଂଘର୍ଷ ଉପରେ ଆଧାରିତ ପାଞ୍ଚଟି ପ୍ରେରଣାଦାୟୀ ବାକ୍ୟ – ୧. ଜୀବନରେ ପ୍ରତ୍ୟେକ ବ୍ୟକ୍ତିଙ୍କ ସଂଘର୍ଷର ନିଜସ୍ୱ ଏକ କାହାଣୀ ଥାଏ, କିନ୍ତୁ ପୁସ୍ତକରେ ତାକୁ ଛପାଯାଏ ଯାହାର ଅନ୍ତିମ ଦୃଶ୍ୟ ଗୌରବମୟ। ୨. ଜୀବନର ସଂଘର୍ଷକୁ ଭଗବାନଙ୍କ ପ୍ରସାଦ ବୋଲି ବିବେଚନା କରାଯିବା ଉଚିତ୍, କାରଣ ଭଗବାନଙ୍କ ପାଖରେ କେବଳ ଯନ୍ତ୍ରଣା ନଥାଏ ବରଂ ଏହା ସହିତ ଲଢ଼ିବାର ପୁରସ୍କାର ମଧ୍ୟ ଥାଏ। ୩. ଜୀବନ ସହ ଜଡ଼ିତ ସଂଘର୍ଷ ଆପଣଙ୍କୁ ଅସଫଳ କରିବା ବା ବର୍ବାଦ କରିବାର କାରଣ ନୁହେଁ, ବରଂ ଆପଣଙ୍କ ଭିତରେ ଲୁଚି ରହିଥିବା ଶକ୍ତିକୁ ପଦାକୁ ଆଣିବାର ଏକ ମାଧ୍ୟମ। ୪. ଜୀବନର ସଂଘର୍ଷରୁ ଯେତେବେଳେ ଆମେ ମୁହଁ ଫେରାଇ ଦେଇଥାଉ, ସେତେବେଳେ ଆମେ ଆମର ମୂଲ୍ୟ ହରାଇ ଥାଉ। ବାସ୍ତବରେ ବର୍ତ୍ତମାନର ସଂଘର୍ଷ ଆମକୁ ପରବର୍ତ୍ତୀ ସମୟ ପାଇଁ ପ୍ରସ୍ତୁତ କରିଥାଏ। ୫. ଜୀବନ ସହିତ ଜଡ଼ିତ ସଂଘର୍ଷ ଆମକୁ ଧୈର୍ଯ୍ୟ, ସମ୍ବେଦନଶୀଳ ଓ ଶକ୍ତିଶାଳୀ କରାଇଥାଏ। ସଂଘର୍ଷ ଆମକୁ ଶିଖାଇଥାଏ, ଦୁଃଖଭରା ସଂସାରରେ ସୁଖ ଓ ସଫଳତାକୁ ପାଇବା ପାଇଁ ଅନେକ ବିକଳ୍ପ ଭରି ରହିଛି।

# ଲ୍ୟାଣ୍ଡଲକ୍ ଦେଶ ଓ ପରିବହନ ବ୍ୟବସ୍ଥା



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ
ମୋ: ୯୯୩୭୧୭୪୦୯୭

ଗୋଟିଏ ଦେଶରୁ ରପ୍ତାନି ବା ଆମଦାନୀ ହେଉଥିବା ସାମଗ୍ରୀ ତା'ର ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା ପାଇଁ ଯଦି ଅନ୍ୟ ଦେଶ ଉପରେ ନିର୍ଭର କରୁଛି ବା ବାରମ୍ବାର ସେହି ଦେଶର ଜଳପଥ, ଆକାଶ ପଥ ବା ସ୍ଥଳ ପଥକୁ ବ୍ୟବହାର କରୁଛି ତେବେ ତାହାକୁ ଟ୍ରାନ୍ସ ସୀପ୍ ମେଣ୍ଟ କୁହାଯାଏ। ପୃଥିବୀରେ ପ୍ରାୟ ୪୪ ଟି ଲ୍ୟାଣ୍ଡ ଲକ୍ ଦେଶ ଏବଂ ଏସିଆ ମହାଦେଶରେ ୧୨ଟି ଏହିପରି ଦେଶ ଅଛି ଯାହାର ସୀମା କୌଣସି ସମୁଦ୍ର ସହିତ ଲାଗି ନାହିଁ, ତାଙ୍କର ଚାରିପଟ ସୀମାକୁ ଲାଗି ଏକାଧିକ ଦେଶ ରହିଛି। ଏହିପରି ଲ୍ୟାଣ୍ଡ ଲକ୍ ଦେଶମାନେ ନିଜର ବାଣିଜ୍ୟ କାରବାର ନିମନ୍ତେ ସଦା ସର୍ବଦା ନିଜ ପଡୋଶୀ ଦେଶ ଉପରେ ନିର୍ଭର କରିବା ସ୍ୱାଭାବିକ କଥା କିନ୍ତୁ ସମୟ ସମୟରେ ଦୁଇ ପଡୋଶୀ ଦେଶ ଭିତରେ ଯଦି ତିକ୍ତତା ବଢେ ତେବେ ଏହା ପରସ୍ପରକୁ ବିଶ୍ୱ ଦରବାରରେ ଛିଡା କରାଇ ଦିଏ। ମିଳିତ ଜାତିସଂଘ ନିୟମ ଅନୁଯାୟୀ ବିଶ୍ୱ ବାଣିଜ୍ୟ ସଂଗଠନ ଦ୍ୱାରା ପଞ୍ଜିକୃତ ସମସ୍ତ ଲ୍ୟାଣ୍ଡ ଲକ୍ ଦେଶ ମାନଙ୍କୁ ସେମାନଙ୍କ ପଡୋଶୀ ଦେଶ ଜରିଆରେ ସାମୁଦ୍ରିକ ବନ୍ଦର, ବିମାନ ବନ୍ଦର ତଥା ସ୍ଥଳ ପଥ ଉଚିତ ଶୁଳ୍କ ନେଇ ବ୍ୟବହାର କରିବାକୁ ଅନୁମତି ଦେଇଥାଏ। ଲ୍ୟାଣ୍ଡ ଲକ୍ ନ ହୋଇ ମଧ୍ୟ ଅନେକ ଦେଶ ନିଜ କାରବାର ବଢାଇବା ପାଇଁ ସାମୁଦ୍ରିକ ପଥ ବ୍ୟତୀତ ବିକଳ୍ପ ବ୍ୟବସ୍ଥା ଆପଣେଇ ଥା'ନ୍ତି ଯାହା ଦ୍ୱାରା କି ସମୟ ବଞ୍ଚିବା ସହିତ ପରିବହନ ଖର୍ଚ୍ଚ ମଧ୍ୟ ବଞ୍ଚି ଥାଏ, ଉଦାହରଣ ସ୍ୱରୂପ ଭାରତ ସେଣ୍ଟ ପିଟର୍ସବର୍ଗ ରୁଷିଆରୁ ଉନ୍ନତମାନର କୋଇଲା ଜଳପଥରେ ସୁଏଜ କେନାଲ ଦେଇ ନଆଣି ବିକଳ୍ପ ବ୍ୟବସ୍ଥା ସ୍ୱରୂପ ମଲ୍ଟି ମୋଡ଼ ଟ୍ରାନ୍ସପୋର୍ଟ ସିଷ୍ଟମ ଦ୍ୱାରା ରେଳ ପଥ ଜଳପଥ ଦେଇ ଭାରତର ମୁମ୍ବାଇ ଏବଂ କାଣ୍ଡଲା ବନ୍ଦର ପହଞ୍ଚି ପାରୁଛି ଏଠାରେ ମଧ୍ୟ ଇରାନ, ସେଣ୍ଟ୍ରାଲ ଏସିଆର ଦେଶ ତଥା ରୁଷିଆ ଟ୍ରାନ୍ସ ସିପ୍‌ମେଣ୍ଟ ସୁବିଧା ଦେଉଛନ୍ତି ଫଳରେ ସୁଏଜ କେନାଲର ବିକଳ୍ପ ବାହାରିଛି। ଭାରତ ୨୦୨୦ ମସିହାରେ ବାଂଲାଦେଶକୁ ଏହି ସୁଯୋଗ ଦେଇଛି ଯଦିଓ ବଙ୍ଗଳା ଦେଶ ଗୋଟିଏ ଲ୍ୟାଣ୍ଡ ଲକ୍ ଦେଶ ନୁହେଁ , ତା'ର ନିଜର ସାମୁଦ୍ରିକ ବନ୍ଦର, ବିମାନ ବନ୍ଦର ତଥା ଭାରତ, ମିଆଁମାର ସହିତ ସଡ଼କ ପଥରେ ସଂଯୋଗ ରହିଅଛି ତଥାପି ବାଂଲାଦେଶ ଭାରତୀୟ ବନ୍ଦର, ବିମାନ ବନ୍ଦର ବ୍ୟବହାର କରେ। ଲ୍ୟାଣ୍ଡ ଲକ୍ ଦେଶ ହିସାବରେ ଭାରତ ଭୁଟାନ୍ ଏବଂ ନେପାଳକୁ ମଧ୍ୟ ଏହାର ସୁଯୋଗ ଦେଇ ଆସୁଛି। ବର୍ତ୍ତମାନ ପରିସ୍ଥିତିକୁ ଦେଖି ଭାରତ ସରକାର କିଛି କଠୋର ପଦକ୍ଷେପ ନେଇଛନ୍ତି ଯାହାକି ଆଲୋଚନାର ବିଷୟ।

ଏସିଆ ମହାଦେଶର ୧୨ ଗୋଟି ଲ୍ୟାଣ୍ଡ ଲକ୍ ଦେଶ ଗୁଡିକ ହେଲେ, ଆଫଗାନିସ୍ତାନ, ଆର୍ମେନିଆ, ଅଜରବୈଜାନ୍, କିର୍ଗିଜସ୍ତାନ୍, ମଙ୍ଗୋଲିଆ, ନେପାଳ, ଭୁଟାନ୍, କାଜାକସ୍ତାନ୍, ତାଜାକିସ୍ତାନ, ଉଜବେକିସ୍ତାନ୍, ଲାଓସ୍ ଏବଂ ତୁର୍କମେନିସ୍ତାନ୍। ଭାରତ କେବଳ ନେପାଳ, ମିଆଁମାର୍ ଏବଂ ଭୁଟାନ୍‌କୁ ଅନ୍ତର୍ଜାତୀୟ ଟ୍ରାନ୍ସ ସିପ୍‌ମେଣ୍ଟ ସୁଯୋଗ ଦେବାକୁ ଚୁକ୍ତିବଦ୍ଧ କିନ୍ତୁ ବାଂଲାଦେଶ ସହିତ ୨୦୨୦ରେ ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତିକୁ ଖଣ୍ଡନ କରାଯାଇ ପାରେ ବା ନବୀକରଣ କରାଯାଇ ପାରେ। ଦୁଇ ପଡୋଶୀ ଦେଶ ମଧ୍ୟରେ ଉତ୍ତମ ବୁଝାମଣା, ସୁସମ୍ପର୍କ ତଥା ପରସ୍ପର ଭାଗିଦାରୀ ଦ୍ୱାରା ସବୁପ୍ରକାର ସମସ୍ୟାର ସମାଧାନ ସମ୍ଭବ ହୋଇ ଥାଏ କିନ୍ତୁ ଏଠାରେ ଅଲଗା ପ୍ରକାର ସ୍ଥିତି ଉପୁଜିଛି। ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରେ ଶରଣ ନେଇଛନ୍ତି ବାଂଲାଦେଶର କାମଚଳା ସରକାର ତଥା କଠୋରପନ୍ଥୀ ମାନେ ଚାହୁଁଛନ୍ତି ଭାରତ ଶେଖ୍ ହସିନାଙ୍କୁ ବାଂଲାଦେଶକୁ ଫେରାଇ ଦେଉ, ଭାରତ କିନ୍ତୁ ଏହି ବିଷୟରେ ନିରବ ରହିଛି। ଏହି କଥାରୁ ଯେତେ ସବୁ ବିଭ୍ରାଟ, ଯେତେ ସବୁ ବିଶୃଙ୍ଖଳା ଏବଂ ପରସ୍ପର ବିରୋଧରେ କିଛି ନା କିଛି ସରକାରୀ ସ୍ତରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଫଳରେ ସାଧାରଣ ନାଗରିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଂଲାଦେଶରେ ନୂତନ ନିର୍ବାଚନ କରି ସ୍ଥାୟୀ ସରକାର ଗଢିବାକୁ ଭାରତ ଉପଦେଶ ଦେଉଛି, ହୁଏତ କାମଚଳା ୟୁନୁସ୍ ସରକାର ତଥା ସରକାରଙ୍କ ଉପରେ ଚାପ ସୃଷ୍ଟିକାରୀ କଠୋରପନ୍ଥୀମାନେ ଏହା ଚାହୁଁ ନାହାନ୍ତି, ଏହିପରି ଗୋଳିଆ ପାଣି କରି ନିଜର ସୁବିଧା ଉଠାଇବାରେ ସେମାନେ ବ୍ୟସ୍ତ ତେଣିକି ଦେଶକୁ ଚୀନ ନେଉ କି ଆମେରିକା ନେଉ କିଛି ଯାଏ ଆସେ ନାହିଁ। ୨୦୨୦ ମସିହା ପରେ ଭାରତ ଟ୍ରାନ୍ସ ସିପମେଣ୍ଟ ସୁବିଧା ବଙ୍ଗଳା ଦେଶକୁ ଦେଇ ଆସିଛି ଏହାଦ୍ୱାରା ଛୋଟ ଛୋଟ ଉତ୍ପାଦନକାରୀ ମାନଙ୍କ ଉତ୍ପାଦକ ସାମଗ୍ରୀ ଖୁବ୍ କମ ସମୟ ତଥା ଅଳ୍ପ ଖର୍ଚ୍ଚରେ ଭାରତ ବାଟେ ତା'ର ନିର୍ଦ୍ଦିଷ୍ଟ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ଯାଉଛି ଫଳରେ ଉତ୍ପାଦନକାରୀ ସହିତ ବାଂଲାଦେଶ ମଧ୍ୟ ଲାଭବାନ ହେଉଛି। ମନକୁ ପ୍ରଶ୍ନ ଆସେ ବଙ୍ଗଳାଦେଶରେ ସାମୁଦ୍ରିକ ବନ୍ଦର, ବିମାନ ବନ୍ଦର ଥିଲେ ମଧ୍ୟ ସେମାନେ କାହିଁକି ଭାରତ ଉପରେ ନିର୍ଭରଶୀଳ ? ଏହାର ଉତ୍ତର କିଛିଟା ଏହିପରି ବୋଲି ଲେଖକଙ୍କ ମତ, ତେବେ ଏହାଛଡା ଅନେକ କାରଣ ଥାଇପାରେ : ଯଥା ବାଂଲାଦେଶର ଚିଟାଗଙ୍ଗ ଏବଂ ମଙ୍ଗଳା ବନ୍ଦରର ଆମଦାନୀ ତଥା ରପ୍ତାନି କ୍ଷମତା ପର୍ଯ୍ୟାପ୍ତ ନୁହେଁ, ବଡ଼ ବ୍ୟବସାୟୀ ମାନଙ୍କ ବଡ଼ବଡ଼ କଣ୍ଟେନରକୁ ପ୍ରଥମେ ସୁବିଧା ମିଳେ ଛୋଟ ଛୋଟ ରପ୍ତାନୀକାରୀ କମ୍ପାନୀ ମାନେ ଅଳ୍ପ ଜିନିଷ ପଠାଇବା ପାଇଁ ମାସ ମାସ ସମୟ ଲାଗିଯାଏ କିନ୍ତୁ ସେହି ବ୍ୟବସାୟୀ ମାନେ ଟ୍ରକ ଯୋଗେ ତାଙ୍କ ମାଲ ଭାରତର ପେଟ୍ରା ପୋଲ୍ ବର୍ଡର ବାଟେ ପଶ୍ଚିମ ବଙ୍ଗଳା ଦେଇ କଲିକତା, ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ପଠାଇ ଦିଅନ୍ତି ସେଠାରୁ ଜାହାଜ/ବିମାନ ଯୋଗେ ଖୁବ୍ ଅଳ୍ପ ସମୟ ମଧ୍ୟରେ ପରିବହନ ହୋଇ ପାରେ। ଭାରତର ବଡ଼ ବଡ଼ ବିମାନ ବନ୍ଦରକୁ ପୃଥିବୀର ବିଭିନ୍ନ ପ୍ରାନ୍ତରରୁ କାର୍ଗୋ /ମାଲବାହି ବିମାନ ଜିନିଷପତ୍ର ଧରି ଆସେ ଏବଂ ଫେରନ୍ତି ପଥରେ ଭାରତରେ ଏକତ୍ରିତ ହୋଇଥିବା ମାଲପତ୍ର ନେଇଯାଏ ଫଳରେ ସମୟ ବଞ୍ଚେ ଏବଂ ପରିବହନ ଶୁଳ୍କ କମ୍ ପଡେ। ବାଂଲାଦେଶ ଦୁଇରୁ ତିନି ବିଲିଅନ ଡଲାର ମୂଲ୍ୟର ରପ୍ତାନି (ପ୍ରଧାନତଃ ବସ୍ତ୍ର ଶିଳ୍ପ) ଟ୍ରାନ୍ସ ସିପମେଣ୍ଟ ଜରିଆରେ କରୁଛି, ଯାହାକୁ କି ଏପ୍ରିଲ ପହିଲା ୨୦୨୫ରୁ ଭାରତ ବନ୍ଦ କରି ଦେଇଛି। ୟୁରୋପୀୟ ତଥା ଆମେରିକୀୟ ବଜାରରେ ବାଂଲାଦେଶୀ ବସ୍ତ୍ରର ଚାହିଦା ଅନେକ ବେଶୀ ତାହାର କାରଣ ଏହା ବିଶ୍ୱ ବଜାରକୁ ସ୍ୱଳ୍ପ ମୂଲ୍ୟ ପାଇଁ ଏକଚାଟିଆ ଭାବେ ନିଜ ଅକ୍ତିଆରରେ ରଖି ପାରିଛି। ବାଂଲାଦେଶ ବୟନଶିଳ୍ପ ପାଇଁ ପ୍ରସିଦ୍ଧ ଏହାର କାରଣ ଏଠାରେ ଖୁବ୍ ସ୍ୱଳ୍ପ ମୂଲ୍ୟରେ ଶ୍ରମିକ ମିଳନ୍ତି, ଭାରତରୁ ଶସ୍ତାରେ କଞ୍ଚାମାଲ ଯଥା ତୁଳା, ରାସାୟନିକ ରଙ୍ଗ, ମେସିନ, ଯନ୍ତ୍ରପାତି ତଥା ବିଜୁଳିଶକ୍ତି ଏବଂ ଟ୍ରାନ୍ସ ସିପମେଣ୍ଟର ସୁବିଧା ମିଳେ। ରାଜନୈତିକ ପଶା ଖେଳରେ କିଏ ଜିତେ କିଏ ହାରେ ତା' ସମୟ କହେ କିନ୍ତୁ ଏହା ଦ୍ୱାରା ଉଭୟ ପକ୍ଷଙ୍କର କ୍ଷତି ହୁଏ ନିରୀହ ଜନତା ବଳି ପଡନ୍ତି ଦେଶର ଆର୍ଥିକ ପରିସ୍ଥିତି ବିଗିଡି ଯାଏ। ବାଂଲା ଦେଶର ଜିଦଖୋର୍ ନୀତି ତଥା ଚୀନ୍ ର ପ୍ରରୋଚନାରେ କାମଚଳା ସରକାର ସମ୍ପୂର୍ଣ୍ଣ ଭାବେ ଭାରତ ବିରୋଧୀ ହୋଇ ଯାଇଛନ୍ତି, ଭାରତ ମଧ୍ୟ ଯେସାକୁ ତେସା ନୀତି ଅବଲମ୍ବନ କରିବାକୁ ବାଧ୍ୟ ହେଉଛି। ଆଶା କରାଯାଏ ଏହି ସମସ୍ୟା ଖୁବ୍‌ଶୀଘ୍ର ସମାଧାନ ହୋଇଯିବ।



କଣ୍ଟାପଡା, (ଭାସ୍କର ନ୍ୟୁଜ୍ ) : କଣ୍ଟାପଡା ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଓ ବଡବିଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ୧୧ ଗୋଟି ପଞ୍ଚାୟତରେ ଛଅ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ କରାଯାଇଛି । ଏହି ଅବସରରେ ହିତାଧିକାରୀ ମାନଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା । ଡ଼ା. ଅସୀମ ରଞ୍ଜନ ପୃଷ୍ଟି ଅଧକ୍ଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଡଶପୁର, ଡ଼ା. ସମିତ ପଣ୍ଡା, ଡ଼ା. କିଶୋର ଚନ୍ଦ୍ର ପାଢୀ, ଡ଼ା. ଜିତେନ୍ଦ୍ର କୁମାର ମହାନ୍ତି, ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ କୁମାର ରାଉତରାଏ, ଡିମିରି ସରପଞ୍ଚ ଅଭିଷେକ ମହାପାତ୍ର, ଆମ୍ବା ଅଧକ୍ଷ ପ୍ରଦୀପ କୁମାର ପାତ୍ର, ବିଡିଓ ସ୍ୱପ୍ନିତା ନାୟକ, ଆୟୁଷ୍ମାନ ଯୋଜନା ବଡବିଲ ସ୍ୱାସ୍ଥ୍ୟକେନ୍ଦ୍ରର ଉଦ୍‌ଘାଟନରେ ଯୋଗ ଦେଇଥିଲେ । ସେହିଭଳି ଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ମଣ୍ଡଳ ସଭାପତି ଲଲାଟେନ୍ଦୁ ଦାସ, ସାଂସଦଙ୍କ ପ୍ରତିନିଧି ବିନୋଦ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଲଲାଟେନ୍ଦୁ ପ୍ରସାଦ ଦାସ, ନାହାଳପୁର ସରପଞ୍ଚ ନିରୁପମା ଜେନାଙ୍କ ସମେତ ଅନେକ ଅତିଥି କାର୍ଡ ବଣ୍ଟନରେ ଯୋଗ ଦେଇଥିଲେ । କଣ୍ଟାପଡା ବ୍ଲକ୍‌ରେ ଚାଳିଶି ହଜାରରୁ ଉର୍ଦ୍ଧ୍ୱ କାର୍ଡ ବଣ୍ଟନ ହେବ ।

## ଗ୍ରାହାମ ଷ୍ଟେନ ଓ ତାଙ୍କର ୨ ପୁଅ ହତ୍ୟା ମାମଲା

# ଆଗୁଆ ମୁକ୍ତି ପାଇଲେ ଆଜୀବନ କଏଦୀ ମହେନ୍ଦ୍ର ହେମ୍ବ୍ରମ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ): ଜେଲରେ ଆଚରଣ ଏବଂ ଉଚ୍ଚାରଣ ତଥା ଜୀବନଶୈଳୀ ସୁଧାର ଆସିଥିବା ବନ୍ଦୀଙ୍କୁ ଖଲାସ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ଏବଂ ଓଡିଶା ସରକାରଙ୍କ ଗୃହ ଓ ଆଇନ ବିଭାଗର ପରାମର୍ଶକ୍ରମେ ସରକାରଙ୍କ ନିକଟକୁ ମହେନ୍ଦ୍ର ହେମ୍ବ୍ରମଙ୍କ ମୁକ୍ତି ପାଇଁ ପ୍ରସ୍ତାବ ପଠାଯାଇଥିଲା । ରାଜ୍ୟ ସରକାରଙ୍କ ପ୍ରସ୍ତାବ ଗୃହିତ ହେବାପରେ ଆଇନ ବିଭାଗର ଅନୁମୋଦନ ପରେ ସ୍ୱତନ୍ତ୍ର ନିଷ୍ପତ୍ତି ପ୍ରଦାନ କରାଯାଇ ମହେନ୍ଦ୍ର ହେମ୍ବ୍ରମ(୫୦)ଙ୍କୁ ଜେଲ ଅବଧି ପୂର୍ବରୁ(ପ୍ରିମ୍ୟାଚ୍ୟୁର ରିଲିଜ) କରାଯାଇଛି । ଷ୍ଟେଟ ସେଣ୍ଟେନସ୍ ରିଭ୍ୟୁ ବୋର୍ଡର ନିଷ୍ପତ୍ତି ଅନୁଯାୟୀ ଏହା କାର୍ଯ୍ୟକାରୀ ହୋଇଛି ବୋଲି ଜେଲର ମନସ୍ୱିନୀ ନାଏକ କହିଛନ୍ତି । ଏ ନେଇ ଜେଲ ନିର୍ଦ୍ଦେଶାଳୟ ପକ୍ଷରୁ ମଙ୍ଗଳବାର ଦିନ ଜେଲରୁ ଚିଠି କରାଯାଇ ଅବଗତ କରାଯାଇଥିଲା । ନିୟମ ଅନୁଯାୟୀ ଭଲ ବ୍ୟବହାର କାରଣରୁ ତାଙ୍କୁ ମୁକ୍ତି କରାଯାଇଛି । ୨୫ ବର୍ଷ ପରେ ସେ ଜେଲରୁ ମୁକ୍ତି ପାଇଛନ୍ତି । ବୁଧବାର ଦିନ ମଧ୍ୟାହ୍ନରେ ତାଙ୍କୁ ଛଡାଯାଇଥିବାବେଳେ ତାଙ୍କୁ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଫୁଲମାଳ ପକାଇ ସୌହାର୍ଦ୍ଦ୍ୟପୂର୍ଣ୍ଣ ବିଦାୟ ଦିଆଯାଇଥିଲା । ଏଥିସହ ପାରିଶ୍ରମିକ ବାବଦକୁ ମହେନ୍ଦ୍ର ହେମ୍ବ୍ରମଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ଜମା କରାଯାଉଥିଲା । ଆଜି ଜେଲ କର୍ତ୍ତୃପକ୍ଷ ତାଙ୍କ ବ୍ୟାଙ୍କ ପାସବୁକ୍ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ୨୧ ଜାନୁୟାରୀ ୧୯୯୯ରେ ଦାରା ସିଂ ଓ ତାଙ୍କର କିଛି ସମର୍ଥକ ମନୋହରପୁର ଠାରେ ଅଷ୍ଟ୍ରେଲୀୟ ମିସନାରୀ ଗ୍ରାହାମ ଷ୍ଟେନସ ଓ ତାଙ୍କର ୨ ପୁଅ ଫିଲିପ୍ ଓ ତିମୋତିଙ୍କୁ ଗାଡ଼ି ଭିତରେ ଶୋଇଥିବାବେଳେ ଜିଅନ୍ତା ଜାଳି ହତ୍ୟା କରିଥିଲେ । ଏହି ଘଟଣାରେ ମନୋହରପୁର ଗ୍ରାମର ମହେନ୍ଦ୍ର ହେମ୍ବ୍ରମ ୧୯୯୯ ମସିହାରେ ଗିରଫ ହୋଇଥିବା ବେଳେ ଦାରା ସିଂ ୩୧ ଜାନୁୟାରୀ ୨୦୦୦ ମସିହାରେ ଗିରଫ ହୋଇଥିଲେ । ମହେନ୍ଦ୍ର ହେମ୍ବ୍ରମ ଭୁବନେଶ୍ୱର ଝାରପଡ଼ା ଜେଲରେ ବିଚାରାଧିନ ବନ୍ଦୀ ଭାବେ ଥିବାବେଳେ ୨୨/୦୯/୨୦୦୩ରେ ତାଙ୍କୁ ଆଜୀବନ ଜେଲ ଦଣ୍ଡ ହୋଇଥିଲା । ପ୍ରଥମେ ତାଙ୍କୁ ଝାରପଡ଼ା ଜେଲ ପରେ ତାଙ୍କୁ ଜାମୁଝରୀ ମୁକ୍ତାକାଶ ଜେଲ, କଟକ ଜେଲ, ବ୍ରହ୍ମପୁର, ବାରିପଦା, ଆନନ୍ଦପୁର ସବ୍ ଜେଲ ପରେ ତାଙ୍କୁ କେନ୍ଦୁଝର ଜେଲକୁ ୨୮/୦୯/୨୦୧୧ରେ ସ୍ଥାନାନ୍ତରିତ କରାଯାଇଥିଲା । ସେବେଠାରୁ ସେ କେନ୍ଦୁଝର ଜେଲରେ ବନ୍ଦୀ ଭାବେ ଥିଲେ । ଏହି ଘଟଣାରେ ମୋଟ ୧୩ ଜଣ ଗିରଫ ହୋଇଥିଲେ । ୧୨ ଜଣଙ୍କୁ ଆଜୀବନ କାରାଦଣ୍ଡ ହୋଇଥିବାବେଳେ ୧୧ ଜଣ ହାଇକୋର୍ଟରୁ ମୁକ୍ତି ପାଇଥିଲେ । ମହେନ୍ଦ୍ର ହେମ୍ବ୍ରମଙ୍କର ଆଜୀବନ କାରାଦଣ୍ଡାଦେଶ କାଏମ ରହିଥିବାବେଳେ ରବିନ୍ଦ୍ର କୁମାର ପାଲ ଓରଫ ଦାରା ସିଂଙ୍କୁ ସେପ୍ଟେମ୍ବର ୨୦୦୩ରେ ଭୁବନେଶ୍ୱର ସିବିଆଇ କୋର୍ଟ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲେ । ଏହାପରେ ୨୦୦୫ରେ ଓଡିଶା ହାଇକୋର୍ଟ ମୃତ୍ୟୁ ଦଣ୍ଡାଦେଶକୁ କୋହଳ କରି ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ । ସେବେଠାରୁ ଦାରା ସିଂ ବନ୍ଦୀ ଭାବେ କେନ୍ଦୁଝର ଜେଲରେ ଅଛନ୍ତି ।



# ପ୍ରବାଦ ପୁରୁଷ ମହାଜନନାୟକଙ୍କ ତିରୋଧାନ ଦିବସ ପାଳିତ

ଏରସମା, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା ଏରସମା ସ୍ଥିତ ବିଜେଡ଼ି କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ମହାଜନନାୟକ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏରସମା ବ୍ଲକ ବିଜେଡ଼ି ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପ୍ରିତବାସ ଗଚ୍ଛାୟତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହିତ ବିଜୁ ବାବୁଙ୍କ ନୀତି ଆଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏରସମା ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବ୍ଲକ ଉପାଧକ୍ଷ ବିକାଶ କୁମାର ପରିଡ଼ା, ବାଲିକୁଦା-ଏରସମା ଯୁବ ବିଜେଡ଼ି ସଭାପତି ପାର୍ଥ ସାରଥୀ ରାଉତ, କୃଷ୍ଣଚନ୍ଦ୍ରପୁର ସମିତିର ସଭାପତି ସମୀର ରଞ୍ଜନ ସ୍ୱାଇଁ, ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ଦୀପ୍ତି ରଞ୍ଜନ କୁଅଁର, ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ କୁମାର ସ୍ୱାଇଁ, ରାଣୀ ଟୁଡୁ, ଯୁବ ସମାଜସେବୀ ଗଣେଷ ରାଉତ, ମହେନ୍ଦ୍ର ସେନାପତି, ଏରସମା ସରପଞ୍ଚ ସଚ୍ଚିଦା ନନ୍ଦ ଦାସ, ନୁହାଡିହି ସରପଞ୍ଚ ବ୍ରଜ ପ୍ରଧାନ, ଜିଲ୍ଲା ବିଜେଡ଼ି ଉପସଭାପତି ବିଜୟ କୁମାର ପାଳ, ଜାନକାଦେଇପୁର ସରପଞ୍ଚ ଜିତେନ୍ଦ୍ର ବେହେରା, ସମିତି ସଭ୍ୟ ନିମାଇଁ ପାତ୍ର, ଆମ୍ବିକି ସମିତି ସଭ୍ୟ ଧନଞ୍ଜୟ ସାହୁ, ଢ଼ିଙ୍କିଆ ପୂର୍ବତନ ସରପଞ୍ଚ କିଶୋର କୁମାର ପରିଡ଼ା, ପଏଦା ପୂର୍ବତନ ସରପଞ୍ଚ ପ୍ରଦୀପ୍ତ କିଶୋର ପରିଡ଼ା, ଗଡ଼କୁଜଙ୍ଗ ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆ, ସୁଧୀର ମହାପାତ୍ର, ବୈଷ୍ଣବ ମହାନ୍ତି, ନାୟବ ସରପଞ୍ଚ କାଳନ୍ଦୀ ସ୍ୱାଇଁ, ଜ୍ୟୋତି ରଞ୍ଜନ କୁଅଁର, ବୁଲୁ ରାୟ, ସୁବ୍ରତ ଦାସ,ବିଷ୍ଣୁ ଚରଣ ପ୍ରଧାନ, ଦେବେନ୍ଦ୍ର ଜେନା, ସମୀର ସ୍ୱାଇଁ ପ୍ରମୁଖ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ବିଜେଡ଼ି ପକ୍ଷରୁ ୨୫ ପଞ୍ଚାୟତର ହଜାରରୁ ଉର୍ଦ୍ଧ୍ୱ ଶୁଭେଚ୍ଛୁ ଓ ସମର୍ଥକ ମାନେ ପ୍ରବାଦ ପୁରୁଷ ମହାଜନନାୟକ ବିଜୁ ବାବୁଙ୍କ ତିରୋଧାନ ଦିବସରେ ଯୋଗଦେଇ ଥିଲେ ।



## ତିନି ଦଫା ଦାବିକୁ ନେଇ ନିଆଳି ପ୍ରେସ୍ କ୍ଲବ୍‌ର ଧାରଣା

ନିଆଳି, (ଭାସ୍କର ନ୍ୟୁଜ୍ ) : ନିଆଳି ତହସିଲ୍ ଆଗରେ ତିନି ଦଫା ଦାବି ନେଇ ନିଆଳି ପ୍ରେସ୍ କ୍ଲବ୍ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଆରମ୍ଭ ହୋଇଛି । ନିଆଳି ତହସିଲଦାର୍ ଲିଲନ୍ ପ୍ରସାଦ ସାହୁଙ୍କୁ ତିନି ଦଫା, ତଥା ନିଆଳିରେ ଭେଣ୍ଡିଂ ଜୋନ୍, ନିଆଳି ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କୋଠାକୁ କାର୍ଯ୍ୟକାରୀ କରିବା, ନିଆଳିରେ ଯାତ୍ରୀ ମାନଙ୍କ ପାଇଁ ବିଶ୍ରାମାଗାର କରିବା ପାଇଁ ୧୫ତାରିଖ ଭିତରେ କାର୍ଯ୍ୟକାରୀ କରିବାକୁ ସମୟ ସୀମା ଦେଇଥିଲା ନିଆଳି ପ୍ରେସ୍ କ୍ଲବ୍ । ସମୟ ସୀମା ପୁରି ଥିବାରୁ ଆଜି ନିଆଳି ପ୍ରେସ୍ କ୍ଲବ୍ ତହସିଲ୍ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ ପାଇଁ ସଦସ୍ୟ ସଦସ୍ୟତା ମାନେ ଧାରଣା ଦେଇଛନ୍ତି ।

## ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନ ସହ ପୋଷଣ ଦିବସ ପାଳିତ



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର କପିଳେଶ୍ୱରପୁର ଶାସନ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ପୋଷଣ ଦିବସ ପାଳନ ହୋଇଯାଇଛି । ଅଙ୍ଗନୱାଡ଼ି କର୍ମି କବିତା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସିଡ଼ିପିଓ ଲଳିତା ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କାଉନସିଲର ତଥା ସାମ୍ବାଦିକ ଭାସ୍କର ବେହେରା ସମ୍ମାନିତ ଅତିଥି ଭାବେ, ସୁପରଭାଇଜର ମମତା ମହାନ୍ତି କାର୍ଯ୍ୟକ୍ରମର ଆବାହକ ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସହରରେ ଥିବା ସମସ୍ତ ଅଙ୍ଗନୱାଡ଼ି କର୍ମୀ ମାନେ ନିଜ ନିଜ କେନ୍ଦ୍ରରେ ପୋଷଣ ଯୁକ୍ତ ଖାଦ୍ୟ ମାଣ୍ଡିଆରେ ତିଆରି ବିଭିନ୍ନ ପ୍ରସ୍ତୁତି ଖାଦ୍ୟ, ଚୁଡ଼ା, ମୁଢ଼ି ଉପମା, ଚାଉଳରୁ ପ୍ରସ୍ତୁତି ବିଭିନ୍ନ ପିଠା, ପନିପରିବାରୁ ପ୍ରସ୍ତୁତ ଡାଲମା, ଘାଣ୍ଟ ତରକାରୀ, ସାଲଟ, କାଞ୍ଜି, ଶାଗ, ମୁଗ ବିରି, ଡାଲି ଜାତୀୟରୁ ନିର୍ମିତ ବିଭିନ୍ନ ପିଠା ଭଳି ଅନେକ ଖାଦ୍ୟ ପ୍ରଦର୍ଶନୀ କରି କିଶୋରୀ ବାଳିକା, ମହିଳା ମାନଙ୍କୁ ପୋଷୋଣ ଖାଦ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରି ବୁଝାଇଥିଲେ । ମାତ୍ରାଧିକ ଆଇରନ ଯୁକ୍ତ ଖାଦ୍ୟ ପାଇବାକୁ ହେଲେ ନିଜ ବାଡ଼ି ବଗିଚାରେ ପନିପରିବା ଚାଷ କାର୍ଯ୍ୟ କରିବାର ଆବଶ୍ୟକତା ଅଛି । ବାହାର ଖାଦ୍ୟ ନଖାଇବା ସ୍ୱାସ୍ଥ୍ୟ ପ୍ରତି ଭଲ । କିଶୋରୀ ବାଳିକା ମାନେ ନିଜକୁ ସ୍ୱଚ୍ଛତା ରଖିବା ପରିଷ୍କାର ପରିଚ୍ଛନ୍ନତାକୁ ପ୍ରାଧାନ୍ୟ ଦେବା ଉଚିତ ବୋଲି ମତ ବ୍ୟକ୍ତ କରିଥିଲେ । ଓଡ଼ିଶା ସରକାରଙ୍କ ତରଫରୁ ପୁଷ୍ଟିକର ଖାଦ୍ୟ ଭାବେ କିଶୋରୀ ବାଳିକା ମାନଙ୍କୁ ସ୍ୱତନ୍ତ୍ର ଭାବେ ଅଣ୍ଡା, ଭଜା ଚଣା, ଭଜା ମୁଢ଼ି ପୋଷଣ ଯୁକ୍ତ ଖାଦ୍ୟ ବଣ୍ଟନ କରୁଛନ୍ତି । ଏହାର ବ୍ୟବହାର ଉପରେ ଗୁରୁତ୍ୱ ବହନ କରିବା ପାଇଁ ସଚେତନତା କରାଯାଉଛି । ଏଥିରେ ସହରର ସମସ୍ତ ଅଙ୍ଗନୱାଡ଼ିଙ୍କ ସହ ସହାୟିକା ମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବାରେ ସହାୟକ ହୋଇଥିଲେ ।

## ନବ ଜୀବନ ଫାଉଣ୍ଡେସନ ପକ୍ଷରୁ ରାଜ୍ୟସ୍ତରୀୟ ସମାରୋହ

ଧାମନଗର, (ଭାସ୍କର ନ୍ୟୁଜ୍ ) : ଧାମନଗର ବ୍ଲକ ଖଡିପଦା ପଞ୍ଚାୟତ କାବେଶ୍ୱର ମନ୍ଦିର ପରିସରରେ ନବ ଜୀବନ ଫାଉଣ୍ଡେସନର ରାଜ୍ୟସ୍ତରୀୟ ଅଷ୍ଟମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ରାଜ୍ୟ ସ୍ତରୀୟ ସମାରୋହକୁ କଂଗ୍ରେସ ନେତା ତଥା କଂଗ୍ରେସ ବିରୋଧୀ ଦଳର ଉପ ନେତା ତଥା ବାସୁଦେବପୁର ବିଧାୟକ ଅଶୋକ ଦାସ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରବୋଚକ ସଂଗ୍ରାମ ଆଚାର୍ଯ୍ୟ, ରାଜ୍ୟ କୃଷକ ନେତା ଶେଷ ଦେବ ନନ୍ଦ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ନାରାୟଣ ଚନ୍ଦ୍ର ପାଢି ଯୋଗଦେଇ ବର୍ତ୍ତମାନ ସମୟରେ ଯୁବକ ମାନଙ୍କର ଆବଶ୍ୟକତା ରହିଛି । ସମାଜ ସେବାରେ ନିଜକୁ ନିୟୋଜିତ କରି ସମାଜ ଓ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଆଗେଇ ଆସିବାକୁ ଅତିଥି ମାନେ ଆହ୍ୱାନ ଦେଇଥିଲେ, ନବଜୀବନ ଫାଉଣ୍ଡେସନର ସମ୍ପାଦକ ମାନସ ରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନବ ଜୀବନ ଫାଉଣ୍ଡେସନର ଯୁବ ସଂଗଠକ ତଥା ସାମ୍ବାଦିକ ବିବେକା ନନ୍ଦ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ ସଞ୍ଚାଳନା କରିଥିଲେ । ଏହି ଅବସରରେ ସମାଜସେବୀ, କଳାକାର, ଶିକ୍ଷକ, ସାମ୍ବାଦିକ ଓ ନୃତ୍ୟ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ଅନିଲ ଘଡାଇ, ସଂଜୟ ବେହେରା, ରୁଦ୍ରନାରାୟଣ ଦାସ, ବିଜୟ ସାହୁ, ତପନ ଜେନା, ପ୍ରଦ୍ୟୁମ୍ନ ସାହୁ, ମନୋଜ ନନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ଶେଷରେ ନବ ଜୀବନ ଫାଉଣ୍ଡେସନର ଅନ୍ୟତମ କାର୍ଯ୍ୟକର୍ତ୍ତା ଅରୂପ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।



## ବାଘମାରୀ ରାବଣ ପୋଡ଼ି ଉତ୍ସବ ଉଦ୍‌ଯାପିତ

# ଶୃଙ୍ଖଳିତ ଜୀବନ ଯାପନ କରିବା ପାଇଁ ସମାଜକୁ ଶିକ୍ଷା ଦେଇଥାଏ ରାମଲୀଳା

ବୋଲଗଡ଼, (ଭାସ୍କର ): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମ ତଳସାହି ସ୍ଥିତ ରଘୁନାଥ ନାଟ୍ୟ ସଂସଦ ପକ୍ଷରୁ ନଅ ଦିନ ଧରି ଚାଲିଥିବା ଶ୍ରୀରାମ ଲୀଳା ନାଟକର ଅନ୍ତିମ ଦିବସରେ ରାବଣ ପୋଡ଼ି ଉତ୍ସବ ଉଦ୍‌ଯାପିତ ହୋଇଛି । ଏଥିରେ ଅନୁଷ୍ଠାନର ସଭାପତି ଦାଶରଥି ପଣ୍ଡାଙ୍କ ଅଧକ୍ଷତା ଓ କବି ଗୋପୀନାଥ ସେଠୀଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ ଓ ସମିତି ସଭ୍ୟା ନବନୀତା ମହାନ୍ତିଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାମଲୀଳାର ପ୍ରତ୍ୟେକ ଚରିତ୍ର ଜନ ସାଧାରଣଙ୍କୁ ଶୃଙ୍ଖଳିତ ଭାବେ ଜୀବନ ଯାପନ କରିବାପାଇଁ ଶିକ୍ଷା ଦେଇଥାଏ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ପରେ ଦେବେନ୍ଦ୍ର ପ୍ରସାଦ ପରମଗୁରୁ ଓ ଅଧ୍ୟାପିକା ନିଳୀମା ନନ୍ଦଙ୍କ ସଂଯୋଜନାରେ ସାରୁଅ ମହାବୀର ଡ୍ୟାନସ ଗ୍ରୁପ, ନୟାଗଡ଼ ରକଷ୍ଟାର ଡ୍ୟାନସ ଗ୍ରୁପ, ଭୁବନେଶ୍ୱର ଶ୍ରୀ ରାଧା କଳାକୁଞ୍ଜ ଟ୍ରଷ୍ଟ ଓ ଜଟଣୀ ପ୍ରତିଧ୍ୱନି କଳା ସଂସଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶେଷରେ ୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପ୍ରତିକୃତିରେ ଅଗ୍ନି ସଂଯୋଗ କରିବା ସହ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ ହୋଇଥିଲା । କାର୍ଯ୍ୟକ୍ରମରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ପୁଲିସ ବଳ ନିୟୋଜିତ ହୋଇଥିଲେ ।



## ବିଶ୍ୱ ଶାନ୍ତି ମହାଯଜ୍ଞ ସମ୍ବର୍ଦ୍ଧନା ସଭା

ଫୁଲନଖରା, (ଭାସ୍କର ନ୍ୟୁଜ୍ ) : ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ଗ୍ରାମପଞ୍ଚାୟତ ବ୍ରାହ୍ମଣ ଝରିଲୋ କୁଶକୁଣ୍ଡାଠାରେ ୧୯ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ତିନି ଦିନ ଧରି ଅନୁଷ୍ଠିତ ହୋଇ ପୂର୍ଣ୍ଣାହୁତି ସନ୍ଧ୍ୟାରେ ବାଜାବାଣରେ ପୀଠ ଉଛୁଳି ପଡୁଥିଲା । ଆରାଧ୍ୟା କଲଚରାଲ ଏକାଡେମୀ ପକ୍ଷରୁ ମନଲୋଭା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଦେଖିବାକୁ ମିଳିଥିଲା । ଏହି ଯଜ୍ଞ ମହୋତ୍ସବରେ କଟକ ଏସିପି ଜୋନ-୪ ଅମିତାଭ ମହାପାତ୍ର, କଟକ ସଦର ଥାନା ଆଇଆଇସି ଓମ ପ୍ରକାଶ ମହାନ୍ତି, ଲାଲ ବାହାଦୂର ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା, ସୁଧାନନ୍ଦ ବିଦ୍ୟାଳୟର ସ୍ୱାମୀଜୀ ଆତ୍ମାରାମ ସୁରେନ୍ଦ୍ର ନାଥ ଛୋଟରାୟ, ସାମ୍ବାଦିକ ଲଳିତ କୁମାର ଦାଶ, ପ୍ରତାପ କିଶୋରୀ ପାତ୍ର, ଧୀରେନ୍ଦ୍ର ସାହୁ, ରାକେଶ ହୋତା, ସନ୍ତୋଷ ଜେନା, ସୁନ୍ଦର ପ୍ରଭାତ ଦାସ, ମଧୁପାଟଣା ଆଇଆଇସି ଚିତ୍ତରଞ୍ଜନ ରାଉତ, ତୈଲକ୍ୟ ମଙ୍ଗରାଜ, ବାବୁଲି ମୂଳିଆ, ରବିନାରାୟଣ ମହାପାତ୍ର, ଏହିପରି ଅଂଚଳର ମାନ୍ୟଗନ୍ୟ ଭଦ୍ର ବ୍ୟକ୍ତିମାନଙ୍କୁ ଯଜ୍ଞର କର୍ତ୍ତା ଅଜୟ କୁମାର ପାତ୍ର ଓ କର୍ତ୍ତୀ ନିର୍ମଳ ପାତ୍ର ସମସ୍ତଙ୍କୁ ସମ୍ବୋଧିତ କରିଥିଲେ । ସଭା ଶେଷରେ ଦୁଇହଜାର ଭକ୍ତ ପ୍ରସାଦ ସେବନ କରିଥିଲେ ।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ କାର୍ଡ ବରେଣ୍ଟରେ ଯନ୍ତ୍ରୀଙ୍କୁ ମାଡ ଘଟଣା

# ବ୍ଲକ କର୍ମଚାରୀଙ୍କ ଶାନ୍ତି ପୂର୍ଣ୍ଣ କଲମଛାଡ ଆନ୍ଦୋଳନ ୨ୟ ଦିନରେ

ରଘୁନାଥପୁର, (ଭାସ୍କରନ୍ୟୁଜ୍ ) : ସରକାରଙ୍କ ଆୟୁଷ୍ମାନ କାର୍ଡ ବଣ୍ଟନ ଅବସରରେ ରଘୁନାଥପୁର ବ୍ଲକ ପ୍ରଶାସନ ପକ୍ଷରୁ ତରିକୁନ୍ଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମହିଳା ଯନ୍ତ୍ରୀ ଓ କର୍ମଚାରୀଙ୍କୁ ମାଡମରା ଘଟଣାରେ ଜଗତସିଂହପୁର ଥାନାରେ ଅଭିଯୋଗ ହୋଇଥିଲା । ତେବେ ଘଟଣା ଘଟିବା ଓ ଅଭିଯୋଗ ହେବାର ୬ ଦିନ ମଧ୍ୟରେ ଆସାମିମାନେ ଖୁଲମଖୁଲା ବୁଲୁଥିଲେ ମଧ ଜଗତସିଂହପୁର ପୋଲିସ ନାମକୁ ମାତ୍ର ୨ ଜଣଙ୍କୁ ଗିରଫ ଥିବାବେଳେ ମୁଖ୍ୟ ଆସାମୀ ମାନଙ୍କୁ ଗିରଫ କରିପାରି ନାହିଁ । ଏହାକୁ ନେଇ ବ୍ଲକ କାର୍ଯ୍ୟାଳୟ ପରିଷରରେ କର୍ମଚାରୀ ମାନେ ଶାନ୍ତି ପୂର୍ଣ୍ଣ କଲମଛାଡ଼ ଅନଶନରେ ବୁଧବାର ଠାରୁ ବସି ରହି ଥିବାର ଦେଖିବାକୁ ମିଳିଛି । ଏଥିରେ ବ୍ଲକ ଓ ୧୯ଗୋଟି ପଞ୍ଚାୟତ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ ମାନେ କଲମଛାଡ଼ ଅନଶନରେ ସକାଳ ୭ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ବସିରହୁଥିବାରୁ ଦୂରଦୁରାନ୍ତରୁ ବିଭିନ୍ନ କାର୍ଯ୍ୟନେଇ ବ୍ଲକକୁ ଆସିଥିବା ଲୋକମାନେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ହଟହଟା ହୋଇ ନିରାଶରେ ଘରକୁ ଫେରୁଥିବାର ଦେଖିବାକୁ ମିଳିଛି । ତେବେ ଏହି ଅନଶନ ପାଇଁ ବ୍ଲକ କାର୍ଯ୍ୟ ଏକ ପ୍ରକାର ଠପ ହୋଇପଡ଼ିଛି । ମୁଖ୍ୟ ଆସାମୀ ମାନଙ୍କୁ ତୁରନ୍ତ ଗିରଫ ଓ ଫିଲ୍ଡରେ କାର୍ଯ୍ୟ ସମୟରେ ସୁରକ୍ଷା ପାଇଁ ଅନଶନକାରୀ ମାନେ ସରକାରଙ୍କ ନିକଟରେ ଦାବି ରଖିଛନ୍ତି । ଦାବି ପୁରଣ ନ ହେବା ପର୍ଯ୍ୟନ୍ତ ଏହି ଅନଶନ ଜାରି ରହିବ ବୋଲି ସେମାନେ କହିଛନ୍ତି । ଅପର ପକ୍ଷରେ ଅନଶନ ୨ଦିନରେ ପହଞ୍ଚି ଥିଲେ ବି ଜିଲ୍ଲା ପ୍ରଶାସନର କୌଣସି ଅଧିକାରୀ ଅନସନ ସ୍ଥଳରେ ପହଞ୍ଚିବା ପରିବର୍ତ୍ତେ ଓଲଟା ଜିଲ୍ଲା ପ୍ରଶାସନ ପାଖରୁ ଧମକ ଆସୁଛି ଧାରଣାରୁ ଓହରିଯାଅ ନଚେତ ତୁମମାନଙ୍କୁ ଚାକିରୀରୁ ନିଲମ୍ବିତ କରାଯିବ । ଯାହାକି ଗଣତନ୍ତ୍ର ରାଷ୍ଟ୍ରରେ ଏହା ନ୍ୟାୟ ସଙ୍ଗତ ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ଏହାକୁ ନାପସନ୍ଦ କରାଯାଇଛି । ଗୁରୁବାର ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଏବଂ ତାଙ୍କ ସମର୍ଥକ ମାନେ ଧାରଣା ସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ସମର୍ଥନ ଜଣାଇବା ସହ ଜିଲ୍ଲାପ୍ରଶାସନ ସହିତ ଆଲୋଚନା କରିବେ ବୋଲି କହିଥିଲେ । ଏହାର ସମାଧାନ ବାଟ ବାହାର କରି ପ୍ରଶାସନ ତୁରନ୍ତ ସାଧାରଣ ଲୋକମାନଙ୍କୁ ବ୍ଲକ ସେବା ଯୋଗାଇଦେବାପାଇଁ ଅଞ୍ଚଳପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହେଉଛି ।

## ତୃତୀୟ ଲିଙ୍ଗୀ ବ୍ୟକ୍ତି ବିଶେଷଙ୍କୁ ପ୍ରମାଣପତ୍ର ଓ ପରିଚୟ ପତ୍ର ବଣ୍ଟନ

ବୌଦ୍ଧ, (ଭାସ୍କର ନ୍ୟୁଜ୍ ): ବୁଧବାର ଦିନ ଦିବା ୧୧ ଘଣ୍ଟା ସମୟରେ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ତୃତୀୟ ଲିଙ୍ଗୀ ବ୍ୟକ୍ତି ବିଶେଷଙ୍କୁ ପ୍ରମାଣପତ୍ର ଓ ପରିଚୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଜିଲ୍ଲାରେ ନୂତନ ଭାବରେ ଚିହ୍ନଟ ହୋଇଥିବା ୩ ଜଣ ତୃତୀୟ ଲିଙ୍ଗୀ ବ୍ୟକ୍ତି ବିଶେଷଙ୍କୁ ପ୍ରମାଣପତ୍ର ଓ ପରିଚୟ ପତ୍ର ବଣ୍ଟନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଶାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତୀ ବଳିୟାର ସିଂହ ଓ ସାମାଜିକ ସୁରକ୍ଷା ବିଭାଗ, ବୌଦ୍ଧର କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସମାଜର ମୁଖ୍ୟ ସ୍ରୋତରେ ତୃତୀୟ ଲିଙ୍ଗୀଙ୍କୁ ସାମିଲ କରିବା ପାଇଁ ସମସ୍ତ ପ୍ରକାର ସହଯୋଗ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀଯୁକ୍ତ ପଣ୍ଡା ଦୃଢୋକ୍ତି ପ୍ରକାଶ କରିଥିଲେ । କୌଣସି ପ୍ରକାର ସାହାଯ୍ୟ ଦରକାର ହେଲେ ନିଶ୍ଚିତ ଭାବେ ଜିଲ୍ଲା ପ୍ରଶାସନଙ୍କୁ ଜଣାଇବା ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କିସାନ ମତବ୍ୟକ୍ତ କରିବା ସହ ସଙ୍ଗେ ସଙ୍ଗେ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ପଧାନ ତୃତୀୟ ଲିଙ୍ଗୀ ମଧ୍ୟରୁ କେତେ ଜଣ ମୁଖ୍ୟ ଭାବରେ ରହି କୋଣ ଅନୁକୋଣରେ ଥିବା ଅନ୍ୟ ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ମଧ୍ୟ ସରକାରୀ ସୁବିଧା, ସୁଯୋଗ ମିଳିବାରେ ସହଯୋଗ କରିବାକୁ ଆଗେଇ ଆସିବା ପାଇଁ ଆହ୍ୱାନ କରିଥିଲେ ।



# ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ




ରଘୁନାଥପୁର, (ଭାସ୍କର ନ୍ୟୁଜ୍ ) : ରଘୁନାଥପୁର ବ୍ଲକ ନିକଟ ଜଗନ୍ନାଥପୁର ବଜାରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତୀ ସ୍ଥଳରେ ସମିତି ଉପାଧକ ଦେବାଶିଷ ତ୍ରିପାଠୀଙ୍କ ପରିଚାଳନାରେ ବିଜୁବାବୁଙ୍କ ୨୮ତମ ତିରୋଧାନ ଦିବସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଯୋଗଦେଇ ସ୍ଥାନୀୟ ଗୋପବନ୍ଧୁ ଓ ବିଜୁବାବୁଙ୍କ ପ୍ରତି ମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ଶିକ୍ଷା ବିତ ସୁରେଶ ଚନ୍ଦ୍ର ରାଉତ, ସୁରେନ୍ଦ୍ର ନାଥ ମହାପାତ୍ର, ତିର୍ତ୍ତୋଲ ବିଜେଡି ଯୁବନେତା ବସନ୍ତ କୁମାର ମହାପାତ୍ର, ଅଶ୍ୱନୀ ଦାସ, ରଘୁନାଥପୁର ପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟ, ନେତୃମଣ୍ଡଳୀ, କର୍ମୀମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ଭାଗନେଇ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

# ଲୋକଙ୍କ ଜାଳେଣି ଚାହିଦା ମେଣ୍ଟାଉଛି ଶୁଖିଲା ଶାଳପତ୍ର

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ଜଙ୍ଗଲ ପାଖ ଅଞ୍ଚଳର ଲୋକମାନେ ଜଙ୍ଗଲରେ ପଡିଥିବା ଶୁଖିଲା ପତ୍ର ସଂଗ୍ରହ କରି ନିଜର ଜାଳେଣି ଚାହିଦା ମେଣ୍ଟାଇବାରେ ସହାୟକ ହେଉଛନ୍ତି । ଆମ ଜଙ୍ଗଲ ପର୍ଣ୍ଣମୋଚୀ ହୋଇଥିବାରୁ ସାଧାରଣତଃ ବସନ୍ତ ଋତୁରେ ପତ୍ର ଝଡା ଦିଏ । କେନ୍ଦୁଝର ଜିଲାରେ ଜଙ୍ଗଲଗୁଡିକରେ ସାଧାରଣତଃ ଶାଳ ଗଛଗୁଡିକ ଅଧିକ ଥିବାରୁ ଲୋକମାନେ ଶାଳ ଗଛରୁ ଝଡ଼ି ଥିବା ଶୁଖିଲା ପତ୍ର ସଂଗ୍ରହ କରିଥାନ୍ତି । ଏହି ଶୁଖିଲା ପତ୍ର ଜଙ୍ଗଲରେ ପଡ଼ିଥିଲେ କୌଣସି ସ୍ଥାନରେ ନିଆଁ ଲାଗିଲେ ଜଙ୍ଗଲ ସାରା ବ୍ୟାପିବାର ସମ୍ଭାବନା ରହିଥାଏ । କିନ୍ତୁ ଲୋକମାନେ ଏହି ପତ୍ର ସଂଗ୍ରହ କରୁଥିବା ଯୋଗୁଁ ଜଙ୍ଗଲ ନିଆଁ ଦାଉରୁ ରକ୍ଷା ପାଇଥାଏ । ଏହି ଶୁଖିଲା ପତ୍ର ମଧ ଲୋକମାନଙ୍କ ଜାଳେଣି ଆବଶ୍ୟକତାକୁ ମେଣ୍ଟାଇଥାଏ । ଫଳରେ ଲୋକମାନେ କଞ୍ଚା ଜଙ୍ଗଲ ଗଛ ଉପରେ ନିର୍ଭର କରନ୍ତିନାହିଁ । ଯାହାକି ଜଙ୍ଗଲ ସଂରକ୍ଷଣରେ ସାହାଯ୍ୟ କରିଥାଏ । କେନ୍ଦୁଝର ଜିଲ୍ଲାରେ ଜଙ୍ଗଲ ପାଖ ଅଞ୍ଚଳରେ ଛୋଟରୁ ବଡ଼ ଏପରିକି ସ୍ତ୍ରୀ ଲୋକମାନେ ମଧ ଜଙ୍ଗଲକୁ ଯାଇ ଶୁଖିଲା ଶାଳପତ୍ର ଏକତ୍ର କରି ବଡ଼ ବଡ଼ ବସ୍ତା ଓ ଜାଲି ସାହାଯ୍ୟରେ ଘରକୁ ପତ୍ର ବୋହି ନେଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଏହି ସଂଗୃହିତ ପତ୍ରକୁ କେହି କେହି ମୁଣ୍ଡେଇ, ସାଇକେଲରେ, ବାଇକ୍‌ରେ, ଚାରି ଚକିଆ ଗାଡିରେ ଓ ଭାରରେ ବୋହି ନେଇ ଘର ପଛ ବାରଣ୍ଡାରେ ରଖିଥାନ୍ତି । ଏହି ଶୁଖିଲା ପତ୍ରକୁ ଆବଶ୍ୟକବେଳେ ଜାଳେଣି ରୂପେ ବ୍ୟବହାର କରିଥାନ୍ତି ।





ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : ନାରାୟଣ ପାଟଣା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶାର ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୨୮ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏନେଇ ବିଜେଡି କାର୍ଯ୍ୟାଳୟରେ ବିଜୁବାବୁଙ୍କ ଫଟୋଚିତ୍ର ଆଗରେ ଧୂପଦ୍ୱୀପ ଦେଇ ପୂଜାର୍ଚ୍ଚନା ସହ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ନାରାୟଣ ପାଟଣା ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବିଜେଡି କର୍ମୀ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରି ଦେଶର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଓ ମହିଳା ସଶକ୍ତିକରଣ ହେଉଛି ଆମ ଓଡ଼ିଆ ମାଟି ପାଇଁ ତାଙ୍କର ସର୍ବଶ୍ରେଷ୍ଠ ଅବଦାନ ବୋଲି ଶ୍ରୀଯୁକ୍ତ ତ୍ରିନାଥ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ଏସ.ଏଗି ନାରାୟଣ, କାର୍ଯ୍ୟକାରୀ ସମ୍ପାଦକ ଦୟା ପ୍ରଧାନ, ଆଡ଼ଭାଇଜର ଲଳିତ ମୋହନ ପରିଡା, ବ୍ଲକ ଯୁବ ସଭାପତି ଏନ୍. ବିନୋଦ ଉପସ୍ଥିତ ଥିଲେ।



### ପ୍ରଶାସନର ନାକ ତଳେ ଜବରଦଖଲ

# କୋରେଇରେ ଅନାବାଦୀ-ଗୋଚର ଜମିକୁ କବ୍ଜା କରିନେଲେଣି ଦୁର୍ବୃତ୍ତ



କୋରେଇ (ଭାସ୍କର ନ୍ୟୁଜ୍): ବ୍ୟାସନଗର ତହସିଲ ଅଧିନରେ ଥିବା ସମସ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଅବସ୍ଥାପିତ ଥିବା ରାଜସ୍ୱ ନିରୀକ୍ଷକ ମାନେ ସରକାରୀ ନିୟମକୁ ଫୁଙ୍କି ଉଡେଇ ଦେଉଥିବା ଭଳି ମନେ ହେଉଛି। ସମସ୍ତ ରାଜସ୍ୱ ନିରୀକ୍ଷକ ମାନଙ୍କର କାର୍ଯ୍ୟକଳାପରୁ ଜଣାଯାଉଛି ଯେମିତି ସେ ତାଙ୍କ ନିଜର କର୍ତ୍ତବ୍ୟ ଭୁଲିଗଲେଣି ! ସରକାର ସରକାରୀ ଜମିର ରକ୍ଷଣା ବେକ୍ଷଣ ଓ ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେବା ପାଇଁ ସେମାନଙ୍କୁ ନିଯୁକ୍ତି କରାଯାଇଛି। କିନ୍ତୁ ଦୁଃଖର ବିଷୟ ଜଗୁଆଳି ସାଜିଛନ୍ତି ଚୋର ମାଉସିଆ। ସବୁ ଜାଣି ଦେଖି ଚୁପ ରହୁଥିବା ଦେଖିବାକୁ ମିଳୁଛି। ସାରା କୋରେଇରେ କୋଉଠି ସରକାରୀ ଜମି ଜବରଦଖଲ, ଗୋଚର ଜମି ଖନନ୍, ନଦୀବନ୍ଧ ନିକଟବର୍ତ୍ତି ଅଞ୍ଚଳରେ ଖନନ, ବେଆଇନ ଇଟାଭାଟି, ଜଙ୍ଗଲ ଜମିରେ ମହରମ୍ ଖୋଳା, ଚୋରା ବାଲି ଘାଟରୁ ବାଲି ଲୁଟ୍ ପରି ଅନେକ ଅଭିଯୋଗ ଲମ୍ବିବାରେ ଲାଗିଛି। ସାଧାରଣ ଜନତାଙ୍କ ଟିକସରୁ ସରକାରଙ୍କ ଠାରୁ ମୋଟାଅଙ୍କର ମାସିକ ବେତନ ପାଉଥିବା କର୍ମଚାରୀ ଏବେ ମାଫିଆଙ୍କ କବଳରେ। ନା ସରକାରଙ୍କ ନିର୍ଦ୍ଦେଶକୁ ଖାତିର ଅଛି ନା କୌଣସି ସାଧାରଣ ଜନତାଙ୍କୁ, ଏଭଳି ଏକ ସଂଗୀନ ଅଭିଯୋଗ କୋରେଇ ଥାନା ଅନ୍ତର୍ଗତ ସାଦକପୁର ପଞ୍ଚାୟତର ସାଦକ ପୁର ମୌଜାରେ ଦେଖିବାକୁ ମିଳିଛି। ଏହି ମୌଜାର କୋରେଇ ଥାନାରୁ ପାଣିକୋଇଲି ରଗଡ଼ି ରାସ୍ତାର ସଂଯୋଗ ସ୍ଥଳ ଓ ସାଦକପୁର ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ରକୁ ଲାଗି ରାସ୍ତାକଡ଼ରେ ଥିବା ଗୋଚର ଜମି ଖାତା ନଂ-୩୨୭ପ୍ଲଟ ନଂ-୩୧୭ କେହି ଦୁର୍ବୃତ୍ତ ଜବର ଦଖଲ କରି ଏକ ପକ୍କା ଘର ନିର୍ମାଣ କରୁଥିବା ଦେଖିବାକୁ ମିଳୁଛି। ଏଠାରେ ପ୍ରଶ୍ନ ଉଠେ ସେହି ବାଟଦେଇ ବ୍ୟାସନଗର ତହସିଲଦାରଙ୍କ ଠାରୁ ଆରମ୍ଭ କରି ବହୁ ଛୋଟ ବଡ଼ ତହସିଲ କର୍ମଚାରୀ ଓ ପୋଲିସ ପ୍ରଶାସନ ଠାରୁ ଆରମ୍ଭ କରି ବଡ଼ ବଡ଼ ସରକାରୀ ବାବୁମାନେ ଯିବା ଆସିବା କରୁଥିବା ବେଳେ କେମିତି ସେମାନଙ୍କ ନଜର ପଡୁନାହିଁ ? ସେହିଭଳି କୋରେଇର ବିଭିନ୍ନ ସ୍ଥାନରେ ଅନାବାଦୀ, ଗୋଚର ଜମିକୁ ବର୍ତ୍ତମାନ ବାଂଲାଦେଶୀ, ରୋହିଙ୍ଗ୍ୟାମାନେ ରାଜମିସ୍ତ୍ରୀ ଓ ଛୋଟ ଛୋଟ ଖେଳନା ବେପାର କରିବାକୁ ଆସି ଜବରଦଖଲ କରି ଘର ନିର୍ମାଣ କରି ରହୁଥିବା ଦେଖିବାକୁ ମିଳୁଛି। କାଳକ୍ରମେ ସେମାନେ ଏଠି ବାହା ସାହା ହୋଇ ଘର ସଂସାର କରି ଏଠିକାର ବାସିନ୍ଦା ମଧ୍ୟ ହେଉଛନ୍ତି। ସରକାରୀ ବାବୁମାନେ ହାତଗୁଞ୍ଜା ନେଇ ସେମାନଙ୍କୁ ବିଭିନ୍ନ ସରକାରୀ ସୁବିଧା ଦେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ନେତାମାନେ ନିଜର ଭୋଟ ବଢିବା ଆଶାରେ ଚୁପ୍ ରହୁଥିବା ଦେଖିବାକୁ ମିଳୁଛି। ବିଶେଷ କରି କୋରେଇର ଯେଉଁ ପଞ୍ଚାୟତରେ ଅଳ୍ପ ସଂଖ୍ୟକ ରହୁଛନ୍ତି ସେହି ପଞ୍ଚାୟତରେ ଏହା ବେଶି ଦେଖିବାକୁ ମିଳୁଛି। ଏହିଭଳି ଲାଗିରହିଲେ ଦିନ ଆସିବ କୋରେଇରେ ଅନାବାଦୀ ଗୋଚର ଜମି ଦେଖିବା ସ୍ୱପ୍ନ ହୋଇଯିବ। ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ପ୍ରଦାନ କରି ବାହାରୁ ଆସି ରହିଥିବା ଲୋକଙ୍କୁ ଯାଞ୍ଚ କରିବା ସହିତ ସରକାରୀ ଜମିକୁ ଏମାନଙ୍କ କବଳରୁ ମୁକ୍ତ କରିବାକୁ କୋରେଇର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ମହାବୀର ହନୁମାନଜିଉଙ୍କ ଶୋଡ଼ଷ ବାର୍ଷିକ ଯଜ୍ଞ ଉତ୍ସବ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଯଅଁରାବାରିମୂଳ ପଂଚାୟତ ଅନ୍ତର୍ଗତ ଯଅଁରାବାରିମୂଳ ଗ୍ରାମର ଶ୍ରୀ ଶ୍ରୀ ମହାବୀର ହନୁମାନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ତ୍ରିଦିବସୀୟ ଶୋଡ଼ଷ ବାର୍ଷିକ ଯଜ୍ଞ ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଯଅଁରାବାରିମୂଳ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ଯଜ୍ଞ କାର୍ଯ୍ୟରେ ଗତ ସୋମବାର ଦିନ ଶ୍ରୀ ହନୁମାନଙ୍କ ଉପଚାର ପୂଜା କରାଯାଇଥିଲା। ମଙ୍ଗଳବାର ଦିନ ପୂର୍ବାହ୍ନରୁ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ନିକଟସ୍ଥ ପବିତ୍ର ଲୁଣା ନଦୀର ଖନନଗର ଘାଟରୁ ପୂଜାର୍ଚ୍ଚନା ପୂର୍ବ ଶୁଭ କଳସଯାତ୍ରା ଆରମ୍ଭ କରିଥିଲେ। ବାଜାବାଣ ସଂକୀର୍ତ୍ତନ ମଧ୍ୟରେ ଶ୍ରଦ୍ଧାଳୁମାନେ ପବିତ୍ର କଳସକୁ ପଂଚାୟତ ଅନ୍ତର୍ଗତ ବିଭିନ୍ନ ଦେବସ୍ଥଳୀ ପରିକ୍ରମା କରାଇବା ପରେ ଯଜ୍ଞସ୍ଥଳରେ ଶୁଭ କଳସ ସ୍ଥାପନ କରାଯାଇଥିଲା । ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଚଣ୍ଡୀପାଠ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା। ବୁଧବାର ଦିନ ଗୀତାଯଜ୍ଞ ପରେ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୂତି କରାଯାଇ ଶ୍ରଦ୍ଧାଳୁ ଭକ୍ତମାନଙ୍କ ମଧ୍ୟରେ ଚରୁଅନ୍ନ ବଣ୍ଟନ କରାଯାଇଥିଲା। ଏହି ଧର୍ମୀୟ କାର୍ଯ୍ୟରେ ପଞ୍ଚାୟତ ତଥା ପଞ୍ଚାୟତ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ଚୋରି ଉଦ୍ୟମ ପଣ୍ଡ, ୧୨ରୁ ଊର୍ଦ୍ଧ୍ୱ ଚୋର ଫେରାର

# ଗ୍ରାମବାସୀଙ୍କ ଦ୍ୱାରା ୩ଟି ଟ୍ରକ୍ ଓ ୪ଜଣ ଅଟକ

ଗରଦପୁର (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ନିର୍ବାଚନ ମଣ୍ଡଳୀ ଅଧିନ କୁଦାନଗରୀ ଥାନା ଅଞ୍ଚଳରୁ ଆସିଛି ଏକ ଚାଞ୍ଚଲ୍ୟକର ଘଟଣା। ଯେଉଁ ଘଟଣାକୁ ନେଇ ଏବେ ତମାମ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଗତକାଲି ବିଳମ୍ବିତ ରାତିରେ ଏକ ଚୋର ଗ୍ୟାଙ୍ଗ ତିନୋଟି ଟ୍ରକ ସହ ଏକାଧିକ ଚାରି ଚକିଆ ଗାଡି ଧରି ତଳକୁସୁମା ପଞ୍ଚାୟତ ତେନ୍ତୋଳ ଗ୍ରାମ ନିକଟରେ ଚାଲୁ ରହିଥିବା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ନିକଟରେ ପହଞ୍ଚ ଥିଲେ। ପ୍ରଥମେ ସେମାନେ ଉପସ୍ଥିତ ସିକ୍ୟୁରିଟି ଗାର୍ଡକୁ ଡରାଇ ଧମକାଇ ଅକ୍ତିଆର କରିବା ପରେ ଘଟଣାସ୍ଥଳରେ ମହଜୁତ ଥିବା ବଡ଼ ବଡ଼ ପାଇପଗୁଡିକୁ ଟ୍ରକରେ ବୋଝେଇ କରିଥିଲେ। ଲୁଟ ଚାଲିଥିବା ବେଳେ ସିକ୍ୟୁରିଟି ଗାର୍ଡ ଜଣକ କୌଶଳ କ୍ରମେ ଲୁଟେରାଙ୍କ କବଳରୁ ଖସିଯାଇ ନିକଟସ୍ଥ ତେନ୍ତୋଳ ଗ୍ରାମର ଗ୍ରାମବାସୀଙ୍କୁ ଡାକ ପକାଇବାରୁ ଗ୍ରାମବାସୀ ଘଟଣାସ୍ଥଳକୁ ଆସିଯିବା



ଦେଖି ଲୁଟେରାମାନେ ଛତ୍ରଭଙ୍ଗ ଦେଇଥିଲେ। ଚାରି ଚକିଆ ଗାଡି ଗୁଡିକ ସହ ପ୍ରାୟ ବାରରୁ ଊର୍ଦ୍ଧ୍ୱ ଲୁଟେରା ଖସିଯିବାରେ ସକ୍ଷମ ହୋଇଥିବା ବେଳେ ଟ୍ରକ ତିନୋଟିର ଚାଳକମାନଙ୍କ ସହ ଜଣକୁ ଗ୍ରାମବାସୀ କାବୁ କରିନେଇ ନିକଟସ୍ଥ କୁଦାନଗରୀ ଥାନାକୁ ଖବର ଦେଇଥିଲେ । ଖବର ପାଇ କୁଦାନଗରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ୩ଟିକୁ ଜବତ କରି ଥାନାକୁ ଆଣିବା ସହ ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା ୪ଜଣ ବ୍ୟକ୍ତିଙ୍କୁ ଥାନାକୁ ଅଣି ପଚରାଉଚରା ଜାରି ରଖିଛି। ଗ୍ରାମାଞ୍ଚଳରେ ବିଳମ୍ବିତ ରାତ୍ରିରେ ଏଭଳି ଏକ ବଡ଼ଧରଣର ଲୁଟ ଉଦ୍ୟମ ଖବର ଚାରିଆଡେ ପ୍ରଚାର ହେବା ପରେ ଏବେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳାଇ ଦେଇଥିବା ଦେଖିବାକୁ ମିଳିଛି।

# ରବିଧାନ କ୍ରୟ ପାଇଁ ଭଦ୍ରକ ଜିଲ୍ଲାକୁ ଅନୁମତି

# ତ୍ରୁଟିପୂର୍ଣ୍ଣ ରିପୋର୍ଟ ଦେଲା ବ୍ଲକ କୃଷି ବିଭାଗ !

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ କୃଷି ବିଭାଗ ବ୍ଲକ ଅଞ୍ଚଳରେ ରବିଧାନ ଚାଷ ପରିମାଣ ସମ୍ପର୍କରେ ତ୍ରୁଟିପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଚଳତ ବର୍ଷ ରବିଧାନ କ୍ରୟ ସରକାରୀ ଭାବେ ଅଗାମୀ ମଇ ପହିଲାରୁ ଆରମ୍ଭ ହେବ। ଏଥିପାଇଁ କୃଷକ ପଞ୍ଜିକରଣ ଚଳିତ ମାସ ୧୫ ତାରିଖ ସୁଦ୍ଧା ଘୋଷିତ ଜିଲ୍ଲାଗୁଡିକରେ ସମାପ୍ତ ହୋଇଛି। ମାତ୍ର ଏହି ସମୟ ମଧ୍ୟରେ ରବିଧାନ ବିକ୍ରି ପାଇଁ ଭଦ୍ରକ ଜିଲ୍ଲା ତାଲିକାରୁ ବାଦ୍ ପଡିଥିଲା। ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଗତ ୧୬ ତାରିଖ ପତ୍ର ସଂଖ୍ୟା ୬୬୨୪ ଅନୁଯାୟୀ ଭଦ୍ରକ ଜିଲ୍ଲା ରବିଧାନ ଚାଷୀଙ୍କୁ ଧାନ ବିକ୍ରୟ ଅନୁମତି ମିଳିଥିଲା। ଏଥିପାଇଁ ଜିଲ୍ଲାର ପ୍ରତ୍ୟେକ ବ୍ଲକ କୃଷି ବିଭାଗକୁ ରବିଧାନ ଚାଷ ପରିମାଣ ସମ୍ପର୍କରେ ରିପୋର୍ଟ ମଗାଯାଇଥିଲା। ହେଲେ ଭଣ୍ଡାରିପୋଖରୀ ବ୍ଲକ କୃଷି ବିଭାଗ ଚାଷ ପରିମାଣ ଠାରୁ ଯଥେଷ୍ଟ କମ ଚାଷ ରିପୋର୍ଟ ପ୍ରଦାନ କରିଥିବାରୁ ସମସ୍ତ ରବିଧାନ ଚାଷୀମାନେ ଧାନ ବିକ୍ରୟ କରିବା ସମ୍ଭବ ହେବନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହା ପ୍ରଚାରିତ ହେବା ପରେ ନାରାୟଣପୁର ପାକ୍ସ ସଭାପତି ଜୟନ୍ତ କୁମାର ସାହୁଙ୍କ ନେତୃତ୍ୱରେ ରବିଧାନ ଚାଷୀମାନେ ବ୍ଲକ କୃଷି କାର୍ଯ୍ୟାଳୟକୁ ଯାଇ ରିପୋର୍ଟ ସଂଶୋଧନ କରିବାକୁ ଦାବି କରିଥିଲେ। ହେଲେ ବ୍ଲକ କୃଷି ଅଧିକାରିଣୀ ସୁଦିପ୍ତା ପଣ୍ଡାଙ୍କୁ ଚାଷୀମାନେ ସାକ୍ଷାତ କରିପାରି ନଥିଲେ। ଏଥିପାଇଁ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେବେ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ ସଂପୃକ୍ତ ଅଧିକାରୀଙ୍କ ସହ ଫୋନ ଯୋଗେ ଯୋଗଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିନଥିଲା।

## ଯାଆଁଳା ଶିଶୁକନ୍ୟାଙ୍କ ମଧ୍ୟରୁ ଜଣକୁ ଅନ୍ୟ ହାତରେ ଟେକିଦେଲେ ବାପା-ମାଆ

ମୁରିବାହାଲ (ଭାସ୍କର ନ୍ୟୁଜ୍) : ନବଜାତ ଶିଶୁକୁ ଅନ୍ୟ ହାତରେ ଟିକେ ଦେଇଥିବା ଏକ ଘଟଣା ସାରା ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଚଲକି ପଞ୍ଚାୟତର କର୍ଲା ଗ୍ରାମର କଳାକର ଭୋଇଙ୍କ ସ୍ତ୍ରୀ କୁମୁଦିନୀ ଭୋଇ ଗତ ୯ ତାରିଖ ଦିନ ବଲାଙ୍ଗିର ଜିଲ୍ଲା ଭୀମଭୋଇ ମେଡ଼ିକାଲରେ ଦୁଇ ଜାଆଁଳା ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ସେଠାରେ ୩ଦିନ ପରେ ଜଣେ ବ୍ୟକ୍ତିଙ୍କୁ ନବଜାତକ ଶିଶୁକୁ ପାଳନ ପ୍ରତିପୋଷଣ ପାଇଁ ଅନ୍ୟଜଣକୁ ଟେକି ଦେଇଥିଲେ । ପୂର୍ବରୁ କଳାକରଙ୍କ ୨ ଶିଶୁ ପୁତ୍ର ରହିଥିବା ବେଳେ ଏବେ ୨ ଶିଶୁ କନ୍ୟା ଜନ୍ମ ପରେ ତୁରେକେଲା ଥାନା ରଜାମରା ଗ୍ରାମର ପରିଚିତ ବ୍ୟକ୍ତିଙ୍କ ମାଧ୍ୟମରେ ବଲାଙ୍ଗିରରେ ଛତିଶଗଡ଼ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ନବଜାତକ ଶିଶୁକୁ ଟେକି ଦେଇଥିବା କହିଛନ୍ତି। ବଲାଙ୍ଗିର ପୋଲିସ ନବଜାତକ ଶିଶୁ କନ୍ୟାକୁ ଉଦ୍ଧାର କରିଥିବା ଜଣାପଡ଼ିଛି। ଅଭାବ ଯୋଗୁଁ ୨ ଶିଶୁ କନ୍ୟାକୁ ପାଳନ କରିପାରିବିନି ବୋଲି ଜଣଙ୍କୁ ଅନ୍ୟ ହାତରେ ଟେକି ଦେଇଛି ବୋଲି ଶିଶୁର ବାପା କହିଛନ୍ତି । ତେବେ ଏହା ଶିଶୁବିକ୍ରି ନା ଦରିଦ୍ରତା ଯୋଗୁ ତାହା ଅଧିକ ତଦନ୍ତ ପରେ ଜଣାପଡିବ।

# 'ବନ୍ଧୁତା ହିଁ ଶେଷ ସମୟରେ ସାଥୀ'



୭୦ବର୍ଷ ବୟସରେ ବନ୍ଧୁତା ନିଆରା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ବନ୍ଧୁତା ହୋଇପାରେ ଗୋଟିଏ ଶବ୍ଦ, କିନ୍ତୁ ତା'ପରିଧି କେଉଁଠୁ ଯେ କେତେ ଦୂର ଆଖି ପାଏନି। କିଏ କେତେବେଳେ କାହା ସହ ବନ୍ଧୁ ସୂତ୍ରରେ ଯୋଡି ହୋଇଯିବ। ବିଧି ନିର୍ଦ୍ଦିଷ୍ଟ ନାଁ ଘଟଣାମାତ୍ର। ଯିଏ ଯାହା ବୁଝେ ସେହି ହିସାବରେ ତା' ବନ୍ଧୁତା ଆଗେଇ ଚାଲେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛତିଆନା ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଆୟୋଜିତ ନିମାପଡା ମହାବିଦ୍ୟାଳୟର ୧୯୮୧ବ୍ୟାଚର ବନ୍ଧୁ ମିଳନ। କାହାର ପିଲା ବେଳର ନାଟକ ମନେ ପଡ଼ିଯାଉଥାଏ ତ ଆଉକିଏ ପିଲା ବେଳର ସାଙ୍ଗକୁ ଚିହ୍ନି କୁଣ୍ଢେଇ ପକାଉଥାଏ। ଆହାଃ କି ନିବିଡ଼ତା, ପିଲା ଦିନର ବନ୍ଧୁତା ଆଉ ଏ ଅନାବିଳ ପ୍ରେମ କେବଳ ଅନୁଭବୀ ହିଁ ଅନୁଭବ କରିପାରିବ ଏମାନଙ୍କ ଭାବକୁ। ବୟସ ସିନା ୭୦ପାର ହେଲାଣି କିନ୍ତୁ ପିଲା ଦିନକୁ ଆଜି ଖୋଜି ହେଉଛନ୍ତି ଏମାନେ। ବରଡ଼ା ପତର ଘରେ ଗୋବର ଲିପିବା, ଆମ୍ବ ତୋଟାରୁ ଆମ୍ବ ଚୋରି କରି ଖାଇବା, ବଡ଼ଙ୍କ ପାଖରୁ ଗାଳି ଶୁଣିବା, ମନ୍ଦିର ଭୋଗ ଛଡାଇ ଖାଇବା ଏସବୁ ଦୁଷ୍ଟାମୀ ଯେମିତି କାଲି ଭଳି ହୋଇଯାଇଥିଲା। ହେଲେ ଆଜି କିଏ ବୁଢ଼ା କରିଦେଲା। କାଲି ପୁଣି ସମୟ ସୁଅରେ ଅସ୍ତିତ୍ୱ ଭାସିଯିବ ଭାବି ଭାବି ବିହ୍ୱଳ ହେଉଛନ୍ତି। ସମୟ ସ୍ରୋତରେ ପିଲା ଦିନ ଚାଲିଗଲା, କିଶୋର, ଯୁବାବସ୍ଥା ଯାଇ ବାର୍ଦ୍ଧକ୍ୟ ଘାରିଲା। ଏ ଅବସ୍ଥାରେ କୁଆଡେ ଗଲା ସେ ପିଲାଦିନ ଗୁଡାକ ଭାରି ମନେ ପଡୁଛି। ଆସ ଟିକେ ଅତୀତକୁ ଭେଟିବା, ସହର ଛାଡି ଆମେ ଗାଉଁଲି ହେବା। ବିତି ଯାଇଥିବା ସ୍ମୃତିକୁ ସାଉଁଟିବାର ଇଚ୍ଛା ନେଇ ଏକାଠି ହୋଇଥିଲେ ବୁଧବାର ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛତିଆନା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନିମାପଡା ମହାବିଦ୍ୟାଳୟର ୧୯୮୧ ମସିହା ବ୍ୟାଚ। ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ ନୁହେଁ ତ ସତେ ଯେମିତି ଶତାବ୍ଦୀର ଶ୍ରେଷ୍ଠମାନଙ୍କ ଭେଟ ଘାଟ। କିଏ ୩୦ରୁ ୪୦ବର୍ଷ ଧରି ପ୍ରଶାସନିକ ଦାୟିତ୍ୱ ତୁଲାଇଛନ୍ତି ଆଉ କିଏ ଗାଁ ବିଦ୍ୟାଳୟର ଶହ ଶହ ଭବିଷ୍ୟତକୁ ଗଢିଛି। ଏମାନଙ୍କ ଭିତରୁ କିଏ ବାଟ କାଟି ଚାଲି ଗଲଣି, ଯିଏ ଅଛନ୍ତି ସେମାନଙ୍କ ଫୋଟ ଭିତରେ ସ୍ମୃତିକୁ ଦରାଣ୍ଡୁଛନ୍ତି। ଅସ୍ତରଙ୍ଗ ଅଞ୍ଚଳ ଅତି ପରିଚିତ ବ୍ୟକ୍ତିତ୍ୱ ନଟ କିଶୋର ମହାନ୍ତିଙ୍କ ନେତୃତ୍ୱରେ ପୁରାତନ ବନ୍ଧୁ ଏକାଠି ହୋଇ ଅସ୍ତରଙ୍ଗ ଅଞ୍ଚଳ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ଗଙ୍ଗାଦେବୀ ଓ ପୀରଜାହାନିଆ ବୁଲାବୁଲି କରିବା ସହ ପଖାଳ କଂସା ସାଙ୍ଗକୁ ନାନାପ୍ରକାର ବ୍ୟଞ୍ଜନ ଏକାଠି ବସି ଖାଇଥିଲେ। ଦୀର୍ଘ ୪୦ବର୍ଷ ପରେ ଏମାନେ ଭେଟ ହୋଇଛନ୍ତି ସତ କିନ୍ତୁ ସାଉଁଟିଛନ୍ତି ଶହ ଶହ ସ୍ମୃତି।

## ମହିଧରପୁରରେ ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ

ପବିତ୍ରନଗର (ଭାସ୍କର ନ୍ୟୁଜ୍) : କଣିହାଁ ବ୍ଲକ ଅନ୍ତର୍ଗତ ବୃରୁକୁନା ପଞ୍ଚାୟତ ମହିଧରପୁର ଗ୍ରାମରେ ଥିବା ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ଠାରେ ପୁଷ୍ପ ମାଲ୍ୟାର୍ପଣ କରି ୨୮ତମ ତିରୋଧାନ ଦିବସ ପାଳନ କରାଯାଇଛି। ପାଲଲହଡ଼ା ପୂର୍ବତନ ବିଧାୟକ ମୁକେଶ କୁମାର ପାଳଙ୍କ ନିର୍ଦ୍ଦେଶକ୍ରମେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ୧୦ଜୋନ ବିଜୁ ଜନତା ଦଳର ତରଫରୁ ପାଳିତ ହୋଇଯାଇଛି। କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ସ୍ମୃତି ଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା କୈଳାଶ ଚନ୍ଦ୍ର ସାହୁ, ପର୍ଶୁରାମ ବିଶ୍ୱାଳ, ଭକ୍ତରତନ ସାହୁ, ପଞ୍ଚାୟତ ସଭାପତି ତପନ ବେହେରା, ଦେବରାଜ ପ୍ରଧାନ, ଅବନୀ ଦେହୁରୀ, ସୌଭାଗ୍ୟ ପ୍ରଧାନ, ବିରଞ୍ଚି ନାରାୟଣ ସାହୁ, ଯୁବନେତା ସୁବାସ ମହାନ୍ତି, ଶିବରାମ ପ୍ରଧାନ, ଧନେଶ୍ୱର ବିଶ୍ୱାଳ, ବାପି ମହାନ୍ତିଙ୍କ ସମେତ ବହୁ ଯୁବଛାତ୍ର ଓ ବିଜେଡି ନେତା ଯୋଗ ଦେଇଥିଲେ।

## ପଞ୍ଚବଟୀ ବଜାରରେ ଜଳଛତ୍ର ଉଦ୍‌ଘାଟିତ

ଫୁଲନଖରା (ଭାସ୍କର ନ୍ୟୁଜ୍) : ପାହାଳ ଥାନା ଅନ୍ତର୍ଗତ ମନ୍ଦାରିଆ ଗ୍ରାମର ପଞ୍ଚବଟୀ ବଜାର ତାରିଣୀ ମନ୍ଦିର ନିକଟରେ ପବିତ୍ର ବିଷୁବ ପଣାସଂକ୍ରାନ୍ତି ଓଡ଼ିଆ ନବବର୍ଷ ଅବସରରେ ଏକ ଜଳଛତ୍ର କେନ୍ଦ୍ରକୁ ପାହାଳ ଥାନା ଆଇଆଇସି ଅଶ୍ୱିନୀ କୁମାର ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରିଥିଲେ। ଏଥିରେ ଟ୍ୱିନ ସିଟି ପ୍ରେସ୍ କ୍ଲବର ସଭାପତି ସନାତନ ପରିଜା, ସମ୍ପାଦକ ଭବାନୀ ଶଙ୍କର ପାତ୍ର, କଟକ ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ଲଳିତ କୁମାର ଦାଶ, ସବୁଦିନ ଟି.ଭିର ଅଧ୍ୟକ୍ଷ ହୃଦାନନ୍ଦ ସାହୁ, ସାମ୍ବାଦିକ ଧୀରେନ୍ଦ୍ର ସାହୁ ଓ ନିର୍ମଳ ବେହେରା ଏବଂ ସମାଜସେବୀ ହୃଷିକେଶ ଛୋଟରାୟ ପ୍ରମୁଖ ଯୋଗ ଦେଇ ଓଡ଼ିଆ ନବବର୍ଷ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ଭିତରେ ରୁଦ୍ର ମନ, ବଦ୍ରି ଭୂଷଣ ଭୋଇ ସମେତ ୩୦ରୁ ଊର୍ଦ୍ଧ୍ୱ ଯୁବକ ଏକଜୁଟ ହୋଇ ଦହିପଣା ଓ ଜଳଛତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସନାତନ ସାହୁ ଏହି କାର୍ଯ୍ୟକ୍ରମର ମୁଖ୍ୟ ପୁରୁଧା ସାଜିଥିଲେ। ତାରିଣୀ ଭଜନ ସନ୍ଧ୍ୟା ପକ୍ଷରୁ ଆଧାତ୍ମିକ ଭଜନ ପରିବେଷଣ କରାଯାଇଥିଲା।

## ପଞ୍ଚମୁଖୀ ହନୁମାନ ପୀଠରେ ବିଶ୍ୱଶାନ୍ତି ଯଜ୍ଞ

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ମାଲୁଦ ୨୪ମୌଜା ପଞ୍ଚୁଦଳ ମେଲଣ ପଡିଆସ୍ଥ ଶ୍ରୀ ଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ହନୁମାନ ଚାଲିଶା ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ସକାଳୁ ମନ୍ଦିର ବେଢାକୁ ରଙ୍ଗବେରଙ୍ଗ ଚାନ୍ଦୁଆରେ ସଜାଯିବା ସହ ସୁନ୍ଦର ଝୋଟଚିତ୍ରରେ ବେଢା ପରିବେଶକୁ ସଜ୍ଜିତ କରାଯାଇଥିଲା। ୧୦୮ କଳସୀ ସାଙ୍ଗକୁ



୧୦୮ ହନୁମାନ ଚାଲିଶା ପାଠ କରାଯାଇଥିଲା। ଏଥିରେ ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ବିଶ୍ୱଶାନ୍ତି ନିମନ୍ତେ ଘୃତ ଯଜ୍ଞ କରାଯାଇଥିଲା। ଏହି ଆଧାତ୍ମିକ କାର୍ଯ୍ୟରେ ମାଲୁଦ ୨୪ମୌଜାର ୩୫ଗ୍ରାମର ବହୁ ମହିଳା ପୁରୁଷ ଯୋଗ ନାମ ସଂକୀର୍ତ୍ତନ ଓ ହନୁମାନ ଚାଲିଶାରେ ଭାଗନେଇ ନିଜକୁ ଉତ୍ସର୍ଗ କରିଥିଲେ। ଏହି ଆଧାଆତ୍ମିକ କାର୍ଯ୍ୟକୁ ୨୪ମୌଜା ପରିଚାଳନା କମିଟି ସମ୍ପାଦକ ଶରତ ମହାପାତ୍ର କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ବୈରୀଗଞ୍ଜନ କୋଷାଧ୍ୟକ୍ଷ ସୁକାନ୍ତ ଚରଣ ଜେନା ସମେତ ଯୁବସଂଗଠନ ସଭାପତି ଅଜୟ ବିଶ୍ୱାଳ ସୁରେଶ ପଳେଇ ପ୍ରମୁଖ ଉପସ୍ଥିତ ଥିବାବେଳେ ମାର୍ଫତଦାର ସମ୍ବିତ ରାଉତରାୟ ପୁରୋଧା ଭାବେ ଯଜ୍ଞରେ ବସିଥିଲେ। ସମସ୍ତ କାର୍ଯ୍ୟକୁ ୨୪ମୌଜାର ସକ୍ରିୟ ସଭ୍ୟମାନେ କାର୍ଯ୍ୟ ପରିଚାଳନା କରିଥିଲେ।

# ପ୍ରବାଦ ପୁରୁଷଙ୍କ ୨୮ତମ ଶ୍ରାଦ୍ଧ ଦିବସ ଅବସରରେ ଆଲୋଚନାଚକ୍ର



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀର ପରଜଙ୍ଗ ସତ୍ୟ ପ୍ୟାଲେସ ଠାରେ ମହାନ ଜନ ନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧ ଦିବସ ଅବସରରେ ବିଜେଡି ପକ୍ଷରୁ ଏକ ସଭା ଓ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ସଭା ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ଼ ନୃସିଂହ ଚରଣ ସାହୁଙ୍କ ସଭାପତିତ୍ୱରେ ମଞ୍ଚ ସଂଚାଳନ ଦାୟିତ୍ୱ ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ କରିଥିବା ବେଳେ, ପ୍ରାକ୍ତନ ସରପଞ୍ଚ ତଥା ଯୁବନେତା ଭୂପେଶ କୁମାର ପ୍ରଧାନ, କଙ୍କଡ଼ାହାଡ଼ ବ୍ଲକ ଆମ୍ବା କୃଷି ସଭାପତି ରମେଶ ଚନ୍ଦ୍ର ମିଶ୍ର, ଯୁବନେତା ତାପସ ପାଣି, ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇ ଆନୁଷ୍ଠାନିକ ଭାବେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ଧୂପ ଦୀପ ଓ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଆଲୋଚନାଚକ୍ର ଆରମ୍ଭ ହୋଇଥିଲା। ବିଜୁବାବୁଙ୍କ ଓଡ଼ିଶା ପ୍ରତି ଥିବା ଅତୁଳନୀୟ ଅବଦାନ ଉପରେ ସକ୍ରିୟ ଯୁବନେତା ଦିଲ୍ଲୀପ କୁମାର ବର୍ମା, ବସନ୍ତ କୁମାର ସାହୁ, ସମୀର ସାହୁଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଗୁଣଗାନ କରିଥିଲା ବେଳେ, ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ୫୬ଗୋଟି ପଞ୍ଚାୟତରୁ ଆଗଧାଡିର ଛାମୁଆ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ବିଜୁବାବୁ ଜଣେ ଉଚ୍ଚକୋଟୀର ସାହସୀ, ନିର୍ଭୀକ ପୁରୁଷ ଥିବାବେଳେ, ସେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ ଏବଂ ମହିଳାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଇ ମହିଳାଙ୍କ ପାଇଁ ରିଜର୍ଭ ବ୍ୟବସ୍ଥା ଆଣିଥିବା ଆଦି ବିଭିନ୍ନ ପଦକ୍ଷେପ ଏବଂ ବିଜୁବାବୁଙ୍କ କୃତିତ୍ୱ ଉପରେ ମଞ୍ଚାସୀନ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଆଗାମୀ ନିର୍ବାଚନକୁ ଆଖିରେ ରଖି ସମସ୍ତ କାର୍ଯ୍ୟକର୍ତ୍ତା ସଂଘ ଭାବେ ଲୋକଙ୍କ ପାଖରେ ପହଞ୍ଚି ସୁଖ ଦୁଃଖରେ ପ୍ରିୟଭାଜନ ହେବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ସରପଞ୍ଚ ତଥା ଯୁବନେତା ପ୍ରିୟଜିତ ସାମଲ, ଯୁବନେତା ସୁବ୍ରତ ଦାସ, କ୍ରିସ ସାମଲ, ଅଜିତ ସାମଲ, ଶୁଭେନ୍ଦୁ ରାଉତ, ସର୍ବେଶ୍ୱର ବିଶ୍ୱାଳ, ଟିକମ ହାତୀ, ମୁନା ନାୟକ, କାଳନ୍ଦୀ ଜେନା, ରବିନାରାୟଣ ସାହୁ, ଚିତ୍ତରଞ୍ଜନ ସାହୁ, ପ୍ରକାଶ ସାମଲଙ୍କ ସମେତ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା। ପ୍ରତେକ ପଞ୍ଚାୟତରୁ ଆସି ଶ୍ରାଦ୍ଧ ଦିବସରେ ସାମିଲ ହୋଇଥିଲେ ।

## ଡିମିରି ପଞ୍ଚାୟତରେ ବିଜେପିର ମିଶ୍ରଣ ପର୍ବ

କଣ୍ଟାପଡ଼ା (ଭାସ୍କର ନ୍ୟୁଜ୍) : କଣ୍ଟାପଡ଼ା ବ୍ଲକ୍ ଡିମିରି ପଞ୍ଚାୟତ ପଣ୍ଡା ବଗିଚା ଠାରେ ନିହାର ମହାରଥା(ନିକ୍କୁ)ଙ୍କ ଆବାହକତ୍ୱରେ ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନିଆଳି ବିଧାୟକ ଛବି ମଲ୍ଲିକଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେଡି ସମେତ ଆଖପାଖର ବିଭିନ୍ନ ଦଳର କର୍ମୀ ବିଜେପିରେ ମିଶିଥିଲେ। ଡିମିରି ସରପଞ୍ଚ ଅଭିଷେକ ମହାପାତ୍ର ବିଧାୟକ ଛବି ମଲିକ ଉତ୍ତରୀୟ ଓ ଟୋପି ପିନ୍ଧାଇ ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ସ୍ୱାଗତ ସମୟରେ ବିଶ୍ୱରଞ୍ଜନ ମହାନ୍ତି, ସନ୍ତୋଷ ବିଶ୍ୱାଳ, ସରପଞ୍ଚ ସଞ୍ଜୟ ରାଉତରାୟ, ପ୍ରଭାତ ମହାପାତ୍ର ପ୍ରମୁଖ କର୍ମୀମାନଙ୍କୁ ନିଜ ଦଳକୁ ପାଛୋଟି ନେଇଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥକ ସରପଞ୍ଚ ସନାତନ ବାରିକ, ବିଜେଡିର ଆଗଧାଡ଼ି ନେତା ଆଲୋକ ବରାଳ, ଦିଲୁ ମାହାନ୍ତି, କଣ୍ଡୁରି ପାଢ଼ି, ପିଟୁଆ ମାହାନ୍ତି, କୁନୁ ପାଢ଼ି, ଆଲୋକ ମିହାନ୍ତି, ଦେବାଶିଷି ବରାଳଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଅନେକ କର୍ମୀ ମିଶିଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଦଳ ଏବେ ଠାରୁ ତଳ ସ୍ତରରୁ ସୁଦୃଢ଼ ହେବା ଆରମ୍ଭ କଲାଣି।



## ରାଶିଫଳ

ଶୁକ୍ରବାର, ୧୮ ଏପ୍ରିଲ ୨୦୨୫



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖିବାକୁ ଉପଦେଶ। ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି। କମ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି। ସନ୍ତାନମାନଙ୍କ ବିଷୟରେ ଚିନ୍ତା ହୋଇପାରେ। ସରକାରୀ କାର୍ଯ୍ୟଗୁଡ଼ିକରେ ସଫଳତା ମିଳିବ।



**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ, ନିଶ୍ଚିତ ସଫଳତା ମିଳିବ। ପିତା କିମ୍ବା ପୈତୃକ ସଂପତ୍ତିରେ ଲାଭ ହେବ। ସରକାରଙ୍କଠାରୁ ଆର୍ଥିକ ଲାଭ ହେବ। ବିଦ୍ୟାର୍ଥୀମାନେ ନିଜର ପଢ଼ାରେ ଭଲ ପ୍ରଦର୍ଶନ କରିବେ।



**ମିଥୁନ:** ନୂଆ ଯୋଜନାକୁ ଅମଳରେ ଆଣିବା ପାଇଁ ଶୁଭ ଦିନ ଅଟେ। ଚାକିରିପେଶା ଲୋକଙ୍କୁ ଉଚ୍ଚ ପଦାଧିକାରିମାନଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ। ଭାଇ-ଭଉଣୀମାନଙ୍କ ତଥା ମିତ୍ରମାନଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ। ଯାତ୍ରାର ସଂଭାବନା ଅଛି, ସେଥିରେ ଲାଭ ମଧ୍ୟ ହେବ।



**କର୍କଟ:** ଭୁଲ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଲାନିର ଭାବ ସୃଷ୍ଟି କରିବ। ସ୍ୱାସ୍ଥ୍ୟରେ ବିଶେଷରୂପରେ ଆଖିରେ ଅସୁବିଧା ହେବ। ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ। କାମରେ ସନ୍ତୋଷର ଭାବନା ଆସିବ।



**ସିଂହ:** ମଉଜ-ମସ୍ତୀ ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ। ପିତା ତଥା ବରିଷ୍ଠ ନାଗରୀକମାନଙ୍କ ସହଯୋଗ ପ୍ରାପ୍ତ କରିବେ। ସାମାଜିକ ପ୍ରତିଷ୍ଠାରେ ବୃଦ୍ଧି ହେବ। ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ, ଏହା ଉପରେ ଅଂକୁଶ ରଖିବାକୁ ଉପଦେଶ।



**କନ୍ୟା:** ଆଜି ଆପଣଙ୍କ ଅହଂକାରର କାରଣରୁ ଝଗଡ଼ା ହେବାର ଆଶଂକା ଅଛି। ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ। ସ୍ୱଭାବରେ ଉତ୍ତେଜନାଯୋଗୁଁ କାମ ବିଗିଡ଼ିବାର ଆଶଙ୍କା ଅଛି। ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ।



**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ । ଆୟ ବୃଦ୍ଧିର ଯୋଗ ଅଛି । ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ । ପ୍ରମୋସନ ମିଳିବାରର ସଂକେତ ଅଛି । ପାରିବାରିକ ସଦସ୍ୟ ତଥା ମିତ୍ର ମାନଙ୍କ ସହିତ ଖୁସି ରହିବେ ।



**ବିଛା:** ଜଗନ୍ନାଥଙ୍କର କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସଂପନ୍ନ ହେବ। ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ସମାଜରେ ମାନ-ସମ୍ମାନ ମିଳିବ। ଉଚ୍ଚ ପଦାଧିକାରି ଏବଂ ବରିଷ୍ଠ ନାଗରୀକମାନଙ୍କ କୃପା ଆପଣ ଉପରେ ରହିବ। ସନ୍ତାନମାନଙ୍କର ସନ୍ତୋଷଜନକ ପ୍ରଗତିରେ ଆନନ୍ଦ ଅନୁଭବ ହେବ।



**ଧନୁ:** ଶରୀରରେ ଆଳସ୍ୟ, ଏବଂ ଅଣନିଶ୍ୱାସୀ ହୋଇପାରେ। କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ, ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ ହୋଇଯିବ। ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ। ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରିମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ ବାଦ-ବିବାଦକୁ ଟାଳିବାକୁ ଚେଷ୍ଟା କରନ୍ତୁ।



**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ। ଅଚାନକ ଧନ ଖର୍ଚ୍ଚ ହୋଇପାରେ। ଚିକିତ୍ସାରେ ଖର୍ଚ୍ଚ ହେବାର ଆଶଂକା ଅଛି। ବ୍ୟାପାରରେ ଭାଗିଦାରୀମାନଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ। ପ୍ରେମୀଜନ ଏବଂ ପ୍ରିୟ ବ୍ୟକ୍ତିମାନଙ୍କ ସହିତ ମିଳନ ତଥା ସାକ୍ଷାତ ସମ୍ଭବ।



**କୁମ୍ଭ:** ପ୍ରଣୟ, ରୋମାନ୍ସ, ଯାତ୍ରା, ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଆଜିର ଦିନ କଟିବ। ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ। ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି। ଦୃଢ଼ ଆତ୍ମ ବିଶ୍ୱାସ ଯୋଗୁଁ କାର୍ଯ୍ୟରେ ସଫଳତା ପ୍ରାପ୍ତ କରିବେ। ଜଗନ୍ନାଥଙ୍କର ଆଶୀର୍ବାଦ ଆପଣଙ୍କ ସହିତ ଅଛି।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ। ଘରେ ସୁଖ-ଶାନ୍ତି ଙ୍କର ବାତାବରଣ ରହିବ। ବାଣୀ ଏବଂ ବ୍ୟବହାରରେ ନିୟନ୍ତ୍ରଣ ରଖି ସମ୍ଭାଳିକରି କାର୍ଯ୍ୟ କରିବା ପାଇଁ ଉପଦେଶ। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରି ପାରିବେ। ସହକର୍ମିମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ ବନାଇବ। ମାମୁଁଘର ତରଫରୁ ଲାଭ ହେବ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ଖେଳ ଖବର






ମୁମ୍ବାଇ: ପୂର୍ବତନ ଭାରତୀୟ କ୍ରିକେଟର୍ ତଥା ସଚିନଙ୍କ ବନ୍ଧୁ ବିନୋଦ କାମ୍ବଲିଙ୍କୁ ଲିଟିଲ ମାଷ୍ଟର୍ ସୁନୀଲ ଗାଭାସ୍କର ମାସିକ ୩୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବେ। କାରଣ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି କାମ୍ବଲି। 'ଚାମ୍ପ ଫାଉଣ୍ଡେସନ୍' ନାମକ ନିଜ ଦାତବ୍ୟ ଅନୁଷ୍ଠାନ ମାଧ୍ୟମରେ କାମ୍ବଲିଙ୍କ ଔଷଧ ଓ ଡାକ୍ତରଖାନା ଖର୍ଚ୍ଚ ବାବଦରେ ଗାଭାସ୍କର ଏହି ଅର୍ଥ ପ୍ରଦାନ କରିବେ। ଏପ୍ରିଲ ପହିଲାରେ ଯାହାର ପ୍ରଥମ କିସ୍ତି କାମ୍ବଲିଙ୍କ ଆକାଉଣ୍ଟରେ ପହଞ୍ଚି ସାରିଥିବା ଜଣାପଡ଼ିଛି। ଭାରତ ପକ୍ଷରୁ ୧୭ ଟେଷ୍ଟ୍ ଏବଂ ୧୦୪ ଦିନିକିଆ ମ୍ୟାଚ୍ ଖେଳିଥିବା କାମ୍ବଲି ନିକଟ ଅତୀତରେ ବହୁ ଘାତ ପ୍ରତିଘାତର ସମ୍ମୁଖୀନ ହୋଇଛନ୍ତି। ପାରିବାରିକ ଅଶାନ୍ତି ସହ ସ୍ଥିର ରୋଜଗାରର ଅଭାବ ସାଙ୍ଗକୁ ଦୁର୍ବଳ ସ୍ୱାସ୍ଥ୍ୟାବସ୍ଥା ତାଙ୍କୁ ଏକ ପ୍ରକାର ଭାଙ୍ଗି ପକାଇଛି। ଦୁଇ ଥର ହୃଦ୍‌ଘାତ ମଧ୍ୟ ହୋଇ ସାରିଛି। ଖରାପ ସ୍ୱାସ୍ଥ୍ୟ ପାଇଁ ଏକଦା ଚଲା ବୁଲା କରିବା ତାଙ୍କ ପାଇଁ କଷ୍ଟକର ହୋଇଯାଇଥିଲା। ଅତ୍ୟନ୍ତ ଦୁର୍ବଳ କାମ୍ବଲି ବହୁ କଷ୍ଟରେ କଥା କହୁଥିବାର ଭିଡିଓ ପଦାକୁ ଆସିବା ପରେ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଗାଭାସ୍କର ପ୍ରତିଶ୍ରୁତି ଦେଇଥିଲେ। ଯାହାକୁ ସେ ଚଳିତ ମାସରେ ପୂରଣ କରିଛନ୍ତି। ଏଥିପାଇଁ ଗାଭାସ୍କରଙ୍କୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିବାର ଲାଗିଛି।

**୩୩ତମ ମ୍ୟାଚ୍ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ**

# ମୁମ୍ବାଇ ଇଣ୍ଡିଆନ୍ସ ୪ଓ୍ବିକେଟ୍‌ରେ ବିଜୟୀ



ମୁମ୍ବାଇ : ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମଠାରେ ଗୁରୁବାର ଖେଳାଯାଉଥିବା ଆଇପିଏଲର ୩୩ତମ ମ୍ୟାଚ ମୁମ୍ବାଇ ଇଣ୍ଡିଆନ୍ସ ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁମ୍ବାଇ ଇଣ୍ଡିଆନ୍ସ ୪ଓ୍ବିକେଟ୍‌ରେ ବିଜୟୀ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୫ ଓ୍ବିକେଟ ହରାଇ ୧୬୨ ରନ କରିଥିଲା। ଦଳ ପକ୍ଷରୁ ଅଭିଷେକ ଶର୍ମା ୪୦ ରନ କରିଥିବାବେଳେ ଟ୍ରାଭିସ୍ ହେଡ୍ ୨୮ ରନ କରିଥିଲେ। ହେନେରିକ କ୍ଲାସେନ ୩୭ ରନ କରିଥିବାବେଳେ ନୀତୀଶ କୁମାର ରେଡ୍ଡି ୧୯ ରନ ଏବଂ ଅନିକେତ ବର୍ମା ୧୮ ରନ କରିଥିଲେ। ଇଶାନ କିଷନ ପୁଣି ଥରେ ବିଫଳ ହୋଇଥିଲେ। ସେ ମାତ୍ର ୨ ରନ କରି ଓ୍ବିଲ ଜାକ୍ସଙ୍କ ବଲରେ ଆଉଟ ହୋଇଥିଲେ। ମୁମ୍ବାଇ ପକ୍ଷରୁ ଓ୍ବିଲ ଜାକ୍ସ ୨ଟି ଓ୍ବିକେଟ ନେଇଥିବାବେଳେ ଯଶପ୍ରୀତ ବୁମରା, ଟ୍ରେଣ୍ଟ ବୋଲଟ ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏଁ ଓ୍ବିକେଟ ନେଇଥିଲେ। ୧୬୩ରନ୍‌ର ଟାର୍ଗେଟ ନେଇ ପଡ଼ିଆକୁ ଓହ୍ଲାଇଥିଲା ମୁମ୍ବାଇ ଇଣ୍ଡିଆନ୍ସ। ଦଳ ୧୮.୧ ଓଭରରେ ୬ଓ୍ବିକେଟ୍ ହରାଇ ୧୬୬ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଦଳପକ୍ଷରୁ ଓ୍ବିକେଟକିପର ରିଆନ୍ ରିକ୍ଲେଟନ ୩୧, ରୋହିତ ଶର୍ମା ୨୬, ଓ୍ବିଲ୍ ଜ୍ୟାକ୍ ୩୬, ସୂର୍ଯ୍ୟକୁମାର ଯାଦବ ୨୬, ତିଳକ ବର୍ମା ୨୧, ହାର୍ଦ୍ଦିକ ପାଣ୍ଡ୍ୟା ୨୧ରନ୍ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଅଧିନାୟକ ପ୍ୟାଟ କୁମିନ୍ସ ୨ଓ୍ବିକେଟ, ହର୍ଷଲ ପଟେଲ ୧ ଓ୍ବିକେଟ ଅକ୍ତିଆର କରିଥିଲେ।

**ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ଚ୍ୟାଲେଞ୍ଜ**

# ଶୀର୍ଷରେ ନୀରଜ ଚୋପ୍ରା



ନୂଆଦିଲ୍ଲୀ: ଭାରତର ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଦକ୍ଷିଣ ଆଫ୍ରିକାର ପୋଟଚେଫଷ୍ଟ୍ରମ ଆମନ୍ତ୍ରଣୀୟ ଟ୍ରାକ ପ୍ରତିଯୋଗିତାରେ ବିଜୟ ହାସଲ କରିଛନ୍ତି। ବୁଧବାର ୱାର୍ଲ୍ଡ ଆଥେଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ଚ୍ୟାଲେଞ୍ଜର ପ୍ରତିଯୋଗୀତାରେ ବିଭିନ୍ନ ଦେଶର ୬ ଖେଳାଳିଙ୍କୁ ମାତ୍ ଦେଇ ଶୀର୍ଷ ସ୍ଥାନରେ ପହଞ୍ଚିଛନ୍ତି। ଏହି ମୁକାବିଲାରେ ସେ ୮୪.୫୨ମିଟରର ଜାଭେଲିନ୍ ଥ୍ରୋ ଫିଙ୍ଗିଥିଲେ। ଇନଭିଟେଶନାଲ ଟ୍ରାକ୍ ଇଭେଣ୍ଟରେ ଭାରତୀୟ ଜାଭେଲିନ୍ ଷ୍ଟାର ନୀରଜ ଚୋପ୍ରା ଦକ୍ଷିଣ ଆଫ୍ରିକାର ଡୋଓ୍ବ ସ୍ମିଥଙ୍କୁ ପଛରେ ଛାଡ଼ି ଦେଇଛନ୍ତି। କଣ୍ଟିନେଣ୍ଟାଲ ଟୁର ଚ୍ୟାଲେଞ୍ଜର ପ୍ରତିଯୋଗୀତାରେ ଡୋଓ୍ବ ସ୍ମିଥଙ୍କ ସର୍ବଶ୍ରେଷ୍ଠ ଥ୍ରୋ ଥିଲା ୮୨.୪୪ ମିଟର। ଏହି ଇଭେଣ୍ଟରେ ୮୪.୫୨ମିଟର ଥ୍ରୋ କରିଥିଲେ। ଦେଖିବାକୁ ଗଲେ ନୀରଜଙ୍କ ବ୍ୟକ୍ତିଗତ ସର୍ବାଧିକ ଥ୍ରୋ ୮୯.୪୪ ମିଟର ରହିଛି। ସେହିପରି ଡୋଓ୍ବ ସ୍ମିଥଙ୍କ ସର୍ବାଶ୍ରେଷ୍ଠ ଜାଭେଲିନ୍ ଥ୍ରୋ ୮୩.୨୯ ମିଟର ରହିଛି। ଏହି ପ୍ରତିଯୋଗୀତାରେ ନୀରଜ ଚୋପ୍ରା ଓ ଡୋଓ୍ବ ସ୍ମିଥ୍ ୮୦ ମିଟର ଦୂରତା ପାର୍ କରିଛନ୍ତି। ଦକ୍ଷିଣ ଅଫ୍ରିକାର ଅନ୍ୟ ଜଣେ ଖେଳାଳି ଡଙ୍କନ ରବର୍ଟସନ ୭୧.୨୨ ଜାଭେଲିନ୍ ଥ୍ରୋ କରି ତୃତୀୟ ସ୍ଥାନରେ ରହିଛନ୍ତି। ନୀରଜ ଚୋପ୍ରା ନୂଆ କୋଚ୍ ଚେକ୍ ଗଣରାଜ୍ୟ ର ଜନ୍ ଜେଲେଜ୍ନିଙ୍କ ଅଧୀନରେ ଅଭ୍ୟାସ କରୁଛନ୍ତି। ଜେଲେଜ୍ନି ତିନି ଥର ଅଲିମ୍ପିକ୍ସ ଏବଂ ବିଶ୍ୱ ବିଜେତାର ମେଡାଲ ପାଇଛନ୍ତି। ୨୭ ବର୍ଷୀୟ ଭାରତୀୟ କ୍ରୀଡ଼ାବିତ୍ ଗତ ବର୍ଷ ନିଜ ଜର୍ମାନୀ କୋଚଙ୍କ ଅଲଗା ହୋଇଥିଲେ। ସେ ମେ' ତାରିଖରେ ଦୋହା ଡାଇମଣ୍ଡ ଲିଗ ଏଲିଟ୍ ପ୍ରତିଯୋଗୀତାରେ ନିଜ ଅଭିଯାନକୁ ଆରମ୍ଭ କରିବେ। ନୀରଜ ଚୋପ୍ରା ୨୦୨୦ ଟୋକିଓ ଏବଂ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଲଗାତାର ପଦକ ବିଜେତା ହୋଇଛନ୍ତି। ନୀରଜଙ୍କ ବ୍ୟକ୍ତିଗତ ସର୍ବାଧିକ ଥ୍ରୋ ୮୯.୪୪ ମିଟର ରହିଛି। ଏହି ରେକର୍ଡ ସେ ୨୦୨୨ରେ ହାସଲ କରିଥିଲେ।

# କୋଚ୍‌ଙ୍କ ଉପରେ ଲାଗିଲା ଜରିମାନା

ନୂଆଦିଲ୍ଲୀ: ବୁଧବାର ଦିନ ସୁପର ଓଭରରେ ଏକ ରୋମାଞ୍ଚକର ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଥିଲା। ତଥାପି, ଏହି ମ୍ୟାଚ୍ ପରେ, ବିସିସିଆଇ ଦିଲ୍ଲୀର ବୋଲିଂ ପ୍ରଶିକ୍ଷକ ମୁନାଫ ପଟେଲଙ୍କ ଉପରେ ଏକ ବଡ଼ ଜରିମାନା ଲଗାଇଛି। ମ୍ୟାଚ୍ ସମୟରେ ତାଙ୍କର ଅମ୍ପାୟାରଙ୍କ ସହ ଯୁକ୍ତିତର୍କ ହୋଇଥିଲା, ଯାହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଥିଲା। ମୁନାଫଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା ଭାବରେ କାଟି ଦିଆଯାଇଛି। ମୁନାଫ ପଟେଲ ଧାରା ୨.୨୦ ଅନୁଯାୟୀ ଲେଭଲ୍ ୧ ଅପରାଧକୁ ଗ୍ରହଣ କରିଛନ୍ତି, ଯାହା ଖେଳର ଭାବନା ବିପରୀତ ଆଚରଣ ସହିତ ଜଡ଼ିତ। ସେ ମ୍ୟାଚ୍ ରେଫରୀଙ୍କ ଦଣ୍ଡକୁ ଗ୍ରହଣ କରିଛନ୍ତି।

**ବିସିସିଆଇର କଡ଼ା କାର୍ଯ୍ୟାନୁଷ୍ଠାନ**

# କୋଚିଂ ଟିମ୍‌ରୁ ବିଦା ହେଲେ ଟି ଦିଲୀପ ଓ ଅଭିଷେକ ନାୟର

ମୁମ୍ବାଇ: ଭାରତୀୟ କ୍ରିକେଟ୍ କଂଟ୍ରୋଲ ବୋର୍ଡ (ବିସିସିଆଇ) ଚକିତ କଲା ଭଳି ଏକ ନିଷ୍ପତ୍ତି ନେଇଛି। ଭାରତୀୟ ଦଳର କୋଚିଂ ଷ୍ଟାଫ୍‌ରୁ ଫିଲ୍ଡିଂ ପ୍ରଶିକ୍ଷକ ଟି ଦିଲୀପ ଏବଂ ସହାୟକ ପ୍ରଶିକ୍ଷକ ଅଭିଷେକ ନାୟରଙ୍କୁ ହଟାଇ ଦେଇଛି ବିସିସିଆଇ। ଅଷ୍ଟ୍ରେଲିଆରେ ବର୍ଡର-ଗାଭାସ୍କର ଟ୍ରଫି ୨୦୨୪-୨୫ରେ ଭାରତର ଲଜ୍ଜାଜନକ ପରାଜୟ ପରେ ବିସିସିଆଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଆହୁରି କେତେଜଣ କୋଚିଂ ଷ୍ଟାଫ୍‌ଙ୍କୁ ହଟାଇ ବିସିସିଆଇ କଡ଼ା ଚେତାବନୀ ଦେଇଛି ଯେ, ଟେଷ୍ଟରେ ଭାରତୀୟ ଦଳର ପ୍ରଦର୍ଶନକୁ ଅଣଦେଖା କରାଯାଇପାରିବ ନାହିଁ।

## ୧୮ରୁ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନ୍‌ସିପ୍

ବାରିପଦା: (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ, ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ସହଯୋଗରେ, ୟୋନେକ୍ସ ସନରାଇଜ ଅଲ୍ ଓଡ଼ିଶା ରାଜ୍ୟ ବାଳକ ବାଳିକା ସବ୍-ଜୁନିୟର ପନ୍ଦର(୧୫) ବର୍ଷରୁ କମ୍ ଏବଂ ଜୁନିଅର ଉଣେଇଶ (୧୯)ବର୍ଷରୁ କମ୍ ବୟସ ରାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ଏପ୍ରିଲ ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ବାରିପଦାସ୍ଥିତ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ମୟୂରଭଞ୍ଜରୁ ୩୦ ପ୍ରତିଯୋଗୀ ଥିବାବେଳେ ସାରା ଓଡ଼ିଶାରୁ ୧୫୦ରୁ ଉର୍ଦ୍ଧ୍ୱ ସବ୍-ଜୁନିୟର ଓ ଜୁନିଅର ଉଭୟ ବାଳକ ଓ ବାଳିକା ଝସଭଶକ୍ଷରସ୍ବ/ ଊକ୍ଟଙ୍କଭକ୍ଷରସ୍ବ/ ଗସଙ୍ଘରୟ ଊକ୍ଟଙ୍କଭକ୍ଷରସ୍ବ ବିଭିନ୍ନ ଶ୍ରେଣୀର ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବାପାଇଁ ପଞ୍ଜୀକରଣ କରିଛନ୍ତି। ଏହି ପ୍ରତିଯୋଗୀତାକୁ ପରିଚାଳନା କରିବାକୁ ୩୦ ଜଣ ରାଜ୍ୟ ସୀକୃତପ୍ରାପ୍ତ ରେଫରୀ ମଧ୍ୟ ଯୋଗଦାନ କରିବେ ଓ ବିଜେତା ମାନଙ୍କୁ ସମୁଦାୟ ୧,୨୪,୦୦୦ (ଏକ ଲକ୍ଷ ଚବିଶ ହଜାର) ନଗଦ ମୁଦ୍ରାରାଶି ପ୍ରାଇଜ ଆକାରରେ ଦିଆଯିବାର ଯୋଜନା ରହିଛି ବୋଲି ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସାଧାରଣ ସମ୍ପାଦକ ବିଭୁତି ଭୂଷଣ ଦାସ ଏକ ପ୍ରେସ ବିଜ୍ଞପ୍ତି ରେ ଜଣାଇଛନ୍ତି। ବାରିପଦାସ୍ଥିତ ଇଣ୍ଡୋର ଷ୍ଟାଡିୟମ ଠାରେ ଏହି ଟୁର୍ଣ୍ଣାମେଣ୍ଟ ୧୮ତାରିଖ ସକାଳ ୯ଟାରେ ଉନ୍ମୋଚନ ହେବାକୁ ଥିବା ବେଳେ ୨୦ ତାରିଖ ସନ୍ଧ୍ୟା ୪ଟା ରେ ଉତଯାପିତ ହେବାର ଯୋଜନା ରହିଛି। ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟରେ ସକାଳ ୯ ଟା ରୁ ରାତି ୮ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ପ୍ରସ୍ତୁତି ଶେଷ ହୋଇ ଯାଇଛି ବୋଲି ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି ଶ୍ରୀ କିଶୋର କୁମାର ବିଶ୍ୱାଳ ଜଣାଇଛନ୍ତି।

**कार्यपालक अभियंता का कार्यालय**
**भवन निर्माण विभाग, भवन प्रमण्डल, हजारीबाग**

**शुद्धिपत्र /सूचना**

एतद् द्वारा सूचित किया जाता है कि ई–प्रोक्योरमेंट निविदा आमंत्रण सूचना संख्या– BCD/EE/ HAZARIBAG/ 77 /2024-25 ,PR संख्या– 349525 Building (24-25).D द्वारा प्रकाशित निविदा कार्य का नाम– Proposed Construction Of 50 Bedded Hostel for Madarsa Hussania Education and Welfare Trust at Block - Katkamsandi, Vill- Pelawal, Hazaribagh For The Year 2024-2025 को अपरिहार्य कारणवश रद्द की जाती है।

कार्यपालक अभियंता,
PR 350580 Building (25-26)_D भवन प्रमण्डल, हजारीबाग

**GOVT. OF JHARKHAND**
**CABINET SECRETARIAT AND VIGILANCE DEPARTMENT**
**(CIVIL AVIATION DIVISION)**
**STATE HANGAR, AIRPORT ROAD,**
**HINOO, RANCHI-834002**
email:- civilaviation.jhr@gmail.com; govtflyops@gmail.com
Telefax:- 0651-2250319, 2251090

**Ref. No.-246,** **Date:-17/04/2025**

**CORRIGENDUM**

Please refer to Tender Reference No.-CADsec1/01-PLAN-18/2022/Cabinet/232, Dtd.-11.04.2025 and PR no.-350137, regarding Tender For Hiring of One Air Ambulance On Wet Lease For Government Of Jharkhand.

The Pre-bid meeting related to the above tender is hereby further extended as per the following schedule :-

| | |
|---|---|
| **Pre-bid meeting :-** | 26/04/2025 ; 11:30 AM |

All other Schedule of events and Terms & Conditions shall however remain same as thereof published earlier.

***Note:- Please visit the website jharkhandtenders.gov.in for further updates.***

Sd/-
(Capt. S. P. Sinha)
Director (Ops.)

PR 350573 Civil Aviation(25-26).D

Government of Jharkhand
**Department of Information Technology and e-Governance**
**Jharkhand Mantralaya, Dhurwa, Ranchi-834004**

**Tender Notice**

On behalf of the Government of Jharkhand, the **Department of Information Technology & e-Governance** invites sealed tender bids (Technical and Commercial) from Service Providers for Secured **MPLS Connectivity between Jharkhand State Data Centre (JHSDC),Ranchi and UIDAI Data Centre at Manesar & Bengaluru including Router Management at UIDAI Data Centre.**

**The Service Provider listed on TRAI website under "Basic Service Provider (https://www.trai.gov.in/basic-service-providers)" and / or "National Long Distance Service Provider (https://trai.gov.in/national-long-distance-service-providers)" are only eligible to participate in this tender.**

**Total Two(2) Service Providers will be selected on the basis of least quoted price. Each selected Service Provider has to:**

- **Provide MPLS Connectivity from JHSDC to UIDAI's both Data Centres.**
- **Manage Routers at each UIDAI Data Centre.**- For the procurement process, the bidders shall follow the procedure described on e-Tendering website (https://jharkhandtenders.gov.in). Further details about the e-Tendering procedure & its requirements, refer manual available on e-Tendering website.

The tender document will be available on the e-Tendering website and may be downloaded by the interested bidders.

The summary of tender notice is as follows:

| S.No. | Item | Particulars |
|---|---|---|
| 1 | Tender No. | ASA/MPLS/1/2025-UID/001 |
| 2 | Bid Security (EMD) | Rupees Twenty Five Thousand Only (Rs.25,000/-) |
| 3 | Availability of Tender Document | 17.04.2025 at 13:00 hrs |
| 4 | Last date of online Bid Submission | 30.04.2025 at 18:00 hrs. |
| 5 | Date & Time of opening of Technical Bid | 02.05.2025 at 16:00 hrs. |
| 6 | Date & Time of opening of Financial Bid | To be informed later |
| 7 | Phone | 0651 – 2970091 |
| 8 | Email Address | uidcellpmu-doit@jharkhandmail.gov.in |

**PR 350541 Information Technology(25-26)#D**

**Sd/-**
**Joint Secretary to Government**

**कार्यपालक अभियंता का कार्यालय**
**भवन निर्माण विभाग, भवन प्रमण्डल, हजारीबाग**

**शुद्धि पत्र /सूचना**

एतद् द्वारा सूचित किया जाता है कि ई–प्रोक्योरमेंट निविदा आमंत्रण सूचना संख्या– BCD/EE/ HAZARIBAG/ 76 /2024-25 ,PR संख्या– 349523 Building (24-25).D द्वारा प्रकाशित निविदा कार्य का नाम– Proposed Construction of 50 Bedded Hostel for Madarsa Jabra Al Jamaitul Hafizia at Block - Churchu, Vill- Indira, Hazaribagh, For The Year 2024-2025 को अपरिहार्य कारणवश रद्द की जाती है।

कार्यपालक अभियंता,
भवन प्रमण्डल, हजारीबाग

**PR 350582 Building(25-26)#D**

कार्यपालक अभियंता का कार्यालय
भवन निर्माण विभाग, भवन प्रमण्डल, हजारीबाग।

**शुद्धिपत्र /सूचना**

एतद् द्वारा सूचित किया जाता है कि ई–प्रोक्योरमेंट निविदा आमंत्रण सूचना संख्या– BCD/EE/ HAZARIBAG/ 75 /2024-25 ,PR संख्या– 349013 Building (24-25).D द्वारा प्रकाशित निविदा कार्य का नाम– Proposed Construction of 50 Beded S.T. Boys Hostel in Rajaya Samposhit High School Harley Block - Barkagaon, Dist - Hazaribagh For The Year 2024-2025को अपरिहार्य कारणवश रद्द की जाती है।

कार्यपालक अभियंता,
भवन प्रमण्डल, हजारीबाग।

PR 350577 (Building) 25-26 (D)

**Govt. of Jharkhand**
**OFFICE OF THE EXECUTIVE ENGINEER**
**Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002, e-mail--- eercdapfsdran-jhr@nic.in**

**e-Procurement very Short Notice**

e-Tender Reference No .-RCD/FSD /AP/ RAN/**01**/25-26 Dated **16.04.2025**

| | | |
|---|---|---|
| 1- | Name of Work | Consultancy services for exploration of Feasibility report cum preparation of Detailed project report for construction of Elevated Road/Flyover from Argora Chowk to Kathal More Chowk including its approaches, replacement of culverts and bridges if any , proposal for new culverts and bridges if any , complete Land Acquisition Proposal including ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal if any with clearance of all stages etc as required , at Ranchi in the state of Jharkhand. from Consultants empanelled in Category-II with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 05 KM |
| 3- | Work completion time | 90 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 1,50,000/- (Rupees One Lac Fifty Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 21.04.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 29.04.2025, 12.30 PM |
| 7- | Date and Timing of Bid opening | 30.04.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

**Executive Engineer**
**Field Survey Division,A.P**
**Road Construction Department,Ranchi**

**PR 350548 Road(25-26)#D**

**e-PROCUREMENT CELL**
**OFFICE OF THE EXECUTIVE ENGINEER BUILDING DIVISION,**
**DIST-PAKUR BUILDING CONSTRUCTION DEPARTMENT,GOVT.OF JHARKHAND**

**e-PROCUREMENT TENDER NOTICE**

**Tender Reference No:-04/2025-26/EE/BCD/PAKUR Date:-17-04-2025**

| (i) | LIST OF WORKS - | | | | | |
|---|---|---|---|---|---|---|
| S.N. | NAME OF WORK | ESTIMATED COST (RS.) | COST OF BOQ (RS.) | EARNEST MONEY(RS) | DATE OF COMPLETION | TENDER ID |
| 1 | PROPOSED CONSTRUCTION OF FAMILY JUDGE RESIDENCE AT PAKUR | 23449100.00 | 10,000.00 | 4,69,000.00 | 11 Months | 2025_BCD_100161_1 |
| (ii) | DATE OF TENDER PUBLISHED ON WEBSITE -25.04.25 | | | | | |
| (iii) | LAST DATE AND TIME OF TENDER RECEIVING ON WEBSITE -10.05.25 UP TO 5.00 PM | | | | | |
| (iv) | TENDER OPENING PLACE WITH DATE AND TIME -e-procurement cell,Office of The Chief Engineer,Combined Office Building,Building Construction Department, Line Tank Road, Ranchi ON 13.05.25 FROM 12.00 PM | | | | | |
| (v) | TENDER INVITING OFFICE WITH ADDRESS -e-PROCUREMENT CELL,OFFICE OF THE EXECUTIVE ENGINEER,BUILDING DIVISION, PAKUR | | | | | |
| (vi) | CONTACT NO. OFe- PROCUREMENT OFFICER | | | | 9279718158 | |
| (vii) | HELPLINE NO.OFe-PROCUREMENT CELL | | | | 6201837151 | |

Further details and sub sequentamendment scan be seen on website

**NODAL OFFICER**
**e-PROCUREMENT CELL**
**- CUM -EXECUTIVE ENGINEER**

**PR 350600 Building(25-26).D** **OFFICE OF THE EXECUTIVE ENGINEER BUILDING DIVISION, DIST - PAKUR**

GOVERNMENT OF JHARKHAND
Agriculture, Animal Husbandry & Co-operative Department
(Co-Operative Division)

**OFFICE OF THE**
**REGISTRAR, CO-OPERATIVE SOCIETIES JHARKHAND,**
**RANCHI INTEGRATED CO-OPERATIVE DEVELOPMENT PROJECT**
**(I.C.D.P.) CELL, RANCHI**

**e-Tender Notice**

**Tender Reference No:-** ICDP/RANCHI/16/2024-25 **DATE:-** 24.03.2025

| SL No. | Name of work | Estimated Value of Work (in Rs) | Cost Of BoQ (in Rs) | Earnest Money (inRs) | Time Of Completion Of Work |
|---|---|---|---|---|---|
| 01. | Construction of Office Building with Toilets, Boundary Wall and Main Entrance Gate, Plant foundation ETP Tank, PCC Work Etc, For 4thp Rice Mill At Simdega District. | 5,63,31,946.00 | 10,000.00 | 5,63,500.00 | 12 Months |
| 02. | Date Of Publication of on Website | 15.04.2025 AT 11:00 Am | | | |
| 03. | Last Date & Time of Submission of bids | 28.04.2025 AT 05:00 Pm | | | |
| 04. | Name & Address of Office Inviting Tender | State Monitoring Officer, ICDP Cell, Pasupalan-Sahkarita Bhawan Singh More, Hatia, Ranchi. 834003 | | | |
| 05. | Contact No of Procurement Officer | 9431782508, 7250895727 | | | |

06. Bid document with details terms and conditions will be available online on e-tendering portal, http:// Jharkhand tenders.gov.in from 15.04.2025 at 11:00 AM to 28.04.2025 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 28.04.2025. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 29.04.2025
07. Estimate Cost May Vary.
08. Corrigendum/Amendment if any will be published only on the above mentioned website.

**sd/- State monitoring Officer**
**ICDP Cell, Ranchi.**

**PR.NO.350555 Co-opretive(25-26):D**

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, गोड्डा।
अति अल्पकालीन ई–पुनर्निविदा आमंत्रण सूचना(सप्तम कॉल)
अति अल्पकालीन ई0–निविदा संख्या:– 07/2025-26/R7/RWD/EE/GODDA
दिनांक: 17-04-2025

कार्य का विवरण: मुख्यमंत्री ग्राम सड़क योजना अन्तर्गत कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्रम सं0 | आईडेन्टीफिकेशन संख्या/ पैकेज संख्या | प्रखंड | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की तिथि/ अवधि |
|---|---|---|---|---|---|---|
| 1 | RWD/GODDA/ 14/STPKG/ 02/ 2023-24 | पथरगामा | पी0डब्ल्यू0डी0 रोड से खुर्द तक पथ का सुदृढीकरण कार्य। (लं0–1.250 कि0मी0) | 1231.753 | बारह करोड़ इकतीस लाख पचहत्तर हजार तीन सौ रूपये मात्र | 15(पन्द्रह) माह |
| 2 | | बसंतराय | बाघाकोल से मोकलचक तक पथ का सुदृढीकरण कार्य।(लं0– 1.715 कि0मी0) | | | |
| 3 | | पथरगामा | द्वारीचक से चंदरपुर तक पथ का सुदृढीकरण कार्य। (लं0– 1.125 कि0मी0) | | | |
| 4 | | बसंतराय | महेशपुर से वरण तक पथ का सुदृढीकरण कार्य। (लं0–2.575 कि0मी0) | | | |
| 5 | | बसंतराय | कैथपुरा से सोहरा तक पथ का सुदृढीकरण कार्य। (लं0–3.600 कि0मी0) | | | |
| 6 | | बसंतराय | सोहरा से राहा तक पथ का सुदृढीकरण कार्य। (लं0–1.800 कि0मी0) | | | |
| 7 | | पथरगामा | कोरका मोड़ से बरहारा तक पथ का सुदृढीकरण कार्य। (लं0– 3.600 कि0मी0) | | | |
| 8 | | पथरगामा | लतौना से देवघरा जागीर तक पथ का सुदृढीकरण कार्य। (लं0–4.600 कि0मी0) | | | |
| 9 | | पथरगामा | पश्चिमी पड़वा से बंशीपुर भाया सोनवर्षा तक पथ का सुदृढीकरण कार्य। (लं0–2.700 कि0मी0) | | | |

1. वेबसाईट में निविदा प्रकाशन की तिथि:– 21.04.2025
2. ई–निविदा प्राप्ति की अंतिम तिथि एवं समय:– 30.04.2025 अपराह्न 05.00 बजे तक।
3. निविदा खोलने की तिथि एवं समय:–02.05.2025 पूर्वाह्न 11.30 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा।
5. ई–निविदा प्रकोष्ठ का मोबाईल नं0– 9973573276
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जबाबदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, गोड्डा।

PR 350556 Rural Work Department(25-26)D



ଗ୍ରୀଷ୍ମ ଋତୁରେ ମିଳୁଥିବା ଫଳ ଆମ୍ବକୁ ଫଳର ରାଜା କୁହାଯାଏ ଏବଂ ପ୍ରାୟ ସମସ୍ତେ ଏହାର ସ୍ୱାଦ ପସନ୍ଦ କରନ୍ତି । କିନ୍ତୁ କିଛି ଲୋକଙ୍କୁ ଆମ୍ବ ଖାଇବା ବିପଦ ସାଜିପାରେ । ଆମ୍ବ ଖାଇବା କିଛି ଲୋକଙ୍କ ପାଇଁ କ୍ଷତିକାରକ ହୋଇପାରେ । ଜାଣନ୍ତୁ କେଉଁମାନଙ୍କୁ ଆମ୍ବ ମନା-ଚର୍ମ ଆଲର୍ଜି – କିଛି ଲୋକଙ୍କୁ ଆମ୍ବ ପ୍ରତି ଆଲର୍ଜି ହୋଇପାରେ । ଆମ୍ବ ଛାଲରେ ଉରୁଶିଓଲ ନାମକ ଏକ ରାସାୟନିକ ପଦାର୍ଥ ଥାଏ, ଯାହା ଚର୍ମରେ ଫୋଟକା ଏବଂ ଫୋଟକା ସୃଷ୍ଟି କରିପାରେ । କିଡନୀ ସମ୍ବନ୍ଧୀୟ ସମସ୍ୟା – ଆମ୍ବରେ ପର୍ଯ୍ୟାପ୍ତ ପରିମାଣରେ ପୋଟାସିୟମ ଥାଏ । ଅଧିକ ପୋଟାସିୟମ ବୃକକ୍ ରୋଗୀଙ୍କ ପାଇଁ ବିପଜ୍ଜନକ ହୋଇପାରେ, କାରଣ ସେମାନଙ୍କର ବୃକକ୍ ଏହାକୁ ଛାଣି ପାରେ ନାହିଁ । ଏହା କିଡନୀ ସମସ୍ୟାକୁ ବୃଦ୍ଧି କରିପାରେ । ଓଜନ ଅଧିକ ଥିଲେ ଖାଆନ୍ତୁନି- ଯଦି ଓଜନ ଅତ୍ୟଧିକ ରହିଛି ତେବେ ଏପରି ପରିସ୍ଥିତିରେ ଆମ୍ବ ଖାଆନ୍ତୁ ନାହିଁ । କାରଣ ଏଥିରେ ପ୍ରଚୁର କ୍ୟାଲୋରୀ ଏବଂ ଚିନି ଥାଏ, ଯାହା କ୍ଷତିକାରକ ହୋଇପାରେ । ହିଟ୍ ଷ୍ଟ୍ରୋକ- ଯଦି ଖରାଦିନେ ହିଟ୍ ଷ୍ଟ୍ରୋକ କିମ୍ବା ଝାଳ ବାହାରୁଛି, ତେବେ ଏପରି ପରିସ୍ଥିତିରେ ଆମ୍ବ ଖାଇବା ଅନୁଚିତ୍ । ପେଟ ସମସ୍ୟା – କିଛି ଲୋକଙ୍କର ଅତ୍ୟଧିକ ଆମ୍ବ ଖାଇବା ପରେ ପେଟ ଯନ୍ତ୍ରଣା, ବାନ୍ତି, ଏସିଡିଟି ଭଳି ଅଭିଯୋଗ ହୋଇପାରେ ।

## ଝିଅ ପାଇଁ ୧୦୦ କୋଟି ଟଙ୍କାର ଆପାର୍ଟମେଣ୍ଟ କିଣିଲେ

ଚୁପ-ଚାପ



ବଲିଉଡର ଚର୍ଚ୍ଚିତ ଅଭିନେତ୍ରୀ କିଛି ଦିନ ତଳେ ଝିଅ ଦୁଆ ସମ୍ପର୍କରେ ଗୁଗଲରେ ସର୍ଚ୍ଚ କରିବାକୁ ନେଇ କାଫି ଚର୍ଚ୍ଚାରେ ରହିଥିଲେ ଦୀପିକା । ପୁଣି ଚର୍ଚ୍ଚାର ଘେରକୁ ଆସିଛନ୍ତି ଦୀପିକା ପାଦୁକୋନ ଏବଂ ତାଙ୍କ ସ୍ୱାମୀ ରଣବୀର କପୁର । ଝିଅକୁ ଜନ୍ମ ଦେବା ପରେ ମା' ହିସାବରେ ଦୀପିକା ଦୁଆର ସୁସ୍ଥ ଶରୀର ପ୍ରତି ସଚେତନ ରହିଥିଲେ । ପୁଣି ଝିଅ ପାଇଁ ବାପା – ମା ହିସାବରେ ଆଉ ଏକ ପଦକ୍ଷେପ ନେଇଛନ୍ତି । ଝିଅ ଦୁଆର ଭବିଷ୍ୟତକୁ ନେଇ ରଣବୀର ଏବଂ ଦୀପିକା ତାଙ୍କ ଜୀବନରେ ନୂଆ ଅଧ୍ୟାୟ ଆରମ୍ଭ କରିବାରେ ସଫଳ ହୋଇଛନ୍ତି । ରଣବୀର ସିଂ ଏବଂ ଦୀପିକା ପାଦୁକୋନ ଉଭୟେ ମିଶି ଝିଅ ଦୁଆ ପାଇଁ କିଣିଥିବା ନୂଆ ଘର ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି । ଦୁହେଁ ଶାହରୁଖ ଖାନଙ୍କ ଘର ମନ୍ନତ ପାଖରେ ଥିବା ଆପାର୍ଟମେଣ୍ଟକୁ କୋଟି କୋଟି ଟଙ୍କାର ହୋଇଥିବା ସୂଚନା ମିଳୁଛି । ଯାହାର ଦାମ୍ ୧୦୦କୋଟି ଟଙ୍କା ବୋଲି ଶୁଣାଯାଉଛି । ଯାହା ୧୬ରୁ ୧୯ ମହଲା ପର୍ଯ୍ୟନ୍ତ ବୋଲି ପୋଷ୍ଟ ହୋଇଥିବା ଫଟୋରୁ ଜଣାପଡୁଛି । ଅନ୍ୟପଟେ ଦୀପିକା ପାଦୁକୋନ ଶେଷ ଥର ପାଇଁ 'ସିଙ୍ଘମ ଅଗେନ୍'ରେ ଡିସିପି ଶକ୍ତି ଶେଟ୍ଟୀ ଭାବରେ ନଜର ଆସିଥିଲେ । ମାଆ ହେବା ପରେ ଦୀପିକା ତାଙ୍କ ଆଗାମୀ ଫିଲ୍ମକୁ ନେଇ କୌଣସି ଘୋଷଣା କରିନାହାଁନ୍ତି । ଠିକ୍ ସେହିପରି ରଣବୀର ସିଂ ବର୍ତ୍ତମାନ ଫିଲ୍ମ 'ଧୁରନ୍ଧର'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏହି ଫିଲ୍ମରେ ରଣବୀରଙ୍କ ସମେତ ସଞ୍ଜୟ ଦତ୍ତ, ଆର ମାଧବନ, ଅକ୍ଷୟ ଖାନ୍ନା ଏବଂ ୟାମି ଗୌତମ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି । ଏହା ବ୍ୟତୀତ ରଣବୀର ସଞ୍ଜୟ ଲୀଲା ବଂଶାଲୀଙ୍କ ନିର୍ଦ୍ଦେଶିତ ଆଗାମୀ ଫିଲ୍ମ 'ଶକ୍ତିମାନ' ଏବଂ 'ବୈଜୁ ବାଓ୍ୱରା'ରେ ମଧ୍ୟ ନଜର ଆସିବେ ।

## 'ନୋ ଏଣ୍ଟ୍ରି-୨'ରେ ତମନ୍ନା



ବଲିଉଡର ପପୁଲାର କମେଡି ଫିଲ୍ମ ମଧ୍ୟରୁ ଗୋଟିଏ, 'ନୋ ଏଣ୍ଟ୍ରି-୨' ପୁଣି ଥରେ ଚର୍ଚ୍ଚାରେ ଅଛି । ଦୀର୍ଘ ଦିନ ଧରି ଅଟକି ରହିଥିବା ଏହି ସିକ୍ୱେଲ୍ ଫିଲ୍ମଟି ଆଗକୁ ବଢିଛି । ଏହାର ନିର୍ମାତା ଏବେ ଅଭିନେତାଙ୍କ ଚୂଡ଼ାନ୍ତ ତାଲିକାରେ ବ୍ୟସ୍ତ ଅଛନ୍ତି । ଏହି ଦୌଡ଼ରେ ପ୍ରଥମ ନାମ ହେଉଛି ଗ୍ଲାମରସ୍ ଅଭିନେତ୍ରୀ ତମନ୍ନା ଭାଟିଆ । ଯିଏ ଏବେ ଏହି ମଜାଦାର ସିକ୍ୱେଲର ଏକ ଅଂଶ ପାଲଟିଛନ୍ତି । ତମନ୍ନାଙ୍କ ବିଷୟରେ କହିବାକୁ ଗଲେ, ସେ ତାଙ୍କର ଆଇଟମ୍ ନମ୍ବର 'ନଶା' ଏବଂ ବଳିଷ୍ଠ ଚରିତ୍ର ପାଇଁ ଚର୍ଚ୍ଚାରେ ଅଛନ୍ତି । ଏବେ ନୋ ଏଣ୍ଟ୍ରି ୨ ରେ ତାଙ୍କର ଉପସ୍ଥିତି ପ୍ରଶଂସକମାନଙ୍କ ପାଇଁ ଖୁସି ଖବର । କୁହାଯାଉଛି ଯେ ସେ ଏହି ଫିଲ୍ମରେ ଏପରି ଏକ ଚରିତ୍ରରେ ଅଭିନୟ କରିବେ, ଯାହା କାହାଣୀରେ ନୂଆ ମୋଡ଼ ଆଣିବ । ତେବେ ତାଙ୍କର ଭୂମିକା ପ୍ରଥମ ଭାଗରେ ବିପାଶା ବସୁଙ୍କ ଭୂମିକା ଦ୍ୱାରା ଅନୁପ୍ରାଣିତ, କିନ୍ତୁ ଏଥର କାହାଣୀ ସମ୍ପୂର୍ଣ୍ଣ ନୂଆ ହେବ । ସେହି ସମୟରେ, ଫିଲ୍ମର ଦ୍ୱିତୀୟ ଲିଡ୍ ନାୟିକାଙ୍କୁ ନେଇ ମଧ୍ୟ ଆଲୋଚନା ଜୋର ଧରିଛି । ନିର୍ମାତାମାନେ ହୀରାମଣ୍ଡି ଫେମ୍ ଅଦିତି ରାଓ ହାଇଦରୀଙ୍କ ସହ ବହୁତ ଆଲୋଚନା କରୁଛନ୍ତି ଏବଂ ଯଦି ସବୁକିଛି ଠିକ୍ ରହେ, ତେବେ ଅଦିତି ଏହି ମଜାଦାର ଯାତ୍ରାରେ ତମନ୍ନାଙ୍କ ସହିତ ଯୋଗ ଦେଇପାରନ୍ତି । ଏହା ବ୍ୟତୀତ ଏହି ଫିଲ୍ମ ପାଇଁ ଶ୍ରଦ୍ଧା କପୁର ଏବଂ ମାନୁଷୀ ଚିଲ୍ଲରଙ୍କ ନାମ ମଧ୍ୟ ଆସିଛି । ହେଲେ ଏପର୍ଯ୍ୟନ୍ତ ଏହାକୁ ନେଇ କୌଣସି କନଫର୍ମ କରାଯାଇ ନାହିଁ । ନିର୍ମାତାମାନେ ଏଥରର ନୋ ଏଣ୍ଟ୍ରିରେ ଏପରି ଷ୍ଟାରକାଷ୍ଟ ରଖିବାକୁ ଚେଷ୍ଟା କରୁଛନ୍ତି ଯାହା କେବଳ ପୁରୁଣା ସ୍ମୃତିକୁ ପୁନର୍ଜୀବିତ କରିବ ନାହିଁ ବରଂ ନୂତନ ପିଢ଼ିକୁ ମଧ୍ୟ ଯୋଡ଼ିବ । ୨୦୦୫ ମସିହାରେ ମୁକ୍ତିଲାଭ କରିଥିବା 'ନୋ ଏଣ୍ଟ୍ରି' ଦର୍ଶକଙ୍କୁ ଭରପୂର ଏଣ୍ଟରଟେନ୍ କରିଥିଲା । ସଲମାନ ଖାନ, ଅନିଲ କପୁର ଏବଂ ଫରଦିନ ଖାନଙ୍କ ସହ ଧମାଲ କରିଥିଲେ । ଏବେ ୨୦ ବର୍ଷ ପରେ, ଏହି ଫିଲ୍ମର ସିକ୍ୱେଲରେ ବରୁଣ ଧାଓ୍ୱନ, ଦିଲଜିତ ଦୋସାଞ୍ଜ ଏବଂ ଅର୍ଜୁନ କପୁର ଟ୍ରିପଲ୍ ଧମାଲ ପାଇଁ ଆସୁଛନ୍ତି । ବିଶେଷ କଥା ହେଉଛି ଏହି ତିନିଜଣ ଅଭିନେତା ଫିଲ୍ମରେ ଡବଲ୍ ରୋଲ୍ କରିବେ, ଯାହାର ଅର୍ଥ ହେଉଛି ହସର ଡବଲ୍ ଡୋଜ୍ ନିଶ୍ଚିତ ।

## କେମିତି ଜାଣିବେ ତରଭୁଜ ଅସଲି କି ନକଲି.... ?

*ବିଭିନ୍ନ ପ୍ରକାର ଫଳ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଏହା ଶରୀରକୁ ବିଭିନ୍ନ ପ୍ରକାର ରୋଗରୁ ଦୂରେଇ ରଖିବା ସହ ଶକ୍ତି ମଧ୍ୟ ଯୋଗାଇଥାଏ । ବିଶେଷ କରି ଋତୁ ଅନୁଯାୟୀ ବିଭିନ୍ନ ପ୍ରକାର ଫଳ ବଜାରରେ ଉପଲବ୍ଧ ହୋଇଥାଏ । ବର୍ତ୍ତମାନ ଅସହ୍ୟ ଗରମ ଅନୁଭୂତ ହେଲାଣି । ଖରାଦିନେ ତରଭୁଜ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ତରଭୁଜରେ ପ୍ରାୟ ୯୨% ଜଳ ରହିଥାଏ । ଯାହା ଶରୀରରେ ଜଳର ଅଭାବକୁ ଦୂର କରିଥାଏ । ଖରାଦିନେ ଜଳୀୟଅଂଶର ଅଭାବକୁ ଏହା ପୂରଣ କରିଥାଏ । ଏଥିରେ ଫାଇବର ଭରପୁର ମାତ୍ରାରେ ଥିବାରୁ ପେଟ ପାଇଁ ମଧ୍ୟ ଖୁବ୍ ଉପକାରୀ ।*

- ତରଭୁଜ କାଟିବା ପରେ ଏଥିରେ ସୂତା ଧଳା କପଡା ଗୁଡାଇ ଦିଅନ୍ତୁ । ଯଦି କପଡାରେ ଲାଲ ରଙ୍ଗ ଲାଗିଥାଏ । ତେବେ ଜାଣିବେ ଏଥିରେ କୃତ୍ରିମ ରଙ୍ଗ ବ୍ୟବହାର କରାଯାଇଛି ।
- ଶୀଘ୍ର ତରଭୁଜକୁ ପଚାଇବା ପାଇଁ କାର୍ବାଇଟ୍‌ର ବ୍ୟବହାର କରାଯାଏ । ଏହାସହ ଏକ ପ୍ରକାର ଧଳା ରାସାୟନିକ ଗୁଣ୍ଡ ମଧ୍ୟ ବ୍ୟବହାର କରାଯାଏ । ତେଣୁ ତରଭୁଜ ଉପରେ ଧଳା ରଙ୍ଗର ଗୁଣ୍ଡ ଲାଗିଥିଲେ, ଏହାକୁ କିଣି ଆଣନ୍ତୁ ନାହିଁ ।
- ସେହିପରି ତରଭୁଜର ଆକାର ବଡ କରିବା ପାଇଁ ଏକ ପ୍ରକାର କେମିକାଲ୍ ବ୍ୟବହାର କରାଯାଏ । ତେଣୁ ଅତି ବଡ ଆକାରର ତରଭୁଜ କିଣନ୍ତୁ ନାହିଁ ।
- ଏହାସହ ହଳଦିଆ ଦାଗ ଥିବା ତରଭୁଜ କିଣିବା ଉଚିତ୍ । ତରଭୁଜ କ୍ଷେତରେ ଭୂମି ସହ ଲାଗି ରହିଲେ, ହଳଦିଆ ରଙ୍ଗ ଏଥିରେ ସୃଷ୍ଟି ହୋଇଥାଏ । ଏଥିରେ ରାସାୟନିକ ଦ୍ରବ୍ୟ ବ୍ୟବହାର ହୋଇ ନାହିଁ ।



## ଉର୍ବଶୀଙ୍କୁ ପୂଜା କରୁଛନ୍ତି ଫ୍ୟାନ୍



ଭାରତୀୟ ସିନେମାରେ ଦିନକୁ ଦିନ ଖାସ୍ ପରିଚୟ ହାସଲ କରୁଛନ୍ତି ଅଭିନେତ୍ରୀ-ମଡେଲ ଉର୍ବଶୀ ରୌତେଲା । ତାଙ୍କୁ ନେଇ ଏକ ଖବର ଚର୍ଚ୍ଚାରେ । ଏକ ଗଣମାଧ୍ୟମ ସହ ବାର୍ତ୍ତାଳାପରେ ଉର୍ବଶୀ କହିଛନ୍ତି, ତାଙ୍କ ସମ୍ମାନରେ ଉତ୍ତର ଭାରତରେ ଏକ ମନ୍ଦିର ନିର୍ମିତ ହୋଇଛି । ଲୋକେ ମନ୍ଦିରରେ ତାଙ୍କୁ ପୂଜା କରୁଛନ୍ତି । ଦକ୍ଷିଣ ଭାରତରେ ମଧ୍ୟ ତାଙ୍କ ନାଁରେ ଏକ ମନ୍ଦିର ହେବ ବୋଲି ସେ ଖୁବ୍ ଆଶାବାଦୀ । ଏହି ବୟାନକୁ ନେଇ ସୋସିଆଲ ମିଡିଆ ୟୁଜର ମିଶ୍ର ପ୍ରତିକ୍ରିୟା ଦେଇଛନ୍ତି । ଉର୍ବଶୀ ଦକ୍ଷିଣ ଭାରତୀୟ ସିନେମାରେ ଧୀରେ ଧୀରେ ନିଜର ସ୍ଥିତି ଦୃଢ଼ କରୁଛନ୍ତି । ବାର୍ତ୍ତାଳାପରେ ସେ କହିଛନ୍ତି, ଚିରଞ୍ଜୀବି ଓ ବାଲାକ୍ରୀଷ୍ଣଙ୍କ ଭଳି ଷ୍ଟାର୍‌ଙ୍କ ସହ ସେ କାମ କରୁଛନ୍ତି । ଏହି କ୍ରମରେ ଖୁବ୍‌ଶୀଘ୍ର ଦକ୍ଷିଣ ଭାରତରେ ତାଙ୍କର ଏକ ମନ୍ଦିର ନିର୍ମିତ ହୋଇପାରେ ବୋଲି ସେ କହିଛନ୍ତି । ତେବେ ଭାରତରେ ପ୍ରଥମ ଥର କୌଣସି ସେଲିବ୍ରିଟିଙ୍କୁ ଫ୍ୟାନ୍ ପୂଜା କରିବା ଖବର ସାମ୍ନାକୁ ଆସିନାହିଁ । ଅନେକ ଦକ୍ଷିଣ ଭାରତୀୟ ଷ୍ଟାର୍‌ଙ୍କ ସମ୍ମାନରେ ମନ୍ଦିର ନିର୍ମିତ ହୋଇଛି । ୨୦୨୫ ଉର୍ବଶୀଙ୍କ ପାଇଁ ବେଶ ଭଲ ବର୍ଷ ପ୍ରମାଣିତ ହୋଇଛି । ଫିଲ୍ମ, ମ୍ୟୁଜିକ୍ ଓ ବିଶ୍ୱସ୍ତରୀୟ ପ୍ରୋଜେକ୍ଟ ମାଧ୍ୟମରେ ସେ ଲାଇମ୍‌ଲାଇଟ୍‌ରେ ଅଛନ୍ତି । ତାଙ୍କ ଅଭିନୀତ 'ଡାକୁ ମହାରାଜ' ୧୦୦ କୋଟି କ୍ଲବ୍‌ରେ ଏଣ୍ଟ୍ରି କରିଥିଲା । ନିକଟରେ ସେ 'ଜାଟ୍'ରେ ନଜର ଆସିଛନ୍ତି । ତାଙ୍କ ଅପକମିଙ୍ଗ ପ୍ରୋଜେକ୍ଟରେ 'ଓ୍ୱେଲକମ-୩', 'ବାପ୍', 'ଇନ୍‌ସପେକ୍ଟର ଅବିନାଶ-୨', ପରବୀନ ବାବୀଙ୍କ ବାୟୋପିକ୍ ଏବଂ ଜାସନ୍ ଡେରୁଲୋଙ୍କ ସହ ଏକ ମ୍ୟୁଜିକ୍ ଭିଡିଓ ରହିଛି

## କ୍ୟାପ୍‌ସୁଲ କାର୍



ଦେଖିବାକୁ ବେଶ୍ ଅଜବ ଏହି କାର୍ । ପିଲାଙ୍କ ସ୍ୱାଇଡର କାର୍ ଖେଳଣା ଭଳି ଲାଗିପାରେ । ହେଲେ ଆଡ୍‌ଭେଞ୍ଚର ଲଭରଙ୍କ ପାଇଁ ତିଆରି ହୋଇଛି ଏହି କାର୍ । ସିଙ୍ଗଲ ସିଟ୍ ଥିବା ଉକ୍ତ କାର୍‌କୁ ଦକ୍ଷିଣ ଆଫ୍ରିକାସ୍ଥ ଜୋହାନସ୍ ବର୍ଗର ଡିଜାଇନର ଆଲ୍ମ ଜର୍ମାନର ଡିଜାଇନ କରିଛନ୍ତି । କ୍ୟାପ୍‌ସୁଲ କାର୍ ନାମକ ଏହି ଗାଡ଼ି ଓଭର ନାଇଟ ଟ୍ରିପ୍ ପାଇଁ ପ୍ରଯୁଜ୍ୟ । କାରଣ ଏଥିରେ ଲଗେଜ ରଖିବା ଲାଗି ବହୁତ ଜାଗା ଅଛି । ଇଲେକ୍ଟ୍ରିକ ମୋଟର ଦ୍ୱାରା ଏହି ଗାଡି ଚାଲେ । ଗାଡିର ଛାତରେ ସୋଲାର ପ୍ୟାନେଲ ଲାଗିଥାଏ, ଯାହାକି ବ୍ୟାଟେରିକୁ ଚାର୍ଜ କରେ । ଏଥିରେ ଜିପିଏସ୍ ନାଭିଗେଶନ ସିଷ୍ଟମ୍ ଅଛି । ଏହା ଅନ୍ୟ କ୍ୟାପ୍‌ସୁଲ କାର୍ ସହ ବି କନେକ୍ଟ ହୋଇପାରେ । ସାଇଡ୍ ମିର୍‌ର ବଦଳରେ ଏଥିରେ ଏକ୍ସଟରନାଲ କ୍ୟାମେରା ଲାଗିଛି, ଯାହାକି ଭିତରର ଏଲ୍‌ସିଡି ଡିସ୍‌ପ୍ଲେ ସହ କନେକ୍ଟ ହୋଇଥାଏ । ଖାସ୍‌କରି କ୍ୟାମ୍ପିଂ ପାଇଁ ଏହି ଗାଡି ଡିଜାଇନ୍ ହୋଇଛି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ଅଧୀନ ନୂଆଶାସନ ଗ୍ରାମର ଶ୍ରୀ ଶ୍ରୀ ମହାବୀର ହନୁମାନଙ୍କର ୧୧ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଅବସରରେ ବ୍ରତଧାରୀ ମହିଳାଙ୍କ କଳସ ଶୋଭାଯାତ୍ରା ପାଢ଼ୀସାହି ସ୍ଥିତ ହନୁମାନଙ୍କ ମନ୍ଦିରରୁ ବାହାରି ବାବା କୁମାଶ୍ୱେର ମନ୍ଦିର ପୋଖରୀରୁ କଳସ ବୁଡ଼ାଇବା ପରେ ଗ୍ରାମ ପରିକ୍ରମା କରି ଆସି ଯଜ୍ଞସ୍ଥଳରେ କଳସ ସ୍ଥାପନ କରିଥିଲେ। କଳସ ଶୋଭାଯାତ୍ରା ସମୟରେ ରାମଲୀଳା ସମିତିର କଳାକାରମାନେ ରାମଲୀଳା ପରିବେଷଣ କରିଥିଲେ। କର୍ତ୍ତା ଭାବେ ଦୀନବନ୍ଧୁ ପାଣିଗ୍ରାହୀ ଓ ପତ୍ନୀ ସୁମତୀ ପାଣିଗ୍ରାହୀ, ଦିଲୀପ କୁମାର ପାଢ଼ୀ ପତ୍ନୀ ବାସନ୍ତୀଲତା ପାଢ଼ୀ, ମୁଖ୍ୟ ପୂଜକ ବୁଦ୍ଧିରାମ ଶତପଥି, ବରିଷ୍ଠ ପୂଜକ ଭାବଗ୍ରାହୀ ଶତପଥି ପୂଜା ଓ ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। ଗୁଆମାଳ ଅ□ଳର ବିଶିଷ୍ଟ ବେଦଜ୍ଞ ସ୍ୱର୍ଗତ କୁଳମଣି ଉଦ୍‌ଗାତାଙ୍କ ପରାମର୍ଶ କ୍ରମେ ଏହି ମନ୍ଦିର ପ୍ରତିଷ୍ଠା କରାଯାଇଥିବା ମନ୍ଦିର କମିଟି ସଦସ୍ୟ ଜଗତଜ୍ୟୋତି ପାଢ଼ୀ ସୂଚନା ଦେଇଛନ୍ତି। ମନ୍ଦିର କମିଟିର ସଦସ୍ୟ ସଂଜୀବ ପାଢ଼ୀ, ବିକାଶ ପାଣିଗ୍ରାହୀ, ଦୀପକ ପାଢ଼ୀ, ବିଭୂପଦ ସାହୁ, ମନୋଜ ସାହୁ, ଗୋପବନ୍ଧୁ ପାଣିଗ୍ରାହୀ, କେଶବ ଚନ୍ଦ୍ର ସାହୁ ପ୍ରମୁଖଙ୍କ ସମେତ ଗ୍ରାମବାସୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଯଜ୍ଞ ପୂର୍ଣ୍ଣାହୁତିରେ ଆଖିପାଖି ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଯଜ୍ଞ ଚରୁ ଗ୍ରହଣ କରିଥିଲେ।

# ଫୁଲକଣାରୁ ଟିଟିଝୋଲା ରାସ୍ତା ପାଲଟିଛି ମରଣଯନ୍ତା




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): କୋରାପୁଟ ଓ ରାୟଗଡାକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର ଫୁଲକଣା ଛକରୁ ପ୍ରାୟ ଚାରି କିଲୋମିଟର ରାସ୍ତା ମରଣ ଯନ୍ତା ପାଲଟିଛି। ଉକ୍ତ ରାସ୍ତା କୋରାପୁଟ ଜିଲ୍ଲା ସୀମାନ୍ତରେ ଥିବାବେଳେ ରାୟଗଡା ଜିଲ୍ଲାର ଦୁଇଟି ଗ୍ରାମ ଟିଟି ଝଲା ଓ ତଳ ପେଣ୍ଡିଲି ଗ୍ରାମ ସେଇ ରାସ୍ତାରେ କଡରେ ରହିଛି। ଫୁଲକଣା ଛକରୁ ଚାରି କିଲୋମିଟର ଯାଏଁ ରାୟଗଡା ଜିଲାରେ ଯାଉଥିବା ବେଳେ ବାକି ବନ୍ଧୁଗାଁ ପର୍ଯ୍ୟନ୍ତ ୨୫ କିଲୋମିଟର ରାସ୍ତା କୋରାପୁଟ ଜିଲ୍ଲାରେ ଯାଉଛି। ହେଲେ କୋରାପୁଟ ଜିଲ୍ଲାରେ ଯାଉଥିବା ରାସ୍ତା ବର୍ତ୍ତମାନ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ହୋଇସାରିଥିବା ବେଳେ ରାୟଗଡା ଜିଲ୍ଲାରେ ଯାଉଥିବା ରାସ୍ତା ଅବସ୍ଥା କହିଲେ ନସରେ। ଚାରି କିଲୋମିଟର ରାସ୍ତାରେ ଚାରି ଶହ ଖାଲ। ଏହା ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ଏଇଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଉକ୍ତ ରାସ୍ତା ଅବସ୍ଥା ଯେପରି ଅଛି ତାହା ନିଜ ଆଖିରେ ନଦେଖିଲେ ବିଶ୍ୱାସ କରି ହେବନି। ଜୀବନକୁ ପାଣି ଛଡାଇ ଲୋକେ ସେଇ ରାସ୍ତାରେ ଯାତାୟାତ କରୁଛନ୍ତି। କେତେବେଳେ କ'ଣ ହେବ ତାହା କହିବା ମୁସ୍କିଲ। ତେଣୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଏଇଭଳି ନୀତି ଉପରେ ସାଧାରଣରେ ପ୍ରଶ୍ନ ଉଠିବା ସହ ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରିବା ନିହାତି ଦରକାର ବୋଲି ମତପ୍ରକାଶ ପାଇଛି। ନଚେତ କୋରାପୁଟ ଜିଲ୍ଲା ପୂର୍ତ୍ତ ବିଭାଗକୁ ଉକ୍ତ ରାସ୍ତା ହସ୍ତାନ୍ତର କରାଯାଉ ବୋଲି ସବୁ ମହଲରେ ଦାବି ହୋଇଛି। ଉକ୍ତ ରାସ୍ତାରେ ଦୈନିକ ୫ରୁ ଉର୍ଦ୍ଧ୍ୱ ପାସେଞ୍ଜର ବସ୍ ଯାତାୟାତ କରୁଥିବା ବେଳେ ସେଥିରେ ବିଭିନ୍ନ କାମରେ ରାୟଗଡା ଜିଲ୍ଲାକୁ ନାରାୟଣ ପାଟଣା ଓ ବନ୍ଧୁ ଗାଁ ବ୍ଲକରୁ ଯାଉଥିବା ଲୋକଙ୍କ ଜୀବନ ପ୍ରତି ପାଦେପାଦେରେ ବିପଦ ଭରି ରହିଛି। ସାମାନ୍ୟ ବର୍ଷା ହେଲେ ତଳ ପେଣ୍ଡିଲି ଗ୍ରାମ ପାଖରେ ଥିବା ବ୍ରିଜ ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମାହେଇ ରହୁଛି। ସବୁ ଜାଣିବି ରାୟଗଡା ଜିଲ୍ଲା ପ୍ରଶାସନ ନିଘୋଡ଼ ନିଦରେ ସୋଇରହିଛି। ଫଳରେ ପ୍ରଶାସନର ଏଇଭଳି ଅବହେଳା ଯୋଗୁଁ ରାୟଗଡା ଜିଲ୍ଲାର ସୀମାନ୍ତରେ ବସବାସ କରୁଥିବା ଗ୍ରାମବାସୀ ନିଜ ଜିଲ୍ଲା ଅପେକ୍ଷା କୋରାପୁଟ ଜିଲ୍ଲାର ବନ୍ଧୁଗାଁ ଉପରେ ଭରଷା କରିବାକୁ ବାଧ ହେଉଛନ୍ତି।

# ଶାଗୁଆନ କାଠ ଜବତ

## ଚଢ଼େଇଭୋଳ ଠାରେ ପୋଲିସ୍ ଓ ବନବିଭାଗର ମିଳିତ ଚଢ଼ାଉ





କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବ୍ଲକ ଚଢ଼େଇଭୋଳ ନିକଟରେ କିଛି କାଠ ମାଫିଆ ବହୁ ପରିମାଣର ମୂଲ୍ୟବାନ କାଠ ଗଚ୍ଛିତ କରି ରଖିଥିବା ଖବର ବନବିଭାଗ କୌଣସି ବିଶେଷ ସୂତ୍ରରୁ ଜାଣିବା ପରେ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକଙ୍କ ନେତୃତ୍ୱରେ ବନବିଭାଗର ଏକ ୭୦ଜଣିଆ ଦଳ ଚଢ଼େଇଭୋଳ ଗ୍ରାମରେ ଚଢ଼ାଉ କରିବାକୁ ନିଷ୍ପତ୍ତି ନେଇଥିଲେ। ଭୋର୍ ପ୍ରାୟ ୪ ଘଟିକା ସମୟରେ ବନବିଭାଗର ଦଳ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାୟକଙ୍କ ସହିତ କରଞ୍ଜିଆ ପୋଲିସର ଏକ ମିଳିତ ଦଳ ମାଜିଷ୍ଟ୍ରେଟ ଭାବେ କରଞ୍ଜିଆ ତହସିଲଦାର ବେଦବ୍ୟାସ ଭୋଇଙ୍କ ଉପସ୍ଥିତିରେ ୨ ପ୍ଲାଟୁନ ପୋଲିସ୍ ଫୋର୍ସର ସାହାଯ୍ୟରେ ଚଢ଼ାଉ ଆରମ୍ଭ କରିଥିଲେ। ଏଠାରେ ବିଭିନ୍ନ ସ୍ଥାନରେ ଅଲଗା ଅଲଗା କରି ଶାଗୁଆନ କାଠଗୁଡ଼ିକ ରଖାଯାଇଥିଲା। ଏହି କାଠ ପ୍ରାୟ ୧୦ ଟ୍ରାକ୍ଟରରୁ ଉର୍ଦ୍ଧ୍ୱ ଥିବା ଜଣାପଡିଛି। ଏହି କାଠର ଆନୁମାନିକ ମୂଲ୍ୟ ପ୍ରାୟ ୨୦-୩୦ ଲକ୍ଷ ଟଙ୍କା ହୋଇପାରେ ବୋଲି ବନବିଭାଗ ସୂତ୍ରରୁ ଜଣାପଡ଼ିଛି। ସମସ୍ତ ଜବତ କାଠ ସିଙ୍ଗଡ଼ା ବନପାଳ ଦିପ୍ତିମୟୀ ସେଠୀଙ୍କ କାର୍ଯ୍ୟାଳୟ ଠାରେ ରଖାଯାଇ ମୂଲ୍ୟର ଆକଳନ କରାଯାଉଛି। ତେବେ ଏତେ ପରିମାଣର କାଠ କେଉଁ ପରିସ୍ଥିତିରେ ଏଠାରେ ରହିଲା ଓ କିପରି ବନ ବିଭାଗ ଓ ପୋଲିସ ବିଭାଗ ଜାଣିପାରିଲା ନାହିଁ ସେ ବିଷୟରେ ମୃଦୁ ଗୁଞ୍ଜରଣ ଶୁଣିବାକୁ ମିଳୁଛି। ଚଢ଼ାଉ ଖବର ପୂର୍ବରୁ ଜାଣିପାରି ଗିରଫଦାରୀ ଭୟରେ କାଠ ମାଫିଆମାନେ ସମସ୍ତ କାଠ ବାହାରେ ରଖିଦେଇଥିବା ସ୍ଥାନୀୟ ଲୋକେ ନାମ ପ୍ରକାଶ ନକରି ସୂଚନା ଦେଇଛନ୍ତି। ତେବେ ଏତେ ପରିମାଣର ଅମୂଲ୍ୟ ଶାଗୁଆନ କାଠ ଜଙ୍ଗଲରୁ କାଟି କାଠ ମାଫିଆ ପରିବେଶ ସନ୍ତୁଳନ ବିଗାଡିବାକୁ ଚେଷ୍ଟା କରୁଥିବାରୁ ପରିବେଶବିତମାନେ କ୍ଷୋଭ ପ୍ରକାଶ କରିଛନ୍ତି ଏବଂ ଆଗକୁ ଏହିପରି ଚଢ଼ାଉ ଜାରି ରଖିବାକୁ ଦାବି କରିଛନ୍ତି। ଏହି ଜବତ କାଠର କୌଣସି ମାଲିକାନା ନଥିବାରୁ କାହାରିକୁ ଗିରଫ କରାଯାଇପାରି ନଥିବା ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ସୂଚନା ଦେଇଛନ୍ତି। ତେବେ ଏତେ ପରିମାଣର କାଠ ଏଠାକୁ କେମିତି ଆସିଲା, କିଏ କେତେବେଳେ ଆଣି ରଖିଲା ସେସବୁ ବିଷୟରେ ଅଞ୍ଚଳରେ ଭିନ୍ନଭିନ୍ନ ମତପ୍ରକାଶ ପାଉଛି। ଏହି ସ୍ଥାନଟି କାଠ, ବାଲି, ପଥର ଓ ଗୋରୁ ମାଫିଆମାନଙ୍କ ଆଡ୍ଡା ସ୍ଥଳୀ ପାଲଟିଥିବାରୁ ଚଢ଼ାଉ ସମୟରେ ସଶସ୍ତ୍ର ପୋଲିସ ବଳ ନିୟୋଜିତ ରହିଥିବା ଦେଖିବାକୁ ମିଳିଥିଲା। ଏଠାରେ ବେଆଇନ କରତକଳ ମଧ୍ୟ ରହିଥିବା କିଛି ସ୍ଥାନୀୟ ଭଦ୍ରବ୍ୟକ୍ତି ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ତେଣୁ ଆଗାମୀ ଦିନରେ ଏହି ସ୍ଥାନ ଉପରେ ବିଶେଷ ଦୃଷ୍ଟି ରଖିବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି ରଖିଛନ୍ତି।

# ବର୍ଷିୟାନ ନାଗରିକଙ୍କୁ ସମ୍ବର୍ଦ୍ଧନା

ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ କଳାଶ୍ରୀ ଗୋପାଳପୁର ଗ୍ରାମ ପଞ୍ଚାୟତର କଳାଶ୍ରୀ ଯୁବ ପରିଷଦ ଆନୁକୂଲ୍ୟରେ ଶିକ୍ଷାବିତ୍ ସନ୍ତୋଷ କୁମାର ଜେନାଙ୍କ ସଭାପତିତ୍ୱରେ ବର୍ଷିୟାନ ନାଗରିକ ମାନଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବେ କଳାକାର ଓଡ଼ିଶା ସଭାପତି ସତ୍ୟବ୍ରତ ପୁହାଣ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅଞ୍ଜନ କୁମାର ସାମଲ, ଅବସରପ୍ରାପ୍ତ ସେନା କର୍ମଚାରୀ କ୍ଷୀରୋଦ ଚନ୍ଦ୍ର ଜେନା, ଶିକ୍ଷାବିତ୍ ମଥୁରୀ ଚରଣ ବେହେରା, ଶରତ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ବର୍ଷିୟାନ ନାଗରିକ ମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜ୍ୟୋତିର୍ମୟ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଦେବାଶିଷ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ଚିତ୍ରକର ଅନନ୍ତ ବାରିକ, ଗୌରାଙ୍ଗ ରାଉତ, ଶ୍ରମିକ ନେତା ବିମଳଲୋଚନ ସାମଲ, ଯନ୍ତ୍ରୀ ପ୍ରିୟବ୍ରତ ସାମଲ, କଣ୍ଠଶିଳ୍ପୀ ବଳରାମ ରାଉତ, ସମାଜସେବୀ ଦୁର୍ଲଭ ପ୍ରଧାନ, କ୍ରୀଡ଼ା ଶିକ୍ଷକ ବଂଶିଧର ସାମଲ, ପ୍ରଦୀପ ରାଉତ, ଶାରଦା ପ୍ରସାଦ ଧଳ, ହିମାଂଶୁ ଶେଖର ସାମଲ, ଭ୍ରମରବର ସାମଲ ଓ ଶମ୍ଭୁନାଥ ଜେନାଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଦୀଲ୍ଲିପ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଦୁଃଶାସନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ବ୍ଲକ କାଳିପଲ୍ଲି ପଞ୍ଚାୟତ ବଡପୁଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଶିକ୍ଷା ଭିତ୍ତିଭୂମିକୁ ଉନ୍ନତ କରିବାର ଲକ୍ଷ୍ୟ ନେଇ ସ୍କୁଲ ଆସବାବ ଉପକରଣ ସାମଗ୍ରୀ ବଣ୍ଟନ କରାଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ମୋଟ ୬୦ଟି ଦୁଇ ଆସନ ବିଶିଷ୍ଟ ପାଠ୍ୟ ଟେବୁଲ ସହିତ ଚେୟାର ସ୍କୁଲକୁ ହସ୍ତାନ୍ତର କରାଯାଇଥିଲା। ସ୍କୁଲର ମୋଟ ୧୨୦ ଛାତ୍ରଛାତ୍ରୀ ଏହାକୁ ବ୍ୟବହାର କରିପାରିବେ। ଗୋପାଳପୁର ବନ୍ଦର ବିଜନେସ ମୁଖ୍ୟ ସନ୍ଦୀପ ଜୈସୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସାମଗ୍ରୀଗୁଡିକୁ ବଣ୍ଟନ କରିଥିଲେ। ଏହା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ ମଧ୍ୟ ବଣ୍ଟନ କରାଯାଇଛି। ଦୀର୍ଘଦିନ ହେବ ଏହି ସ୍କୁଲରେ କୌଣସି ବେଞ୍ଚ ଓ ଡେସ୍କ ନଥିବା ହେତୁ ପିଲାମାନେ ଶ୍ରେଣୀ ଗୃହରେ ପାଠ ପଢିବା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବିଦ୍ୟାଳୟ କମିଟି ଓ ସରପଞ୍ଚଙ୍କ ଅନୁରୋଧ କ୍ରମେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଏହି ଫର୍ଣ୍ଣିଚରଗୁଡିକୁ ଯୋଗାଇ ଦିଆଯାଇଛି। ଶ୍ରେଣୀଗୃହରେ ନୂତନ ବେଞ୍ଚ ଓ ଡ଼େସ୍କରେ ବସି ପାଠ ପଢିବା ପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନେକ ଉତ୍ସାହ ପରିଲିକ୍ଷିତ ହୋଇଥିଲା। ଏହି ଅବସରରେ ଜୈସୱାଲ କହିଥିଲେ ଯେ ଶିକ୍ଷା ହେଉଛି ସମୃଦ୍ଧିର ମୂଳଦୁଆ ଏବଂ ଆମର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକୁ ସହଯୋଗ କରି ଆମର ଭବିଷ୍ୟତ ପିଢ଼ି ପାଇଁ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିବା ଆଦାନୀ ଫାଉଣ୍ଡେସନର ମୂଳ ଲକ୍ଷ୍ୟ ଅଟେ। ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ପାଠ୍ୟ ସୁବିଧା ଯୋଗାଇବା ସହ ସେମାନଙ୍କୁ ସଶକ୍ତ କରିବା ପାଇଁ ଆବଶ୍ୟକ ସମ୍ବଳ ନିଶ୍ଚିତ କରିବା ପ୍ରତି ଆମେ ସର୍ବଦା ବଦ୍ଧ ପରିକର। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ଅତିରିକ୍ତ ଶିକ୍ଷ୍ୟା ଅଧିକାରୀ ସଂଯୁକ୍ତା ରଥ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟଦେବ ବେହେରା, ଚନ୍ଦ୍ରମଣି ପାତ୍ର, କ୍ରୀଷ୍ଣା ରେଡ୍ଡୀ, ସୋମ୍ୟୋ ପାତ୍ର, ପି ରଶ୍ମୀତା, ଗୋପାଳପୁର ବନ୍ଦରର ଶିଳ୍ପ ସମ୍ପର୍କ ମୁଖ୍ୟ ଭକ୍ତବନ୍ଧୁ ଶତପଥୀ ଏବଂ ସିଏସ୍ଆର୍ ବିଭାଗ ମୁଖ୍ୟ ଦେବଦତ୍ତ ମିଶ୍ରଙ୍କ ସହ ବହୁ ଶିକ୍ଷକ, ଅଭିଭାବକ ଏବଂ କାଳିପଲ୍ଲି ପଞ୍ଚାୟତର ବହୁ ଭଦ୍ରଲୋକ ଉପସ୍ଥିତ ଥିଲେ।

# କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାଲିପାଟଣା ବ୍ଲକ ଭାକରସାହି ସ୍ଥିତ ପିଏମଶ୍ରୀ ଘୋଷିତ କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରି ସୋନାମିକ ରାୟ ମୁଖ୍ୟ ଅତିଥି, ସମାଜସେବୀ ତଥା ଆବାହକ ପଞ୍ଚସଖା ଶିକ୍ଷାସେତୁ ସଂଗଠନ ଭାଗିରଥି ପାତ୍ର ବିଶିଷ୍ଟ ଅତିଥି, ଭାରପ୍ରାପ୍ତ ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ପ୍ରଧାନ ଶିକ୍ଷକ ସରକାରୀ ଉଚ୍ଚ ବିଦ୍ୟାଳୟ ବନମାଳୀପୁର ଅର୍ଣ୍ଣବ କୁମାର ବେଉରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ମଞ୍ଜୁଲତା ରାଉତ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ସଭାପତି ପ୍ରତାପ ଚନ୍ଦ୍ର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ରଘୁନାଥ ଲେଙ୍କା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର କୁମାର ସାହୁ, ପୂର୍ବତନ ମୋ ସ୍କୁଲ ସଭାପତି ଭୀମସେନ ମଣ୍ଡଳ, ରାମଚନ୍ଦ୍ର ହାଇସ୍କୁଲର ପ୍ରଧାନଶିକ୍ଷକ ବିଜୟ କୁମାର ବେହେରା ପ୍ରଭୃତି ସମ୍ମାନିତ ଅତିଥି ଓ ବାଲିପାଟଣା ବ୍ଲକର ଅନ୍ୟ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମଧ୍ୟ ଯୋଗଦେଇ ବିଦ୍ୟାଳୟର ପିଏମଶ୍ରୀ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଇତ୍ୟବସରରେ ମୁଖ୍ୟ ଅତିଥି ରାୟ ନିଜ ବକ୍ତବ୍ୟରେ କୁନିକୁନି ଛାତ୍ରଛାତ୍ରିମାନଙ୍କ ଉଦ୍ଦେଶ୍ୟରେ ଏକ ଗପ ମାଧ୍ୟମରେ କିପରି ନିଜ ଭୁଲକୁ ତର୍ଜମା କରି ଏକ ସୁନ୍ଦର ଭବିଷ୍ୟତ ଗଠନ କରିବେ ସେଥିପାଇଁ ଉପଦେଶ ଦେଇଥିଲେ। ଏଥି ସହିତ ବିଶିଷ୍ଟ ଅତିଥି ଭାଗିରଥି ପାତ୍ର ମହୋଦୟ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ଲାଭ ସହିତ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ପ୍ରଧାନ ପିଏମଶ୍ରୀ ବିଦ୍ୟାଳୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଉପସ୍ଥାପନା କରିଥିଲେ। ପିଏମଶ୍ରୀ ଘୋଷିତ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସଞ୍ଜୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ବିଡିଓଙ୍କ ଯୋଗଦାନ

ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା ମାଥିଲି ବ୍ଲକରେ ନୂତନ ବିଡିଓ ଭାବେ ପ୍ରମୋଦ କୁମାର ବେହେରା ବୁଧବାର ଯୋଗ ଦେଇଛନ୍ତି। ବ୍ଲକରୁ କିଛି ଦିନ ହେବ ମାଲକାନଗିରି ବ୍ଲକର ବିଡିଓ ଅତିରିକ୍ତ ଦାୟିତ୍ୱରେ ଥିବା ସମୟରେ ଅନେକ ଉନ୍ନୟନ କାର୍ଯ୍ୟ ଠପ୍ ହୋଇପଡିଥିଲା। ତେବେ ନୂଆ ବିଡିଓ ବେହେରା ଯୋଗଦେବା ପରେ ବ୍ଲକ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ଏବେ ସୁରୁଖୁରୁରେ ହେବ ବୋଲି ଆଶା ପ୍ରକାଶ ପାଇଛି। ମାଥିଲି ବ୍ଲକରେ ୨୦ଗୋଟି ପଞ୍ଚାୟତ ରହିଛି। ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବାରୁ ଲୋକଙ୍କ ସମସ୍ୟା ଅଧିକାଂଶ ସମୟରେ ସମାଧାନ ପାଇଁ ଦାବି ଉଠିଥାଏ। ଅନେକ ଉନ୍ନୟନ କାର୍ଯ୍ୟର ଆବଶ୍ୟତା ରୁହେ ତେବେ ନିଜ ଦାୟିତ୍ୱ ନେବା ପରେ ଲୋକଙ୍କ ସମସ୍ୟା ସମାଧାନ କରିବା ଏବଂ ବିକାଶ ମୂଳକ କାର୍ଯ୍ୟ କରିବାକୁ ଗୁରୁତ୍ୱ ଦେବେ ବୋଲି ନୂତନ ବିଡିଓ ପ୍ରମୋଦ କୁମାର ବେହେରା କହିଛନ୍ତି। ଏପଟେ ବିଡିଓ ବେହେରା ଯୋଗ ଦେବା ପରେ ପିଇଓ ସଂଘ , ବ୍ଲକର ସମସ୍ତ କର୍ମଚାରୀ ଏବଂ ରାଜନୈତିକ ବ୍ୟକ୍ତି ବିଶେଷ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବରୁ ବିଡିଓ ବେହେରା ରାଜସ୍ୱ ବିଭାଗରେ ତହସିଲଦାର ଭାବେ ଖଇରପୁଟରେ କାର୍ଯ୍ୟରତ ଥିଲେ। ରାଜ୍ୟ ସରକାର ତରଫରୁ ପଦନ୍ନୋତି ପରେ ତାଙ୍କୁ ମାଥିଲି ବିଡିଓ ଭାବେ ବଦଳି କରାଯାଇଛି।

# ଡିଜେ ପାଇଁ ୨ ଜୀବନ ଯିବା ଘଟଣାରେ ୨ଗିରଫ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା ନୂଆନନ୍ଦ କଣ୍ଟିମଙ୍ଗଳା ପାଟୁଆ ଶୋଭାଯାତ୍ରା ଆସୁଥିବା ବେଳେ ଡିଜେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଯୁବକଙ୍କର ଜୀବନ ଚାଲିଯାଇଥିଲା। ଏହି ଘଟଣାରେ ଗ୍ରାମରେ ଡିଜେ ବାଜିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଶୋଭାଯାତ୍ରା ବେଳେ ଡିଜେ ପାଇଁ ପ୍ରାଣହାନୀ ଘଟିଥିବା ଘଟଣାରେ ପୁଲିସ ପକ୍ଷରୁ ଏଏସ୍ଆଇ ଲକ୍ଷ୍ମଣ ମାରାଣ୍ଡି ଏତଲା ମୂଳେ ମକଦ୍ଦମା ରୁଜୁ କରାଯାଇ ହାଟୁଆରୀ ଗ୍ରାମର ରଜତ କୁମାର ମହାଳିକ (୨୫) ଓ ପାଗଲ ମହାଳିକ (୨୫)ଙ୍କୁ ପୁଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ପଣାସଂକ୍ରାନ୍ତି ସୋମବାର ରାତିରେ ହାଟୁଆରୀ ଗ୍ରାମରୁ ଡିଜେ ବଜାଇ ପାଟୁଆ ଶୋଭାଯାତ୍ରା ଆସୁଥିଲା। ହାଟୁଆରୀ ଛକ ନିକଟରେ ଡିଜେ ୧୧ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ଶୋଭାଯାତ୍ରାରେ ଯାଉଥିବା ୯ଜଣ ପୁରୁଷ ଓ ମହିଳା ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ହାଟୁଆରି ଗ୍ରାମର ମାନସ ମଲିକ (୩୨) ଏବଂ ଆରସା ଗ୍ରାମର ଶରତ ମହାଳିକ (୩୨)ଙ୍କର ଜୀବନ ଚାଲିଯାଇଥିଲା। ପାଟୁଆ କମିଟିର ମୁଖ୍ୟଙ୍କ କଥାକୁ ନମାନି ଡିଜେ ଆଣି ଶୋଭାଯାତ୍ରା କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

# ଉଷାକାମଦେବ ଚାରିଟେବଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଆଳି, (ଭାସ୍କର ନ୍ୟୁଜ୍): ଆଳି ବ୍ଲକ ନିଆଳସ୍ଥିତ ଭାରତୀ ସେଲିବ୍ରେସନ ମଣ୍ଡପ ଠାରେ ଟ୍ରଷ୍ଟର ସ୍ଥାୟୀ ସଭାପତି ଶିବ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଉଷାକାମଦେବ ଚାରିଟେବୁଲ ଟ୍ରଷ୍ଟର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଳି ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସୁବୁଦ୍ଧି, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରମୋଦ କୁମାର ମଲ୍ଲିକ, ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ଅଭିରାମ ବିଶ୍ୱାଳ, ଅକ୍ଷୟ କୁମାର ଦାସ, ନୃସିଂହ ଦୀକ୍ଷିତ, ଅକ୍ଷୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ମାତାପିତାଙ୍କ ଠୁ ବଡ଼ ଦେବତା କେ ସରଗ ରାଇଜେ ନାହିଁ ଏହା ଉପରେ ନିଜନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଟ୍ରଷ୍ଟର ସମ୍ପାଦକ ରତିକାନ୍ତ ପାତ୍ର ନିଜ ବାପା ଓ ମା'ଙ୍କ ନାମରେ ଗଢି ଥିବା ଏହି ଉଷାକାମଦେବ ଚାରିଟେବଲ ଟ୍ରଷ୍ଟର ଉଦ୍ଦେଶ୍ୟ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଏହି ଟ୍ରଷ୍ଟ ଆଗାମୀ ଦିନରେ ବିଭିନ୍ନ ସାମାଜିକ କଲ୍ୟାଣ ନିମନ୍ତେ କାମ କରିବ ବୋଲି ଘୋଷଣା କରିଥିଲେ। ଏହି ଉତ୍ସବରେ ଆଳି ବ୍ଲକର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତି ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏଥିସହ ବିଭିନ୍ନ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପ୍ରାୟ ୭୦ଜଣ ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଆଇନଜୀବୀ ରଞ୍ଜନ କୁମାର ପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଆଇନଜୀବି




ରାଧାକାନ୍ତ ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ ଦଶରଥ ମଲ୍ଲିକ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ଟ୍ରଷ୍ଟର ବରିଷ୍ଠ ସଭ୍ୟ ସତ୍ୟବ୍ରତ ପାତ୍ର ଧନ୍ୟବାଦ ଦେଇଥିଲେ। ଟ୍ରଷ୍ଟ ସ୍ଥାୟୀ ସଦସ୍ୟ ଭାବରେ ଅଭିରାମ ପାତ୍ର, ସତ୍ୟବ୍ରତ ଦେବୀପ୍ରସାଦ, ବିଶ୍ୱଜିତ ଓ ଶଶୀକାନ୍ତ ପାତ୍ର ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ବିଜୁବାବୁଙ୍କ ୨୮ତମ ତିରୋଧାନ ଦିବସ ପାଳିତ



ଗରଦପୁର, (ଭାସ୍କର ନ୍ୟୁଜ୍): ସାରା ରାଜ୍ୟ ବ୍ୟାପୀ ଗୁରୁବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ ତମ ଶ୍ରାଦ୍ଧବାର୍ଷିକୀ ବହୁ ଆଡମ୍ବରପୂର୍ଣ୍ଣ ଭାବରେ ପାଳନ କରାଯାଉଅଛି। ଏହି ପରିପ୍ରେକ୍ଷୀରେ ବିଜୁ ବାବୁଙ୍କ କର୍ମଭୂମି କୁହାଯାଉଥିବା କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀ ସ୍ତରରେ ବିଜୁ ବାବୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଉଥିବା ବେଳେ, ଆଜି ପ୍ରଭାତରେ ପାଟକୁରା ନିର୍ବାଚନ ମଣ୍ଡଳୀରେ ଏହି ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମଟିକୁ ନିଆରା ଢଙ୍ଗରେ ପାଳନ କରାଯଉଥିବା ଦେଖିବାକୁ ମିଳିଛି। ଏକଦା ବିଜୁ ବାବୁଙ୍କ ଏକାନ୍ତ ଅନୁଗତ ତଥା କୁନି ବିଜୁ କୁହାଯାଉଥିବା ରାଜ୍ୟର ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ସୁପୁତ୍ର ଅରବିନ୍ଦ ମହାପାତ୍ର ଆଜି ସକାଳୁ ନିଜ ଗ୍ରାମ ତଳକୁସୁମା ସ୍ଥିତ ମା ଆମ୍ବିଳେଇଙ୍କ ମନ୍ଦିର ପ୍ରାଙ୍ଗଣରେ ହଜାର ହଜାର ସମର୍ଥକ ଓ ବିଜୁ ପ୍ରେମୀମାନଙ୍କୁ ନେଇ ବିରାଟ ପଟୁଆରରେ ପହଁଚି ଥିଲେ। ବିଜୁ ବାବୁଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଥମେ ମା'ଙ୍କ ନିକଟରେ ଦୀପ ଦାନ କରାଯାଇଥିଲା। ଏହା ପରେ ବିଧାୟକଙ୍କ ତଳକୁସୁମା ସ୍ଥିତ ବାସଭବନରେ ଏକ ସଭାର ଆୟୋଜନ କରାଯାଇଥିଲା। ଯେଉଁଠି ହଜାର ହଜାର ବିଜୁ ପ୍ରେମୀମାନେ ଉପସ୍ଥିତ ଥିବାବେଳେ ବିଧାୟକ ମହାପାତ୍ର ଓ ଗରଦପୁର ବ୍ଲକର ଅଧ୍ୟକ୍ଷ ଅଭୟ ମହାରାଜ, ବିଧାୟକଙ୍କ ପ୍ରତିନିଧି କ୍ଷିତିଶ ଚନ୍ଦ୍ର ଦାଶ, ବରିଷ୍ଠ ସାମ୍ବାଦିକ ନବଘନ ନାୟକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଦିଲ୍ଲୀପ ସାହୁ, ବାସୁଦେବ ବେହେରା, ଉପାଧ୍ୟକ୍ଷା ସୌଦାମିନୀ ଆଚାର୍ଯ୍ୟ, ବରିଷ୍ଠ ସମାଜସେବୀ ନରୋତ୍ତମ ପରିଡା, ଶ୍ରୀକାନ୍ତ ନାୟକ, ପୂର୍ବତନ ସରପଞ୍ଚ ଅଶୋକ ଜେନା, ପୂର୍ବତନ ସମିତି ସଭ୍ୟ ପ୍ରହଲ୍ଲାଦ ସାହୁଙ୍କ ସମେତ ବିଭିନ୍ନ ବିଜୁ ପ୍ରେମୀମାନେ ବିଜୁବାବୁଙ୍କ ଅଭୁଲା ଅତୀତର ସ୍ମୃତିଚାରଣ କରିଥିଲେ। ପରିଶେଷରେ ବିଧାୟକ ଅରବିନ୍ଦ ମହାପାତ୍ର କୋରୁଆ ସ୍ଥିତ କନ୍ୟାଶ୍ରମକୁ ଯାଇ କନ୍ୟାଶ୍ରମର ଅନ୍ତେବାସୀଙ୍କୁ ବିଜୁ ବାବୁଙ୍କ ନୀତି, ଆଦର୍ଶ ଓ ପାରଦର୍ଶିତା ସମ୍ପର୍କରେ ଆଲୋକପାତ କରାଇବା ସହ କନ୍ୟାଶ୍ରମର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟ ପ୍ରଭାସ ରଞ୍ଜନ ସାହୁ, ବ୍ରଜ କିଶୋର ସାହୁ, ସରପଞ୍ଚ ପ୍ରଭାତ ନଳିନି ଜେନା, ରଞ୍ଜନ ନାୟକ, ଅମିୟ ରଞ୍ଜନ ସ୍ୱାଇଁ, ସୁକାନ୍ତ ନାୟକ, କ୍ଷିରୋଦ ମହାନ୍ତି, ଅଜୟ ଦାଶ, କିଶୋର ମହାପାତ୍ରଙ୍କ ସମେତ ହଜାର ହଜାର କର୍ମୀ ଉପସ୍ଥିତ ଥିଲେ।

# ଭାରତ ପ୍ରତି ଭଲପାଇବା ବିଷୟରେ ଖୁଲାସା କରିଛନ୍ତି ଅନ୍ତର୍ଜାତୀୟ ଡିଜେ ଆଲାନ ୱାକର ପ୍ରୀତମ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଡିଜେ ତଥା ସଙ୍ଗୀତ ନିର୍ମାତା ଆଲାନ୍ ୱାକର୍ ଗତବର୍ଷ ୯ ସିଟିର ସଫଳ ପ୍ରଦର୍ଶନ ପରେ ନିଜର ସବୁଠାରୁ ବଡ଼ ଗସ୍ତରେ ଭାରତ ଫେରିବାକୁ ଯାଉଛନ୍ତି। ନିଜର ଦସ୍ତଖତ ହୁଡି ଏବଂ ଫେସ୍ ମାସ୍କ ପାଇଁ ଜଣାଶୁଣା ଏହି ନରୱେ-ବ୍ରିଟିଶ କଳାକାର ପ୍ରଶଂସକଙ୍କ ଏକ ବିଶ୍ୱସ୍ତରୀୟ ସମୁଦାୟ ଗଠନ କରିଛନ୍ତି, ଯାହାକୁ 'ୱାକର୍ସ' ବୋଲି କୁହାଯାଏ, ଯେଉଁଥିରେ ଭାରତ ସେହି ସମୁଦାୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଆଲାନ୍ ୱାକର୍ କେବଳ ସଙ୍ଗୀତ ନୁହେଁ, ଅଧିକ କିଛି ସୃଷ୍ଟି କରିଛନ୍ତି; ସେ ଏକ ଇମର୍ସିଭ ବ୍ରହ୍ମାଣ୍ଡ ନିର୍ମାଣ କରିଛନ୍ତି। ୱାକରୱାର୍ଲ୍ଡ ଜରିଆରେ ସେ ପ୍ରଶଂସକମାନଙ୍କୁ ଏକାଠି କରି କିଛି ବଡ଼ କାମରେ ସାମିଲ ହେବାକୁ ଲକ୍ଷ୍ୟ ରଖିଛନ୍ତି। 'ଏହା କେବଳ ଶବ୍ଦ ବିଷୟରେ ନୁହେଁ', ସେ କୁହନ୍ତି। 'ଏହା ଏକ ସମୁଦାୟ ଗଠନ ବିଷୟରେ ଯେଉଁଠାରେ ପ୍ରଶଂସକମାନେ - ଯାହାକୁ ମୁଁ 'ୱାକର୍ସ' ବୋଲି କହୁଛି - ଯୋଡି ହୋଇପାରିବେ ଏବଂ କିଛି ବଡ଼ କଥାର ଅଂଶ ଭଳି ଅନୁଭବ କରିପାରିବେ। ମୁଁ ଯାହା କରୁଛି ତାହାର କେନ୍ଦ୍ରବିନ୍ଦୁ ହେଉଛି ଏହି ନିଜସ୍ୱ ଭାବନା। ଅନେକ ସମୟରେ କୌତୂହଳର ବିଷୟ ପାଲଟିଥିବା ମୁଖାପିନ୍ଧା ବ୍ୟକ୍ତିତ୍ୱ ରହସ୍ୟର ବାୟୁ ସୃଷ୍ଟି କରିବା ଏବଂ ସଙ୍ଗୀତକୁ କେନ୍ଦ୍ରସ୍ଥଳରେ ନେବାର ଇଚ୍ଛାରୁ ଜନ୍ମ ନେଇଥିଲା। ଯେତେବେଳେ ମୁଁ ପ୍ରଥମେ ଅଭିନୟ କରିବା ଆରମ୍ଭ କଲି, ମୁଁ ଚାହୁଁଥିଲି ଯେ ଲୋକମାନେ ଜଣେ ବ୍ୟକ୍ତି ଭାବରେ ମୋ ପରିବର୍ତ୍ତେ ଅଭିଜ୍ଞତା ଉପରେ ଧ୍ୟାନ ଦିଅନ୍ତୁ।' ୱାକର୍ ବର୍ଣ୍ଣନା କରିଛନ୍ତି। ଏହି ମାସ୍କ ଗୋପନୀୟତା ଏବଂ ଏକତାର ପ୍ରତୀକ ଏବଂ ପ୍ରଶଂସକ ମାନଙ୍କୁ ମନେ ପକାଇ ଦେଉଛି ଯେ ଯେ କେହି ବି ସେମାନଙ୍କ ପୃଷ୍ଠଭୂମି ନିର୍ବିଶେଷରେ ଏହି ଯାତ୍ରାର ଏକ ଅଂଶ ହୋଇପାରିବେ। ଏହା ମୋ ଶ୍ରୋତାଙ୍କ ମଧ୍ୟରେ ଏକ ଅଂଶୀଦାର ପରିଚୟ ସୃଷ୍ଟି କରିବା, ସଙ୍ଗୀତ ମାଧ୍ୟମରେ ସଶକ୍ତ ଏବଂ ସଂଯୁକ୍ତ ଅନୁଭବ କରାଇବା। ୱାକରଙ୍କ ପାଇଁ ଭାରତ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ପାଲଟିଛି ଏବଂ ୨୦୧୬ରେ ତାଙ୍କର ପ୍ରଥମ ଗସ୍ତ ପରଠାରୁ ସେ ଏହାର ସଂସ୍କୃତି, ଖାଦ୍ୟ ଏବଂ ଦର୍ଶକମାନଙ୍କୁ ଗ୍ରହଣ କରିଛନ୍ତି। ମୁଁ ଭାବୁନାହିଁ ଯେ ଭାରତ ମୋତେ କେବେ ବି ଚକିତ କରିନାହିଁ କାରଣ ଏହା ଏତେ ବହୁମୁଖୀ ଏବଂ ଗତିଶୀଳ। ମୋର ସବୁଠାରୁ ପ୍ରିୟ ସ୍ମୃତି ଥିଲା ମୋର ଶେଷ କନସର୍ଟ ସମୟରେ ଯେତେବେଳେ ସମଗ୍ର ଦର୍ଶକ 'ଫେଡେଡ୍' ସହିତ ଗୀତ ଗାଇଥିଲେ- ଏହା ଏକ ଯାଦୁକର ମୁହୂର୍ତ୍ତ ଥିଲା ଯାହାକୁ ମୁଁ କେବେ ବି ଭୁଲିପାରିବି ନାହିଁ।

# ପ୍ରେମୀ ଯୁଗଳଙ୍କ ଝୁଲନ୍ତା ଶବ ଉଦ୍ଧାର

ବୋଲଗଡ଼, (ଭାସ୍କର ନ୍ୟୁଜ୍): ଚଳିତ ସପ୍ତାହରେ ବୋଲଗଡ ବ୍ଲକ ବାଙ୍କୋଇ ଫାଣ୍ଡିରେ ମୃତକ ମହିଳାଙ୍କ ପକ୍ଷରୁ ମୃତକ ପୁରୁଷ ବନ୍ଧୁଙ୍କ ପରିବାର ନାମରେ ମାଡ ମାରିବା ଅଭିଯୋଗ କରିଥିଲେ। ୨ଦିନ ତଳେ ଏହାର ସମାଧାନ ହୋଇଥିଲା। ତେବେ ଆଜି ୨ ଜଣଙ୍କ ଝୁଲନ୍ତା ଶବ ଗ୍ରାମ ଠାରୁ ପ୍ରାୟ ୨୫ କିମି ଦୂରରେ ମିଳିଛି । ଘଟଣାଟି ହତ୍ୟା ନା ଆତ୍ମହତ୍ୟା ଏକ ରୋଚକ ମୋଡ ନେଇଛି। ରାସ୍ତାକଡ଼ରେ ଥୁଆ ହୋଇଛି ସ୍କୁଟି। ଗଛରେ ଝୁଲୁଛନ୍ତି ପ୍ରେମୀଯୁଗଳ। ଖୋର୍ଦ୍ଧା ଜଙ୍କିଆ ଥାନା ସିକୋ ଫାଣ୍ଡି ଅନ୍ତର୍ଗତ ବେଗୁନିଆ ବ୍ଲକର ବୋତଳମା ପଞ୍ଚାୟତ ଗୌଡ଼ପାଟଣା ନିକଟବର୍ତ୍ତୀ ମହୁଲକୁଦିଆର ଏକ ଗଛରେ ୨ ଜଣଙ୍କର ମୃତଦେହ ଝୁଲୁଛି। ଏନେଇ ଖବରପାଇବା ପରେ ଜଙ୍କିଆ ଓ ବେଗୁନିଆ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ୨ଜଣଙ୍କ ଘର ରାଜସୁନାଖଳା ଗୋପିନାଥପୁର ସାହିର ଅଜୟ ପ୍ରଧାନ (୪୩) ଏବଂ ମହିଳାଙ୍କ ନାମ ଶାନ୍ତି ସାହୁ ବୋଲି ଜଣାପଡ଼ିଛି। ଉଭୟ ଗୋଟିଏ ସାହିର ହୋଇଥିବା ବେଳେ ଅଜୟଙ୍କର ଜାତୀୟ ରାଜପଥ ୫୭ ରାଜସୁନାଖଳାର ଅରବିନ୍ଦ ବିଦ୍ୟାଳୟ ନିକଟରେ ଏକ ବାଇକ୍ ଗ୍ୟାରେଜ ଥିବା ସ୍ଥଳେ ଶାନ୍ତି ସ୍ୱାମୀ ପରିତ୍ୟକ୍ତ ହୋଇ ବଜାର ମଧ୍ୟରେ ବିୟୁଟି ପାଲର ରହିଛି। ଶାନ୍ତିଙ୍କ ଏକ ମାତ୍ର ଝିଅ ଗତବର୍ଷ ମଧ୍ୟ ଆତ୍ମହତ୍ୟା କରିଥିବା ଗ୍ରାମବାସୀ ମାନେ ସୁଚନା ଦେଉଛନ୍ତି। ତେବେ ଉଭୟ ମଧ୍ୟରେ ସଂପର୍କ ନେଇ ପାଟିତୁଣ୍ଡ ହୋଇ ନ୍ୟାୟ ନିଷ୍ପତି ହୋଇଛି। ଉଭୟ ବିବାହିତ ମଧ୍ୟରେ ଅଜୟଙ୍କ ଏକ ଝିଅ ଚଳିତ ସପ୍ତାହରେ ବିବାହ କାର୍ଯ୍ୟ ରହିଥିଲା। ତେବେ ଏପରି ସ୍ଥଳେ ଘଟଣାଟି ରୋଚକ ମୋଡ ନେଉଥିବା ପୁଲିସ ଅନୁସନ୍ଧାନ ଜାରୀ ରଖିଛି।

# 'ସଂଯୋଗ' ତରଫରୁ ଜଳଛତ୍ର ଓ ଖେଚୁଡ଼ି ପ୍ରସାଦ ବଣ୍ଟନ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ତାତିର ପ୍ରକୋପ ବଢ଼ିବାରେ ଲାଗିଛି। ଉହ ଉହ ଖରା ସାଙ୍ଗକୁ ଝାଞ୍ଜି ପବନ ଲୋକଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି। ଘରୁ ବାହାରିବା ଏକ ପ୍ରକାର କଷ୍ଟକର ହୋଇପଡ଼ିଛି। ଏଭଳି ସ୍ଥିତିରେ ଥଣ୍ଡା ପାନୀୟର ଆବଶ୍ୟକତା କେବଳ ଖରାରେ ଯାଉଥିବା ବାଟୋଇ ହିଁ ବୁଝିପାରିବ। କିନ୍ତୁ ଏମାନଙ୍କ କଷ୍ଟ ଲାଘବ ପାଇଁ ମଙ୍ଗଳବାର ଦିନ କାକଟପୁର ମା ମଙ୍ଗଳାଙ୍କ ଝାମୁଯାତ୍ରାରେ ସଂଯୋଗ ଚାରିଟେବୁଲ ଟ୍ରଷ୍ଟ ଆଗକୁ ଆସିଛନ୍ତି। ଗଳା ଶୁଖି ଯାଉଥିବା ବେଳେ ସୁରେଇର ଶୀତଳ ଜଳ ଲୋକଙ୍କୁ ଦେଉଛି ଉପଶମ। ଖାଲି ଥଣ୍ଡା ପାନୀୟ ନୁହେଁ ବରଂ ତା' ସାଙ୍ଗକୁ ପୋଦିନା ଏବଂ ଲେମ୍ବୁର ସ୍ୱାଦ। ଏହା ସହ ଖେଚୁଡ଼ି ପ୍ରସାଦ। ୨୦୦୬ ମସିହାରୁ ଦୀର୍ଘ ୨୦ବର୍ଷ ଧରି ସଂଯୋଗ ଟ୍ରଷ୍ଟ ପକ୍ଷରୁ ଝାମୁଯାତ୍ରା ଅବସରରେ ଖେଚୁଡ଼ି ପ୍ରସାଦ ବଣ୍ଟନ ହେଉଛି। ଏହା ପାଖାପାଖି ୧୫ହଜାର ଭକ୍ତଙ୍କୁ ବଣ୍ଟନ ହୋଇଥିଲା। ରାସ୍ତାରେ ଚାଲି ଚାଲି ଯାଉଥିବା ବାଟୋଇଙ୍କ ଠାରୁ ଆରମ୍ଭ କରି କାରରେ ଯାଉଥିବା ବାଟୋଇ ମଧ୍ୟ କିଛିକ୍ଷଣ ଏଠାରେ ଅଟକି ଯାଉଥିଲେ। ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପାଖକୁ ଟାଣୁଛି ଏହି ଜଳଛତ୍ର ସହ ଖେଚୁଡ଼ି ବଣ୍ଟନ। କିଏ କିଛିକ୍ଷଣ ମୋଟର ସାଇକେଲକୁ ଅଟକାଇ ଦେଉଛି ତ କିଏ ତା'ର କାର, ଆଉ ତା' ସାଙ୍ଗକୁ କଲେଜ୍‌ର ଛାତ୍ରଛାତ୍ରୀ। ସ୍ୱାଦ ଏମିତି ଗୋଟିଏ ଗ୍ଲାସରେ ମନ ଭରୁନି। ଜଳଛତ୍ରରେ ଜଳ ଦେଉଥିବା ସଦସ୍ୟ ମଧ୍ୟ ଖୁସିରେ ଗୋଟିଏ ପରେ ଗୋଟିଏ ଗ୍ଲାସ୍ ବଢ଼ାଇ ଦେଉଛନ୍ତି ବାଟୋଇଙ୍କ ହାତକୁ। ବାସ୍ତବରେ ଏମାନେ ଜଳ ଓ ଖେଚୁଡ଼ି ଯୋଗାଉ ନାହାଁନ୍ତି ତ, ସତେ ଯେମିତି ଜୀବନ ଦାନ କରୁଛନ୍ତି। ଆଉ ଲୋକଙ୍କ ଶୋଷ ମେଣ୍ଟାଇବାର ଖୁସି ସେମାନଙ୍କ ଚେହେରାରରେ ସମ୍ପୂର୍ଣ୍ଣ ନଜର ଆସୁଛି। ତେବେ ଖରାଦିନେ ବାଟୋଇ ତୃଷ୍ଣା ମେଣ୍ଟାଇ ଖରାଦାଉରୁ ରକ୍ଷା କରିବା ପାଇଁ ଏହିଭଳି କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିଲେ। ଅନୁଷ୍ଠାନ ସଭାପତି ଦେବରାଜ ବିଶ୍ୱାଳ, ଉପସଭାପତି ଜଗବନ୍ଧୁ ଷଡ଼ଙ୍ଗୀ, ସମ୍ପାଦକ ଗଗନ ପାତ୍ର, ଟ୍ରଷ୍ଟ ସଦସ୍ୟ ଅସ୍ତରଙ୍ଗ ଡିଗ୍ରୀ କଲେଜ ଅଧକ୍ଷା କୁନିଲତା ରାଉତ, ମାଧବଚନ୍ଦ୍ର ସାହୁ, ଡକ୍ଟର ଜିତେନ୍ଦ୍ର ସାମଲ ଲକ୍ଷ୍ମୀଧର ସାହୁ, ହରିଶ ଚନ୍ଦ୍ର ସାହୁ ପ୍ରମୁଖ ବଣ୍ଟନ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ତଥା ମହାନ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧୋତ୍ସବରେ ଆଜି ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ତରଫରୁ ସ୍ଥାନୀୟ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀରେ ତୀଳ ତର୍ପଣ କରାଯିବା ସହ ବୁହାଲୋ ଗ୍ରାମପଂଚାୟତ ବରପଡା ଓ ନିଶ୍ଚିନ୍ତକୋଇଲି ବଜାରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧ୍ୟକ୍ଷା ରୋଜୀ ସେଠୀ, ପ୍ରାକ୍ତନ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ସମାଜସେବୀ ନିତ୍ୟାନନ୍ଦ ସେଠୀ, ପୂର୍ବତନ ସରପଂଚ କ୍ଷୀରୋଦ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରିୟବ୍ରତ ସାହୁ, ଯୁବ କାର୍ଯ୍ୟକାରୀ ସଭାପତି ରୁଦ୍ର ମହାନ୍ତି, ସରପଂଚ ଜୟଦେବ ରାଉତ, ଅନିଲ ଦଳାଇ, ଆନନ୍ଦ ଦାସ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ସାମଲ, ପୂର୍ବତନ ସରପଂଚ କୈଳାସ ସାମନ୍ତରାୟ, ମହେଶ୍ୱର ବାରିକ, ଜିତେନ୍ଦ୍ର ମିଶ୍ର, ନିତ୍ୟାନନ୍ଦ ସ୍ୱାଇଁ, ପ୍ରତାପ ଚନ୍ଦ୍ର ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦାନ କରି ସ୍ୱର୍ଗତ ପଟ୍ଟନାୟକଙ୍କ ବହୁ ମୁଖୀ ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିବା ସହ ତାଙ୍କର ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟର ୨୦୦୮-୧୦ ବ୍ୟାଚ୍‌ର ବନ୍ଧୁମିଳନ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଉତ୍କଳ ବିଶ୍ୱବିଦ୍ୟାଳୟ ୨୦୦୮-୧୦ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଏମ୍‌କେସିଜି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ପୁରାତନ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକସ୍ଥିତ ମା' ସରସ୍ୱତୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏମ୍‌କେସିଜି ପ୍ରେକ୍ଷାଳୟରେ ଅନୁଷ୍ଠିତ ସଭାରେ ୨୦୦୮-୧୦ ବ୍ୟାଚ୍‌ର ଛାତ୍ର ସଂସଦ ସଭାପତି ତଥା ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ପୂର୍ବତନ ଅଧ୍ୟକ୍ଷ ଚିନ୍ମୟ ସାହୁ ବିଶ୍ୱବିଦ୍ୟାଳୟ ପରିସରକୁ ଅଧିକ ସବୁଜ ଓ ସୁନ୍ଦର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପୁରାତନ ଛାତ୍ର ତଥା ପ୍ରତିଷ୍ଠିତ ଧାର୍ମିକ ବ୍ୟକ୍ତିତ୍ୱ ବାବା ଅମୃତାନନ୍ଦ ଦାସ ମହାରାଜଜୀ ଜୀବନ ଦର୍ଶନ ଓ ମାନବିକ ମୂଲ୍ୟବୋଧ ସମ୍ପର୍କରେ ପ୍ରକାଶ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ପୂର୍ବତନ ସଭାପତି ଡ. ତନ୍ମୟ ସ୍ୱାଇଁ ଏହି ବ୍ୟାଚ୍‌କୁ ଏକ ସମାଜସେବା ଅନୁଷ୍ଠାନର ରୂପ ଦେବା ଓ ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ଅବଦାନ ରଖିବା ପ୍ରସ୍ତାବ ରଖିଥିଲେ। ତାହାକୁ ସମସ୍ତେ ଏକ ସ୍ୱରରେ ସମର୍ଥନ କରିଥିଲେ। ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମୀ କେଶରୀ ପାତ୍ର ପରସ୍ପରର ଅସୁବିଧା ସମୟରେ ସହାୟତାର ହାତ ବଢ଼ାଇବାକୁ ଗୁରୁତ୍ୱ ଦେଇଥିଲେ। ସମସ୍ତ ରାଜନୈତିକ ମତଭେଦ ଓ ଶତ୍ରୁତାକୁ ଭୁଲି ବନ୍ଧୁତ୍ୱର ଏକତାର ବନ୍ଧନରେ ବାନ୍ଧି ହୋଇ ରହିବା ପାଇଁ ସେ ପରାମର୍ଶ ଦେଇଥିଲେ। ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇ ଅତୀତ ସ୍ମୃତିକୁ ମେନ ପକାଇଥିଲେ। ଭବିଷ୍ୟତରେ ବନ୍ଧୁମାନଙ୍କ ଲେଖା ସଂକଳନ କରି ଏକ ସ୍ମରଣିକା ପ୍ରକାଶ କରିବା ଉଦ୍ଦେଶ୍ୟରେ ପ୍ରସ୍ତାବ ପାରିତ ହୋଇଥିଲା। କାର୍ଯ୍ୟକ୍ରମର ଶେଷରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତଙ୍କ ସ୍ମୃତିଚିହ୍ନ ଉପହାର ଦିଆଯାଇଥିଲା। ଇନ୍ଦ୍ରବାଦଲ୍ ମହାନ୍ତି, ଦିନବନ୍ଧୁ ସାହୁ, ଗୌରାଙ୍ଗ ପାଢ଼ୀ, ଦିଲ୍ଲୀପ ପାଣିଗ୍ରାହୀ, ଜୟବ୍ରତ ଦାସ, ଉପେନ୍ଦ୍ର ଦାସ ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ବିଜୁ ପଟ୍ଟନାୟକଙ୍କ ଜିଲ୍ଲା ସ୍ତରୀୟ ଶ୍ରାଦ୍ଧ ଦିବସ ପାଳିତ

ଛତ୍ରପୁର, (ଭାସ୍କର ନ୍ୟୁଜ): ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜିଲ୍ଲା ସ୍ତରୀୟ ଶ୍ରାଦ୍ଧ ଦିବସ ଜିଲ୍ଲା ସଦର ମହକୁମାଠାରେ ଅନୁଷ୍ଠିତ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଏବଂ ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହି ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତି ଚାରଣ କରିଥିଲେ। ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକ ରବି ନାରାୟଣ ବେହେରାଙ୍କ ସଭାପତିତ୍ୱରେ ଏହି ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଆକାଶବାଣୀର ଉଦ୍‌ଘୋଷକ ଅରୁଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା ପୂର୍ବକ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଜଣାଇଥିଲେ ଯେ, ବିଜୁବାବୁ ଏକା ଧାରାରେ ଜଣେ ବିଶିଷ୍ଟ ସାମ୍ବାଦିକ, ଜନନାୟକ, ପାଇଲଟ୍, ଶିଳ୍ପ ପ୍ରତିଷ୍ଠାତା ଓ ରାଜନୀତିଜ୍ଞ ବହୁ ପ୍ରତିଭା ଧାରି ବ୍ୟକ୍ତି ଥିଲେ। ସୁନାର ଓଡିଶା ଗଢି ତୋଳିବାର ସ୍ୱପ୍ନ ତାଙ୍କର ଥିଲା। ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ତାଙ୍କର ଭୂମିକା ରହିଛି। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଡ. ଭି.



ରାଜେନ୍ଦ୍ର ରାଜୁ ତାଙ୍କ ବକ୍ତବ୍ୟରେ ସୂଚନା ଦେଇଥିଲେ ଯେ, ବିଜୁ ବାବୁଙ୍କ ବ୍ୟକ୍ତିତ୍ୱ ଜଣେ ସ୍ୱାଧୀନତା ସଂଗ୍ରାମୀ ହିସାବରେ ନୁହେଁ ଜଣେ ସାହସୀ, ଯୁଗଜନ୍ମା, ବିଶିଷ୍ଟ ଜନନାୟକ। ତାଙ୍କର ସାହସିକ ପ୍ରତିଭା ଯୋଗୁଁ ଇଣ୍ଡୋନେସିଆ ସରକାର ତାଙ୍କୁ ଭୂମିପୁତ୍ର ଉପାଧିରେ ଭୂଷିତ କରିଥିଲେ। ନିର୍ଭିକ ହେବା ପାଇଁ ଓ ଜୀବନରେ ସବୁବେଳେ ବଡ ସ୍ୱପ୍ନ ଦେଖିବା ପାଇଁ ସମସ୍ତଙ୍କୁ ସେ ପ୍ରବର୍ତ୍ତାଉଥିଲେ। ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଜଣାଇଥିଲେ ଯେ, ତ୍ରି ସ୍ତରୀୟ ବ୍ୟବସ୍ଥାରେ ଗ୍ରାମ ପଞ୍ଚାୟତ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଗ୍ରାମ ହେଉଛି ଏକ ସମନ୍ୱୀତ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଏବଂ ରାଜନୈତିକ ଏକତା। ଏହା ହେଉଛି ଜନଶକ୍ତିର ଏକମାତ୍ର ପ୍ରଭାବଶାଳୀ ଅଙ୍ଗ। ଏହାକୁ ଲକ୍ଷ୍ୟକରି ବିଜୁବାବୁ ଗ୍ରାମ ପଞ୍ଚାୟତକୁ ବିକାଶମୂଳକ କାର୍ଯ୍ୟକ୍ରମର ଯୋଜନାରେ ଅନ୍ତର୍ଭୁକ୍ତ କରିବା ଏବଂ କାର୍ଯ୍ୟକାରିତା ପାଇଁ ଅଧିକ କ୍ଷମତା, ଦାୟିତ୍ୱ ଓ ଅର୍ଥ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇ ତାହାକୁ କାର୍ଯ୍ୟକାରୀ କରିଥିଲେ। ପ୍ରତିଭା ଆବାସିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିନ୍ମୟ କୁମାର ଦାଶ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜଣାଇ ଥିଲେ ଯେ, ବିଜୁବାବୁ ସଦାସର୍ବଦା ଓଡିଶାର ଉନ୍ନତି କଥା ଚିନ୍ତା କରୁଥିଲେ। ଉପନିର୍ଦ୍ଦେଶକ (ଦକ୍ଷିଣାଞ୍ଚଳ) ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ। ବେହେରା କାର୍ଯ୍ୟକ୍ରମ ପରିଚାଳନା ପୂର୍ବକ ସୂଚନା ଦେଇଥିଲେ ଯେ, ବିଜୁ ବାବୁଙ୍କ ନେତୃତ୍ୱ ତୃଣମୂଳ ସ୍ତରରୁ ଗଣତନ୍ତ୍ର ବ୍ୟବସ୍ଥାକୁ ସୁଦୃଢ କରିବା ଲକ୍ଷ୍ୟ ରହିଥିଲା। ବିଜୁବାବୁଙ୍କ ଦୃଷ୍ଟିରେ ବୀର ଓଡିଶାର ସେହି କଳିଙ୍ଗ ଆଭିଜାତ୍ୟ ଯେପରି ସମଗ୍ର ବିଶ୍ୱରେ ପ୍ରଶଂସିତ ହେବ ସେଥିପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ। ସଂକୀର୍ଣ୍ଣତା ତାଙ୍କୁ ସ୍ପର୍ଶ କରିନଥିଲା। କେବଳ ଓଡିଶାକୁ ଉନ୍ନତ କରିବା ଏବଂ ଓଡିଆର ସ୍ୱାଭିମାନକୁ ସୁପ୍ରତିଷ୍ଠା କରିବା ଥିଲା ତାଙ୍କର ଉଦ୍ଦେଶ୍ୟ। ସ୍ୱପ୍ନ ଦେଖିବା ଏବଂ ସ୍ୱପ୍ନକୁ ସାକାର କରିବା ଏ ଦୁଇଟିର ସମନ୍ୱୟ କରିଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ। କାର୍ଯ୍ୟକ୍ରମରେ ଛତ୍ରପୁର ସମସ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟକ୍ଷ, ଅଧ୍ୟକ୍ଷା, ଗଣ ମାଧ୍ୟମର ପ୍ରତିନିଧିଗଣ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ତପସ୍ୱିନୀ ଡ୍ୟାନ୍ସ ଗ୍ରୁପର ଦ୍ୱିତୀୟ ବାର୍ଷିକ ଉତ୍ସବ




କଟକ, (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଅରେଇ ମଇନ୍ଦା ରୋଡରେ ସ୍ଥାପିତ ତପସ୍ୱିନୀ ଡ୍ୟାନ୍ସ ଗ୍ରୁପର ଦ୍ୱିତୀୟ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉପଦେଷ୍ଟା ରମେଶ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ତଥା ଅବସରପ୍ରାପ୍ତ ସଂସ୍କୃତ ବିଶାରଦ ପଣ୍ଡିତ ଭୂପତି ଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଭାରତ ବର୍ଷର ଏକ ନମ୍ବର ଖାଇବା ତେଲ ଫ୍ରିଡମର ଓଡ଼ିଶା ହେଡ ଅମୀୟ କୁମାର ଧଳ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଅଫ ଇଣ୍ଡିଆର ଶାଖା ପରିଚାଳକ ଶାନ୍ତନୁ କୁମାର ଧଳ, ସମାଜସେବୀ ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ସୂର୍ଯ୍ୟକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ହୋଇ ଉତ୍ସବଟିକୁ ଉଦଘାଟନ କରି ତପସ୍ୱିନୀ ଡ୍ୟାନ୍ସ ଗ୍ରୁପର ସମସ୍ତ ସଦସ୍ୟଙ୍କ କଳା ନିପୁଣତାକୁ ଭୂରି ଭୂରି ପ୍ରଶଂସା କରିଥିଲେ। ଏହି ଅବସରରେ ଓଡ଼ିଶା ଚଳଚ୍ଚିତ୍ର ଜଗତର ପ୍ରସିଦ୍ଧ ତାରକା ହାସ୍ୟ ଅଭିନେତା ବ୍ରଜ ସିଂହ, ମଧୁସ୍ମିତା ମହାନ୍ତି ଏବଂ ନିମାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିଲେ। ଅନୁଷ୍ଠାନର କର୍ମକର୍ତ୍ତାଙ୍କ ପାଇଁ ଏହି ତାରକା ମାନେ ପ୍ରେରଣାର ଉତ୍ସ ପାଲଟିଥିବା ଯୋଗୁଁ ଅନୁଷ୍ଠାନ ତରଫରୁ ଏହି ତାରକା ମାନଙ୍କୁ ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ଏଥିସହ ସମାଜସେବୀ ସ୍ମୃତି ରଞ୍ଜନ ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅବୈତନିକ ଭାବେ କାର୍ଯ୍ୟରତ କର୍ମଚାରୀଙ୍କ ପରଲୋକ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଅବୈତନିକ ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ଥିବା କର୍ମଚାରୀ ତିହିଡ଼ି ଗ୍ରାମର ଭରତ ଚନ୍ଦ୍ର ନାୟକଙ୍କର ଗୁରୁବାର ସକାଳେ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୨ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ନାତି ନାତୁଣୀ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସେ ତିହିଡ଼ି ବ୍ଲକ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବହୁଦିନ ଧରି ଅବୈତନିକ ଭାବେ କାର୍ଯ୍ୟ କରି ଲୋକମାନଙ୍କୁ ସେବା ଯୋଗାଇ ଆସୁଥିଲେ। ହିତାଧିକାରୀମାନଙ୍କ ସୁବିଧା ଅସୁବିଧା ସମସ୍ୟା କଥା ସେ ବୁଝି ସମାଧାନ କରୁଥିଲେ। ସେ ଜଣେ ମେଳାପି, ଶାନ୍ତ, ଶରଳ, ଧର୍ମପରାୟଣ, ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ସୁପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ବ୍ଲକର ଜନସାଧାରଣଙ୍କ ମଧ୍ୟରେ ଗଭୀର ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ, ଡିଇଓ ଅନିତା ମାହୁନ୍ତ, ନଆରଇଜିଏସ ସହକାରୀ ସୁଧାଂଶୁ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ଡିଲର ସଂଘ ସଭାପତି ରବିନ୍ଦ୍ର ମହାକୁଳ, ସମ୍ପାଦକ କୈଳାସ ବେହେରା, ଜିତେନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ନାୟକ, ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ଦାସ, କୈଳାସ ପାତ୍ର, ସମ୍ପାଦିକ ପ୍ରଭାତ କୁମାର ରାଉଳ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ ଓ ତାପସ ବେହେରା,



ମଣ୍ଡଳ ସଭାପତି କେଶବ ବେହେରା, ସୀତାକାନ୍ତ ନାୟତ, ରଘୁନାଥ ପାତ୍ର ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ପରିକ୍ରମା କରାଯାଇ ବ୍ଲକ କାର୍ଯ୍ୟାଳୟକୁ ନିଆଯାଇଥିଲା। ଶେଷରେ ତାଙ୍କ ବଡ଼ପୁଅ ସତ୍ୟନାରାୟଣ ନାୟକ ମୁଖାଗ୍ନି ଦେଇଥିଲେ।

# ବ୍ୟାରେଜ କ୍ଷତିଗ୍ରସ୍ତଙ୍କ ସମସ୍ୟା ସମାଧାନ ମୋର ଦାୟିତ୍ୱ : ଅଶୋକ

କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକ ଗହମ ଆମ୍ବତୋଟା ଠାରେ ସମଲ ବ୍ୟାରେଜ କ୍ଷତିଗ୍ରସ୍ତ ପ୍ରଜାଙ୍କ ସମସ୍ୟାର ସମାଧାନ ପାଇଁ ସମସ୍ତ ୬ଖଣ୍ଡ ଗ୍ରାମର ପ୍ରଜାମାନେ ଏକତ୍ରିତ ହୋଇଥିଲେ। ଏହି ଅବସରରେ କ୍ଷତିଗ୍ରସ୍ତଙ୍କ ପକ୍ଷରୁ ବିଧାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଧାୟକ ଅଶୋକ ମହାନ୍ତି କହିଲେ, ପୂର୍ବ ସରକାରଙ୍କ ସମୟରେ ସମଲ କ୍ଷତିଗ୍ରସ୍ତ ପ୍ରଜାଙ୍କ ପ୍ରତି ବୈମାତୃକ ଭାବ ପ୍ରଦର୍ଶନ କରିଛନ୍ତି। ୯୦୦ ମୂଳ ପରିବାରଙ୍କ ଠାରୁ ତାଙ୍କ ଅଧିକାର ଛଡ଼େଇ ନେଇଛନ୍ତି। ସେମାନଙ୍କୁ ପରିବାର ଓ ଥଇଥାନରୁ ବଞ୍ଚିତ କରାଯାଇଛି। ଏହି ଅବସରରେ ବିଧାୟକ କ୍ଷତିଗ୍ରସ୍ତଙ୍କ ସମସ୍ୟାର ଦୃଢ ନିନ୍ଦା କରିବା ସହ ଦୁଇଟି ଭିନ୍ନ ସଙ୍ଗଠନକୁ ଏକଜୁଟ କରି ଲୋକଙ୍କ ବୁଡ଼ି ସମସ୍ୟାକୁ ସମାଧାନ କରିବାକୁ ପ୍ରକାଶ କରିଥିଲେ। ସେ ଏହା ମଧ୍ୟ କହିଥିଲେ ଯେ, ଏ ସମ୍ବନ୍ଧରେ ତୁରନ୍ତ ପ୍ରଶାସନ ସହିତ ଆଲୋଚନା ହେବ। ସେ ସମଲ ବ୍ୟାରେଜ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ସବୁ ଗ୍ରାମର ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ଦାୟିତ୍ୱ ନେଇଥିଲେ। ଏହି ସଭାରେ ବରିଷ୍ଠ ବିଜେପି ନେତା ପ୍ରହ୍ଲାଦ ସାମଲ, ରମେଶ ଚନ୍ଦ୍ର ପ୍ରଧାନ, ହରେକୃଷ୍ଣ ପ୍ରଧାନ, ସରପଞ୍ଚ ରାଜେନ୍ଦ୍ର ବେହେରା, ବୁଡି ଅଞ୍ଚଳ ନେତା ଜଗମୋହନ ପ୍ରଧାନ, ଦୀପକ ଗଡନାୟକ ବିରଞ୍ଚି ନାରାୟଣ ସାହୁ, ଗଦାଧର ସାହୁ, ପ୍ରସନ୍ନ ସାହୁ, ସୁମିତ୍ରା ସାହୁ, ପଦ୍ମଚରଣ ନାଏକ, ଦୁର୍ଯ୍ୟୋଧନ ସାମଲ ପ୍ରମୁଖ ମଞ୍ଚାସିନ ଥିଲେ। ନିଖିଲ କୁମାର ସାହୁ ମଞ୍ଚ ସଂଯୋଜନା କରିଥିଲେ ଏବଂ ପବିତ୍ର ମୋହନ ସାହୁ, ବୁଲୁ ସାହୁ, ଦୁଷ୍ମନ୍ତ ସାହୁ, ବିଦ୍ୟାଧର ସାହୁ, ଅରୁଣ କୁମାର ସାହୁ, ପ୍ରବୀଣ କୁମାର ସାହୁ ପ୍ରମୁଖ ସହେଯାଗ କରିଥିଲେ।

## ଧର୍ମପରାୟଣା ମହିଳାଙ୍କ ସ୍ମୃତିଚାରଣ ସଭା

ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତ ତିଗିରିଆ ଗ୍ରାମର ଧର୍ମପ୍ରାଣା ମହିଳା କୌଶଲ୍ୟା ପ୍ରତିଙ୍କ ଦ୍ୱାଦଶାହ ଅବସରରେ ତାଙ୍କ ବାସଭବନ ପରିସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କବି ସତ୍ୟବ୍ରତ ପୁହାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାର ପ୍ରାରମ୍ଭରେ ପଣ୍ଡିତ ପ୍ରଭାକର ଉଦଗାତା ବେଦପାଠ କରିଥିଲା ବେଳେ ଅରକ୍ଷିତ ନାୟକ ଭାଗବତ ପାଠ କରିଥିଲେ। ଏଥିରେ ବର୍ଷିୟାନ କଳାକାର କୃଷ୍ଣ ଚନ୍ଦ୍ର ବାରିକ, ଶିକ୍ଷାବିତ୍ ବିଘ୍ନେଶ୍ୱର ପଣ୍ଡା, ଅନିରୁଦ୍ଧ ପାଢୀ, ଡ଼ାକ୍ତର ଜିତେନ୍ଦ୍ର ଭଞ୍ଜ, ସୁମନ୍ତ ନାୟକ, ମଥୁରାନନ୍ଦ ଦାସ, ସମାଜସେବୀ ରଣଜିତ ସାହୁ, ଗୌତମ ଷଡଙ୍ଗୀ, ଅଧର କୁମାର ରାଉତରାୟ, ବରଦା



ନନ୍ଦ, ଶ୍ରାବଣୀ ନନ୍ଦ, ସୁଧାଂଶୁ ଶେଖର ଜେନା, ଦେବବ୍ରତ ପୁହାଣ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦଗତି କାମନା ପୂର୍ବକ ସ୍ମୃତିଚାରଣ କରିଥିଲେ। ଏହି ସଭାରେ କଳାକାର ଓଡ଼ିଶାର କଳାକାର ମାନେ ଯୋଗଦେଇ ଭାଜନ ତଥା ହରିନାମ ସଂକ୍ରୀର୍ତ୍ତନ କରିଥିଲେ। ବିଶ୍ୱଜିତ୍ ପତି, ଶୁଭ୍ରଜିତ୍ ରାଉତରାୟ, ଯାଜ୍ଞସେନୀ ନନ୍ଦ, ଯିନାଜସ୍ମିନ୍ ପତି, ଇନ୍ଦୁରେଖା ନନ୍ଦ, ସର୍ବଜିତ କ୍ରାନ୍ତି କେଶରୀ ପୁହାଣ, ସଂଜୟ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।

# ଜମ୍ବୁଦ୍ୱୀପ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): ଜମ୍ବୁଦ୍ୱୀପର ନୌବାଣିଜ୍ୟ ଇତିହାସ ଆମକୁ ବିକାଶ ଦିଗକୁ ଆଗେଇ ନେବ। ଓଡ଼ିଶା ରାଜ୍ୟର ବାଣିଜ୍ୟ ପେଣ୍ଠସ୍ଥଳ ଥିଲା ଜମ୍ବୁଦ୍ୱୀପ। ସାଧବ ପୁଅମାନେ ଇଣ୍ଡୋନେସିଆ, ବାଲି, ସୁମାତ୍ରାକୁ ବ୍ୟବସାୟ କରିବାକୁ ଯାଉଥିଲେ। ମୁକସାକ୍ଷୀ ଭାବେ ରହିଛି ହୁକିଟୋଲା ଓ ବତିଘର ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମତବ୍ୟକ୍ତ କରିଛନ୍ତି। ଦରିଆ ରାମଚଣ୍ଡୀଙ୍କ ପୀଠରେ ଜମ୍ବୁଦ୍ୱୀପ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଏହି ଜିଲ୍ଲାରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ ମଧ୍ୟ କାହିଁକି ପୂର୍ବରୁ ମେଡିକାଲ କଲେଜ ପ୍ରତିଷ୍ଠା ହେଲାନାହିଁ। ଦୁଇଦଶନ୍ଧି ଧରି ଯେଉଁ ନେତାମାନେ ଏହି ମାଟିରେ ଥିଲେ ସେମାନେ କ'ଣ କରୁଥିଲେ। ତଥାପି ଆମେ ଆନ୍ଦୋଳନ କାରୀଙ୍କୁ ନିରାଶ କରିବୁ ନାହିଁ। ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ କଲେଜ ହେବ। କେନ୍ଦ୍ରାପଡ଼ା ଜିଲ୍ଲାବାସୀ ମେଡିକାଲ କଲେଜ ପାଇବାରୁ କେବେବି ବଞ୍ଚିତ ହେବେ ନାହିଁ। ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆସିବ। ୩ କୋଟି ୫୦ ଲକ୍ଷ ଲୋକଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ କରାଯାଇଛି। ସବୁ ଜିଲ୍ଲାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ମୁଖ୍ୟବକ୍ତା ଭାବେ ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ କହିଲେ ଜମ୍ବୁଦ୍ୱୀପର ଗାରିମାମୟ ଇତିହାସ ରହିଛି।



ଷୋଡଶ ଶତାବ୍ଦିରେ କୁଜଙ୍ଗର ଷଣ୍ଢରାଜା ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା କରିବାକୁ ଏହି ସ୍ଥାନକୁ ଆସିଥିଲେ। ଏହି ସ୍ଥାନରୁ ବିଶ୍ୱର ବିଭିନ୍ନ ଦେଶକୁ ସାବତ ପୁଅମାନେ ବାଣିଜ୍ୟ କରିବାକୁ ଯାଉଥିଲେ। ଓଡ଼ିଶାର ଇତିହାସକୁ ରୋମନ୍ଥନ କଲେ ସ୍ୱାଧୀନତା ସଂଗ୍ରାମରେ ଏହି ମାଟିର ଭୂମିକା ଅତୁଳନୀୟ ଥିଲା। କେନ୍ଦ୍ରାପଡ଼ା ମାଟି ଓଡ଼ିଶାର ସଂଗୀତ ଜଗତକୁ ଋଦ୍ଧିମନ୍ତ କରିଛି। ଏହି ମାଟି ବ୍ରିଟିଶମାନଙ୍କୁ ତଡ଼ିବାରେ ସହାୟକ ହୋଇଥିଲା। ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ୨ଶହ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ ହୋଇଛି। ଶିକ୍ଷମନ୍ତ୍ରୀ ଏହି ଜିଲ୍ଲାରେ ଥିଲେ କିନ୍ତୁ କାହିଁକି ଶିଳ୍ପ ପ୍ରତିଷ୍ଠା ହେଲାନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ବିଜୁ ଜନତା ଦଳର ନେତାମାନେ ଅନ୍ୟ ଉପରେ ଦୋଷ ଲଦି ନିଜର ଦୋଷ ଦୁର୍ବଳତାକୁ ଲୁଚାଉଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରେ ସିଙ୍ଗାପୁରର ଏକ କମ୍ପାନୀ ୧୫ ହଜାର କୋଟି ପୁଞ୍ଜି ନିବେଶ କରିବ। ଫଳରେ ଜିଲ୍ଲା ଶିଳ୍ପ ସମୃଦ୍ଧ ହୋଇପାରିବ ବୋଲି ସେ କହିଥିଲେ। ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ କେନ୍ଦ୍ରାପଡ଼ା ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପ ମନ୍ତ୍ରୀ ଓ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଜେପି ଓବିସି ମୋର୍ଚ୍ଚା ଅଧ୍ୟକ୍ଷ ସୁରଥ ବିଶ୍ୱାଳ, ସାଂସଦଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ କଣ୍ଠର ଯାଦୁରେ ଦର୍ଶକ ମାନେ ବିଭୋର ହୋଇ ଉଠିଥିଲେ।

# ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ଧିରେନ କୁମାର ନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁରଜ ବିଶ୍ୱାଳ, ଜାତୀୟ ରାଜପଥର ଅମିତ କୁମାର ରାଉତ, ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ରାସ୍ତା ଓ କୋଠାବାଡି ବିଭାଗ-୧ର ସହକାରୀ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, କେନ୍ଦ୍ରାପଡା ରାସ୍ତା ଓ କୋଠାବାଡି ବିଭାଗ-୨ର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ରାଜଗୁରୁ, ଏନଆଇସିର କର୍ମକର୍ତ୍ତା, ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା ଓ ପରିବହନ ବିଭାଗ ଏବଂ ରାସ୍ତା ଓ କୋଠାବାଡି ବିଭାଗର କର୍ମଚାରୀମାନେ



ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଯେ ଗତ ବର୍ଷ ୧୪୭ ଗୋଟି ଦୁର୍ଘଟଣାରେ ୮୫ ଜଣ ମୃତ୍ୟୁବରଣ କରିଥିବା ବେଳେ ଏବର୍ଷ ଜାନୁଆରୀ ୧ତାରିଖ ଠାରୁ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ୧୬ଗୋଟି ଦୁର୍ଘଟଣାରେ ୧୭ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ବୈଠକରେ ସୂଚନା ପ୍ରଦାନ କରିଥିଲେ। ଦୁର୍ଘଟଣାକୁ କମାଇବା ସହ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କଲେଜ ଓ ସ୍କୁଲର ଛାତ୍ରଛାତ୍ରୀ ଯେଉଁମାନଙ୍କ ବୟସ ୧୮ବର୍ଷରୁ କମ୍ ସେମାନଙ୍କୁ ଗାଡି ନଚଳାଇବା ଓ ଗାଡି ଚଳାଇବା ବେଳେ ହେଲ୍‌ମେଟ୍ ପରିଧାନ କରିବା ସହ ଗାଡିଚାଳନାର ନିୟମଗୁଡିକୁ ମାନିବା ପାଇଁ ସଚେତନ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ଅତିରିକ୍ତ ଜିଲ୍ଲାପାଳ। ଦୁର୍ଘଟଣା ପ୍ରବଣ ସ୍ଥାନରେ ହମ୍ପସ୍ ନିର୍ମାଣ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ।

## କନ୍ହେଇ ଜହ୍ନା ଚକ୍ରଶୀଳା ଘୋଷିତ ହେଲା ପର୍ଯ୍ୟଟନ କ୍ଷେତ୍ର

କଣିହାଁ, (ଭାସ୍କର ନ୍ୟୁଜ): କଣିହାଁ ବ୍ଲକର ସମଲ, କନ୍ହେଇ ଜହ୍ନା ପାହାଡ଼ର ଚକ୍ରଶିଳା ଠାରେ ପର୍ଯ୍ୟଟନର ବିକାଶ ପାଇଁ ବିଧାୟକ ଅଶୋକ ମହାନ୍ତିଙ୍କ ପ୍ରଚେଷ୍ଟାରେ ନୂଆ ରୂପ ପାଇବାକୁ ଯାଉଛି। ବିଧାନସଭାରେ ଏହାର ଉନ୍ନତି କରଣ ପାଇଁ ନିବେଦନ କରିଥିଲା ବେଳେ ଏବେ ଏହାର ପ୍ରକଳ୍ପ ମୂଲ୍ୟ ଆକଳନ କରି ରାଜ୍ୟ ସରକାରଙ୍କ ପାଖକୁ ପଠାଇବାକୁ ବ୍ଲକ କର୍ତ୍ତୃପକ୍ଷ ଚିଠି ମିଳିଛି। ଚକ୍ରଶିଳା ମନ୍ଦିରର ନବୀକରଣ ସହିତ ପାର୍କ ଶୌଚାଳୟ ପାନୀୟ ଜଳ ଆଲୋକ, ସେଲ୍ଫି ପଏଣ୍ଟ, ରୋଷ ସାଳ ପ୍ରଭୃତି ଜିଲ୍ଲା ନିର୍ମାଣ ପାଇଁ ପ୍ରସ୍ତାବ ରହିଅଛି। ଗତ କାଲି ଜିଲ୍ଲାପାଳ ଅନୁଗୁଳ ଆସି ଦେଖିଥିଲା ବେଳେ ଗୁରୁବାର ବିଧାୟକ ପାଲଲହଡ଼ା ଘଟଣାସ୍ଥଳ ବୁଲି ଦେଖିଥିଲା ବେଳେ ପର୍ଯ୍ୟଟନ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହା ସହିତ ସ୍ଥାନୀୟ ଗ୍ରାମବାସୀ ମନ୍ଦିର କମିଟି ଓ ରାଜ୍ୟ ସରକାରଙ୍କ ଏକ ପ୍ରତିନିଧି ଦଳ ଚକ୍ରଶିଳା ମନ୍ଦିର ପରିଦର୍ଶନ କରିଥିଲେ ଏହି ଅବସରରେ ବିଡିଓ ତ୍ରିବିକ୍ରମ କୁମ୍ଭାର, ସହକାରୀ ଯନ୍ତ୍ରୀ ସଲିଳ ସ୍ୱାଇଁ,କନିଷ୍ଠ ଯନ୍ତ୍ରୀ ଘନଶ୍ୟାମ ପଟେଲ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସାହୁ, ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା,ସମଲ,ଟିପୋ, ବିଲିଣ୍ଡା, ବିଷ୍ଣର ଗ୍ରାମର ଅଧିବାସୀମାନେ ଉପସ୍ଥିତ ଥିଲେ।

## ଟିହିଡ଼ି ବ୍ଲକରୁ ତୀର୍ଥଯାତ୍ରାରେ ଗଲେ ୨୬ ବରିଷ୍ଠ ନାଗରିକ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ବରିଷ୍ଠ ନାଗରିକ ମାନଙ୍କୁ ତୀର୍ଥ ଯାତ୍ରା ପାଇଁ ପଠାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ୨୬ ବରିଷ୍ଠ ନାଗରିକଙ୍କୁ ଅଯୋଧ୍ୟାକୁ ତୀର୍ଥ ପାଇଁ ପଠା ଯାଇଥିବା ଜଣାପଡ଼ିଛି। ଏହି ଅବସରରେ ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ତୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ତୀର୍ଥ ଗାଡ଼ିକୁ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ ଏବିଡିଓ ମାନସ କୁମାର ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ଜିପିଇଓ ପ୍ଲାବନ ପଣ୍ଡା, ଏନଆରଇଜିଏସ ସହକାରୀ ସୁଧାଂଶୁ ଶେଖର ନାୟକ, ସେକ୍ସନ ଅଫିସର ରୁନା ସୁନା, କମଳାକାନ୍ତ ଦାସ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସୀତାକାନ୍ତ ନାୟକ, କେଶବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ

ଉମରକୋଟ, (ଭାସ୍କର ନ୍ୟୁଜ): ଉମରକୋଟ ବିଜୁ ପଟନାୟକ ଶିଶୁ ଉଦ୍ୟାନରେ ମହାନ ଜନ ନାୟକ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ଜନତା ଦଳ ର ପ୍ରତିଷ୍ଠାତା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ପାଳନ ହୋଇଛି। ଏହି ଦିବସକୁ ବିଶ୍ୱର ବିଭିନ୍ନ ପ୍ରାନ୍ତରରେ ବସ ବାସ କରୁଥିବା ଓଡ଼ିଆ ତଥା ଓଡିଶା ବାସୀ ପାଳନ କରୁଥିବା ବେଳେ, ଆଦିବାସୀ ବହୁଳ ନବରଙ୍ଗପୁର ଜିଲ୍ଲା ଉମରକୋଟ ମୁନିସିପାଲିଟିରେ ମଧ୍ୟ ଏହି ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଗୁଣ ଗାନ କରି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଭାରତ ସମେତ ତିନୋଟି ଦେଶର ନାଗରିକତା ସମ୍ମାନରେ ସମ୍ମାନିତ କରାଯାଇଥିଲା ଏବଂ ତିନୋଟି ଦେଶର ପତାକା ସହ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତାକା ଓ ବିଜୁ ଜନତା ଦଳ ପତାକା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସ୍ୱର୍ଗଆହୋରଣ ସମୟରେ ତାଙ୍କ ଶରୀରରେ ପକାଇ ସମ୍ମାନ ଦିଆଯାଇଥିଲା। ଏଭଳି ସମ୍ମାନ କାହାକୁ ମଧ୍ୟ ଏପର୍ଯ୍ୟନ୍ତ ଦିଆଯାଇ ନାହିଁ ବୋଲି ନବରଙ୍ଗପୁର ସାଂସଦ ମାଝୀ ପ୍ରକାଶ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ବିଜୁ ପ୍ରେମୀ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱର୍ଗତ ବିଜୁ ବାବୁଙ୍କ ଗୁଣଗାନ କରିଥିଲେ ।

# ନବ ନିର୍ମିତ ସେତୁରେ ଫାଟ ଅଭିଯୋଗ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଞ୍ଚାୟତ ଅଞ୍ଚଳରେ ୫୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏକ ସେତୁରେ ଫାଟ ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି। ଫଳରେ ଏହି ନବ ନିର୍ମିତ ସେତୁର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏହାର ତଦନ୍ତ ଦାବି ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଦେଇ ଯାଇଥିବା କଟିକଟା-ଜୟପୁର ପୂର୍ତ୍ତ ବିଭାଗ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧିନରେ ରହିଛି। ଏହି ରାସ୍ତାର ଅସୁରେଶ୍ୱର ବଜାର ଦେଇ ୧୦ନମ୍ବର ପାଟନାଳୀ ବହିଯାଇଛି। ଏହି ପାଟନାଳୀ ଉପର ଦେଇ କଟିକଟା-ଜୟପୁର ପୂର୍ତ୍ତ ବିଭାଗ ରାସ୍ତା ରହିଛି। ଏହି ରାସ୍ତା ଉପରେ ନିର୍ମିତ ସେତୁଟି କଟକ, କେନ୍ଦ୍ରାପଡା, ଯାଜପୁର ଓ ଜଗତସିଂହପୁର ଇତ୍ୟାଦି ୪ଟି ଜିଲ୍ଲାକୁ ସଂଯୋଗ କରିଥାଏ। ତେବେ ଏହି ପାଟନାଳୀ ଉପରେ ଥିବା ସେତୁଟି ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା କାରଣରୁ ସେତୁର ପୁନଃ ନିର୍ମାଣ ନିମନ୍ତେ ତତ୍କାଳୀନ ସରକାର ୫୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରିଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ଗତ ଫେବୃଆରୀ ୧୦ ତାରିଖ ଦିନ ଏହି ସେତୁର ପୁନଃ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା। ତେବେ ଠିକାଦାର ଅଟକଳ ଅନୁଯାଇ ସେତୁ ନିର୍ମାଣ କାର୍ଯ୍ୟ କରିନଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେତୁ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବାର ଅଭିଯୋଗ ହୋଇଛି। ଏପରିକି ଠିକାଦାର ମନମୁଖି ଭାବେ ସେତୁ ନିର୍ମାଣ କାର୍ଯ୍ୟ କରୁଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରିନଥିଲେ। ଫଳରେ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ଏହି ନବ ନିର୍ମିତ ସେତୁରେ ଫାଟ ସୃଷ୍ଟି ହୋଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ସରକାରଙ୍କର ୫୧ଲକ୍ଷ ଟଙ୍କା ପାଣିରେ ପଡିବା ସହ ସେତୁର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଏହି ସେତୁ ଉପର ଦେଇ ଦୈନନ୍ଦିନ ଶହ ଶହ ଭାରୀ ଯାନ ଯାଆସ କରିଥାଏ। ଏପରିକି ଜଗତସିଂହପୁର ଝଙ୍କଡ ସ୍ଥିତ ମା ଶାରଳାଙ୍କ ପୀଠ, ନିଶ୍ଚିନ୍ତକୋଇଲି ବ୍ଲକ ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ, ଗୋରଖନାଥଙ୍କ ପୀଠ ଭଳି ବହୁ ଧର୍ମାନୁଷ୍ଠାନ ଓ ପର୍ଯ୍ୟଟନସ୍ଥଳୀକୁ ଏହି ସେତୁ ଦେଇ ଓଡିଶାର ବିଭିନ୍ନ ପୁରପଲ୍ଲୀର ଶ୍ରଦ୍ଧାଳୁ ଭକ୍ତ ଓ ପର୍ଯ୍ୟଟକମାନେ ଯାଆସ କରିଥାନ୍ତି। ତେବେ ଏହି ସେତୁ ଫାଟିଯାଇଥିବା କାରଣରୁ କେଉଁ ମୁହୂର୍ତ୍ତରେ ଏହା ଭାଙ୍ଗିଯାଇ ଲୋକଙ୍କ ଜୀବନ ଦୀପକୁ ଲିଭାଇଦେବ ତାହା କହିହେଉ ନାହିଁ। ତେବେ ଏହି ସେତୁ ନିର୍ମାଣରେ ହୋଇଥିବା ଅନିୟମିତତାର ଭିଜିଲାନ୍ସ ତଦନ୍ତ କରାଯିବା ନିମନ୍ତେ ସ୍ଥାନୀୟ ଲୋକେ ଦୃଢ ଦାବି କରିଛନ୍ତି। ଅପରପକ୍ଷରେ ଏସମ୍ପର୍କରେ ଲୋକଙ୍କୁ କୌଣସି ସୂଚନା ଫଳକ ଦିଆନଯାଇ ଅନ୍ଧାର ଘରେରେ ରଖାଯାଇଥିବାର ଅଭିଯୋଗ ହୋଇଛି। ଏସମ୍ପର୍କରେ ଆମ ପ୍ରତିନିଧି କେନ୍ଦ୍ରାପଡା ପୂର୍ତ୍ତ ବିଭାଗୀୟ ଅଧିକାରୀ ଜିତେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷ ଜନକ ଉତ୍ତର ନଦେଇ ଫୋନ କାଟିଦେଇଥିଲେ। ଫଳରେ ତାଙ୍କର ମତାମତ ନେବା ସମ୍ଭବପର ହୋଇପାରି ନାହିଁ। ଅପରପକ୍ଷରେ ଏହି ସେତୁ ନିର୍ମାଣରେ ହୋଇଥିବା ଦୁର୍ନୀତି ଓ ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ନିମନ୍ତେ ସ୍ଥାନୀୟ ଲୋକେ ମାନ୍ୟବର ମୁଖ୍ୟମନ୍ତ୍ରୀ, ପୂର୍ତ୍ତମନ୍ତ୍ରୀ, ପୂର୍ତ୍ତ ବିଭାଗ ସଚିବଙ୍କ ନିକଟରେ ଦୃଢ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ସ୍ଥାନୀୟଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର




ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରଥିବା ବେଳେ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ପ୍ରବାଦ ପୁରୁଷଙ୍କର ଗୁଣଗାନ କରି କହିଥିଲେ ଯେ, ରାଜ୍ୟରେ କାଳେ ପୁଜ୍ୟପୂଜାକୁ ଗୁରୁତ୍ୱ ଦିଆଯିବ ନାହିଁ ସେଥି ପାଇଁ ବ୍ୟାସକବି ଫକୀର ମୋହନ ସେନାପତି ନିଜେ ନିଜ ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ । ଏବେ ବ୍ୟାସକବିଙ୍କ କଥା ସତ ହେବାକୁ ଯାଇଛି, ନଚେତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ଭଙ୍ଗା ଯାଆନ୍ତା ନାହିଁ କିମ୍ବା ପୋଡା ଯାଆନ୍ତା ନାହିଁ । ମାଲ୍ୟାର୍ପଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ-ସଂପାଦକ ଅକ୍ଷୟ କୁମାର ଜେଠୀ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ବାସନ୍ତୀ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ ।



# ବିଜେଡି ପାଳିଲା ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଶଙ୍ଖ ଭବନଠାରେ ବିଜୁ ପଟ୍ଟନାୟକଙ୍କ ୨୮ ତମ ଶ୍ରାଦ୍ଧ ଦିବସ ଭାବ ଗମ୍ଭୀର ପରିବେଶରେ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ସ୍ୱର୍ଗତ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ବିଜୁବାବୁ ଜଣେ ଓଡ଼ିଆ ଭାବରେ ସବୁବେଳେ ଗର୍ବ କରୁଥିଲେ । ଓଡିଶାକୁ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ତାଙ୍କର ଲକ୍ଷ୍ୟ ଥିଲା । ବିଜୁ ବାବୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବିଜେଡି ସରକାର ଅନେକ ପଦକ୍ଷେପ ନେଇଥିଲା । ଏହି ସମୟ ମଧ୍ୟରେ ବହୁତ ଭଲ କାମ ହୋଇଥିଲା, ଯେଉଁଥି ପାଇଁ ଓଡିଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ସ୍ୱୀକୃତି ମଧ୍ୟ ମିଳିଥିଲା । ବିଜୁ ବାବୁଙ୍କ ସ୍ମୃତି ଚାରଣ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଦେଶର ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା କୁ ଶକ୍ତିଶାଳୀ କରିବା ଓ ମହିଳା ସଶକ୍ତିକରଣ ହେଉଛି ଭାରତୀୟ ରାଜନୀତିକୁ ବିଜୁ ବାବୁଙ୍କ ଶ୍ରେଷ୍ଠ ଅବଦାନ । ବିଜୁ ବାବୁଙ୍କ ଅବଦାନକୁ କେହି ଭୁଲି ପାରିବେ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ବିଧାୟକ ସୁଶାନ୍ତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ଅଶୋକ ପଣ୍ଡା, ଅମର ପଟ୍ଟନାୟକ, ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉଦବୋଧନ ଦେଇ ବିଜୁ ବାବୁଙ୍କୁ ଶ୍ରଦ୍ଧା ନିବେଦନ କରିଥିଲେ ।ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଧନ୍ୟବାଦ ଅର୍ପଣ କରିଥିଲେ । ବିଜୁ ଜନତା ଦଳ କାର୍ଯ୍ୟାଳୟ ଶଙ୍ଖ ଭବନରେ ବିଜୁ ବାବୁଙ୍କ ଶ୍ରାଦ୍ଧ ସଭା । ସକାଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଜୁ ପଟ୍ଟନାୟକ ପାର୍କକୁ ଯାଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

## ଓଡ଼ିଶା ବିଧାନସଭା ପରିଦର୍ଶନ କଲେ ଦିଲ୍ଲୀ ବାଚସ୍ପତି ଓ ଉପବାଚସ୍ପତି



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଓଡ଼ିଶା ବିଧାନସଭା ପରିଦର୍ଶନ କରିଛନ୍ତି ଦିଲ୍ଲୀ ବାଚସ୍ପତି ଓ ଉପବାଚସ୍ପତି । ଏହି ଅବସରରେ ବାଚସ୍ପତି ସୁରମା ପାଢ଼ି କହିଛନ୍ତି ଯେ, ପେପର ଲେସ ବିଧାନସଭା ଓଡିଶାରେ ଲାଗୁ ହୋଇଛି । ବିଭିନ୍ନ ରାଜ୍ୟରେ ମଧ ଏନେଇ କାର୍ଯ୍ୟ କରିଛନ୍ତି । କମ୍ ସମୟ ମଧ୍ୟରେ ବିଧାନସଭା ତଥ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ସହ ପେପେର ଲେସ ବିଧାନସଭା କରିବା ଲକ୍ଷ୍ୟ । ଓଡିଶା ବିଧାନସଭା ପରିଦର୍ଶନରେ ଦିଲ୍ଲୀ ବାଚସ୍ପତି ଏବଂ ଉପ ବାଚସ୍ପତି ଆସିଛନ୍ତି । ନେଭା ଆପ୍ଲିକେସନ ମଧ୍ୟ ଷ୍ଟଡି କରୁଛନ୍ତି ।

## କଟକରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ

କଟକ,(ଭାସ୍କର ନ୍ୟୁଜ୍): କଟକର ବିଭିନ୍ନ ସ୍ଥାନରେ ମହାନ୍ ଜନନେତା, ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । କଟକ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଳି ଜ୍ଞାପନ କରିଛନ୍ତି । ପ୍ରଥମେ ବିଜୁ ପଟ୍ଟନାୟକ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବା ପରେ ପରେ ଆନନ୍ଦ ଭବନ ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶେଷରେ ଯୋବ୍ରା ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା । ଏହି ଅବସରରେ କଟକ ମହାନଗର ନିଗମ ଆୟୁକ୍ତ ଅନାମ ଚରଣ ପାତ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଏବଂ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ ।

## ତରୁଣକାନ୍ତି ମିଶ୍ର ପାଇବେ ସତ୍ୟବାଦୀ ସାରସ୍ୱତ ସମ୍ମାନ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ବହୁଳ ପ୍ରସାରିତ ଉଚ୍ଚାଙ୍ଗ ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଉଥିବା 'ସତ୍ୟବାଦୀ ସାରସ୍ୱତ ସମ୍ମାନ ୨୦୨୪' ଲବ୍ଧପ୍ରତିଷ୍ଠ କଥାଶିଳ୍ପୀ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ରଙ୍କୁ ପ୍ରଦାନ କରାଯିବ । ଏହାବ୍ୟତୀତ ପ୍ରବନ୍ଧ ବିଭାଗରେ ଡ. ବାବାଜୀ ଚରଣ ପଟ୍ଟନାୟକ, କବିତା ପାଇଁ ମମତା ଦାଶ, ଗଳ୍ପ ପାଇଁ ପ୍ରଫେସର ଶରତ ଚନ୍ଦ୍ର ଶତପଥୀ, ଶିଶୁ ଗଳ୍ପରେ ଡ. ରମେଶ ପତ୍ରୀ, ଶିଶୁ କବିତାରେ ହରିହର ଶୁକ୍ଳ ଓ ରମ୍ୟ ରଚନା ପାଇଁ ନାରାୟଣ ଶତପଥୀଙ୍କୁ 'ସତ୍ୟବାଦୀ ସାହିତ୍ୟ ସମ୍ମାନ ୨୦୨୪' ପ୍ରଦାନ କରାଯିବ । 'ସତ୍ୟବାଦୀ ସାରସ୍ୱତ ସମ୍ମାନ'ରେ ଏକ ଲକ୍ଷ ଟଙ୍କାର ପୁରସ୍କାର ସହ ଉପାୟନ ଏବଂ 'ସତ୍ୟବାଦୀ ସାହିତ୍ୟ ସମ୍ମାନ'ରେ ସମ୍ମାନିତ ପ୍ରତିଭାଙ୍କୁ ଦଶ ହଜାର ଅର୍ଥରାଶି ସହିତ ଉପାୟନ ପ୍ରଦାନ କରାଯିବ । ଏଥିପାଇଁ ଲୋକସେବକ ମଣ୍ଡଳ ପକ୍ଷରୁ ଗଠିତ ସାତଜଣିଆ ମନୋନୟନ କମିଟି ବୈଠକ ସୋମବାର 'ସମାଜ' କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି । ଏପ୍ରିଲ ୨୭ ତାରିଖ(ରବିବାର) ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ଏମ୍‌କେସିଜି ପ୍ରେକ୍ଷାଳୟରେ ଅପରାହ୍ଣ ୪ଟାରେ ଅନୁଷ୍ଠିତ ହେବାକୁ ଥିବା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ନବମ ବାର୍ଷିକ ସମାରୋହରେ ଏହି କୃତବିଦ୍ୟ ସାରସ୍ୱତ ସାଧକଙ୍କୁ ସମ୍ମାନିତ କରାଯିବ ବୋଲି 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଜଣାଇଛନ୍ତି ।

## ବିଧାୟିକା ସୋଫିଆ ଫିରଦୋସଙ୍କ ଦ୍ୱାରା ନିର୍ବାଚନମଣ୍ଡଳୀ ଉନ୍ନୟନ ବୈଠକ



କଟକ(ଭାସ୍କର ନ୍ୟୁଜ୍): ଗୁରୁବାର କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଧାୟିକା ସୋଫିଆ ଫିରଦୋସଙ୍କ ଆହ୍ୱାନ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ପରିଚାଳନାରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର 'ନିର୍ବାଚନ ମଣ୍ଡଳୀ ଉନ୍ନୟନ ବୈଠକ' ଅନୁଷ୍ଠିତ ହୋଇଯାଇଛି । ଏଥିରେ କଟକ ଜିଲ୍ଲା ପରିଷଦ ଅଧିକାରୀ, ଆର ଆଣ୍ଡ ବି ଡିଭିଜନ ୧ ଓ ୨, ତହସିଲ କଟକ ସଦର, ଆଠଗଡ ଓ ବାରଙ୍ଗ, ଜିଲ୍ଲା ଶିକ୍ଷା ମଣ୍ଡଳ ଅଧିକାରୀ, ପଞ୍ଚାୟତ ସମିତି କଟକ ସଦର, ଜିଲ୍ଲା ସଂସ୍କୃତି ବିଭାଗ, ଜିଲ୍ଲା ପର୍ଯ୍ୟଟନ ବିଭାଗ, ପ୍ଲାନିଂ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ସମସ୍ତ ଉନ୍ନୟନ କାର୍ଯ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ବିଶେଷ ସହାୟତା ଫଣ୍ଡର କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଆରମ୍ଭ ନହୋଇଥିବା ଜାଣି ବିଧାୟିକା ଅସନ୍ତୋଷ ପ୍ରକାଶ କରିଥିଲେ । ତୁରନ୍ତ ଏହି କାର୍ଯ୍ୟ ଗୁଡିକୁ ଆରମ୍ଭ କରିବା ପାଇଁ ବିଧାୟିକା ପଞ୍ଚାୟତ ସମିତି କଟକ ସଦରର ଅଧିକାରୀଙ୍କୁ କହିଥିଲେ । ଏଥିରେ ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ବନ୍ଦନା ଖଟୁଆ, ଉପ ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ଫୁରତି ରଞ୍ଜନ ଦେଓ,ଉପ ନିର୍ଦ୍ଦେଶକ ପ୍ଲାନିଂ ବିଶ୍ୱ ରଞ୍ଜନ ଦାସ, ଅଧିକ୍ଷକ ଇଞ୍ଜିନିୟର ଆର ଆଣ୍ଡ ବି -୧ ଆଶିଷ କୁମାର ନାୟକ, ଅଧିକ୍ଷକ ଇଞ୍ଜିନିୟର ଆର ଆଣ୍ଡ ବି -୨ ଜ୍ୟୋତି ରଞ୍ଜନ ପତି, ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟଙ୍କା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

## ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସର ଦରମା ବୃଦ୍ଧି

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସରେ ତିନୋଟି ନୂଆ ବାଟାଲିଅନ ଗଠନ କରିଛନ୍ତି । ଏଥିରେ ମୁଖ୍ୟତଃ ପୂର୍ବତନ ଆର୍ମି ଓ ନାଭିର ସୈନିକ ଏବଂ କେନ୍ଦ୍ରୀୟ ସଶକ୍ତ ପୋଲିସ ବାହିନୀର କର୍ମଚାରୀମାନେ ନିଯୁକ୍ତ ହୋଇଥାନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପୋଲିସ କର୍ମଚାରୀ ମାନଙ୍କର ମାସିକ ପାରିଶ୍ରମିକ ବୃଦ୍ଧି କରିଛନ୍ତି । ଏ ସମ୍ପର୍କୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ସିପାହୀ (ଜିଡି) ମାନଙ୍କ ମାସିକ ପାରିଶ୍ରମିକ ୩୦ ହଜାର ଟଙ୍କାରୁ ୪୫ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ଲାନ୍ସ ନାଏକ/ନାଏକ/ ହାବିଲଦ୍ର (ଜିଡି) ମାନଙ୍କ ପାରିଶ୍ରମିକ ୩୨ ହଜାରରୁ ୫୦ ହଜାର, ଜୁନିଅର କମିଶନ୍ଡ ଅଫିସର (ଜିଡି) ୪୦ ହଜାରରୁ ୫୫ ହଜାର, ଜୁନିଅର କମିଶନ୍ଡ ଅଫିସର (ଇନଷ୍ଟ୍ରକ୍ଟର) ୪୦ ହଜାରରୁ ୫୫ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ଡିଙ୍ଗି ଡ୍ରାଇଭର/ସି-ମ୍ୟାନ୍ ମେକାନିକ୍/ ଖଲାସି ମାନଙ୍କ ମାସିକ ପାରିଶମିକ ୩୦ ହଜାରରୁ ୪୫ ହଜାର, ସିରାଙ୍ଗ/ଇଞ୍ଜିନ୍ ଡ୍ରାଇଭର ମାନଙ୍କର ୩୨ ହଜାରରୁ ୫୦ ହଜାର ଏବଂ ମାଷ୍ଟର ମାନଙ୍କ ମାସିକ ପାରିଶ୍ରମିକ ୪୦ ହଜାରରୁ ୫୫ ହଜାର ଟଙ୍କାକୁ ବୃଦ୍ଧି ପାଇଛି ।

## 'ରାଜ୍ୟ ଟ୍ରାଫିକ୍ ଓ ସଡକ ସୁରକ୍ଷା ଶାଖା ସୁଦୃଢ଼ ହେବ'

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ରାଜ୍ୟରେ ଟ୍ରାଫିକ୍ ଏବଂ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଶୃଙ୍ଖଳିତ ଓ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଟ୍ରାଫିକ୍ ଶାଖାରେ ୨ ହଜାର ନୂତନ ପଦବୀ ସୃଷ୍ଟି କରିବା ପାଇଁ ଅନୁମୋଦନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟସ୍ତରୀୟ ଟ୍ରାଫିକ୍ ବ୍ୟବସ୍ଥାରେ ୭୦ ଟି ନୂତନ ପଦବୀ ହୋଇଥିବା ବେଳେ ଜିଲ୍ଲାସ୍ତରୀୟ ସେଟ-ଅପ୍‌ରେ ୧୯୩୦ଟି ପଦବୀ ସୃଷ୍ଟି ହୋଇଛି । ରାଜ୍ୟ ସ୍ତରୀୟ ସେଟ-ଅପ୍‌ରେ ଏଡିଜିପି/ଆଇଜିପି ଗୋଟିଏ ପଦବୀ, ଡିଆଇଜି (ପୋଲିସ) ଗୋଟିଏ ପଦବୀ, ଏସପି ୨ ଟି ପଦବୀ, ଡିଏସପି ୪ଟି, ଇନସପେକ୍ଟର ୬ଟି, ଏସଆଇ ୮ଟି, ଏଏସଆଇ ୮ଟି, କନେଷ୍ଟବଲ ୨୨ ଟି, ଡ୍ରାଇଭର ୧୦ ଟି, ଏଷ୍ଟାବ୍ଲିସମେଣ୍ଟ ଅଫିସର ଗୋଟିଏ, ସେକ୍ସନ ଅଫିସର ଗୋଟିଏ, ଏ.ଏସ୍.ଓ ୩ ଟି ଓ ଜୁନିଅର ଆସିଷ୍ଟାଣ୍ଟ ପାଇଁ ୩ ଟି ପଦବୀ ସୃଷ୍ଟି ହୋଇଛି । ସମୁଦାୟ ୭୦ଟି ପଦବୀ ସୃଷ୍ଟି ହୋଇଛି । ଜିଲ୍ଲାସ୍ତରୀୟ ସେଟ-ଅପ୍‌ରେ ଡି.ଏସ୍.ପି. ୫ଟି ପଦବୀ, ଇନ୍ସପେକ୍ଟର ୪୧ଟି ପଦବୀ, ସବ୍-ଇନ୍ସପେକ୍ଟର ୮୩ ଟି ପଦବୀ, ଏ.ଏସ୍.ଆଇ. ୮୩ଟି ପଦବୀ, ହାବିଲଦାଇର ୩୧୦ ଓ କନଷ୍ଟେବଲ ପାଇଁ ୧୪୦୮ଟି ପଦବୀ ସୃଷ୍ଟି କରାଯାଇଛି । ସମୁଦାୟ ୧୯୩୦ଟି ପଦବୀ ସୃଷ୍ଟି ହୋଇଛି ।ଏହାଦ୍ୱାରା ରାଜ୍ୟର ଟ୍ରାଫିକ୍ ବ୍ୟବସ୍ଥା ସୁଦୃଢ଼ ହେବ ଏବଂ ସଡକ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଅନୁକରଣୀୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

## ଗିରଫ ଛାତ୍ର ନେତା ଓ କର୍ମୀଙ୍କୁ ଝାରପଡ଼ା ଜେଲରେ ଭେଟିଲେ ପିସିସି ସଭାପତି

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ମାର୍ଚ୍ଚ ୨୭ ତାରିଖ ଦିନ ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ପୋଲିସ ଦ୍ୱାରା ଗିରଫ ହୋଇ ଝାରପଡ଼ା ସ୍ୱତନ୍ତ୍ର କାରାଗାର ରେ ଥିବା କଂଗ୍ରେସ କର୍ମୀ ଓ ଛାତ୍ର ନେତା ମିର୍ଜା ଇସଲାମ ବେଗ, ଚନ୍ଦନ ସାହୁ, ଆସିଫ ଖାନ, ବିଜୟ କୁମାର ସାହୁ ଓ ପ୍ରତୀକ ଦାଶ ଙ୍କୁ ଆଜି ଭେଟିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ସେମାନଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଦାସ କହିଛନ୍ତି ଅଗଣତାନ୍ତ୍ରିକ ଭାବେ ଗିରଫ ଛାତ୍ର ଏବଂ କଂଗ୍ରେସ କର୍ମୀଙ୍କ ମନୋବଳ ବୃଦ୍ଧି କରିବା ଏବଂ ସାହସ ଦେବା ପାଇଁ ଆମେ ଆସିଥିଲୁ । ସେମାନଙ୍କ ସହ କଥା ହେଲି ସେମାନେ ସବୁ ପାଠ ପଢିବା ପିଲା । ଛାତ୍ର କଂଗ୍ରେସ କୁ ଦୁର୍ବଳ କରିବାକୁ ଏଭଳି ଷଡ଼ଯନ୍ତ୍ର କରାଯାଇ ଛାତ୍ର ମାନଙ୍କୁ ଗିରଫ କରାଯାଇଛି । ସେ କହିଛନ୍ତି ଆମ ପିଲାମାନେ ସତ୍ୟର ପଥରେ ଅଛନ୍ତି, ଆମ ଲଢେଇ ସତ୍ୟପଥରେ ଅଛି ।ମହିଳା ନ୍ୟାୟ, ନାରୀ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର, ଦୁଷ୍କର୍ମ ବିରୁଦ୍ଧରେ ସତ୍ୟାଗ୍ରହ ଲଢେଇ ଥିଲା ଆମର । ହିଂସା ଆମ ପିଲାମାନେ କରି ନଥିଲେ । ରାଜନୀତି ଆକ୍ରୋଶ ରଖି ଏପରି ଗିରଫ କରାଗଲା ।ବାଣୀବିହାରରେ ପଢିବାକୁ ଏବଂ ନାମ ଲେଖିବାକୁ ଆସୁଥିବା ପିଲାମାନଙ୍କୁ ଯେଉଁ ୫ ଜଣିଆ ଛାତ୍ର କଂଗ୍ରେସ ଟିମ୍ ସାହାଯ୍ୟ, ସହଯୋଗ କରୁଥିଲେ ସେମାନଙ୍କ ମଧ୍ୟରେ କେତେଜଣଙ୍କୁ ଆକ୍ରୋଶ ମୂଳକ ଭାବେ ଆଣି ତାଙ୍କ ମନୋବଳ ଭାଙ୍ଗିବା ପାଇଁ କି ଯେପରିକି ବାଣୀବିହାରରେ ଛାତ୍ର କଂଗ୍ରେସ ସଂଗଠନ ନ ହେବା ସେପରି ଅସାଧୁ ଉପାୟରେ ଚେଷ୍ଟା କରିକି ତାଙ୍କୁ ଆଣି ଜେଲ ଭର୍ତ୍ତି କରାଯାଇଛି ।ଏଭଳି କାର୍ଯ୍ୟକୁ ଦୃଢ଼ ନିନ୍ଦା କରୁଛୁ ଏବଂ ଯଦି ପୋଲିସ ତାଙ୍କ ଭିଡିଓ ରଖିଛି ତେବେ ଆମକୁ ଦେଖାନ୍ତୁ । ଯେଉଁମାନେ ଗଣ୍ଡଗୋଳ କରିଛନ୍ତି ସେମାନେ ନାହାନ୍ତି କିନ୍ତୁ ଯେଉଁମାନେ କରିନାହାଁନ୍ତି ଏବଂ ନିର୍ଦ୍ଦୋଷ ସେମାନଙ୍କୁ ଆଣି ଜେଲରେ ରଖିଛନ୍ତି । ଯଦି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାମମନ୍ଦିର ଶିଶୁ ଚୋର ଧରାପଡିଲା ବୋଲି କୁହାଯାଉଛି ତେବେ ମନିଟରିଙ୍ଗ କରି ୧୦ ହଜର ନିଖୋଜଙ୍କୁ ଉଦ୍ଧାର କରାଯାଉ ମୁଁ ନିଜେ ସରକାରଙ୍କୁ ସାଲୁଟ ମାରିବି ନହେଲେ ଆମେ ଭାବିନେବୁ କି ମୁଖ୍ୟମନ୍ତ୍ରୀଙ୍କ ପାଖରେ ନିଖୋଜ ମହିଳା ଏବଂ ଶିଶୁଙ୍କ ପାଇଁ ସମୟ ନାହିଁ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପିସିସି ସହିତ ଭକ୍ତ ଚରଣ ଦାସଙ୍କ ସହିତ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ବାଲେଶ୍ୱର ସଂସଦୀୟ କ୍ଷେତ୍ର ନେତା ନବଜ୍ୟୋତି ପଟ୍ଟନାୟକ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ, ପିସିସି ସଭାପତିଙ୍କ ବ୍ୟକ୍ତିଗତ ସଚିବ ସୁଧାଂଶୁ ଦେଓ, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର,ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ଯୁବ କଂଗ୍ରେସ ନେତା ମନୋଜ ବିଶ୍ୱାଳ ଓ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ ।

## ସବୁଜ ଓଡ଼ିଶା ଲକ୍ଷ୍ୟ ପୂରଣ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆପୋଲ ଗ୍ରୀନ ଏନର୍ଜି ଲିମିଟେଡ଼ କମ୍ପାନୀ ଦ୍ୱାରା ଓଡ଼ିଶାରେ ସୌର ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ନିମନ୍ତେ ଆଜି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ଏକ ଉପସ୍ଥାପନା ପ୍ରଦର୍ଶନ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଓ ସବୁଜ ଭାରତ ଲକ୍ଷ୍ୟକୁ ସାକାର କରିବା ଦିଗରେ ଓଡ଼ିଶା ସମ୍ପୂର୍ଣ୍ଣ ରୂପେ ପ୍ରତିଶ୍ରୁତିବଦ୍ଧ । ଓଡ଼ିଶାର ସବୁଜ ଶକ୍ତି ଲକ୍ଷ୍ୟ ହାସଲ କରିବା ନିମନ୍ତେ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ଆପୋଲ ଗ୍ରୀନ ଏନର୍ଜି ସମ୍ପ୍ରତି ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ୫୪ମେଗାୱାଟ ବିଶିଷ୍ଟ ୧୫୧ କୋଟି ଟଙ୍କାର ସୌର ବିଦ୍ୟୁତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରଖିଛି । ସେହିପରି ଓଡ଼ିଶାର ଅନ୍ୟ ଜାଗାରେ ମଧ ଗ୍ରୀନ ଏନର୍ଜି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଆଗ୍ରହୀ । ସମୁଦାୟ ୧୦୦୦ ମେଗାୱାଟର ଗ୍ରୀନ ଏନର୍ଜି ପ୍ରକଳ୍ପ ନିମନ୍ତେ ୪୫୦୦ କୋଟି ଟଙ୍କା ପୁଞ୍ଜି ନିବେଶ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଏହା ଦ୍ୱାରା ସୌରବିଦ୍ୟୁତ ଉତ୍ପାଦନ ହେବା ସଂଗେ ସଂଗେ ୩୦୦୦ ଲୋକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ନିଯୁକ୍ତି ପାଇବେ । ଆବଶ୍ୟକ ଅନୁଯାୟୀ ବିଦ୍ୟୁତ ବ୍ୟବହାର ପରେ ବଳକା ବିଦ୍ୟୁତ ବ୍ୟାଟେରୀ ଦ୍ୱାରା ଷ୍ଟୋର କରି ରଖିବା ସୁବିଧା ମଧ ଏହି ପ୍ରକଳ୍ପରେ ଉପଲବ୍ଧ ହେବ । ଏଥିପାଇଁ ସରକାରଙ୍କ ଠାରୁ ଆବଶ୍ୟକ ସହଯୋଗ କାମନା କରିଥିଲେ । ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ ସିଏମଡି ଭାସ୍କର ଜ୍ୟୋତି ଶର୍ମା, ଗ୍ରୀଡକୋ ଏମଡ଼ି ତ୍ରିଲୋଚନ ପଣ୍ଡା, ଆପୋଲ ଗ୍ରୀନ ଏନର୍ଜି ଲିମିଟେଡ଼ ସିଇଓ ସଞ୍ଜୟ ଗୁପ୍ତା, ପ୍ରେସିଡେଣ୍ଟ ରାକେଶ ଗୁପ୍ତାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ପାଳିତ



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଜୟଦେବ ଭବନଠାରେ ମହାନ ଜନନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ବିଜୁବାବୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ 'କଳିଙ୍ଗ ଭାରତୀ ଲୋକନୃତ୍ୟ ଏବଂ ସଂଗୀତ ଗବେଷଣା କେନ୍ଦ୍ର'ର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଗୁରୁ ବିଜୟ କୁମାର ଜେନା, ହରପ୍ରିୟା ସ୍ୱାଇଁ, ସୁଶାନ୍ତ ପଣ୍ଡା, ରଶ୍ମିତା ଦାଶ, ଅନିରୁଦ୍ଧ ପାଣି, ବସୁନ୍ଧରା ପରିଡ଼ା ଏବଂ ଦିବ୍ୟ ଶଙ୍କର ପାଲ ଭକ୍ତି ସଂଗୀତ ପରିବେଷଣ କରିଥିଲେ । ଏହି ଅବସରରେ କଣ୍ଠଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜୁବାବୁ ଦୀର୍ଘ ୬ ଦଶନ୍ଧି ଧରି ଓଡ଼ିଶାର ରାଜନୀତି, ଅର୍ଥନୀତି, ସାଂସ୍କୃତିକ ଜାଗରଣ ସହିତ ଓତପ୍ରୋତ ଭାବେ ଜଡିତ ଥିଲେ । ଜୀବିତାବସ୍ଥାରେ ସେ ଥିଲେ ଯେତିକି ଚର୍ଚ୍ଚିତ, ଆଜି ଅବର୍ତମାନରେ ମଧ ତାଙ୍କ କୃତି ଓ କୃତିତ୍ୱ ପାଇଁ ସେତିକି ପରିମାଣରେ ଆଜିର ପିଢି ପାଖରେ ପ୍ରେରଣାର ସ୍ରୋତ ହୋଇ ରହିଛନ୍ତି । ଏହା ପୂର୍ବରୁ ପୂର୍ବାହ୍ନରେ ବିଧାନସଭା ପରିସରରେ ବିଜୁବାବୁଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ପ୍ରତାପ ଦେବ, ବିଧାୟକ ବାବୁ ସିଂ, ଉତ୍କଳ ସମ୍ମିଳନୀର ସଦସ୍ୟବୃନ୍ଦ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଆମ ଶିମିଳିପାଳ ଯୋଜନାର ଫଳପ୍ରଦ କାର୍ଯ୍ୟକାରିତା ଉପରେ ଉଚ୍ଚସ୍ତରୀୟ ବୈଠକ



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆମ ଶିମିଳିପାଳ ଯୋଜନା ପାଇଁ ଚଳିତ ୨୦୨୫ ବଜେଟ୍ ରେ ୫୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଏହି ଯୋଜନାର ଫଳପ୍ରଦ କାର୍ଯ୍ୟକାରୀତା ଉପରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଗୁରୁବାର ଖାରବେଳ ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଆହୂତ ହୋଇଥିଲା । ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଲେ ଯେ ଶିମିଳିପାଳ ଆମ ରାଜ୍ୟର ଗର୍ବ ଓ ଗୌରବ । କେବଳ ଆମ ରାଜ୍ୟ କାହିଁକି, ସମଗ୍ର ଭାରତରେ ଏହାର ଅନନ୍ୟ ଜୈବବିବିଧତା ସୁନାମ ଆଣି ଦେଇଛି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ବୈଠକରେ ଉପସ୍ଥିତ ରହି କହିଲେ ଯେ ଆମ ଶିମିଳିପାଳ ଯୋଜନାରେ ଜନଜାତି ସମ୍ପ୍ରଦାୟଗୁଡିକର ଆର୍ଥିକ ଉନ୍ନତି ନିମନ୍ତେ ପ୍ରତିଷ୍ଠାନ ନିର୍ମାଣ, ପ୍ରାକୃତିକ ସମ୍ପଦ ଏବଂ ଜୈବ ବିବିଧତାର ସୁପରିଚାଳନା, ବନ୍ୟଜନ୍ତୁ ବାସସ୍ଥାନ ଉନ୍ନତି ଏବଂ ପରିଚାଳନା, ବନ ସୁରକ୍ଷା ସମିତି ଓ ପରିବେଶ ଉନ୍ନୟନ କମିଟି ପାଇଁ ପ୍ରତ୍ୟେକ ଗ୍ରାମରେ ସ୍ଥାନ ଚିହ୍ନଟ ଓ ସେଠାରେ ଘର ନିର୍ମାଣ ଉପରେ ଗୁରୁତ୍ୱାରୋପ କରାଯିବ । ବିଭିନ୍ନ କାର୍ଯ୍ୟ ସମ୍ପାଦନ ପାଇଁ ପ୍ରକଳ୍ପ କର୍ମଚାରୀ, ପ୍ରତିଷ୍ଠାନ ନିର୍ମାଣ ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନ, କ୍ଷୁଦ୍ର ଯୋଜନା, ଜଙ୍ଗଲ ଏବଂ ଜଳ ପରିବହନ ପରିଚାଳନା, ଜଙ୍ଗଲ ଅଗ୍ନି ପରିଚାଳନା, ଜୈବ ବିବିଧତା ସଂରକ୍ଷଣ ଏବଂ ପରିଚାଳନା, ଯୁବକମାନଙ୍କ ପାଇଁ ବୃତ୍ତିଗତ ତାଲିମ ଓ ପ୍ରାଥମିକ ହିତାଧିକାରୀଙ୍କ ପାଇଁ କ୍ଲଷ୍ଟର ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ପ୍ରକାଶ କରିଥିଲେ । ବୈଠକରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ସମ୍ବନ୍ଧରେ ବିଶଦ ଆଲୋଚନା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ବଜେଟରେ ଏହି ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୪୦ କୋଟି ଟଙ୍କାର ଆନୁପାତିକ ବ୍ୟୟବରାଦ କରିଛନ୍ତି । ପ୍ରସ୍ତାବିତ ପ୍ରକଳ୍ପ ସମ୍ବନ୍ଧରେ ଆଲୋକପାତ କରି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ନିର୍ଦ୍ଦେଶକ ମିତା ବିଶ୍ୱାଳ କହିଲେ ଯେ ଏହା ଏକ ବ୍ୟାପକ ପ୍ରକଳ୍ପ ହେବ ଯାହା ବନୀକରଣ, ଜୈବ-ବିବିଧତା ସଂରକ୍ଷଣ, ଜଳବାୟୁ ପରିବର୍ତନ ମୁକାବିଲା କାର୍ଯ୍ୟ, ଜୀବିକା ପ୍ରୋତ୍ସାହନ ଏବଂ ଆନୁଷ୍ଠାନିକ ବିକାଶ ପଦକ୍ଷେପଗୁଡ଼ିକୁ ସମନ୍ୱିତ କରିବ ଓ ଓଡ଼ିଶାରେ ଜଙ୍ଗଲ ନିକଟରେ ବାସ କରୁଥିବା ସମ୍ପ୍ରଦାୟଗୁଡ଼ିକର ସାମଗ୍ରିକ ବିକାଶ ସାଧିତ ହେବ । ଏହି ସମୀକ୍ଷା ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ମିତା ବିଶ୍ୱାଳ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଉମା ନଂଦୂରୀ, ଅତିରିକ୍ତ ସଚିବ ଦେବେନ ପ୍ରଧାନ, ଯୁଗ୍ମ ସଚିବ ଧରମ ହାଂସଦା, ଅତିରିକ୍ତ ସଚିବ ଉଷାରାଣୀ ଦାସ, ଯୁଗ୍ମ ସଚିବ ଦୀନକୃଷ୍ଣ କର ଓ ବିଭାଗୀୟ ଅନ୍ୟ ସମସ୍ତ ଉଚ୍ଚାଧିକାରୀମାନେ ଉପସ୍ଥିତ ରହି ମନ୍ତ୍ରୀ ଓ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ବହୁ ତଥ୍ୟ ଯୋଗାଇ ଦେଇଥିଲେ ।



ବୌଦ୍ଧ (ଭାସ୍କର ନ୍ୟୁଜ୍) : ଗୁରୁବାର ସନ୍ଧ୍ୟା ୫.୩୦ ମିନିଟ ସମୟରେ ଧଳପୁର ମହାନଦୀ ବ୍ରିଜ ନିକଟରୁ ୬୦ କେଜି ଗଂଜେଇ ଜବତ ମାମଲାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ସଦର ରେଞ୍ଜ ଅବକାରୀ ପୋଲିସ। ମିଳିଥିବା ସୂଚନା ଅନୁଯାୟୀ ଆଜି ସକାଳେ ଗଂଜେଇ ଚାଲାଣ ହେଉଥିବା ଖବର ପାଇ ବୌଦ୍ଧ ଅବକାରୀ ସଦର ରେଞ୍ଜ ଇନ୍ସପେକ୍ଟର ଗଦାଧର ମହାରଣାଙ୍କ ନେତୃତ୍ୱରେ ଏକ ଟିମ୍ ଧଳ ପୁର୍ ମହାନଦୀ ବ୍ରିଜ ରାସ୍ତାରେ ଚଢାଉ କରିଥିଲା। ଏକ ଟାଟା ଟାଇଗର କାରକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ବାହାରି ଥିଲା ଓ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୬୦ କେଜି ହୋଇଥିଲା । କାରରେ ଥିବା ବୌଦ୍ଧ ଥାନା ବନ୍ଧାପଥର ଗ୍ରାମର ନିରଞ୍ଜନ ସାହୁଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ NDPS ଆକ୍ଟରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି । ଦିନକୁ ଦିନ ବୌଦ୍ଧ ଜିଲ୍ଲାରେ ବେପରିକ ଭାବେ ଏହି ବେପାର ବଢୁଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ରୋକିବାକୁ ପ୍ରଶାସନକୁ ଅନୁରୋଧ କରାଯାଇଛି।

## ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି।

## ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ

ବୋଲଗଡ଼ (ଭାସ୍କର ନ୍ୟୁଜ୍) :ବୋଲଗଡ଼ ବେଗୁନିଆ ନିର୍ବାଚନ ମଣ୍ଡଳୀର ବେଗୁନିଆ ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖରେ ପ୍ରବାଦ ପୁରୁଷ, ଝଡ଼ର ଇଗଲ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୮ ତମ ତିରୋଧାନ ଦିବସ ପାଳନ ହୋଇଛି । ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଂଚ ପ୍ରଫୁଲ୍ଲ କୁମାର ପ୍ରଧାନ, ସତ୍ୟ ନାରାୟଣ ପ୍ରଧାନ,ପୂର୍ବତନ ସରପଂଚ ପ୍ରଶାନ୍ତ କୁମାର ବେହେରା,ଅର୍ଜୁନ ବେହେରାଓ ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁଙ୍କ ସମେତ ବିଜେଡ଼ି ଦଳର ସକ୍ରିୟ କର୍ମୀମାନେ ଯୋଗ ଦେଇ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ସ୍ୱର୍ଗତ ଶ୍ରୀଯୁକ୍ତ ପଟ୍ଟନାୟକ ବହୁମୁଖୀ ପ୍ରତିଭା ସହ ଓଡ଼ିଶା ପ୍ରତି ଅନନ୍ୟ ଅବଦାନ ରହିଥିଲା ବୋଲି ମତ ପ୍ରକାଶ କରିଥିଲେ।



## ମହାପ୍ରଭୁଙ୍କ ଦର୍ଶନ କଲେ ଦିଲ୍ଲୀ ବିଧାନସଭା ବାଚସ୍ପତି, ଉପବାଚସ୍ପତି ଓ ଅଖିଳେଶ ଯାଦବ



ପୁରୀ (ଭାସ୍କର ନ୍ୟୁଜ୍) : ପୁରୀ ଗସ୍ତରେ ଦିଲ୍ଲୀ ବିଧାନସଭାର ବାଚସ୍ପତି, ଉପବାଚସ୍ପତି ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟିର ନେତା ଅଖିଳେଶ ଯାଦବ। ପୁରୀରେ ପହଞ୍ଚିବା ପରେ ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପ୍ରଥମେ ଦିଲ୍ଲୀ ବିଧାନସଭାର ବାଚସ୍ପତି, ଉପବାଚସ୍ପତି ଶ୍ରୀମନ୍ଦିର ସମ୍ମୁଖରେ ତାଙ୍କୁ ସ୍ୱାଗତ କରିଥିଲେ ଶ୍ରୀମନ୍ଦିର ପ୍ରଶାସନ, ସେବାୟତ ଓ ପୁରୀ ଲୋକସଭା ସାଂସଦ ଡ଼ ସମ୍ବିତ ପାତ୍ର। ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦ୍ର ଗୁପ୍ତାଙ୍କ ସହ ତାଙ୍କ ପତ୍ନୀ ଓ ଉପବାଚସ୍ପତି ମୋହନ ସିଂ ବିଷ୍ଟ। ମହାପ୍ରଭୁଙ୍କ ଦର୍ଶନ ପରେ ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦ୍ର ଗୁପ୍ତା ତାଙ୍କ ଧର୍ମପତ୍ନୀ ଶୋଭା ବିଜେନ୍ଦ୍ର ଏବଂ ଦିଲ୍ଲୀ ବିଧାନସଭାର ଉପ ବାଚସ୍ପତି ମୋହନ ସିଂହ ବିଷ୍ଟଙ୍କୁ ମହାପ୍ରଭୁ ଙ୍କ ପଟଚିତ୍ର, ମନ୍ଦିର କ୍ୟାଲେଣ୍ଡର, ଶୁଖିଲି ଭୋଗ ଓ ଖଣ୍ଡୁଆ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ଶ୍ରୀ ସତ୍ୟ ନାରାୟଣ ମନ୍ଦିର ନିକଟରେ ହୋଇଥିବା ଜଳଛତ୍ରରେ ସାମିଲ ହୋଇ ଭକ୍ତ ମାନଙ୍କୁ ଜଳଦାନ କରି ନିଜକୁ ଭାଗ୍ୟବାନ ମନେ କରିଥିଲେ। ସେହିପରି ଓଡିଶା ଗସ୍ତରେ ଆସିଛନ୍ତି ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିବାସହ ଆଶୀର୍ବାଦ କାମନା କଲେ ସମାଜବାଦୀ ପାର୍ଟିର ନେତା ଅଖିଳେଶ ଯାଦବ। ଦର୍ଶନ ପରେ ସେ ବିଶ୍ୱର ଶାନ୍ତି ସହ ଦେଶର ଶାନ୍ତି ଓ ଉନ୍ନତି ମହାପ୍ରଭୁ ନିକଟରେ କାମନା କରିଥିବା କହିଥିଲେ। ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ପଶ୍ଚିମ ବଙ୍ଗରେ ନିର୍ମାଣ କରୁଥିବାରୁ ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଧନ୍ୟବାଦ ଦେଇ ଅଖିଳେଶ କହିଥିଲେ ଯେ ଏହିପରି ଧାର୍ମିକ କାର୍ଯ୍ୟର ଆବଶ୍ୟକ ରହିଛି।

## ୨୧ରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ସୋମବାର ୨୧ ତାରିଖ ଦିନ କଟକ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୭ଟା ସମୟରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଘଟିକା ପର୍ଯ୍ୟନ୍ତ ଚାଲିବ । ଏହି ଅଭିଯୋଗ ଶୁଣାଣି ଶିବିରରେ ବରିଷ୍ଠ ନାଗରିକ, ଅସୁସ୍ଥ ବ୍ୟକ୍ତି, ଦିବ୍ୟାଙ୍ଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଚାହୁଁଥିବା ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବ । ଅଭିଯୋଗକାରୀମାନେ ନିଜ ଅଭିଯୋଗଗୁଡିକ ଓଡିଶା ସରକାରଙ୍କ ଜନ ଶୁଣାଣି ପୋର୍ଟାଲ ( https://janasunani.odisha.gov.in)ରେ ପଞ୍ଜିକରଣ କରି ସ୍ଲଟ ବୁକିଂ କରି ନିଜ ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ପିକରଣ ଓ ସ୍ଲଟ ବୁକିଂ କରିବା ପାଇଁ ଶୁକ୍ରବାର ସକାଳ ୧୧ଘଟିକାରୁ ଶନିବାର ରାତ୍ର ୧୧.୫୯ମିନିଟ ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ କରାଯାଇଛି। ଏହି ସମୟ ମଧ୍ୟରେ ଜନଶୁଣାଣୀ ପୋର୍ଟାଲ ମାଧ୍ୟମରେ ପିକରଣ ଓ ସ୍ଲଟ ବୁକିଂ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ପୂର୍ବୋଦୟ ଯୋଜନାରେ ଓଡ଼ିଶାର ଯୋଗାଯୋଗ କ୍ଷେତ୍ରରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ରାଜ୍ୟରେ ପ୍ରାୟ ୪ ହଜାର ୧୩୭ କୋଟି ଟଙ୍କାର ୧୯ଟି ଜାତୀୟ ରାଜପଥ ପ୍ରକଳ୍ପ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଲୋକାର୍ପଣ ଓ ଶିଳାନ୍ୟାସ ହୋଇଛି। ଆଜି ଲୋକାର୍ପଣ ଏବଂ ଶିଳାନ୍ୟାସ ହୋଇଥିବା ରାଜପଥ ପ୍ରକଳ୍ପ 'ପୂର୍ବୋଦୟ' ଯୋଜନାରେ ଓଡ଼ିଶାର ଯୋଗାଯୋଗ କ୍ଷେତ୍ରରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଏକ ଭିଡିଓ ମେସେଜ୍ ଜରିଆରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସଡ଼କ ସୁରକ୍ଷା ସଚେତନତା ନେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ବର୍ତ୍ତମାନ ସମୟରେ ବିଶ୍ୱରେ ରୋଡ୍ ସେଫଟି ବା ସଡ଼କ ସୁରକ୍ଷା କେତେ ଜରୁରୀ ହୋଇ ପଡିଛି । ଏଭଳି ସମୟରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ନେତୃତ୍ୱରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦେଶର ସମସ୍ତ ସ୍କୁଲରେ ସଚେତନତା ସୃଷ୍ଟି କରିବା ପାଇଁ 'ସଡକ ସୁରକ୍ଷା ଅଭିଯାନ'ରେ ସାମିଲ ହୋଇଛି । ସ୍କୁଲ ଶିକ୍ଷା ବ୍ୟବସ୍ଥାରୁ ସବୁ କ୍ଷେତ୍ରରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନକୁ ଏକ ବ୍ୟାପକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି ।

## ଗଞ୍ଜାମ ଓଷ୍ଟା ତରଫରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ,ଓଷ୍ଟକ୍ଷ,ଗଞ୍ଜାମ ଜିଲ୍ଲା ତରଫରୁ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଏସ. ଧନଞ୍ଜୟ, ଡ଼. ପ୍ରଭାତୀ କୁମାରୀ ମହାପାତ୍ର ଓ ବସନ୍ତ କୁମାର ପଣ୍ଡାଙ୍କୁ ସଭାପତି ସନ୍ତୋଷ କୁମାର ଜେନା, ସମ୍ପାଦକ ବିଜୟ କୁମାର ବେହେରା, ଉପସଭାପତି ଅଶୋକ କୁମାର ହୋତା, ବାସନ୍ତୀ ଷଡ଼ଙ୍ଗୀ, ଉପଦେଷ୍ଟା ହିମାଂଶୁ କୁମାର ପଟ୍ଟନାୟକ, ଭିକାରୀ ଚରଣ ଗୌଡ଼ ରାଜ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟ ଡ. ବିଜୟ ଚନ୍ଦ୍ର ମହାରଣା, ହରିହର ରାଉତ ପ୍ରମୁଖ ଭେଟି ସ୍ୱାଗତ ଅଭିନନ୍ଦନ ଜଣାଇବା ସହ ପେନସନ ସମ୍ପର୍କିତ ଆଲୋଚନା କରାଯାଇଥିଲା କ୍ଷ ଜିଲ୍ଲାଶିକ୍ଷାଧିକାରୀ ଏହା ଉପରେ ଗୁରୁତ୍ୱ ଦେଇ ସମସ୍ତଙ୍କ ସହଯୋଗରେ ଏସବୁ ସମସ୍ୟା ସମାଧାନ ଯଥାଶୀଘ୍ର କରାଯିବା ପାଇଁ ପ୍ରତିଶୃତି ଦେଇଥିଲେ। ଓଷ୍ଟକ୍ଷ କର୍ମକର୍ତା ଓ ବିଭିନ୍ନ ସଂଗଠନର ସହଯୋଗରେ ଜିଲ୍ଲାର ଶିକ୍ଷା, ଶିକ୍ଷକ ଓ ଶିକ୍ଷକ୍ଷୟତନର ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେବା ଉପରେ ଜିଲ୍ଲାଶିକ୍ଷାଧିକାରୀ ମତ ରଖିଥଲେ।

## ୨୬ ନମ୍ବର ୱାର୍ଡରେ ଆୟୁଷ୍ମାନ୍ କାର୍ଡ ବିତରଣ

କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ବାସୀଙ୍କ ପାଇଁ ଉନ୍ନତ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ନିମନ୍ତେ ଲୋକଙ୍କ ସରକାର ରାଜ୍ୟରେ ଆୟୁଷ୍ମନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମନ ବୟୋ ବନ୍ଦନା ଯୋଜନା ଲାଗୁ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଝୋଲା ସାହିରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଆସୁଥିବା ପାଞ୍ଚଟି ୱାର୍ଡର ଜନ ସାଧାରଣଙ୍କୁ ନୂତନ କାର୍ଡ କର୍ପୋରେଟର ମାନଙ୍କ ଦ୍ୱାରା ନିମ ସାହି ସାଗର ମଣ୍ଡପରେ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପି ଯୁବ ନେତା ୨୬ନମ୍ବର ୱାର୍ଡ କର୍ପୋରେଟର ଗଗନ ଓଝା, ୨୭ନମ୍ବର ୱାର୍ଡ କର୍ପୋରେଟର ଇତିଶ୍ରୀ ଦାସ, ୨୮ନମ୍ବର କର୍ପୋରେଟର ବନଲତା ପ୍ରଧାନ, ୨୯ନମ୍ବର କର୍ପୋରେଟର ରବିନାରାୟଣ ସାହୁ, ୩୦ନମ୍ବର କର୍ପୋରେଟର ସୁମିତ୍ରା ବସ୍ତିଆ, ଡ଼ଃ ଦେବଶ୍ରୀତା ମହାନ୍ତି, ଦେବଦର୍ଶିନୀ ରଥ, ରୂପାଲି ବିଶ୍ୱାଳ, ଅମୀୟ ସାମଲ, ଅମର ରାଉତ, ରିନାରାଣୀ ବ୍ରହ୍ମା, ତରୁଲତା ଜେନା, ନର୍ମଦା ରାଣୀ ବେହେରା, ରତ୍ନାକର ପ୍ରଧାନ, କାବେରୀ ବେହେରା, ଦେବଦତ୍ତ ଦିବ୍ୟଜ୍ୟୋତି ଦେ, ଦୀପ୍ତିମୟୀ ଜେନା, ପ୍ରଜ୍ଞା ପରମିତା ମିଶ୍ର, ମମତା ରାଣୀ ମହାନ୍ତି ଉପସ୍ଥିତ ଥିଲେ।



## ଲକ୍ଷ ପତି ଦିଦି ନବୀନ ବାବୁ ସୃଷ୍ଟି କରିଥିଲେ: ପ୍ରମିଳା ମଲ୍ଲିକ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଲକ୍ଷପତି ଦିଦିରେ ଓଡିଶା ଏକ ନମ୍ବର ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ସେ ପ୍ରଶ୍ନ କରିଛନ୍ତି ୧୦ ହଜାର ଟଙ୍କାରେ ଲକ୍ଷ ପତି ଦିଦି ହୋଇଗଲେ କି ? ଲକ୍ଷ ପତି ଦିଦି ନବୀନ ବାବୁ ସୃଷ୍ଟି କରିଥିଲେ । ମହିଳାଙ୍କୁ ଜୀବିକା ଦେଇ ସଶକ୍ତ କରିଥିଲେ । ଏ ସରକାର କେବଳ ବାଃ ବାଃ ନେଉଛି। ଲୋକେ ସବୁ ବୁଝିଲେଣି ବୋଲି ପ୍ରମିଳା ମଲ୍ଲିକ କହିଛନ୍ତି ।

## ୨୫ବର୍ଷ ଭଲ କାମ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ୱୀକୃତି ପାଇଥିଲୁ: ନବୀନ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ୨୦୦୦-୨୦୨୪ ଯାଏ ଆମେ ଭଲ କାମ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ୱୀକୃତି ପାଇଥିଲୁ ବୋଲି ନବୀନ ପଟ୍ଟନାୟକ କହିଛନ୍ତି । ମହାନ ଜନନାୟକ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ନବୀନ କହିଛନ୍ତି ଯେ, ଓଡ଼ିଶାକୁ ଏକ ନମ୍ବର କରିବା ତାଙ୍କ ସ୍ୱପ୍ନ ଥିଲା । ତାଙ୍କ ସ୍ୱପ୍ନକୁ ସକାର କରିବାକୁ ୨୦୦୦ ରୁ ୨୦୨୪ ଯାଏଁ ଆମେ ଭଲ କାମ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ୱୀକୃତି ପାଇଥିଲା । ଆମ ମହାନ ଲୋକଙ୍କୁ ହଟାଇବାକୁ ଚେଷ୍ଟା ଚଳାଇ ଇତିହାସ ବଦଳାଇବାକୁ ଚେଷ୍ଟା ଚାଲିଛି । ହେଲେ ଏହା କେହି କରି ପାରିବେ ନାହିଁ । ତେଣୁ ସମୟ ନଷ୍ଟ ନ କରି ବିକାଶର ନୂଆ ଅଧ୍ୟାୟ ସୃଷ୍ଟି କଲେ ଓଡ଼ିଶାର ମଙ୍ଗଳ ହେବ ବୋଲି ନବୀନ ପଟ୍ଟନାୟକ କହିଛନ୍ତି ।

## କଟକ ଜିଲ୍ଲା ବିଜେଡି ପକ୍ଷରୁ ତିଳତର୍ପଣ କାର୍ଯ୍ୟକ୍ରମ



କଟକ,(ଭାସ୍କର ନ୍ୟୁଜ୍): କଟକ ଗଡ଼ଗଡ଼ିଆ ମହାନଦୀ ଘାଟରେ ଆଜି କଟକ ଜିଲ୍ଲା ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ତିଳତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ବିଜେଡି ନଗର ସଭାପତି ମଧୁସୂଦନ ସାହୁ, ଶତାଧିକ ନେତା ଓ କର୍ମୀ ଓ ବିଭିନ୍ନ ୱାର୍ଡ଼ର କର୍ପୋରେଟରମାନେ ଯୋଗ ଦେଇଥିଲେ । ଏହି ଅବସରରେ ବିଜୁ ବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା।

## ଆମ ଦଳ ନିଷ୍ପତ୍ତି ନେବ, କିଏ ହେବ ସଭାପତି: ମନମୋହନ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଆମ ଦଳ ଗଣତନ୍ତ୍ରରେ ଚାଲେ । ୩ ବର୍ଷରେ ଥରେ ସାଂଗଠନିକ ନିର୍ବାଚନ ହୁଏ । ନିର୍ବାଚନ କମିଶନ ସମସ୍ତଙ୍କୁ ନିର୍ବଚନ କରିବାକୁ କହିବାରୁ ବାଧ ହୋଇ କାଗଜ ପତ୍ରରେ ଏ କାମ କରୁଛନ୍ତି । ବିଜେଡିରେ ଗଣତନ୍ତ୍ର ଥିଲେ ଏ ଦିନ ଦେଖିବାକୁ ପଡି ନଥାନ୍ତା । ତାଙ୍କ ଦଳରେ କଥା କହିବାକୁ ଅଧିକାର ନଥିଲା ।. ହାତ ଗଣତି ଜଣେ ଦୁଇ ଜଣ ଲୋକଙ୍କ ନିର୍ଦ୍ଦେଶରେ ଶାସନ ଚାଲୁଥିଲା । ଆମ ସଭାପତି ଆମ ଦଳ ନିଷ୍ପତ୍ତି ନେବ । ୧୫ ଟି ରାଜ୍ୟରେ ସାରିଲାଣି ଆଉ ୧୧ ଟି ରାଜ୍ୟ ବାକି ଅଛି । ଆମ ଦଳ ନିଷ୍ପତ୍ତି ନେବ କେବେ ହେବ କିଏ ହେବ ବୋଲି ମନମୋହନ ସାମଲ କହିଛନ୍ତି ।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ

ପୁରୀ (ଭାସ୍କର ନ୍ୟୁଜ) : ଭାରତ ବର୍ଷ ମୁକ୍ତି ଆନ୍ଦୋଳନର ଅନନ୍ୟ ମହାନ ଜନନାୟକ, ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତିକ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ ତମ ତିରୋଧାନ ଦିବସରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ଠାରେ ପାଳନ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ କାର୍ଯ୍ୟକ୍ରମ ରୂପାୟନ କମିଟି, ଓଡ଼ିଶା ର ଅଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ କୃଷ୍ଣପ୍ରସାଦ, ବ୍ରହ୍ମଗିରି ଓ ପୁରୀ ସଦର ବ୍ଲକ ବିଜୁ ଜନତା ଦଳ କର୍ମୀମାନଙ୍କ ସହିତ କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ଉଉଇ ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି।ଇତିହାସ ସମସ୍ତେ ସୃଷ୍ଟି କରନ୍ତି ନାହିଁ, ସବୁ ଦିନେ ବି ଇତିହାସ ସୃଷ୍ଟି ହୁଏନାହିଁ। ଜଣେ ଜଣେ ଇତିହାସ ପୁରୁଷଙ୍କର ଗୋଟିଏ ଗୋଟାଏ ମୁହୂର୍ତ୍ତର ନିଷ୍ପତି ଇତିହାସର ଧାରା ବଦଳେଇ ଦେଇଥାଏ। ଏଥିପାଇଁ ଯେ ନିରବଚ୍ଛିନ୍ନ ସାଧନା ନଥାଏ, ତା' ନୁହେଁ କି ନିଷ୍ପତ୍ତି ମୁହୂର୍ତ୍ତକର। ଏହି ଯୁଗଜନ୍ମା ବ୍ୟକ୍ତିଙ୍କ ମଧ୍ୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଅନ୍ୟତମ । ସ୍ୱପ୍ନ ଦେଖିବା ଏବଂ ସ୍ୱପ୍ନକୁ ସତ୍ୟରେ ପରିଣତ କରାବା ଏ ଦୁଇଟିର ସମନ୍ୱୟ କରିଥିଲେ ବିଜୁ ପଟ୍ଟନାୟକ। ରାଜନୀତି ଦୃଷ୍ଟିରୁ ବିତର୍କିତ ହେଲେ ହେଁ ମାନବତା ଦୃଷ୍ଟିରୁ ସେ ନିର୍ବିବାଦୀୟ ଥିଲେ ଏ କଥା କହିବାରେ ଅପତି ନ ରହିପାରେ। ଓଡ଼ିଶାରେ ସେ ନିଶ୍ଚୟ ଏକ ବିସ୍ମୟ, ଭାରତରେ ଏକ ପ୍ରତ୍ୟୟ ଏବଂ ବିଶ୍ୱରେ ଏକ ନିର୍ଭୟର ସେ ଥିଲେ ପ୍ରତିକ। ଜଣେ ଦୁଃସାହସି, ବୀର ଭାବରେ ସ୍ୱାଧୀନଚେତା ଓ ସ୍ୱାଧୀନତା ସଂଗ୍ରାମୀର ବିଭିନ୍ନ ପର୍ଯ୍ୟାୟରେ ନିଜର ଦୁର୍ବାର ଶକ୍ତି ଓ ସଂକଳ୍ପ ର ପ୍ରମାଣ ଦେଇଥିଲେ ଯାହା ସାରା ଭାରତକୁ ପରିବ୍ୟାପ୍ତ ହୋଇଥିଲା ଏବଂ ପୃଥିବୀକୁ ଚମତ୍କୃତ କରିଥିଲା। ଓଡ଼ିଶାର ସେଇ ଐତିହାସିକ କଳିଙ୍ଗ ସମ୍ରାଟ ଐର ଖାରବେଳଙ୍କ ଗୋଟିଏ କ୍ଷୁଦ୍ର ସଂସ୍କରଣ ବିଜୁ ପଟ୍ଟନାୟକ ଯୁଗ ଇତିହାସ ହୋଇଗଲା। ତାଙ୍କ ନିର୍ଭୀକ ଜୀବନ, ଅଦମ୍ୟ ସାହସ କୋଟି କୋଟି ଓଡ଼ିଆଙ୍କ ପାଇଁ ପ୍ରେରଣା ହୋଇ ରହିଗଲା। ଲୋକଙ୍କ ସହ ରହିବା ଓ ଲୋକଙ୍କ ଲାଗି କାମ କରିବାକୁ ସେ ଦେଇଥିବା ମନ୍ତ୍ର ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ସେବା ପାଇଁ ଆମକୁ ସର୍ବଦା ଅନୁପ୍ରାଣିତ କରିବ। ବିଜୁ ପଟ୍ଟନାୟକ କୋ?ଣସି ଦଳ ବା ଗୋଷ୍ଠୀର ନେତା ନୁହନ୍ତି, ସେ ଓଡ଼ିଶାର ସର୍ବମାନ୍ୟ ନେତା ଓ ଆନ୍ତର୍ଜାତିକ ରାଜନୀତିରେ ପ୍ରତିଷ୍ଠା ପାଇଥିବା ଓଡ଼ିଶାର ମହାନନାୟକ। ବିଜୁ ବାବୁଙ୍କ ପ୍ରତି ପ୍ରତ୍ୟକ ମନରେ ରହିଛି



ପ୍ରଚଣ୍ଡ ଶ୍ରଦ୍ଧା ଓ ଅସିମ ଭଲପାଇବା। ରାଜ୍ୟର ବିକାଶରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଓଡ଼ିଶା ବାସୀ ଭୁଲି ନାହାଁନ୍ତି, ସ୍ୱାଧୀନତା ସଂଗ୍ରାମ ଓ ପରବର୍ତ୍ତୀ ସମୟରେ ଦେଶ ଗଠନରେ ତାଙ୍କ ଭୂମିକାକୁ ମଧ୍ୟ ଭାରତବାସୀ ଭୁଲେବେ ନାହିଁ। ତାଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ କେନ୍ଦ୍ରସରକାରଙ୍କ ନିକଟରେ ଓଡ଼ିଶା ବାସୀଙ୍କ ଦାବି ଏଯାଏଁ ଅପୂରଣୀୟ ରହିଛି। ସମଗ୍ର ଓଡ଼ିଆ ଜାତି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ନେଇ ଗର୍ବ କରୁଥିବା ବେଳେ ରାଜ୍ୟର ବିଜେପି ସରକାରଙ୍କୁ 'ବିଜୁ' ଙ୍କ ନାମ ବିଷ ପରି ଲାଗୁଛି। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରଠାରୁ କଟକ ଜିଲ୍ଲା ମାହାଙ୍ଗା ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରୁ ମୁଣ୍ଡ ଅଲଗା କରିବା ଏବଂ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ ପୋଡ଼ାଜଳା ହେବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ଓ ଦୁଃଖ ଦାୟକ। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ନିଆଁ ଲଗାଇବା କେବଳ ଏକ ଜଘନ୍ୟ ଅପରାଧ ନୁହେଁ ଓଡ଼ିଶାର ସ୍ୱାଭିମାନୀ ଓ ଅସ୍ମିତା କୁ ଭୁଲୁଣ୍ଠିତ କଲାଭଳି ଦୁର୍ଭାଗ୍ୟଜନକ ଘଟଣା। ସେହିପରି ବିଜୁ ପଟ୍ଟନାୟକଙ୍କ ନାମ ଥିବା ଏକାଧିକ ଯୋଜନା କୁ ପରିବର୍ତ୍ତନ କରିଛି ଏ ବିଜେପି ସରକାର। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଗାଣ, ବିଜୁ ସେତୁ ଯୋଜନା, ବିଜୁ ପକ୍କାଘର ଯୋଜନା, ବିଜୁ କେବିକେ ଯୋଜନା ଆଦିର ନାମ ପରିବର୍ତ୍ତନ କରିଛନ୍ତି। ବିଜୁ ପଟ୍ଟନାୟକଙ୍କ ନାମରେ ଦିଆଯାଉଥିବା ରାଜ୍ୟ କ୍ରୀଡ଼ା ପୁରସ୍କାର ନାମକୁ ମଧ୍ୟ ପରିବର୍ତ୍ତନ ରାଜ୍ୟ ବିଜେପି ସରକାର ଉଦ୍ୟମ କରିଥିଲେ। ମାତ୍ର ରାଜ୍ୟ ବ୍ୟାପୀ ଏହା ବିରୋଧରେ ଅସନ୍ତୋଷ ତେଜିପା ପରେ ସରକାର ଏଥିରୁ ବିରତ ରହିଥିଲେ। ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରବର୍ତ୍ତକ ଭାବରେ ବିଜୁ ବାବୁଙ୍କ ଜୟନ୍ତୀ ରେ ପାଳନ ହେଉଥିବା ପଞ୍ଚାୟତରଜା ଦିବସକୁ ପରିବର୍ତ୍ତନ କରାଯାଇଛି। ଓ ସରକାରୀ ଛୁଟିକୁ ବାତିଲ କରାଯାଇଛି। କେବଳ ସେତିକି ନୁହେଁ ବିଜୁ ବାବୁଙ୍କ ନାମରେ ନାମିତ ଇସ୍ପାତ ଏକାଡେମୀ କୁ ମୃତ୍ୟୁ ଶଯ୍ୟାକୁ ଠେଲି ଦିଆଯାଇଛି। ସେହିପରି ବିଜୁ ପଟ୍ଟନାୟକଙ୍କ ଆନ୍ତର୍ଜାତୀୟ ବିମାନବନ୍ଦରକୁ ବିଜୁ ବାବୁ ଙ୍କ ନାମକୁ ଲିଭାଇବା ପ୍ରସ୍ତୁତି ବି ଏ ବିଜେପି ସରକାର ଆରମ୍ଭ କରିଛନ୍ତି। ବିଜୁ ଲିଗାସୀ ଓ ବିଜୁ ପଟ୍ଟନାୟକଙ୍କ ନାମକୁ ନେଇ ବିଜେପିର ଏହିପରି ବିଚାରକୁ ନେଇ ଓଡ଼ିଶା ବାସୀ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ବିଜୁ ପଟ୍ଟନାୟକଙ୍କ ଓଡ଼ିଶା ର ବରପୁତ୍ର। ଦେଶର ସ୍ୱାଧୀନତା ପ୍ରାପ୍ତି ତଥା ଓଡ଼ିଶା ର ସାମଗ୍ରୀକ ବିକାଶ କ୍ଷେତ୍ରରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ ଓ ଅବର୍ଣ୍ଣନୀୟ। ତାଙ୍କୁ କୌଣସି ରାଜନୀତିକ ବନ୍ଧନୀ ମଧ୍ୟରେ ସୀମିତ ରଖିବା ଦେଶ ପ୍ରତି ଅସମ୍ମାନ। ବିଜୁ ପଟ୍ଟନାୟକଙ୍କ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କ ପରଲୋକ ରେ ତିନୋଟି ଦେଶର ଜାତୀୟ ପତାକା ଅର୍ଦ୍ଧନିର୍ମିତ ହୋଇଥିଲା। ତାଙ୍କୁ ଭାରତ ରତ୍ନ ଦେବା ପାଇଁ ଓଡ଼ିଶା ବାସୀ ବାରମ୍ବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ତାଙ୍କୁ ସମ୍ମାନ ବା ଭାରତ ରତ୍ନ ଦେବା ପାଇଁ ଉଦ୍ୟମ ତ ଦୂରର କଥା ଏବେ ତାଙ୍କ ନାମ ଲେଭାଇ ଦେବାକୁ ରାଜ୍ୟ ବିଜେପି ସରକାର ଉଦ୍ୟମ କରୁଛି। ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ କରିବା ପରି କାର୍ଯ୍ୟ ରାଜ୍ୟ ବିଜେପି ସରକାର ନିରନ୍ତର କରୁଛନ୍ତି। ଏହା ଓଡ଼ିଶା ବାସୀଙ୍କୁ ପ୍ରଚଣ୍ଡ ଆଘାତ ଦେଇଛି । ତେଣୁ ସଂକୀର୍ଣ୍ଣ ରାଜନୀତିରୁ ଉର୍ଦ୍ଧ୍ୱକୁ ନ ଉଠିଲେ ଓଡ଼ିଶା ବାସୀ ବିଜେପି କୁ କ୍ଷମା କରିବେ ନାହିଁ ବୋଲି ଶ୍ରୀ ଦାସବର୍ମା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁ, କୃଷ୍ଣପ୍ରସାଦ ବ୍ଲକ ବିଜୁ ଜନତା ଦଳ ସଭାପତି ଲକ୍ଷ୍ମୀଧର ସାହୁ, କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ପୁରୀ ସଦର ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ କାର୍ତ୍ତବିଜ୍ୟ ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ ସନ୍ଦିପ କୁମାର ଜେନା, ବରିଷ୍ଠ ନେତା ରମେଶ ପଲେଇ, ପଦ୍ମ ଚରଣ ଜେନା, ରାମଚନ୍ଦ୍ର ଷଡ଼ଙ୍ଗୀ , ଭଗବାନ ନାୟକ, ରଘୁନାଥ ଜେନା, ମହିଳା ନେତ୍ରୀ ମାନସୀ ହରିଚନ୍ଦନ, ସସ୍ମିତା ସାହୁ, ସକୁନ୍ତଳା ମିଶ୍ର, ବ୍ରହ୍ମଗିରି ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ, ଯୁବ ନେତା ବିଜୟ କୁମାର ଦଳେଇ, ନରସିଂହ ପତି, ବୃନ୍ଦାବନ ପ୍ରଧାନ, ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ବ୍ରହ୍ମପୁର ସରପଞ୍ଚ ସନ୍ତୋଷ କୁମାର ଜେନା, ସମିତି ସଭ୍ୟ କାଳୁ ଜେନା, ସମିତି ସଭ୍ୟ ମଣ୍ଟୁ ପ୍ରଧାନ, ଗୋଲାପ ସ୍ୱାଇଁ, ସର୍ବେଶ୍ୱର ଜେନା , ଯୁବ ଛାତ୍ର ଜନତା ଦଳ ପ୍ରତିନିଧି ଓ ପ୍ରମୁଖ ମହିଳା ନେତୃମଣ୍ଡଳୀ ଏବଂ ବହୁ ବିଜୁ ପ୍ରେମୀ ଉପସ୍ଥିତ ଉପସ୍ଥିତ ଥିଲେ।

## ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଚନ୍ଦ୍ରଶେଖର ଭାରତୀୟ ରାଜନୀତିର ଜଣେ ସୁଦୃଢ ସ୍ତମ୍ଭ ଥିଲେ, ଯାହାଙ୍କର ପରିଚୟ ତାଙ୍କ ସିଦ୍ଧାନ୍ତ, ସ୍ପଷ୍ଟ ବିଚାର ଓ ନିର୍ଭିକ ନେତୃତ୍ୱ ପାଇଁ ହେଉଥିଲା । ସେ ସବୁବେଳେ ଲୋକଙ୍କ ସ୍ୱରକୁ ସୁଦୃଢ ଭାବେ ସଂସଦରେ ଉଠାଉଥିଲେ ଏବଂ ଦେଶହିତକୁ ସର୍ବୋପରି ରଖିଥିଲେ । ତାଙ୍କ ସଂଘର୍ଷପୂର୍ଣ୍ଣ ଜୀବନ, ଅତୁଟ ରାଷ୍ଟ୍ରଭକ୍ତି ଓ ଜନସେବା ପ୍ରତି ସମର୍ପଣ ଆମକୁ ସବୁବେଳେ ପ୍ରେରିତ କରୁଥିବ । ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ଜୟନ୍ତୀ ଅବସରରେ ତାଙ୍କୁ ସାଦର ପ୍ରଣାମ କରୁଛି।

## ଏରଞ୍ଚରେ ବାଦି ପାଲା



ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ ଦେବୀକନ୍ଦଳ ଦୀପାଞ୍ଚଳ ଏରଞ୍ଚ ବଟ ଗୋସ୍ୱାମୀଙ୍କ ପୀଠରେ ୫ ଦିନ ବ୍ୟାପି ବାଦୀ ପାଲା ମହା ବିଷୁବ ପଣା ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଛି। ଗାୟକ ଜ୍ଞାନ ଭୂଷଣ ଡ଼. ଶିଶିର କୁମାର ପାଢ଼ୀ, ଗାୟକ ଉଜ୍ଜ୍ୱଳ ବିଜୟ କୁମାର ଓଝା ଓ ତାଙ୍କ ସାଥିମାନେ ପାଲା ପରିବେଷଣ କରୁଛନ୍ତି। ଆଖ ପାଖ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହେଉଛି। ଉକ୍ତ ଅନୁଷ୍ଠାନଟି ଅଞ୍ଚଳର ବହୁ ପୁରାତନ ଅନୁଷ୍ଠାନ ଭାବେ ଖ୍ୟାତି ଲାଭ କରିଛି।



# ଆମ କଳାହାଣ୍ଡି





# ଲେଖକ କଳା ପରିଷଦର ବିଷୁବମିଳନ



ଭବାନୀପାଟଣା, ( ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ କଳାହାଣ୍ଡି ଲେଖକ କଳା ପରିଷଦ ପରିସରରେ ଥିବା ରଙ୍ଗମଞ୍ଚ ଠାରେ ଗତ ୧୪ ଓ ୧୫ ଏପ୍ରିଲ ଦୁଇ ଦିନ ଧରି ଚାଲିଥିବା 'ବିଷୁବ ମିଳନ ଉତ୍ସବ-୨୦୨୫' ଏକ ସାରସ୍ୱତ ପରିବେଶରୁ ଆରମ୍ଭ ହୋଇ ଏକ ସଂଗୀତମୟ ସଂଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ୧୪ ତାରିଖ ପୂର୍ବାହ୍ନରେ ଆୟୋଜିତ ବିଷୁବ କାବ୍ୟ ଉତ୍ସବକୁ ବିଶିଷ୍ଟ ସାହିତ୍ୟିକ ବିରଞ୍ଚି ନାରାୟଣ ପଣ୍ଡା ଉଦ୍‌ଘାଟନ କରିଥିଲେ ଓ ଉତ୍ସବରେ ପୌରହିତ୍ୟ କରିଥିଲେ କଳାହାଣ୍ଡି ଲେଖକ କଳାପରିଷଦର ଉପ ସଭାପତି ଡ. ତପନ କୁମାର ରଥ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ନିମନ୍ତ୍ରିତ କବିମାନେ କବିତା ପାଠ କରିଥିଲେ ଓ କବିତା ପାଠୋତ୍ସବକୁ ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡା ଓ ରଚିତା ମେହେର ସଂଯୋଜନା କରିଥିଲେ ଓ ପରିଷଦର କୋଷାଧ୍ୟକ୍ଷ ଭାଗିରଥି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେଦିନ ସଂଧ୍ୟାର ସାରସ୍ୱତ ଉତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଥିଲା ନିଆରା। କଳା ପରିଷଦର ଉପସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାରସ୍ୱତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍, ସମ୍ମାନିତ ଅତିଥି ଭାବେ ଓଡ଼ିଆ ସଂଗୀତ ନାଟକ ଏକାଡେମୀର ପ୍ରାକ୍ତନ ସଚିବ ପ୍ରବୋଧ କୁମାର ରଥ, ଲେଖକ କଳା ପରିଷଦ ସମ୍ପାଦକ ଭବନାଥ ରାୟଗୁରୁ ଯୋଗଦେଇ ଥିଲାବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ, ଇଂରାଜୀ ବିଭାଗ ରାଜେନ୍ଦ୍ର କୁମାର ପାଢୀ ଯୋଗ ଦେଇ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ବିଶଦ୍ ଆଲୋଚନା କରିଥିଲେ। ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଗୋପୀନାଥ ବାଗଙ୍କୁ 'ସ୍ୱର୍ଗତ ରାମଚନ୍ଦ୍ର ରଥ ସାହିତ୍ୟ ସମ୍ମାନ', ପ୍ରତିଭା ଅନୁଷ୍ଠାନର ସଭାପତି ଧାନାନନ୍ଦ ପଣ୍ଡାଙ୍କୁ 'ସ୍ୱର୍ଗତ ଗୟାଧର ରାୟଗୁରୁ ସଂଗଠକ ସମ୍ମାନ', ବିଶିଷ୍ଟ କଣ୍ଠଶିଳ୍ପୀ ଶୁଭେନ୍ଦୁ କୁମାର ପାଢୀଙ୍କୁ 'ସ୍ୱର୍ଗତ ହରିହର ମହାପାତ୍ର ସଂଗୀତ ସମ୍ମାନ' ଓ ଯୁବ କଣ୍ଠଶିଳ୍ପୀ ସୁଶ୍ରୀ ଅନ୍ତରା ପଟ୍ଟନାୟକଙ୍କୁ 'ସ୍ୱର୍ଗୀୟା ବୀଣାପାଣି ପୁରୋହିତ ଯୁବ ସଂଗୀତ ସମ୍ମାନ' ପ୍ରଦାନ ପୂର୍ବକ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଆକାଶବାଣୀର ଅନ୍ୟତମ ଉଦ୍‌ଘୋଷକ ଶୁଭେନ୍ଦୁ କୁମାର ମହାପାତ୍ର ଓ ଶେଷରେ କବି ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ ସଂଧ୍ୟାରେ ଲେଖକ କଳା ପରିଷଦର ପରିବେଶ ସଙ୍ଗୀତମୟ ହୋଇ ଉଠିଥିଲା। ଏହି ମନୋଜ୍ଞ କାର୍ଯ୍ୟକ୍ରମରେ ପରିଷଦର ସଂଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ ଓ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଉପସ୍ଥିତ ଥିଲେ। ଗୁରୁ ଶୁଭ୍ରାଂଶୁ ଶେଖର ମିଶ୍ର ଓ ପରିଷଦ ପରିଚାଳିତ ସଂଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଗୁରୁଜୀ ମାନଙ୍କ ଦ୍ୱାରା ପରିବେଶିତ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଓ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ଉପସ୍ଥିତ ଶ୍ରୋତାମାନଙ୍କୁ ଦୀର୍ଘ ସମୟ ଧରି ମନ୍ତ୍ରମୁଗ୍ଧ କରି ଦେଇଥିଲା। ମଞ୍ଚ ପରିଚାଳନା କରିଥିଲେ ଯୁବ ନାଟ୍ୟ ନିର୍ଦ୍ଦେଶକ ସୌରଭ ମହାପାତ୍ର ଓ ଯୁବ କବି ପ୍ରତାପ ଚନ୍ଦ୍ର ପଣ୍ଡା। ଦୁଇ ଦିନ ଧରି ଅନୁଷ୍ଠିତ ଏହି ସମାରୋହରେ ବହୁ ନିମନ୍ତ୍ରିତ ଅତିଥି, କଳା ଓ ସାହିତ୍ୟ ପ୍ରେମୀ ବ୍ୟକ୍ତି ବିଶେଷ ତଥା ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ଓଡ଼ିଆ ଝିଅ ଶ୍ରେଷ୍ଠାଙ୍କ ସଫଳତା

# ପ୍ରସ୍ତୁତ କରିଛନ୍ତି ସାଇଣ୍ଟିଫିକ କାଲ୍‌କୁଲେଟର ସଫ୍ଟୱେର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ପଞ୍ଜାବର ଲଭଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟରେ କଳାହାଣ୍ଡିର ଛାତ୍ରୀ ଶ୍ରେଷ୍ଠା ବେହେରା ସାଇଣ୍ଟିଫିକ କାଲ୍‌କୁଲେଟର ପ୍ରସ୍ତୁତ କରିଛନ୍ତି। ତାଙ୍କର ଏହି ସଫ୍ଟୱେର ପ୍ୟାଟେଣ୍ଟ ପାଇବା ପରେ ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ର ପାଲଟିଛି। ଖବରରୁ ପ୍ରକାଶ ଯେ, ଭବାନୀପାଟଣା ସହରସ୍ଥିତ ଘୋଡ଼ାଘାଟ ଛକ ନିକଟରେ ରହୁଥିବା ଚିନ୍ମୟ ବେହେରା ଓ ଆରାଧନା ବେହେରାଙ୍କ ଝିଅ ଶ୍ରେଷ୍ଠା କଳାହାଣ୍ଡି ଜିଲ୍ଲା ପଞ୍ଜାବର ଲଭଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ସାଇନ୍ସରେ ତୃତୀୟ ବର୍ଷରେ ବିଟେକ ଅଧ୍ୟୟନ କରୁଛନ୍ତି। ସେ ସାଇଣ୍ଟିଫିକ କାଲ୍‌କୁଲେଟର ପ୍ରସ୍ତୁତ କରିଛନ୍ତି। ଏହି କାଲକୁଲେଟର ପୃଥିବୀର ମାଧ୍ୟାକର୍ଷଣକୁ ମାପିବାରେ ସକ୍ଷମ ହେବ। ଏହାସହ ଆଲୋକ ବର୍ଷର ଗଣନା କରିବ। କୋଡ଼ିଂ ମାଧ୍ୟମରେ ଏହି ସଫ୍ଟୱେରରେ ସୌରଶକ୍ତି ସମ୍ପର୍କୀୟ ଗଣନା କରାଯାଇପାରିବ। ସେ ପୂର୍ବରୁ ୱାର୍ଡ ହଣ୍ଟ ଆପ, ଟେକ୍ସଟ ୟୁଟିଲିଟି ୱେବ ଆପ, କଫି ସପ୍ ୱେବ ସାଇଟ, ଫେସନ ସପିଙ୍ଗ ୱେବ ସାଇଟ, ପୋର୍ଟଫୋଲିଓ ୱେବ ସାଇଟ ପ୍ରକଳ୍ପରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଗୁଗୁଲ ଡେଭଲପର୍ସର ଷ୍ଟୁଡେଣ୍ଟ କ୍ଲବରେ ମଧ୍ୟ ସେ ଅଛନ୍ତି। ତାଙ୍କର ଏହି ସଫଳତା ପାଇଁ କଳାହାଣ୍ଡିବାସୀଙ୍କ ପକ୍ଷରୁ ଅଭିନନ୍ଦନର ସୁଅ ଛୁଟିଛି।

# ପ୍ରବାଦ ପୁରୁଷଙ୍କ ଶ୍ରାଦ୍ଧ ଦିବସ ପାଳିତ



ନର୍ଲା(ଭାସ୍କର ନ୍ୟୁଜ୍) : ସାରା ରାଜ୍ୟର ବିଭିନ୍ନ ସ୍ଥାନରେ ମହାନ୍ ଜନ ନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ ତମ ଶ୍ରାଦ୍ଧ ଦିବସ ୧୭ ଅପ୍ରେଲ ଦିନ ପାଳିତ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲା ନର୍ଲା ନିର୍ବାଚନ ମଣ୍ଡଳୀର ଛତିକୁଡ଼ା ଠାରେ ମଧ୍ୟ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ନର୍ଲା ବ୍ଲକର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବରିଷ୍ଠ ବିଜେଡି ନେତା ନୀଳମଣି ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସାନ୍ତପୂର ସମିତି ସଭ୍ୟ ଜୟ ମେହେର, ଘଣ୍ଟମାଲ୍ ସରପଞ୍ଚ ଦେବେନ୍ଦ୍ର ସା, ବାଗପୂର ସରପଞ୍ଚ ଗୋପାଳ ହାତୀ, ନର୍ଲା ସରପଞ୍ଚ ସଂଘର ସଭାପତି ଅନ୍ତରାମ୍ ମାଝୀ, ବରିଷ୍ଠ ବିଜେଡି ନେତା ଗୌର ବିଶ୍ୱାଳ, ଗୁଣନିଧି ମେହେର, ଯୁବ ନେତା ଘାସିରାମ ସାହୁ, ଗୋବିନ୍ଦ ତାଣ୍ଡି ପ୍ରମୁଖ ପ୍ରଥମେ ସ୍ୱର୍ଗତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ନୀରବ ପ୍ରାର୍ଥନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଜୁ ବାବୁଙ୍କ ଓଡ଼ିଶା ପ୍ରତି ତ୍ୟାଗ ଓ ଅବଦାନକୁ ନେଇ ଉପସ୍ଥିତ ଅତିଥି ଗଣ ନିଜ ନିଜ ବକ୍ତବ୍ୟ ରଖି ଥିବା ବେଳେ ନିକଟରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତ ଜାଳି ଦେଇଥିବା ଘଟଣାକୁ ଘୋର ନିନ୍ଦା କରିଥିଲେ। ଚଣ୍ଡୀଦାସ୍ ସାହୁ ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ବିଜୟ ଭୋଇ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନର୍ଲା ବ୍ଲକର ଶତାଧିକ ବିଜେଡି ନେତା କର୍ମୀ ଓ ବିଜେଡି ସମର୍ଥକ ଉପସ୍ଥିତ ଥିଲେ।

ଧର୍ମଗଡ଼, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ବିଜୁ କଲ୍ୟାଣ ମଣ୍ଡପ ଠାରେ ଧର୍ମଗଡ ବିଜୁ ଜନତା ଦଳ ତରଫରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବିଜୁ ଜନତା ଦଳ ବ୍ଲକ ସଭାପତି ଟିକମନ୍ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ବିଜୁ ପଟ୍ଟନାୟକଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତି ଚାରଣ କରିଥିଲେ। ଏଥିରେ ପୂର୍ବତନ ଏନଏସି



ଚେୟାରମ୍ୟାନ ହୀରା ବାଗ, ଜିଲ୍ଲା ପରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ, ଶଙ୍କର ପ୍ରସାଦ ଜୁଏଡ, ପ୍ରଣବ ପ୍ରକାଶ ଭଏସାଲ, ଜିଲ୍ଲା ଉପସଭାପତି ଥବିର ସାହୁ, ସମ୍ପାଦକ ଗୌରଚନ୍ଦ୍ର ଛତ୍ରିଆ, ନାରୀ ନେତ୍ରୀ କଲ୍ୟାଣୀ ନାଏକ, ମମତା ଗୋପାଳ ଡାକେ ଲହଜଲ, କ୍ଷୀରୋଦ ବାଗ, ଯୋଗେନ୍ଦ୍ର ସାହୁ, ରତନ ନାଏକ ସନ୍ତୋଷ ପାଢ଼ୀ, ବେଣୁ ନାଏକ, ସଞ୍ଜୟ ପଟେଲ, ଗୁଣ ଶବର ଜୀବନ୍ତ ମାଝୀ ସମେତ ଅନେକ ବିଜେଡି କର୍ମି ଉପସ୍ଥିତ ଥିଲେ।

# ୨୪ ପ୍ରହର ନାମଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ

ନର୍ଲା, (ଭାସ୍କର ନ୍ୟୁଜ୍ ) : ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ନର୍ଲା ବଳଭଦ୍ରେଶ୍ୱର ପ୍ରହରୀ କମିଟି ପକ୍ଷରୁ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବାକୁ ଯାଉଛି। ୨୧ ତାରିଖରେ ଆରମ୍ଭ ହେବାକୁ ଥିବା ନାମଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ କାର୍ଯ୍ୟକ୍ରମ କରି ସମସ୍ତ ପ୍ରସ୍ତୁତି ଜୋର୍ ସୋରରେ ଚାଲିଥିବା ବେଳେ ଚଳିତବର୍ଷର ଯଜ୍ଞ କର୍ତ୍ତା ଭାବରେ ନରସିଂହ ନାଏକ୍ ଓ ତାଙ୍କ ଧର୍ମପତ୍ନୀ ସୁନୀତା ନାଏକ୍ କାର୍ଯ୍ୟଭାର ତୁଲାଇବାକୁ ଥିବାବେଳେ ପୂଜକ ପଣ୍ଡିତ ଭାବରେ ସୁନାସିର ମିଶ୍ର ଓ ଦୟାନିଧି ବିଶିଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ଯଜ୍ଞରେ କଳାହାଣ୍ଡି ଜିଲ୍ଲା ସହିତ ବଲାଙ୍ଗୀର, ବରଗଡ ଓ ରାୟଗଡ଼ା ଜିଲ୍ଲାରୁ ୧୨ ଗୋଟି ସଙ୍କୀର୍ତ୍ତନ ଦଳ ଯୋଗ ଦେବେ ବୋଲି ଉପ ସଭାପତି ବିଜୟ କୁମାର ପଣ୍ଡା ସୂଚନା ଦେଇଥିବା ବେଳେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଜଳଛତ୍ରର ମଧ୍ୟ ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଛନ୍ତି କମିଟିର ସଭାପତି ଅଭୟ କୁମାର୍ ଚାନ୍ଦ୍।

# ମହିଳାଙ୍କୁ ନ୍ୟାୟ ଦାବିରେ କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : ମହିଳାଙ୍କ ସୁରକ୍ଷା ଯୋଗାଇଦେବା ତଥା ସେମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଶ୍ୱନାଥପୁରଠାରେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଛି ଲାଞ୍ଜିଗଡ ବ୍ଲକ କଂଗ୍ରେସ କମିଟି। ବ୍ଲକ କଂଗ୍ରେସ ସଭାପତି ବିଜୟ ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାରେ ବ୍ଲକର ୨୬ଗୋଟି ପଞ୍ଚାୟତ ଅଞ୍ଚଳରୁ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଆୟୋଜିତ ଏହି ଶୋଭାଯାତ୍ରାରେ ମହିଳାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦଳୀୟ କର୍ମୀ ନାରାବାଜି କରିଥିଲେ।

# ଓଲଟିଲା ଟ୍ରାକ୍ଟର, ଚାପିହୋଇ ଡ୍ରାଇଭର ମୃତ

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ଆମପାଣି ଗୋନ୍ତିଆପଡା ନିକଟରେ ଟ୍ରାକ୍ଟର ଓଲଟି ପଡ଼ିବାରୁ ଘଟଣା ସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ଆମପାଣି ଗ୍ରାମର ଗିରିଧାରୀ ମାଝୀ(୨୩)। ସୂଚନା ଅନୁସାରେ, ବୁଧବାର ଦିନ ଗିରିଧାରୀ ମୋରୋମ ଖାଲି କରି ପୁଣି ଲୋଡ଼ କରିବା ପାଇଁ ଟ୍ରାକ୍ଟର ନେଇ ଯାଉଥିବା ସମୟରେ ଗୋନ୍ତିଆପଡା ସ୍ଥିତ ପୋଖରୀ ନିକଟରେ ଗାଡ଼ି ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟର ତଳେ ଚାପି ହୋଇ ଘଟଣା ସ୍ଥଳରେ ହିଁ ଗିରିଧାରୀଙ୍କ ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ସେଠାରେ ପହଞ୍ଚି ଆମପାଣି ଥାନା ପୋଲିସକୁ ଜଣାଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଶବ ବ୍ୟବଚ୍ଛେଦ ହେବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ପ୍ରକାଶ ଯେ' ମୃତ ଡ୍ରାଇଭରଙ୍କ ସ୍ତ୍ରୀ, ଦୁଇ ବର୍ଷର ଏକ ଶିଶୁପୁତ୍ର, ଭଉଣୀ ଓ ବିଧବା ମା' ରହିଛନ୍ତି। ଏହି ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀରେ ହୋଇଥିବାବେଳେ ଏକମାତ୍ର ରୋଜଗାରକ୍ଷମ ଗିରିଧାରୀଙ୍କ ମୃତ୍ୟୁ ପରେ ପରିବାରରେ ପୁରୁଷ ଶୂନ୍ୟ ହୋଇଯାଇଛି। ଫଳରେ ପୁରା ପରିବାର ଦୁଃଖରେ ଭାଙ୍ଗିପଡିଛନ୍ତି। ଏନେଇ ଆମପାଣି ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ପାନୀୟ ଜଳ ସମସ୍ୟାକୁ ନେଇ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସଦର ପଞ୍ଚାୟତ ସ୍ଥିତ ପୋଖରା ଗ୍ରାମରେ ପାନୀୟ ଜଳ ସମସ୍ୟାକୁ ନେଇ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଉକ୍ତ ଗ୍ରାମର ମହିଳା ଏବଂ ପୁରୁଷ। ବୁଧବାର ପୋଖରା ଗ୍ରାମର ବାଗପଡ଼ା, ଗୁଡ଼ିପଡ଼ା, ମନ୍ଦିରପଡ଼ା, ଇନ୍ଦ୍ରାବତୀ ପଡ଼ା ମହିଳା ଏବଂ ପୁରୁଷ ମାନେ ପାନୀୟ ଜଳ ସମସ୍ୟାକୁ ନେଇ ବିଡ଼ିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଏହି ୪ଟି ପଡ଼ାରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଘର ରହିଥିବା ବେଳେ ସେଥିରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ରହିଛନ୍ତି। ଏହି ୪ଟି ପଡ଼ାକୁ ପାନୀୟ ଜଳ ଯୋଗାଇବା ପାଇଁ ୬ଟି ନଳକୂପ ରହିଥିବା ବେଳେ ସେଥିମଧ୍ୟରୁ ୨ଟି ନଳକୂପ ଦୀର୍ଘ ମାସ ହେବ ଅଚଳ ହୋଇଥିବା ବେଳେ ୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ୪ଟି ନଳକୂପ ଏହି ପ୍ରଚଣ୍ଡ ଗ୍ରୀଷ୍ମ ଋତୁରେ ଭରସା ସାଜିଛି। ଖରା ଦିନରେ ଜଳ ସ୍ତର କମିଯିବାରୁ ସେହି ନଳକୂପରୁ ପାଣି ବାହାରୁ ନାହିଁ। ଏହାକୁ ନେଇ ଗ୍ରାମର ପୁରୁଷ ଓ ମହିଳା ଅଚଳ ଥିବା ନଳକୂପକୁ ମରାମତି କରିବା ସହ ବସୁଧା ଯୋଜନା କିମ୍ବା ମେଘା ଜଳ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରି ଯଥାଶୀଘ୍ର ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଲିଖିତ ଆକାରରେ ଅଭିଯୋଗ କରିଥିବା ଜଣାପଡିଛି। ଯଦି ଏହି ସବୁ ଯୋଜନା ମାଧ୍ୟମରେ ଉକ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଣରେ କୌଣସି ଅସୁବିଧା ଉପୁଜୁଛି ତେବେ ଏକ ସୋଲାର ପମ୍ପ ଟ୍ୟାଙ୍କ ମାଧ୍ୟମରେ ଘର ଘର ଜଳ ଯୋଗାଣ କରାଯାଉ ବୋଲି ମୌଖିକ ଭାବରେ ବିଡ଼ିଓଙ୍କୁ ଜଣାଇଥିବା ଗ୍ରାମର ମହିଳା ଏବଂ ପୁରୁଷ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବିଡ଼ିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ପଚାରିବାରୁ ଏ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହିତ ଆଗାମୀ ଦିନରେ ମେଘା ପ୍ରକଳ୍ପ ମାଧ୍ୟମରେ ଉକ୍ତ ଗ୍ରାମକୁ ଜଳ ଯୋଗାଣର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ତା ସହିତ ଅଚଳ ଅବସ୍ଥାରେ ଥିବା ନଳକୂପକୁ ମରାମତି କରିବା ପାଇଁ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛନ୍ତି ଓ ପ୍ରାଥମିକ ସ୍ତରରେ ଯାହା ସମ୍ଭବ ହୋଇ ପାରିବ ତାହାର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ବିଡ଼ିଓ।

# ଆନ୍ଧ୍ରପ୍ରଦେଶ ବ୍ୟବସାୟୀଙ୍କ ଓଡ଼ିଶାରେ ରାଜ



ମ.ରାମପୁର, (ଭାସ୍କର ନ୍ୟୁଜ୍ ) : ଆନ୍ଧ୍ରପ୍ରଦେଶର ଜଣେ ବ୍ୟବସାୟୀ ସରକାରୀ ଜମିକୁ ଜବରଦଖଲ କରି ପାମ ପ୍ଲାଣ୍ଟେସନ କରିଥିବା ଦେଖିବାକୁ ମିଳୁଛି। କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର କୁସୁମଖାଲ ଗାଁରେ ଆନ୍ଧ୍ରପ୍ରଦେଶରୁ ଆସି ଜଣେ ଅସାଧୁ ବ୍ୟବସାୟୀ ସରକାରୀ ଜମିକୁ ଜବରଦଖଲ କରି ପାମ ପ୍ଲାଣ୍ଟେସନ କରୁଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହେଉଛି। ବ୍ୟବସାୟୀ ଜଣକ ୧୩୫.୭୭ଏକର ଜମି କିଣିଥିବା ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ହେଲେ ଅନ୍ୟ ୫୧.୧୭ ଏକର ସରକାରୀ ଜମିକୁ ଜବରଦଖଲ କରି ଚାଷ କରୁଛି। ତା ସହିତ ସରକାରଙ୍କ ପକ୍ଷରୁ ଗରୀବ ଲୋକଙ୍କୁ ଦିଆଯାଇଥିବା ୩୩.୯୫ ଏକର ଜମିକୁ ସେମାନଙ୍କ ସହିତ ବୁଝାମଣା କରି ଚାଷ କରୁଥିବା ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ହେଲେ ରାଜସ୍ୱ ବିଭାଗ ଜାଣିବା ପରେ ଖାଲି ଫାଇନ କାଟିଥିବା ସୂଚନା ଦେଇଛନ୍ତି। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି। ତେଣୁ ବ୍ୟବସାୟୀ ଜଣକ ନିକଟରେ ଥିବା ଜମିକୁ ଜେସିବି ସାହାଯ୍ୟରେ ବଡ଼ ବଡ଼ ମୂଲ୍ୟବାନ ଗଛ କାଟି ଜମିକୁ ସଫା କରୁଥିବା ମଧ୍ୟ ଦେଖିବାକୁ ମିଳୁଛି। ହେଲେ ରାଜସ୍ୱ ବିଭାଗର ଅଧିକାରୀମାନେ କାହିଁକି ଚୁପ୍ ରହୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏନେଇ ତହସିଲଦାରଙ୍କୁ ପଚାରିବାରୁ ଘଟଣା ସଂପୂର୍ଣ୍ଣ ସତ୍ୟ। ବ୍ୟବସାୟୀ ଜଣକ ସରକାରୀ ଜମିକୁ ଜବରଦଖଲ କରିଥିବାରୁ ଫାଇନ କାଟିଛୁ। ଆଉ ୧ମାସ ମଧ୍ୟରେ ସରକାରୀ ଜମିକୁ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଉକ୍ତ ବ୍ୟକ୍ତି ନିର୍ଦ୍ଦେଶ ନ ମାନନ୍ତି ତେବେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ତେବେ ଦେଖାଯାଉ କେବେ ଜବରଦଖଲ ହଟିବ ଆଉ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଧର୍ମଗଡ଼ -ରେଲୱେ ଷ୍ଟେସନ ନିର୍ମାଣ ବିବାଦରେ ପଡ଼ିଲା ପୂର୍ଣ୍ଣଚ୍ଛେଦ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଶେଷରେ ଧର୍ମଗଡ଼ ଠାରେ ରେଲୱେ ଷ୍ଟେସନ ନିର୍ମାଣ ବିବାଦର ପୂର୍ଣ୍ଣଚ୍ଛେଦ ପଡିବା ସମ୍ଭାବନା ଦେଖାଦେଇଛି। ଗୁରୁବାର ଦିନ ଇଷ୍ଟ କୋଷ୍ଟ ରେଲୱେ ଡେପୁଟି ଚିପ ଇଞ୍ଜିନିୟର ମେଙ୍କେଶ୍ୱର ରାଓଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରସ୍ତାବିତ ଷ୍ଟେସନ ବଡବସୁଲକୁ ପରିଦର୍ଶନ କରିଛନ୍ତି। ଯାହା ଧର୍ମଗଡ଼ ନିକଟବର୍ତ୍ତୀ ବଡ଼ ବସୁଲ ଠାରେ ଷ୍ଟେସନ ସ୍ଥାପନ ହେବା ଆଶା ସଞ୍ଚାର ଖେଳିଛି। ଜୁନାଗଡ଼-ନବରଙ୍ଗପୁର ନୂତନ ରେଳ ଲାଇନ ସମ୍ପ୍ରସାରଣ ପୂର୍ବରେ ଧର୍ମଗଡ଼କୁ ବାଦ ଦିଆଯାଇଥିଲା। ଯାହାକୁ ନେଇ ବିଭିନ୍ନ ସମୟରେ ଅଞ୍ଚଳବାସୀ ଦାବି ରଖିଥିଲେ। ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଅଞ୍ଚଳର ସାମୁହିକ ବିକାଶ ଓ ଅଞ୍ଚଳ ଦାବି ଉପରେ ଗୁରୁତ୍ୱ ଦେବା ସହ ଓଡିଶା ମୁଖ୍ୟମନ୍ତ୍ରୀ କେନ୍ଦ୍ର ରେଲୱେ ମନ୍ତ୍ରୀଙ୍କ ନିକଟରେ କ୍ରମାଗତ ଭାବେ ଦାବି କରିଆସୁଥିଲେ। ତାଙ୍କର ଆପ୍ରାଣ ଚେଷ୍ଟା ଓ ପ୍ରୟାସରେ ଶେଷରେ ଅଞ୍ଚଳର ଦାବି ପୂରଣ ହେବାକୁ ଯାଉଥିବା ଆଶା କରାଯାଏ। ଏହିପରିପେକ୍ଷି ଆଜି ସ୍ଥାନୀୟ ସିଭିଲ ସୋସାଇଟିର କର୍ମକର୍ତ୍ତା, ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସହିତ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଡାକ ବଙ୍ଗଳା ଠାରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଧାୟକ ସମ୍ପୂର୍ଣ୍ଣ ବିବରଣୀ ଓ ବିସ୍ତୃତ ଆଲୋଚନା କରିବା ସହ ଧର୍ମଗଡ଼ ରେଲୱେ ଷ୍ଟେସନ ସ୍ଥାପନ ବିବାଦର ପୂର୍ଣ୍ଣଚ୍ଛେଦ ପଡିବା ସୂଚନା ଦେଇଥିଲେ। ସିଭିଲ ସୋସାଇଟି କର୍ମକର୍ତ୍ତା ମାନେ ବିଧାୟକଙ୍କ ସମେତ ନବରଙ୍ଗପୁର ସଂସଦ ବଳଭଦ୍ର ମାଝୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ କେନ୍ଦ୍ର ରେଲୱେ ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

## ରାଶିଫଳ

**ଶୁକ୍ରବାର, ୧୮ ଏପ୍ରିଲ ୨୦୨୫**



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖିବାକୁ ଉପଦେଶ। ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି। କମ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି। ସନ୍ତାନମାନଙ୍କ ବିଷୟରେ ଚିନ୍ତା ହୋଇପାରେ। ସରକାରୀ କାର୍ଯ୍ୟଗୁଡ଼ିକରେ ସଫଳତା ମିଳିବ।



**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ, ନିଶ୍ଚିତ ସଫଳତା ମିଳିବ। ପିତା କିମ୍ବା ପୈତୃକ ସଂପତ୍ତିରେ ଲାଭ ହେବ। ସରକାରଙ୍କଠାରୁ ଆର୍ଥିକ ଲାଭ ହେବ। ବିଦ୍ୟାର୍ଥୀମାନେ ନିଜର ପଢ଼ାରେ ଭଲ ପ୍ରଦର୍ଶନ କରିବେ।



**ମିଥୁନ:** ନୂଆ ଯୋଜନାକୁ ଅମଳରେ ଆଣିବା ପାଇଁ ଶୁଭ ଦିନ ଅଟେ। ଚାକିରିପେଶା ଲୋକଙ୍କୁ ଉଚ୍ଚ ପଦାଧିକାରିମାନଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ। ଭାଇ-ଭଉଣୀମାନଙ୍କ ତଥା ମିତ୍ରମାନଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ। ଯାତ୍ରାର ସଂଭାବନା ଅଛି, ସେଥିରେ ଲାଭ ମଧ୍ୟ ହେବ।



**କର୍କଟ:** ଭୁଲ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଲାନିର ଭାବ ସୃଷ୍ଟି କରିବ। ସ୍ୱାସ୍ଥ୍ୟରେ ବିଶେଷରୂପରେ ଆଖିରେ ଅସୁବିଧା ହେବ। ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ। କାମରେ ସନ୍ତୋଷର ଭାବନା ଆସିବ।



**ସିଂହ:** ମଉଜ-ମସ୍ତି ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ। ପିତା ତଥା ବରିଷ୍ଠ ନାଗରୀକମାନଙ୍କ ସହଯୋଗ ପ୍ରାପ୍ତ କରିବେ। ସାମାଜିକ ପ୍ରତିଷ୍ଠାରେ ବୃଦ୍ଧି ହେବ। ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ, ଏହା ଉପରେ ଅଂକୁଶ ରଖିବାକୁ ଉପଦେଶ।



**କନ୍ୟା:** ଆଜି ଆପଣଙ୍କ ଅହଂକାରର କାରଣରୁ ଝଗଡ଼ା ହେବାର ଆଶଂକା ଅଛି। ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ। ସ୍ୱଭାବରେ ଉତ୍ତେଜନାଯୋଗୁଁ କାମ ବିଗିଡ଼ିବାର ଆଶଂକା ଅଛି। ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ।



**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ । ଆୟ ବୃଦ୍ଧିର ଯୋଗ ଅଛି । ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ । ପ୍ରମୋସନ ମିଳିବାରର ସଂକେତ ଅଛି । ପାରିବାରିକ ସଦସ୍ୟ ତଥା ମିତ୍ର ମାନଙ୍କ ସହିତ ଖୁସି ରହିବେ ।



**ବିଚ୍ଛା:** ଜଗନ୍ନାଥଙ୍କର କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସଂପନ୍ନ ହେବ। ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ସମାଜରେ ମାନ-ସମ୍ମାନ ମିଳିବ। ଉଚ୍ଚ ପଦାଧିକାରି ଏବଂ ବରିଷ୍ଠ ନାଗରୀକମାନଙ୍କ କୃପା ଆପଣ ଉପରେ ରହିବ। ସନ୍ତାନମାନଙ୍କର ସନ୍ତୋଷଜନକ ପ୍ରଗତିରେ ଆନନ୍ଦ ଅନୁଭବ ହେବ।



**ଧନୁ:** ଶରୀରରେ ଆଳସ୍ୟ, ଏବଂ ଅଣନିଶ୍ୱାସୀ ହୋଇପାରେ। କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ, ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ ହୋଇଯିବ। ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ। ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରିମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ ବାଦ-ବିବାଦକୁ ଟାଳିବାକୁ ଚେଷ୍ଟା କରନ୍ତୁ।



**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ। ଅଚାନକ ଧନ ଖର୍ଚ୍ଚ ହୋଇପାରେ। ଚିକିତ୍ସାରେ ଖର୍ଚ୍ଚ ହେବାର ଆଶଂକା ଅଛି। ବ୍ୟାପାରରେ ଭାଗିଦାରୀମାନଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ। ପ୍ରେମୀଜନ ଏବଂ ପ୍ରିୟ ବ୍ୟକ୍ତିମାନଙ୍କ ସହିତ ମିଳନ ତଥା ସାକ୍ଷାତ ସମ୍ଭବ।



**କୁମ୍ଭ:** ପ୍ରଣୟ, ରୋମାନ୍ସ, ଯାତ୍ରା, ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଆଜିର ଦିନ କଟିବ। ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ। ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି। ଦୃଢ଼ ଆତ୍ମ ବିଶ୍ୱାସ ଯୋଗୁଁ କାର୍ଯ୍ୟରେ ସଫଳତା ପ୍ରାପ୍ତ କରିବେ। ଜଗନ୍ନାଥଙ୍କର ଆଶୀର୍ବାଦ ଆପଣଙ୍କ ସହିତ ଅଛି।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ। ଘରେ ସୁଖ-ଶାନ୍ତି ଙ୍କର ବାତାବରଣ ରହିବ। ବାଣୀ ଏବଂ ବ୍ୟବହାରରେ ନିୟନ୍ତ୍ରଣ ରଖି ସମ୍ଭାଳିକରି କାର୍ଯ୍ୟ କରିବା ପାଇଁ ଉପଦେଶ। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରି ପାରିବେ। ସହକର୍ମିମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ ବନାଇବ। ମାମୁଁଘର ତରଫରୁ ଲାଭ ହେବ।



ଜ୍ୟୋତିର୍ଷ ଶ୍ରୀପତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯